
# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁଆରୀ ୧୨/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, January 12/2025 Page 16 ₹ 7.00 | BALASORE

୫୧ଶ ଭାଗ ୫୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 50 ମୂଲ୍ୟ₹୭/-






KP GROUP
Quality Since 1965
KAMLA PASAND
Anokha Swad
SILVER COATED ELAICHI
Anokha Swad
KAMLA PASAND
SILVER COATED ELAICHI
Watch at :
You Tube
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜାନୁଆରୀ ୧୨/୨୦୨୫ | Bhubaneswar, Sunday, January 12/2025

# ଚେନ୍ନାଇରେ ୨ ଓଡ଼ିଆ ଶ୍ରମିକଙ୍କୁ ହତ୍ୟା

**ନୂଆବର୍ଷର ପ୍ରଥମ ଦିନ କର୍ମସନ୍ଧାନରେ ଚେନ୍ନାଇ ଯାଇଥିଲେ ବଲାଙ୍ଗୀର ହାତୀଶାଳପଡ଼ାର ୨ ବେରୋଜଗାର ଉମେଶ ପାଣ୍ଡେ (୨୪) ଓ କୁନୁ ବନ୍‌ଛୋର (୨୨)। ୧୦ ଦିନ ନ ବିତୁଣୁ ଚେନ୍ନାଇ ନିକଟ ପେରାମ୍ବୁର ଷ୍ଟେଶନ ରେଳଧାରଣା କଡ଼ରୁ ମିଳିଛି ଉଭୟଙ୍କ ମୃତଦେହ। ଦୁହିଙ୍କୁ ହତ୍ୟା କରାଯାଇ ରେଳଧାରଣାରେ ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଦାଦନ ରୋକିବା ପାଇଁ ରାଜ୍ୟ ସରକାର ନିକଟ ଅତୀତରେ ଟାସ୍କଫୋର୍ସ ଗଠନ କରିଛନ୍ତି। ସରକାର ବଦଳିଥିଲେ ବି ସ୍ଥାନୀୟ ପ୍ରଶାସନର ଉଦାସୀନତା ଯୋଗୁ ତାମିଲନାଡୁକୁ ପଶ୍ଚିମ ଓଡ଼ିଶାରୁ ଦାଦନ ଖଟିଯିବା ଧାରା ଜାରି ରହିଥିବା ଏହି ଘଟଣା ପ୍ରମାଣ ଦେଉଛି।**

## ନୂଆବର୍ଷରେ ଦାଦନ ଯାଇଥିଲେ

**ବଲାଙ୍ଗୀର, ୧୧।୧**
**(ବୀରେନ୍ଦ୍ର କୁମାର ଝାଙ୍କର)**

ଦାଦନ ଖଟିବାକୁ ଯାଉଥିବା ଶ୍ରମିକମାନେ କିଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହୁଅନ୍ତି ତାହାର ଅନେକ ଦୃଷ୍ଟାନ୍ତ ପୂର୍ବରୁ ଦେଖିବାକୁ ମିଳିଛି। ସାଧାରଣତଃ ସେମାନଙ୍କୁ ଶ୍ରମ ତୁଳନାରେ ପାରିଶ୍ରମିକ ମିଳି ନ ଥାଏ। ଏହାର ପ୍ରତିବାଦ କଲେ ସେମାନେ ପଣବନ୍ଦୀ, ଅଙ୍ଗଚ୍ଛେଦ ଓ ହତ୍ୟାର ଶିକାର ହୋଇଥାନ୍ତି। ତେବେ ଉମେଶ ଓ କୁନୁଙ୍କୁ ହତ୍ୟା ପଛର କାରଣ କ'ଣ ତାହା ଜଣାପଡ଼ି ନ ଥିବାବେଳେ ତା'ର ପର୍ଦ୍ଦାଫାଶ୍ କରିବାକୁ ପରିବାର ଲୋକେ ଦାବି କରିଛନ୍ତି।


ଉମେଶ ପାଣ୍ଡେ


କୁନୁ ବନ୍‌ଛୋର

ମିଳିଥିବା ସୂଚନା ଅନୁଯାୟୀ, ରେଳଧାରଣା କଡ଼ରୁ ଦୁହିଁଙ୍କ ମୃତଦେହ ମିଳିଥିବା ଶନିବାର ସକାଳେ ଉମେଶଙ୍କ ସମ୍ପର୍କୀୟ ଭଉଣୀ ଦ୍ରୌପଦୀଙ୍କୁ ଚେନ୍ନାଇର ଜଣେ ରେଲୱେ ପୋଲିସ ଅଧିକାରୀ ଫୋନ୍‌କରି ସୂଚନା ଦେବା ସହ ମୃତଦେହର ଫଟୋ ପଠାଇଥିଲେ। ଉମେଶଙ୍କ ମା' ବାସନ୍ତୀ ପାଣ୍ଡେ କହିଛନ୍ତି, ପ୍ରାୟ ୪ବର୍ଷ ହେବ ଉମେଶ ତାମିଲନାଡୁର ତ୍ରିଶୂରକୁ ଦାଦନ ଖଟିବାକୁ ଯାଉଥିଲେ। ପ୍ରାୟ ଦେଢ଼ ମାସ ତଳେ ସେ ଘରକୁ ଫେରିଥିଲେ। ଚଳିତ ବର୍ଷ ଉମେଶଙ୍କ ବାହାଘର ପାଇଁ ଝିଅ ଦେଖିଥିଲେ। ବିବାହ ସ୍ଥିର ହେବା ପରେ କିଛି ଟଙ୍କା ଉପାର୍ଜନ କରିବା କଥା କହି ଗତ ୧ ତାରିଖ ରାତିରେ ଘର ପାଖ କୁନୁ ବନ୍‌ଛୋରଙ୍କ ସହ ସେ ଚେନ୍ନାଇ ଅଭିମୁଖେ ଯାଇଥିଲେ। ଗତ ୩ ତାରିଖ ଉଭୟେ ଚେନ୍ନାଇରେ ପହଞ୍ଚିଥିବା ଉମେଶ ତାଙ୍କ ଭଉଣୀ ଜ୍ୟୋତ୍ସ୍ନାଙ୍କୁ ଜଣାଇଥିଲେ ବୋଲି ବାସନ୍ତୀ କହିଛନ୍ତି। ଉମେଶଙ୍କ ବାପା ଗୁହାଲୁ ପାଣ୍ଡେ ଜଣେ ଦିନ ମଜୁରିଆ। ମା' ବାସନ୍ତୀ ବିଭିନ୍ନ ଲୋକଙ୍କ ଘରେ କାମ କରନ୍ତି। ଗୁହାଲୁଙ୍କ ଜଣେ ଝିଅ ଜ୍ୟୋତ୍ସ୍ନା ଓ ୨ ପୁଅ ଉମେଶ ଓ ବନମାଳୀ। ଜ୍ୟୋତ୍ସ୍ନା ବିବାହ କରିସାରିଛନ୍ତି। ଉମେଶଙ୍କ ରୋଜଗାରରେ ସରକାରୀ ଜାଗାରେ ଘର ଖଣ୍ଡେ କରି ରହୁଥିଲେ। ଏବେ ରୋଜଗାରିଆ ☞ପୃଷ୍ଠା-୯

# ୧୮୩୧ରେ ଆଗ୍ନେୟଗିରି ଉଦ୍‌ଗିରଣରୁ ନୀଳ ହୋଇଥିଲା ସୂର୍ଯ୍ୟ

**ଏଡିନବର୍ଗ, ୧୧।୧**

ପ୍ରାୟ ୨୦୦ ବର୍ଷ ତଳେ ପୃଥିବୀ ବାୟୁମଣ୍ଡଳରେ ସୂର୍ଯ୍ୟ ନୀଳରଙ୍ଗ ହେବାର ରହସ୍ୟ ଉପରୁ ବୈଜ୍ଞାନିକମାନେ ପରଦା ଉଠାଇଛନ୍ତି। ୧୮୩୧ ମସିହାରେ ହୋଇଥିବା ଏକ ଭୟଙ୍କର ଆଗ୍ନେୟଗିରି ଉଦ୍‌ଗିରଣ ଯୋଗୁ ସୂର୍ଯ୍ୟଙ୍କ ରଙ୍ଗରେ ପରିବର୍ତ୍ତନ ଘଟି ନୀଳରଙ୍ଗ ହୋଇଥିବା ନେଇ ଏକ ଅଧ୍ୟୟନରେ କୁହାଯାଇଛି।



ଉକ୍ତ ଆଗ୍ନେୟଗିରି ଉଦ୍‌ଗିରଣ ଯୋଗୁ ବ୍ୟାପକ ମାତ୍ରାରେ ସଲ୍‌ଫର ଡାଇଅକ୍ସାଇଡ୍ ଗ୍ୟାସ୍ ବାୟୁମଣ୍ଡଳରେ ବ୍ୟାପି ଯାଇଥିଲା। ଏଣୁ ବୈଶ୍ୱିକ ସ୍ତରରେ ଶୀତର ପ୍ରଭାବ ବଢ଼ିଥିବା ସହ ପୃଥିବୀକୁ ଅଜବ ଜଳବାୟୁ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା। ଶନିବାର ଏନେଇ ଏକ ଅଧ୍ୟୟନ ପ୍ରୋସିଡିଙ୍ଗସ ଅଫ୍ ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସେସ୍ (ପିଏନ୍‌ଏଏସ୍)ରେ ପ୍ରକାଶିତ ହୋଇଛି।

ସମ୍ପ୍ରତି ରୁଷିଆ ଓ ଜାପାନ ମଧ୍ୟରେ ବିବାଦୀୟ ଅଞ୍ଚଳ ଭାବେ ପରିଚିତ ଥିବା ସୁଦୂର ସିମୁଶୀର ଦ୍ୱୀପପୁଞ୍ଜର ଜାଭାରିଟସ୍କିଠାରେ ୧୮୩୧ ମସିହାରେ ଆଗ୍ନେୟଗିରି ଉଦ୍‌ଗିରଣ ଘଟିଥିଲା, ଯାହା ପୃଥିବୀର ଜଳବାୟୁ ଉପରେ ବ୍ୟାପକ ପ୍ରଭାବ ପକାଇଥିଲା। ସ୍କଟଲାଣ୍ଡର ☞ପୃଷ୍ଠା-୯

# କାଲିଫର୍ନିଆରେ ସ୍ୱାସ୍ଥ୍ୟ ଏମର୍ଜେନ୍ସି


ହଲିଉଡ୍ କଣ୍ଠଶିଳ୍ପୀ ମେଣ୍ଡି ମୁରେ



**ୱାଶିଂଟନ,୧୧।୧**

ଆମେରିକାର ଲସ୍‌ଏଞ୍ଜେଲ୍ସରେ ମଙ୍ଗଳବାରଠାରୁ ଲାଗିରହିଥିବା ଭୟାବହ ଜଙ୍ଗଲ ନିଆଁରେ ମୃତ୍ୟୁସଂଖ୍ୟା ୧୧ରେ ପହଞ୍ଚିଛି। ହଲିଉଡ୍ ହିଲ୍ ସମେତ ଲସ୍‌ଏଞ୍ଜେଲ୍ସ ଓ ଏହାର ଆଖପାଖ ଅଞ୍ଚଳରେ ୧୦ ହଜାରରୁ ଊର୍ଦ୍ଧ୍ୱ ଘର ଓ ଗାଡ଼ି ଜଳି ଧ୍ୱଂସ ହୋଇଯାଇଛି। ବିଜୁଳି ବିନା ଲକ୍ଷାଧିକ ଘର ଅନ୍ଧାରରେ ରହିଥିବାବେଳେ ପ୍ରବଳ ବେଗରେ ପବନ ବହିବା ଯୋଗୁ ସ୍ଥିତି ଆହୁରି ଖରାପ ହେବାରେ ଲାଗିଛି। ବ୍ୟାପକ ଅଞ୍ଚଳ ଜଳୁଥିବାରୁ ବାୟୁ ଗୁଣବତ୍ତା ଖରାପ ହେବା ସହ ଲୋକମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହୋଇଛି। ଫଳରେ କାଲିଫର୍ନିଆରେ ପ୍ରଶାସନ ପକ୍ଷରୁ ହେଲ୍‌ଥ ଏମର୍ଜେନ୍ସି ଘୋଷଣା କରାଯାଇଛି। ଧୂଆଁ ଓ ପାଉଁଶ ଯୋଗୁ ବାୟୁ ବିଷାକ୍ତ ହୋଇଗଲାଣି। ଏହା ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ ବୋଲି ବିଶେଷଜ୍ଞମାନେ ସତର୍କ କରାଇଦେଇଛନ୍ତି। ବରିଷ୍ଠ ନାଗରିକ ଏବଂ ବିଭିନ୍ନ ରୋଗ ଥିବା ଲୋକମାନଙ୍କୁ ପ୍ରଦୂଷିତ ବାୟୁରୁ ସୁରକ୍ଷା ଦେବା ପାଇଁ ଏନ୍‌୯୫ ମାସ୍କ ବଣ୍ଟନ କରାଯାଉଛି।

## ଅଗ୍ନି ବିପନ୍ନଙ୍କୁ ବସ୍ତ୍ରଦାନ କରୁଛନ୍ତି ସେଲିବ୍ରିଟି

୫ ଦିନ ହେଲା ଜଙ୍ଗଲ ଜଳୁଥିବା ସହ ସାନି ବିପଦ ଆଶଙ୍କା ସତ୍ତ୍ୱେ କେତେକେ ଟେଲିଭିଜନରେ ସେମାନଙ୍କ ଜଳିଯାଇଥିବା ଘରକୁ ଦେଖୁଛନ୍ତି। ଅନ୍ୟ କେତେଜଣ ପାଖ ଅଞ୍ଚଳକୁ ଯାଇ ନିଆଁରେ ବାସ୍ତବରେ ସେମାନେ କ'ଣ ହରାଇଛନ୍ତି, ତାହା ଦେଖିବାକୁ ଚାହୁଁଛନ୍ତି। ଲସ୍‌ଏଞ୍ଜେଲ୍ସ ଜଙ୍ଗଲ ନିଆଁରେ ଘରଦ୍ୱାର ହରାଇଥିବା ବିପନ୍ନଙ୍କୁ ସେଲିବ୍ରିଟିମାନେ ସହଯୋଗର ହାତ ବଢ଼ାଇଛନ୍ତି। ମେଣ୍ଡି ମୁରେ, ପ୍ୟାରିସ୍ ହିଲ୍‌ଟନ୍‌ଙ୍କ ସମେତ ବଲିଉଡ୍‌ର ଅନେକ ଅଭିନେତ୍ରୀ ଅଭିନେତା ☞ପୃଷ୍ଠା-୯

ଆଜିର ସମ୍ପାଦକୀୟ | ସମ୍ବିଧାନର ହୃଦୟ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏକାମ୍ର ପାର୍କ ଉତ୍ସବ, ସ୍ଥାନ: ଆଇଜି ପାର୍କ, ବୁଦ୍ଧ ଜୟନ୍ତୀ ପାର୍କ, ଫରେଷ୍ଟ ପାର୍କ, ମଧୁସୂଦନ ପାର୍କ, ଏପିଜେ ଅବଦୁଲ କଲାମ ପାର୍କ, ସମୟ: ସକାଳ ୬ଟା ୩୦।
- ଭୁବନେଶ୍ୱର ପଥ ଉତ୍ସବ, ସ୍ଥାନ: ଜାଗମରା ନ୍ୟୁ ରୋଡ୍, ସମୟ: ସକାଳ ୬ଟା ୩୦।
- ୱିଣ୍ଟର ଫେଷ୍ଟ, ସ୍ଥାନ: ମଧୁସୂଦନ ଦାସ ପାର୍କ, ସମୟ: ସକାଳ ୭ଟା ୩୦।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ଶିକ୍ଷାକେନ୍ଦ୍ର ପରିସର, ୟୁନିଟ୍-୪, ସମୟ: ସକାଳ ୮ଟା ୩୦।
- ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର, ସ୍ଥାନ: କ୍ୟାପିଟାଲ ହସ୍ପିଟାଲ, ସମୟ: ସକାଳ ୯ଟା।
- ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ରାଜ୍ୟ ସଂଗ୍ରହାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବନେତ୍ର ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ପଟିଆ ସରକାରୀ ଡାକ୍ତରଖାନା, ସମୟ: ପୂର୍ବାହ୍ନ ୧୧ଟା।
- ସେକ୍ସପିୟରର ଉଦ୍‌ଯାପନୀ ଏବଂ ପପେଟ୍ ଶୋ', ସ୍ଥାନ: ଭୀମଭୋଇ ଷ୍ଟ୍ରିଟ୍, ମଧୁସୂଦନ ମାର୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ଆଦିବାସୀ ମେଳା, ସ୍ଥାନ: ଇଉ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ସାହିତ୍ୟ କୋଡେମୀ ପକ୍ଷରୁ ଯୁବ ପୁରସ୍କାର, ସ୍ଥାନ: ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ସମୟ: ଅପରାହ୍ନ ୫ଟା।
- ଫୁଡ୍ ଫେଷ୍ଟିଭାଲ ଓ ନାଇଟ୍ ଫ୍ଲିମାର୍କେଟ୍, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ନ ୫ଟା।

## କଟକ


- ୭୩ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: କେଦାରେଶ୍ୱରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର, ଚାର୍‌ବାଟିଆ, ସମୟ: ସକାଳ ୭ଟା।
- ବିବେକାନନ୍ଦ ସୋସିଆଲ ଡେଭଲେପମେଣ୍ଟ ପକ୍ଷରୁ ଗଣଦୌଡ, ସ୍ଥାନ: ଚୌଦ୍ୱାର ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ଖେଳପଡିଆ, ସମୟ: ସକାଳ ୭ଟା।

## ବାଲେଶ୍ୱର

- ଦ୍ରୁତ ଚାଲିବା ପ୍ରତିଯୋଗିତା, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୬ଟା ୩୦।
- ଖଇରା ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା, ସ୍ଥାନ: ଖଇରା ବଜାର, ସମୟ: ସକାଳ ୮ଟା ୩୦।
- ପ୍ରତିଭା ପରିବାର ତରଫରୁ ବ୍ଲକସ୍ତରୀୟ ମେଧା ପ୍ରତିଯୋଗିତା, ସ୍ଥାନ: ଖଇରା କଲେଜ, ଖଇରା, ସମୟ: ସକାଳ ୯ଟା।
- ''ବିଶ୍ୱ-ତାରା ଓଡ଼ିଆ ଗବେଷଣା ଗ୍ରନ୍ଥାଗାର''ର ଅଷ୍ଟାଦଶ ପ୍ରତିଷ୍ଠା ଦିବସ ଓ କବି ବ୍ରଜନାଥ ରଥଙ୍କ ୯୦ତମ ଜୟନ୍ତୀ ଏବଂ 'କବି ବ୍ରଜନାଥ ରଥ ସାରସ୍ୱତ ସମ୍ମାନ' ପ୍ରଦାନ ସମାରୋହ, ସ୍ଥାନ: କବିଙ୍କ ସୁନହଟ ବାସଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ରାପିଡ୍ ଏବଂ ବ୍ଲିଜ୍ ଚେସ୍ ପ୍ରତିଯୋଗିତା ୨୦୨୪-୨୫ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବାଲେଶ୍ୱର କ୍ଷେତ୍ରଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ଓ ଅଭିଭାବକ କର୍ମଶାଳା, ସ୍ଥାନ: ଅଗ୍ରୱାଲା ବିଦ୍ୟାପୀଠ, ହଳଦୀପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ଡୁଙ୍ଗୁରା, ଖଇରା, ସମୟ: ଅପରାହ୍ନ ୨ଟା।
- ଭଜନ ଶ୍ରୀକ୍ଷେତ୍ରର ବାର୍ଷିକ ଉତ୍ସବ, ସ୍ଥାନ: ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ, ପଡୁଆଁପଦା, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।
- ରାଜ୍ୟସ୍ତରୀୟ ପେଟ୍ରିକ୍ ଫେଷ୍ଟିଭାଲ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଅଲ୍ ଓଡ଼ିଶା ମହାବୀର କପ୍ ଫାଇନାଲ ମ୍ୟାଚ୍, ସ୍ଥାନ: ଚରମ୍ପା ରେଲୱେ ପଡ଼ିଆ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଚୈତନ୍ୟ ଆଶ୍ରମର ବାର୍ଷିକୋତ୍ସବ, ସ୍ଥାନ: ଶ୍ରୀଚୈତନ୍ୟ ଆଶ୍ରମ, ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ପ୍ରାଧ୍ୟାପକ ଡା. ଦାମୋଦର ସାହୁଙ୍କ ୬ଷ୍ଠ ସ୍ମୃତି ସମାରୋହ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ପୀରହାଟ ବଜାର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

- ଆରସା ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ଦିବସ, ସ୍ଥାନ: ଆରସା ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱର୍ଗତ ଦୀନମଣି ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଗାଜିପୁର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- କହ୍ନେଇ ଚରଣ ପଣ୍ଡାଙ୍କ ଜନ୍ମମାସରେ ସମ୍ବର୍ଦ୍ଧନା ସଭା, ସ୍ଥାନ: ନରେନ୍ଦ୍ରପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ତ୍ରୟୋବିଂଶତମ ବାର୍ଷିକ ଉତ୍ସବ, ସାଧାରଣ ସଭା ଓ ବିବେକାନନ୍ଦ ଜୟନ୍ତୀ ସମାରୋହ, ସ୍ଥାନ: ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ବାସୁଦେବପୁର, ସମୟ: ଅପରାହ୍ନ ୨ଟା।
- ସମ୍ଭାଗସ୍ତରୀୟ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ, ସ୍ଥାନ: ଅଟଳ ବିହାରୀ ମହାବିଦ୍ୟାଳୟ ପ୍ରାଙ୍ଗଣ, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ବାର୍ଷିକ ମହୋତ୍ସବ, ଯଜ୍ଞ, ଭଜନ ସମାରୋହ, ସ୍ଥାନ: ବଂଚୋ, ହାଟଡ଼ିହୀ, ସମୟ: ସକାଳ ଏବଂ ସନ୍ଧ୍ୟା ୬ଟା।
- ସତ୍ୟସାଇ ସମିତି ତରଫରୁ ବାଲ ବିକାଶ ଶିକ୍ଷା ଏବଂ ଭଜନ, ସ୍ଥାନ: ମରୈଗାଁ, ଡ଼ଅଁର, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୦ ଟା ଏବଂ ସନ୍ଧ୍ୟା ୬ ଟା।
- ମା' ଗଡ଼ଚଣ୍ଡୀଙ୍କ ପୀଠରେ ମକର ମେଳା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ : ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।
- କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସୋସୋ, ବରାଙ୍ଗ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।
- ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବନ୍ଧୁ ମିଳନ, ସ୍ଥାନ: ସଦର ବ୍ଲକ୍ ଅଶୋକ ବାଟିକା, ସମୟ: ପୂର୍ବାହ୍ନ ୧୧ ଟା ୩୦।

## ମୟୂରଭଞ୍ଜ

- ଜିଲାସ୍ତରୀୟ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀରେ ପ୍ରଭାତ ଫେରୀ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସକାଳ ୭ଟା।
- ମାନଗୋବିନ୍ଦପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ସମାରୋହ, ସ୍ଥାନ: ମାନଗୋବିନ୍ଦପୁର ଷ୍ଟାଡିୟମ୍, ବଡ଼ସାହି, ସମୟ: ଅପରାହ୍ନ ୧ଟା।
- ଜିଲାସ୍ତରୀୟ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ଅପରାହ୍ନ ୩ଟା।
- ବିବେକାନନ୍ଦ ଗୁରୁକୁଳ ବିଦ୍ୟାପୀଠର ବାର୍ଷିକୋତ୍ସବ, ସ୍ଥାନ: ବରକନ୍ଦ, ମୋରଡ଼ା, ସମୟ: ଅପରାହ୍ନ ୩ଟା ୩୦।
- ଲିଟିଲ ଷ୍ଟାର୍ ପ୍ଲେ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଖାରପୋଖରିଆ, ସାରସକଣା, ସମୟ: ସନ୍ଧ୍ୟା ୬ଟା।
- ଜିଲାସ୍ତରୀୟ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉତ୍ସବରେ ସାଧାରଣ ସଭା, ସ୍ଥାନ: ଶହୀଦ ସ୍ମୃତିଭବନ, ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।
- ସରସ୍ୱତୀ ଶିକ୍ଷା ବିଦ୍ୟାମନ୍ଦିରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ, ସ୍ଥାନ: ଖାରପୋଖରିଆ, ସାରସକଣା, ସମୟ: ରାତି ୭ଟା।

## ବ୍ରହ୍ମପୁର

- ଜାତୀୟ ଯୁବ ଦିବସର କ୍ରାନ୍ତୀର ପଦଯାତ୍ରା, ସ୍ଥାନ: ଏମକେସିଜି ମେଡିକାଲ କ୍ୟାମ୍ପସ, ସମୟ: ସକାଳ ୮ଟା।
- ବ୍ରହ୍ମପୁରରୁ ଅଯୋଧ୍ୟା ନୂତନ ବସର ଶୁଭାରମ୍ଭ, ସ୍ଥାନ: ବ୍ରହ୍ମପୁର ଓଆର୍‌ଟି ବସ୍ ଗ୍ୟାରେଜ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ବ୍ରାହ୍ମଣ ପୁରୋହିତ ସମିତିର ବାର୍ଷିକୋତ୍ସବ, ସ୍ଥାନ:ସଂସ୍କୃତି ଭବନ,ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଞ୍ଜାମ

- କେନ୍ଦ୍ରୀୟ ବିଦ୍ୟାଳୟ ଅଭିଭାବକ ସଂଘର ବାର୍ଷିକ ସାଧାରଣ ବୈଠକ, ସ୍ଥାନ: ଆସିକା ଟାଉନହଲ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ:ଛତ୍ରପୁର ବ୍ଲକ ନିକଟ.ଶିଖର ପଲ୍ଲୀ, ସମୟ:ପୂର୍ବାହ୍ନ ୧୧ଟା।
- ଶୋଭନୀୟ ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ,ସ୍ଥାନ:ବୁଗୁଡ଼ା, ଶୋଭନୀୟ ପବ୍ଲିକ ସ୍କୁଲ ପରିସର, ସମୟ:ଅପରାହ୍ନ ୪ଟା ୩୦।

## କନ୍ଧମାଳ

- ବିବେକାନନ୍ଦ ଜୟନ୍ତୀ , ସ୍ଥାନ: ଜଗନ୍ନାଥ ମନ୍ଦିର କ. ନୁଆଗାଁ,ସମୟ: ପୂର୍ବାହ୍ନ ୧୦ଟା।

## ଗଜପତି

- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣ, ସମୟ:ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ପାରାଦୀପ କଲେଜ ଓ ଆଲୁମିନି ଆଶୋସିଏଶନ ପକ୍ଷରୁ ଜାତୀୟ ଯୁବ ଦିବସ ଉପଲକ୍ଷେ ପଦଯାତ୍ରା, ସ୍ଥାନ: କଲେଜ ରୋଡ, ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।
- ବିବେକାନନ୍ଦ ୟୁଥ କ୍ଲବ ବିଜୟଚନ୍ଦ୍ରପୁର ପକ୍ଷରୁ ଜୟନ୍ତୀ ଉପଲକ୍ଷେ ଚାରାରୋପଣ ଓ ଯୁବ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ବିଜୟଚନ୍ଦ୍ରପୁର, ଅଠରବାଙ୍କି, ପାରାଦୀପ, ସମୟ: ସକାଳ ୮ଟା।
- ବିବେକାନନ୍ଦ ୟୁଥ କ୍ଲବର ଜାତୀୟ ଯୁବ ଦିବସ ଓ ବିବେକାନନ୍ଦ ଜୟନ୍ତୀ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ଦାରୁବ୍ରହ୍ମ କ୍ଲବର ବାର୍ଷିକ ଉତ୍ସବ ଉଦ୍‌ଯାପନୀ ସମାରୋହ ଉପଲକ୍ଷେ ନାଟକ ପରିବେଷଣ, ସ୍ଥାନ: ସିଏଚ୍‌ଏ କଲୋନୀ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଅମିରାବାଦ ସତ୍‌ସଙ୍ଗ ବିହାର ଓ ନିଗିନପୁର ଗ୍ରାମବାସୀଙ୍କ ପକ୍ଷରୁ ବନ ଭୋଜନ ମହୋତ୍ସବ, ସ୍ଥାନ:ନିଗିନପୁର, ପଟ୍ଟାମୁଣ୍ଡାଇ, ସମୟ:ସକାଳ ୬ଟା।
- ବଜରଙ୍ଗୀ ୟୁଥ କ୍ଲବ ପକ୍ଷରୁ ଭଲିବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ:ମା'ମଙ୍ଗଳା ଖେଳ ପଡ଼ିଆ, ମହାକାଳପଡା, ସମୟ:ସକାଳ ୯ଟା।
- ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ:ଜମପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ମାର୍ଶାଘାଇ, ସମୟ:ସକାଳ ୯ଟା।
- ସ୍ୱାସ୍ଥ୍ୟ ଓ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ:ସରସ୍ୱତୀ ଶିଶୁ ମନ୍ଦିର, ରାମନଗର, ମହାକାଳପଡା, ସମୟ:ସକାଳ ୯ଟା।
- ସତୀର୍ଥ ପକ୍ଷରୁ ବାପା ଶୀର୍ଷକରେ କବିତା ପାଠୋତ୍ସବ, ସ୍ଥାନ: ଜଟେଶ୍ୱର ମହାଦେବ ପ୍ରାଙ୍ଗଣ, କୋରୋ, କେନ୍ଦ୍ରାପଡ଼ା, ସମୟ:ପୂର୍ବାହ୍ନ ୧୦ଟା।
- କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ (କେମ) ଆୟୋଜିତ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା, ସ୍ଥାନ:ଟେଲିକମ ଗ୍ରାଉଣ୍ଡ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୩ଟା।

## ଯାଜପୁର

- ଉଦୟଗିରିସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ସର୍ବଭାରତୀୟ ଯୁବ ଛାତ୍ର ସମ୍ମିଳନୀ, ସ୍ଥାନ: ଶୋଭନୀୟ ଶିକ୍ଷାଶ୍ରମ ପରିସର, ସମୟ: ସକାଳ ୯ଟା।
- ସାହିତ୍ୟ ଦର୍ପଣ ପତ୍ରିକାର ରଜତ ଜୟନ୍ତୀ ଉତ୍ସବ, ସ୍ଥାନ: ଧର୍ମଶାଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏକ ଦିବସୀୟ ଫୁଟବଲ ମ୍ୟାଚ୍, ସ୍ଥାନ: ବରୀ ବ୍ଲକ୍‌ର ଅଲିଆବାଦ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଯାଜପୁର ଜିଲାର ବିଶ୍ୱପ୍ରସିଦ୍ଧ ବୌଦ୍ଧ ପୀଠରେ ଆନ୍ତର୍ଜାତିକ ବୌଦ୍ଧ ସନ୍ନ୍ୟାସୀଙ୍କ ସମ୍ମିଳନୀ ଆରମ୍ଭ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରି ବୌଦ୍ଧପୀଠ ପରିସର, ସମୟ: ପୂର୍ବାହ୍ନ ୧୧ ଟା।
- ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ଯାଜପୁର ରୋଡ ନନ୍ଦରାମ ବାଟିକା ପ୍ରାଙ୍ଗଣ, ସମୟ: ପ୍ରାତଃ ୫ଟା ପ୍ରଭାତ ଫେରି, ସକାଳ ୬ଟା ନାଦଯୋଗ, ସକାଳ ୯ଟାରୁ ଯଜ୍ଞ ଓ ସଂସ୍କାର, ଅପରାହ୍ନ ୫ଟା୩୦ରେ ପ୍ରବଚନ ଓ ଯୁଗସଙ୍ଗୀତ ପରିବେଷଣ।

## ନୟାଗଡ଼

- ତୃତୀୟ ଭାପୁର ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ୩ୟ ଦିବସ, ସ୍ଥାନ:ଭାପୁର ମହୋତ୍ସବ ପଡ଼ିଆ, ସମୟ:ଅପରାହ୍ନ ୩ଟା।
- ରାମଚରିତ ମାନସର ଉଦ୍‌ଯାପନ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳାସ୍ଥ ଜଗନ୍ନାଥ ମନ୍ଦିର, ସମୟ:ସକାଳ ସାଢ଼େ ୭ଟା।
- ରାଜ୍ୟସ୍ତରୀୟ ଖଳିସାହି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକର ଖଳିସାହି ଖେଳପଡିଆ, ସମୟ:ପୂର୍ବାହ୍ନ ୧୦ଟା।
- ଦଶପଲ୍ଲା ଯୁବ ମହୋତ୍ସବ ମହକର ୨ୟ ଦିବସରେ ରାଷ୍ଟ୍ରୀୟ ଯୁବ ଦିବସ ସମାରୋହ, ସ୍ଥାନ:ଦଶପଲ୍ଲା ତ୍ରିନାଥ ବଜାର ମହାବୀର କ୍ଷେତ୍ର, ସମୟ:ସକାଳ ୮ ଟା ।
- ଦଶପଲ୍ଲା ଯୁବ ମହୋତ୍ସବ ମହକରେ ମୁରୁଜ, ଝୋଟି, ଏକକ ନୃତ୍ୟ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା,ସ୍ଥାନ:ଦଶପଲ୍ଲା ତ୍ରିନାଥ ବଜାର ମହାବୀର କ୍ଷେତ୍ର, ସମୟ:ଅପରାହ୍ନ ୧ଟା।
- ଦଶପଲ୍ଲା ଯୁବ ମହୋତ୍ସବ ମହକରେ ସନ୍ଧ୍ୟା ଅଧିବେଶନରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ଦଶପଲ୍ଲା ତ୍ରିନାଥ ବଜାର ମହାବୀର କ୍ଷେତ୍ର, ସମୟ:ଅପରାହ୍ନ ୧ଟା।
- ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବର ଉଦ୍‌ଯାପନ ଉତ୍ସବ, ସ୍ଥାନ: ନୟାଗଡ଼ ସୁବର୍ଣ୍ଣଦେଇପୁରସ୍ଥିତ ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବର ଉଦ୍‌ଯାପନ ଉତ୍ସବରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଶୋଭାଯାତ୍ରା, ସ୍ଥାନ: ନୟାଗଡ଼ ସୁବର୍ଣ୍ଣଦେଇପୁରସ୍ଥିତ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ: ସକାଳ ୮ଟା।
- ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ପକ୍ଷରୁ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଜୟନ୍ତୀ, ସ୍ଥାନ: ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ସେବା ଉତ୍ସବ ସମିତି ପକ୍ଷରୁ ଯୁବ ଉତ୍ସବରେ ମିନି ମାରାଥନ, ସ୍ଥାନ:ଦୁର୍ଗାପ୍ରସାଦରୁ ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ, ସମୟ:ସକାଳ ୭ଟା ।
- ସେବା ଉତ୍ସବ ସମିତି ପକ୍ଷରୁ ଯୁବ ଉତ୍ସବରେ ସ୍ୱାମୀ ବିବେକାନନ୍ଦ ଜୀବନଦର୍ଶନ ଉପରେ ଆଲୋଚନା ସଭା, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର ସମ୍ମୁଖ ମଣ୍ଡପ, ସମୟ:ସନ୍ଧ୍ୟା ୬ଟା।

## ରାୟଗଡ଼ା

- କଂଗ୍ରେସର ବନ୍ଧୁ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ଦୁମ୍ଭୁଲୁ ପାଡୁ ଆମ୍ବ ତୋଟା, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ଯୁବ ଦିବସ ପାଳନ, ସ୍ଥାନ: ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ଢ଼ଙ୍ଗର ଉତ୍ସବ ଶୁଭାରମ୍ଭ, ସ୍ଥାନ: ଆଦିବାସୀ ସଂଗ୍ରହାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ନବରଙ୍ଗପୁର

- ଉମରକୋଟ ଦାସିଆ ସାଂସ୍କୃତିକ ପରିଷଦର ରାଜ୍ୟସ୍ତରୀୟ ରୌପ୍ୟ ଜୟନ୍ତୀ ସାରସ୍ୱତ ସମାରୋହ, ସ୍ଥାନ: ହୋଟେଲ ଏସ୍.ଏସ୍. ଇଣ୍ଟରନ୍ୟାସନାଲ,ଉମରକୋଟ, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି

- ଜିଲାସ୍ତରୀୟ ଜୁନିଅର ରେଡ଼କ୍ରସ୍ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସାମ୍ବାଦିକ ସଂଘ ଜିଲା କାର୍ଯ୍ୟକାରୀ କମିଟି ବୈଠକ, ସ୍ଥାନ: ବାଲିମେଲା, ସମୟ: ପୂର୍ବାହ୍ନ ୧୧ଟା ।

## ସମ୍ବଲପୁର

- ଓରମାସ ଆୟୋଜିତ ପଲ୍ଲିଶ୍ରୀ ମେଳା-୨୦୨୫, ସ୍ଥାନ : ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡିଆ, ସମୟ : ପୂର୍ବାହ୍ନ ୧୦ଟାରୁ ରାତି ୯ଟା ୪୫।
- ଜିଲା କୁଲତା ସମାଜ ଆୟୋଜିତ କୁଲତା ମହୋତ୍ସବ, ସ୍ଥାନ: ଦାନିପାଲି ସ୍ଥିତ ରାମଚଣ୍ଡି ସେବା ସଦନ, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁର କଳା ଏକାଡେମୀର ୩୧ତମ ବାର୍ଷିକ ଉତ୍ସବ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ ପୂର୍ବାହ୍ନ ୧୦ଟା ୩୦।
- ବିକଳ୍ପ ଓଡ଼ିଶା ସମ୍ବଲପୁର ଶାଖା ପକ୍ଷରୁ ହରଦାଶ ଲକ୍ଷ୍ମଣ ରାଉ ନାଗରାଲେଙ୍କ ୮୬ତମ ପରିନିର୍ବାଣ ଦିବସ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ବାମରା ବ୍ଲକ କେଶାଇବାହାଲ ପ୍ରଭୁଦୟାଲ ରୁରାଲ ଯୁକ୍ତ ୨ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- କୁଚିଣ୍ଡା ବ୍ଲକ ଡୁରେଇନିକ୍ରିମାଲରେ ଗଣ୍ଡ ସମାଜର ଜଙ୍ଗାଲିଙ୍ଗା ପୂଜା ଓ ବାର୍ଷିକ ସମାବେଶ, ସ୍ଥାନ-ଡୁରେଇନିକ୍ରିମାଲ ଜଙ୍ଗାଲିଙ୍ଗା ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା୩୦।
- ଜନ ସମୀକ୍ଷା ସାପ୍ତାହିକ ପତ୍ରିକାର ବାର୍ଷିକ ଉତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୪ଟା।
- ବାମରା ବ୍ଲକ ରଙ୍ଗବତୀ ବିଲୁଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ରଙ୍ଗବତୀ ବିଲୁଙ୍ଗ, ସମୟ: ଅପରାହ୍ନ ୪ଟା।
- ସମ୍ବଲପୁରୀ ଧନୁଯାତ୍ରା କଳାକାର ବୈଠକ ଓ ଆଲୋଚନା, ସ୍ଥାନ : ଗଙ୍ଗାଧର ମୁକ୍ତମଞ୍ଚ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଆଗଲପୁର ବ୍ଲକ ବଡ଼ତିକାରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ଦିବସ, ସ୍ଥାନ: ହାଇସ୍କୁଲ ଖେଳପଡିଆ, ସମୟ: ଅପରାହ୍ନ ୩ଟା।
- ଲୋଇସିଂହା ପୌଷ ପୂର୍ଣ୍ଣିମା ଉତ୍ସବ, ସ୍ଥାନ: ଦୁର୍ଗାମଣ୍ଡପ ପେଣ୍ଡାଲ, ସମୟ: ରାତି ୮ଟା।

## ସୁବର୍ଣ୍ଣପୁର

- ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ଅବସରରେ ରକ୍ତଦାନ ଶିବିର ଓ ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: କୋଶଳ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୮ଟା।
- ଜୟ ଜଗନ୍ନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ବିଶାଳପାଲି ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୨ଟା୩୦।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ ରାଜପୁତ କ୍ଷତ୍ରିୟ ସମାଜର ବାର୍ଷିକ ବନ୍ଧୁ ମିଳନ କାର୍ଯ୍ୟକ୍ରମ,ସ୍ଥାନ:ବିକାଶ ଭବନ,ସମୟ:ପୂର୍ବାହ୍ନ ୧୦ଟା।

## ରାଉରକେଲା

- ବେଦବ୍ୟାସ ସଂସ୍କୃତ କଲେଜ ପକ୍ଷରୁ ବିବେକାନନ୍ଦ ଜୟନ୍ତୀ ପାଳନ, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୮ଟା।
- ଆକ୍ୟୁପ୍ରେସର ସମ୍ମିଳନୀର ଉଦ୍‌ଯାପନୀ ଦିବସ, ସ୍ଥାନ: ସେକ୍ଟର-୨ ଗାୟତ୍ରୀ ମନ୍ଦିର, ସମୟ: ସକାଳ ୮ଟା ୩୦।
- ଜଗଦା ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ମା' ବାଟମଙ୍ଗଳା ଶକ୍ତିପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳନ, ସ୍ଥାନ: ସେକ୍ଟର-୩, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରକାଶ ସ୍ମାରକୀ ଅଲ ଓଡିଶା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଡିଏଭି ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ବାସୁଦେବପୁର ଜନକଲ୍ୟାଣ ପରିଷଦର ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର-୭ ମଧୁମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ୟୁଥ୍ ହଷ୍ଟେଲର ୪୬ତମ ବାର୍ଷିକୋତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର-୧୯, ସମୟ: ସନ୍ଧ୍ୟା ୬ଟା।
- ଲାୟନ୍ସ କ୍ଲବ ଅଫ୍ ରାଉରକେଲା ପକ୍ଷରୁ ଗ୍ରାଣ୍ଡ ଫେଟେ, ସ୍ଥାନ: ଆର୍‌ଡିଏ କଲ୍ୟାଣ ମଣ୍ଡପ, ସିଭିଲଟାଉନଶିପ୍, ସମୟ: ସନ୍ଧ୍ୟା ୬ଟା।
- ହକି ପ୍ରୋଲିଗ୍ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ଦେବଗଡ, ସମୟ: ସକାଳ ୯ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଟିଙ୍ଗୁଡ଼ିସର ଲୋକ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଜୁନାଗଡ଼ ବ୍ଲକ ଟିଙ୍ଗୁଡ଼ିସର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଉପଲକ୍ଷେ ରାହାଗିରି କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଜିଲାପାଳ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ୧୦ତମ ଜିଲାସ୍ତରୀୟ ମିନି ମାରାଥନ, ସ୍ଥାନ: ଉଦ୍ୟାନବନ୍ଧ ଆମ୍ବେଦକର ଛକଠାରୁ କୋମନା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୯ଟା।
- ୩୩ତମ ସର୍ବଭାରତୀୟ ୱାଇଏମ୍‌ସି କପ କ୍ରିକେଟ କପ୍ ଉଦ୍‌ଯାପନ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିତୀୟ ଆନ୍ତଃ ରାଜ୍ୟ ଆଦିବାସୀ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୫ମ ଦିବସ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଲିଖମାର ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ୧୫ତମ ବାଗମୁଣ୍ଡିଏନ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୩ୟ ଦିବସ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବୌଦ୍ଧ

- ଷଷ୍ଠ ଖଡଙ୍ଗ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ବନ୍ଧଗୋରା, କନ୍ଧମାଳ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

---

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ମରଣ,
ପିତା ଡିଅଣ,
ନ ମିଳେ ରଣ।**

ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଭୁକ୍ତଭୋଗୀ ବ୍ୟକ୍ତି ପକ୍ଷେ ସହ୍ୟ କରିବା ଅତୀବ କଷ୍ଟକର ବା ଦୁଃଖଦାୟକ ହୋଇଥାଏ। ପରନ୍ତୁ ଏହା ପଛରେ ଲୁଚିରହିଥିବା ପ୍ରକୃତ ବାସ୍ତବତା ପରିଶେଷରେ ଉକ୍ତ ବ୍ୟକ୍ତି ଲାଗି ହିତକର ସାବ୍ୟସ୍ତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝିମିଟି ଖେଳରୁ ମହାଭାରତ।**

ସାମାନ୍ୟ ଝିମିଟି ଖେଳରୁ ପାଣ୍ଡବ ଓ କୌରବମାନଙ୍କ ମଧ୍ୟରେ ବିବାଦର ସୂତ୍ରପାତ ଓ ତହିଁରୁ ମହାଭାରତ ଯୁଦ୍ଧର ଉଦ୍ଭବ। ସାମାନ୍ୟ ବିଷୟ ବା ଘଟଣାରୁ ତୁମୁଳକାଣ୍ଡର ସୂତ୍ରପାତ ଘଟିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

---

# ମଦ ଦୋକାନ ଫ୍ରାଞ୍ଚାଇଜ ପାଇଁ ଗଣ୍ଡଗୋଳ

## ଆକ୍ରମଣରେ ପୂର୍ବତନ ସରପଞ୍ଚଙ୍କ ସମେତ ୩ ଆହତ

**ବାହାନଗା,୧୧।୧(ଅରୂପ କୁମାର ଦାସ)**

ବାହାନଗା ପୁରୁଣା ବଜାରଠାରେ ମଦ ଦୋକାନ ଫ୍ରାଞ୍ଚାଇଜ ନେବା ନେଇ ଶୁକ୍ରବାର ରାତିରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣରେ ପୂର୍ବତନ ସରପଞ୍ଚଙ୍କ ସମେତ ୩ଜଣ ଆହତ ହୋଇଛନ୍ତି।

ବାହାନଗା ପୁରୁଣା ବଜାରଠାରେ ମଦଦୋକାନକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦୀର୍ଘଦିନ ଧରି ଲାଗିରହିଥିଲା। ଶୁକ୍ରବାର ରାତିରେ ବାହାନଗା ବଜାରର ଜାତୀୟ ରାଜପଥ ବ୍ରିଜ୍ ତଳେ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଅତର୍କିତ ଆକ୍ରମଣରେ ୩ଜଣ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ରାତି ୮ଟାରେ ବାଗିକପୁର ସରକାରୀ ମଦ ଦୋକାନର ଫ୍ରାଞ୍ଚାଇଜ ନେବାକୁ କେନ୍ଦ୍ର କରି ବାହାନଗା ବଜାରରେ ଗୋଟିଏ ଗୋଷ୍ଠୀ ଖଣ୍ଡା ଭୁଜାଲି ଆକ୍ରମଣରେ ପଥରପେଣ୍ଠ ଗ୍ରାମର କାଳନ୍ଦୀ ସାହୁ, ପାଟଣା ଗ୍ରାମର ପୂର୍ବତନ ସରପଞ୍ଚ ଦେବାନନ୍ଦ ସାହୁ ଓ ମାନସ କୁମାର ମହାପାତ୍ର ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଆକ୍ରମଣରେ ଗୋଟିଏ କାର୍ ଭଙ୍ଗାରୁଜା ହୋଇଛି। କାର୍‌ରେ ଥିବା ୫ଲକ୍ଷ ଟଙ୍କା ଆକ୍ରମଣକାରୀମାନେ ନେଇଯାଇଥିବା ଅଭିଯୋଗ ହୋଇଛି। ସମସ୍ତ ଗୁରୁତରଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ବାବଦରେ ସୋର ଥାନାରେ ଲିଖିତ ଅଭିଯୋଗ ପରେ ୩ଜଣ ଆକ୍ରମଣକାରୀଙ୍କୁ ସୋର ପୋଲିସ ଗିରଫ କରିଛି। ଗିରଫ ୩ଜଣଙ୍କ ନାଁରେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି।

---

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ଭାଗ୍ୟସ୍ଥାନକୁ ଅବଲୋକନ କରୁଥିବାରୁ ପ୍ରତ୍ୟେକ କାର୍ଯ୍ୟ ନିର୍ବିଘ୍ନରେ ସମାପନ ହେବ। ସାମାଜିକ ସ୍ତରରେ ଲୋକଙ୍କ ଖାତିର ରହିବ ଓ ଏକାଦଶସ୍ଥ ଶୁକ୍ର ଯୋଗୁ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ସନ୍ତାନଙ୍କ ଯୋଗୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ି ହୋଇଯିବ। ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିରେ ସମସ୍ୟା, କଚେରି ମାମଲା ଯୋଗୁ ଚିନ୍ତା ପ୍ରକଟ କରିବେ।

**ବୃଷ** ମିତ୍ରଗୃହୀ ରାଶ୍ୟାଧିପଙ୍କ ସୁପ୍ରଭାବରେ କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତିର ମାର୍ଗ ସୁଗମ ହେବ। ଅଫିସରେ ଭଲ ସମ୍ପର୍କ ନ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। କିନ୍ତୁ କୃତ୍ତିକା ନକ୍ଷତ୍ର ସକାଶେ ବିଶେଷ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

**ମିଥୁନ** ଧନାଧିପ ରାଶିରେ ଅବସ୍ଥାନ କରିଥିବାରୁ ଆର୍ଥିକ ସମସ୍ୟାର ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଖୋଜୁଥିବା ଜିନିଷ ପାଇଯିବେ ଏବଂ ଅଟକିଥିବା କାର୍ଯ୍ୟ ତ୍ୱରାନ୍ୱିତ ହେବ। କୁଟୀରଶିଳ୍ପ, ବ୍ୟବସାୟ, ପରିବହନର ପ୍ରତିବନ୍ଧକ ଦୂର ହେବ। ସ୍ଥଗିତ କାର୍ଯ୍ୟ ସକାଶେ ପାରିବାରିକ କ୍ଷେତ୍ର ସନ୍ତୋଜନକ ରହିବ ନାହିଁ।

**କର୍କଟ** ସ୍ୱଗୃହାଭିମୁଖୀ ଚନ୍ଦ୍ର ପ୍ରଭାବରେ ଦୈହିକ ସୁସ୍ଥତା ସାଙ୍ଗକୁ ମାନସିକ ପ୍ରସନ୍ନତା କର୍ମକ୍ଷେତ୍ରରେ ଉତ୍ସାହିତ କରାଇବ। ସତ୍‌ସଙ୍ଗ, ଯୋଗସାଧନା, ସଭାସମିତି, ସଙ୍ଗଠନ ଓ ରାଜନୀତି କ୍ଷେତ୍ର ସକାଶେ ଦିନଟି ଭଲ। ପୁନର୍ବସୁ ନକ୍ଷତ୍ର କଥାବାର୍ତ୍ତାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହେବେ। ବନ୍ଧୁସମ୍ପର୍କ, ଶିକ୍ଷା କ୍ଷେତ୍ରରେ ଆଶାଜନକ ସୁଫଳ ପାଇବେ।

**ସିଂହ** ବୁଧାଦିତ୍ୟ ଯୋଗ ପ୍ରଭାବରେ ଅଟକି ରହିଥିବା କାମକୁ ସମ୍ପୂର୍ଣ୍ଣ କରିବା ସକାଶେ ତତ୍ପରତା ଦେଖାଇବେ। ଆର୍ଥିକ ଅନଟନଜନିତ ଧାର ଉଧାର କରିବାକୁ ପଡ଼ିପାରେ। ସାହିତ୍ୟ ଚର୍ଚ୍ଚା, ଗବେଷଣା, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ନିଜର ଇଚ୍ଛା ବିରୋଧରେ କୌଣସି କାମ କରି ପଶ୍ଚାତ୍ତାପ କରିବାକୁ ପଡ଼ିପାରେ।

**କନ୍ୟା** କର୍ମଭାବରେ ଲାଭାଧିପତି ଥିବାରୁ ଭାଇ, ବନ୍ଧୁ ଓ ପଡ଼ୋଶୀଙ୍କ ସହିତ ସୁସମ୍ପର୍କ ସ୍ଥାପନ ହେବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନ୍ୟମାନଙ୍କ ସକାଶେ ଅସନ୍ତୋଷର କାରଣ ହେବ। ବ୍ୟବସାୟ, ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତ ହେବ। ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ରର ବୃତ୍ତିଗତ ଧନ୍ଦାରେ ପ୍ରତିବନ୍ଧକ ଲାଗି ମାନସିକ ସ୍ଥିରତା ରହିବ ନାହିଁ।

**ତୁଳା** ଚତୁର୍ଥାଧିପତିଙ୍କ ଶୁଭତ୍ୱ ଯୋଗୁ ବନ୍ଧୁମିଳନ, ଯାନବାହନ ଲାଭ, ସାମାଜିକ ସମ୍ମାନ ଏବଂ ପାରିବାରିକ ସୁସମ୍ପର୍କ ସୃଷ୍ଟି କରିବ। ସ୍ଥଗିତ କାମ ସୁରୁଖୁରୁରେ ସମ୍ପନ୍ନ ହେବାରେ ବନ୍ଧୁଙ୍କ ଅବଦାନକୁ ଭୁଲିପାରିବେ ନାହିଁ। ଜମିଜମା କିମ୍ବା ଗୃହସୀମା ଓ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ।

**ବିଛା** ଭାଗ୍ୟାଧିପ ଅଷ୍ଟମସ୍ଥ ଏବଂ ମଙ୍ଗଳଙ୍କ ଦୁର୍ବଳତା କାରଣରୁ ଦୈହିକ ଓ ମାନସିକ ସ୍ଥିତି ଭଲ ରହିବ ନାହିଁ। ବନ୍ଧୁଙ୍କ ବିଚ୍ଛେଦାତ୍ମକ ସ୍ଥିତି ଅନୁରାଧା ପାଇଁ ଦୁଃଖର କାରଣ ହେବ। ସମସ୍ୟା ରହିଥିଲେ ମଧ୍ୟ କୌଣସି ନୂତନ କର୍ମାରମ୍ଭ କରି ଆନନ୍ଦ ଅନୁଭବ କରିପାରନ୍ତି। ଖଳପ୍ରକୃତିର ଲୋକମାନେ ବିରୁଦ୍ଧାଚରଣ କରି ସମସ୍ୟା ସୃଷ୍ଟି କରିବେ।

**ଧନୁ** ମନ ମୁତାବକ କାର୍ଯ୍ୟସାଧନ କରିବାରେ ସିଦ୍ଧହସ୍ତ ହେବେ, କିନ୍ତୁ ସାଧାରଣ କଥାରେ କଳହ ଲାଗିବ। ଚନ୍ଦ୍ରଙ୍କ ସ୍ଥିତିଜନିତ ଭ୍ରମଣ ଓ ଖାଦ୍ୟରେ ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହେବ। ଖୋଜୁଥିବା ଜିନିଷ ସୁବିଧାରେ ପାଇଯିବେ ଏବଂ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। କାର୍ଯ୍ୟଦକ୍ଷତାକୁ ନେଇ ପଡ଼ୋଶୀ ପ୍ରଶଂସା କରିବେ।

**ମକର** ଆଜି ଶ୍ରବଣା ନକ୍ଷତ୍ର ସକାଶେ ଯାହା ଇଚ୍ଛା କରୁଛନ୍ତି ତାହା ପାଇବେ ଓ କାମ ହାସଲ କରିବେ। କଳା, ସାହିତ୍ୟ, ସାମ୍ବାଦିକତା, ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ତଥା ରାଜନୀତିରେ ଚେଷ୍ଟା ସଫଳ ହେବ। ସଭା ସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ଶାରୀରିକ ସୁସ୍ଥତା ଫେରି ଆସିବ ।

**କୁମ୍ଭ** ଶୁକ୍ର ଏବଂ ଶନିଙ୍କ ଶୁଭତ୍ୱରୁ ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ସମ୍ମାନଜନକ ସ୍ଥିତିରେ ରହିବେ। ଈର୍ଷାପରାୟଣ ବନ୍ଧୁଙ୍କ ମିଥ୍ୟା ଅଭିଯୋଗ ସକାଶେ ସାମୟିକ ବିରକ୍ତି ପ୍ରକାଶ କରିପାରନ୍ତି। ବିବାଦୀୟ ଘଟଣା କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ରହିବ। ଆର୍ଥିକ ସ୍ଥିତି ପୂର୍ବପରି ଅପରିବର୍ତ୍ତିତ ରହିବାରୁ ଧନିଷ୍ଠା ନକ୍ଷତ୍ର ଖୁସି ରହିବେ।

**ମୀନ** କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରୁ ଦୈହିକ ସ୍ୱାସ୍ଥ୍ୟରେ ଉନ୍ନତି ଓ କର୍ମକ୍ଷେତ୍ରରେ ପ୍ରଗତି ମନୋବଳ ବୃଦ୍ଧି କରିବ। ପାରିବାରିକ ସମର୍ଥନ ହାସଲ କରିବା କାରଣରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଯାହାକି ଦୁଶ୍ଚିନ୍ତାର କାରଣ ହୋଇପାରେ। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନର ଆଶା ରହିଛି।

ଆଜି ଜାନୁଆରୀ ୧୨ ତାରିଖ, ଜାତୀୟ ଯୁବ ଦିବସ, ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସ, ପୌଷ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ, ରବିବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରାଶିନକ୍ଷତ୍ର-ମୃଗଶିରା/ମିଥୁନ, ଦିବା ଘ.୧୧।୨୫ ଗତେ ଆର୍ଦ୍ରା ନକ୍ଷତ୍ର, ଚତୁର୍ଦ୍ଦଶୀରେ ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୧୧ ଗତେ ଘ.୦୯।୨୨ ମଧ୍ୟେ, ଦିବା ଘ.୦୧।୧୬ ଗତେ ଘ.୦୩।୧୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୦୦ମି. ଗତେ ଘ.୦୫।୨୨ ମଧ୍ୟେ ରାହୁକାଳ।

ଧରିତ୍ରୀ 51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜାନୁଆରୀ ୧୨/୨୦୨୫ | Bhubaneswar, Sunday, January 12/2025 | ପୃଷ୍ଠା-୧

# ସୁଭଦ୍ରା: ପୁଣି ଯୋଡ଼ିହେଲେ ୮ ହଜାର

## ଭୁଲ୍‌ରେ ବାଦ୍ ପଡ଼ିଥିଲେ

**ଭୁବନେଶ୍ୱର,୧୧।୧(ଅନିଲ ଦାସ)**

ଭୁଲରେ ବାଦ୍ ପଡ଼ିଥିବା ମହିଳାମାନେ 'ସୁଭଦ୍ରା' ଯୋଜନା ସହିତ ପୁଣି ଯୋଡ଼ି ହୋଇପାରିବେ। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ, ସୁଭଦ୍ରା ପୋର୍ଟାଲରେ ନାମ ଯୋଡ଼ିବା (ଅପ୍ଟ ଇନ୍) ସୁବିଧା ଉପଲବ୍ଧ କରାଯାଇଛି। ଏହାଦ୍ୱାରା ଯେଉଁମାନେ ଭୁଲରେ ନାମ ବାଦ୍ (ଅପ୍ଟ ଆଉଟ୍) ପକାଇଥିଲେ ସେମାନେ ପୁନର୍ବାର ସୁଭଦ୍ରାରେ ସାମିଲ ହେବାର ସୁଯୋଗ ପାଇପାରିବେ। ରାଜ୍ୟ ସରକାରଙ୍କ ତରଫରୁ ଦିଆଯାଇଥିବା ସୂଚନା ଅନୁସାରେ ଏହି ସୁବିଧା ଉପଲବ୍ଧ ହେବା ପରେ ଏପର୍ଯ୍ୟନ୍ତ ପ୍ରାୟ ୮ ହଜାରରୁ ଅଧିକ ଆବେଦନକାରୀ ସୁଭଦ୍ରାରେ ପୁନଃ ସାମିଲ ହୋଇସାରିଛନ୍ତି। ଯେଉଁମାନଙ୍କର ଭୁଲରେ ନାମ ବାଦ୍ (ଅପ୍ଟ ଆଉଟ୍) ହୋଇଯାଇଥିଲା, ସେମାନେ ଏହାର ସୁବିଧା ନେବାକୁ ମହିଳା ଏବଂ ଶିଶୁ ବିକାଶ ବିଭାଗ ତରଫରୁ ସୂଚନା ଦିଆଯାଇଛି। ସେହିପରି ଖୁବ୍‌ଶୀଘ୍ର ଚତୁର୍ଥ ପର୍ଯ୍ୟାୟ ପ୍ରଥମ କିସ୍ତି ଅର୍ଥ ରାଶି ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ଏବେ ମଧ୍ୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଆବେଦନକାରୀ ସେମାନଙ୍କର ଇ-କେୱାଇସି କରିନାହାନ୍ତି ଅବା ☞ପୃଷ୍ଠା-୯

# ଦଳିତ ଆଥ୍‌ଲେଟଙ୍କୁ ୫ ବର୍ଷ ଗଣବଳାତ୍କାର

**କେରଳର ଜଣେ ଦଳିତ ଝିଅ କ୍ରୀଡ଼ାରେ କ୍ୟାରିୟର ଗଢ଼ିବା ପାଇଁ ସ୍ୱପ୍ନ ଦେଖିଥିଲେ। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ୧୩ ବର୍ଷ ବୟସରୁ ବିଭିନ୍ନ ସ୍ପୋର୍ଟ୍ସ ହଷ୍ଟେଲରେ ରହି ପ୍ରଶିକ୍ଷଣ ନେଉଥିଲେ। ସେବେଠୁ ତାଙ୍କୁ ଯୌନ ଶୋଷଣ ଆରମ୍ଭ ହୋଇଥିଲା। ସ୍ପୋର୍ଟ୍ସହଷ୍ଟେଲର କୋଚ୍‌ଙ୍କ ସମେତ ଅନ୍ୟ କର୍ମଚାରୀମାନେ ନାବାଳିକାଙ୍କ ସରଳତାର ସୁଯୋଗ ନେଇ ତାଙ୍କୁ ଦୀର୍ଘ ୫ ବର୍ଷ ଧରି ବାରମ୍ବାର ଗଣବଳାତ୍କାର କରିଥିଲେ। ସେତେବେଳେ ସେ ଜାଣିପାରି ନ ଥିଲେ ତାଙ୍କ ସହ କ'ଣ ଘଟୁଛି। ପୀଡ଼ିତା ଜଣକ ଏବେ ସାବାଳିକା। ତାଙ୍କ ଅଭିଯୋଗ କ୍ରମେ ପଥାନାମ୍‌ଥିଟ୍ଟା ଜିଲାର ବିଭିନ୍ନ ଥାନାରେ ୫ ମାମଲା ରୁଜୁ ହେବା ପରେ ୬୪ ଅଭିଯୁକ୍ତଙ୍କ ମଧ୍ୟରୁ ୧୫ ଜଣଙ୍କୁ ଗିରଫ କରାଯାଇଛି।**

## ୬୪ ଅଭିଯୁକ୍ତଙ୍କ ମଧ୍ୟରୁ ୧୫ ଗିରଫ



**ଥିରୁଭାନନ୍ତପୁରମ, ୧୧।୧**

କେରଳର ପଥାନାମଥିଟ୍ଟା ଜିଲାରେ ଜଣେ ୧୮ ବର୍ଷୀୟ ତରୁଣୀଙ୍କୁ ୫ ବର୍ଷ ମଧ୍ୟରେ ୬୪ ଜଣ ଗଣବଳାତ୍କାର କରିଥିବା ନେଇ ମାମଲା ସାମ୍ନାକୁ ଆସିଛି। ଘଟଣାକୁ ନେଇ କେରଳ ରାଜ୍ୟ ଶିଶୁ କଲ୍ୟାଣ କମିଟି(ସିଡବ୍ଲ୍ୟୁସି) ପକ୍ଷରୁ ପଥାନାମଥିଟ୍ଟା ଏସ୍‌ପିଙ୍କ ନିକଟରେ ଅଭିଯୋଗ କରାଯାଇଛି। ପଥାନାମଥିଟ୍ଟା ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।

ପ୍ରଥମେ ପୀଡ଼ିତା ଜଣକ 'ମହିଳା ସମକ୍ୟା' ନାମକ ଏନ୍‌ଜିଓର ଜଣେ ସଦସ୍ୟାଙ୍କୁ ତାଙ୍କୁ ଗଣବଳାତ୍କାର କରାଯାଉଥିବା ନେଇ ଜଣାଇଥିଲେ। ଘଟଣା ସମ୍ପର୍କରେ ଜାଣି ଉକ୍ତ ଏନ୍‌ଜିଓ ସଦସ୍ୟା ଜଣକ ସିଡବ୍ଲ୍ୟୁସିକୁ ଜଣାଇଥିଲେ।

ସିଡବ୍ଲ୍ୟୁସି ପକ୍ଷରୁ ଜଣେ ମନୋବିଜ୍ଞାନୀଙ୍କ ତତ୍ତ୍ୱାବଧାନରେ ପୀଡ଼ିତାଙ୍କ କାଉନସେଲିଂ କରାଯାଇଥିଲା। ସେ ୧୩ ବର୍ଷ ବୟସର ହୋଇଥିବାବେଳେ ତାଙ୍କ ସହ ପ୍ରଥମ ଥର ପାଇଁ ବଳାତ୍କାର କରାଯାଇଥିବା ନେଇ ପୀଡ଼ିତା ଜଣକ ସିଡବ୍ଲ୍ୟୁସି ଅଧିକାରୀଙ୍କୁ ଜଣାଇଥିଲେ। ପ୍ରଥମେ ଜଣେ ପଡ଼ୋଶୀ ତାଙ୍କୁ ଯୌନ ଶୋଷଣ କରିଥିଲେ। ଉକ୍ତ ପଡ଼ୋଶୀ ଜଣକ ଏ ସମ୍ବନ୍ଧିତ ଅନେକ ଭିଡିଓ ମଧ୍ୟ ପୀଡ଼ିତାଙ୍କୁ ଶେୟାର କରିଥିଲେ। ପୀଡ଼ିତା ଜଣକ ଜଣେ ଆଥ୍‌ଲେଟ ଥିଲେ ଏବଂ ନିଜ ବିଦ୍ୟାଳୟରେ କ୍ରୀଡ଼ା କ୍ଷେତ୍ରରେ ସକ୍ରିୟ ଥିଲେ ବୋଲି ସିଡବ୍ଲ୍ୟୁସି ପଥାନାମଥିଟ୍ଟା ଜିଲା ଅଧ୍ୟକ୍ଷ ଏନ. ରାଜୀବ କହିଛନ୍ତି। କ୍ରୀଡ଼ା ସମ୍ବନ୍ଧିତ ବିଭିନ୍ନ ଟ୍ରେନିଂ କାର୍ଯ୍ୟକ୍ରମରେ ମଧ୍ୟ ପୀଡ଼ିତାଙ୍କୁ ଗଣବଳାତ୍କାରର ଶିକାର ହେବାକୁ ପଡ଼ିଛି ବୋଲି ସେ କହିଛନ୍ତି। ତାଙ୍କର କିଛି ଭିଡିଓକୁ ଭାଇରାଲ କରାଯାଇଛି ବୋଲି ପୀଡ଼ିତା ଅଭିଯୋଗ ଆଣିଛନ୍ତି। ପୋଲିସ ପୀଡ଼ିତାଙ୍କ ବିସ୍ତୃତ ବୟାନ ରେକର୍ଡ କରିଛି। ଏବେ ସୁଦ୍ଧା ୪୦ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୫ ☞ପୃଷ୍ଠା-୯

# ୨୦୨୫ରେ ଭାରତର ଅର୍ଥନୀତି ଦୁର୍ବଳ ରହିବ: ଆଇଏମ୍‌ଏଫ୍ ମୁଖ୍ୟ



କ୍ରିଷ୍ଟାଲିନା ଜିଓର୍ଜିଏଭା

**ନୂଆଦିଲ୍ଲୀ,୧୧।୧**

୨୦୨୫ ବର୍ଷରେ ଭାରତର ଅର୍ଥନୀତି ସାମାନ୍ୟ ଦୁର୍ବଳ ରହିବ ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍)ର ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜିଓର୍ଜିଏଭା ଆଶଙ୍କା ବ୍ୟକ୍ତ କରିଛନ୍ତି। ମୁଖ୍ୟତଃ ଆମେରିକାର ବାଣିଜ୍ୟ ନୀତି ସମେତ ଚଳିତ ବର୍ଷ ବିଶ୍ୱରେ ବିଭିନ୍ନ ଅନିଶ୍ଚିତତା ଲାଗିରହିବ ବୋଲି ସେ ପୂର୍ବାନୁମାନ କରିଛନ୍ତି। ପୂର୍ବରୁ ଆମେ ଯାହା ଆଶା କରୁଥିଲୁ, ତାହା ତୁଳନାରେ ଆମେରିକା କିଛିଟା ଭଲ ପ୍ରଦର୍ଶନ କରିବ, ୟୁରୋପୀୟ ସଂଘ (ଇୟୁ) କୌଣସି ପ୍ରକାରେ ପରିସ୍ଥିତିକୁ ଏଡ଼ାଇଯିବା ସମ୍ଭାବନା ଥିବାବେଳେ ଭାରତ ସାମାନ୍ୟ ଦୁର୍ବଳ ହେବ ବୋଲି ଜିଓର୍ଜିଏଭା କହିଛନ୍ତି। ଆଇଏମ୍‌ଏଫ୍ ଏମ୍‌ଡି ଶୁକ୍ରବାର ରିପୋର୍ଟରମାନଙ୍କ ସହ ଆଲୋଚନା ବେଳେ କହିଛନ୍ତି, ବୈଶ୍ୱିକ ଅଭିବୃଦ୍ଧି ସ୍ଥିର ରହିବାକୁ ଥିବାବେଳେ ଆଞ୍ଚଳିକ ଅର୍ଥନୀତିରେ ଅସ୍ଥିରତା ଦେଖାଦେବ। ଚାଇନାରେ ଅବସ୍ଫୀତି ଚାପ ଏବଂ ଘରୋଇ ଚାହିଦାକୁ ନେଇ ଚ୍ୟାଲେଞ୍ଜ ରହିବ। ନୂଆ ଝଟକା ଯୋଗୁ ସ୍ୱଳ୍ପ ଆୟକାରୀ ଦେଶଗୁଡ଼ିକ ଗୁରୁତର ପ୍ରଭାବିତ ହୋଇପାରନ୍ତି ବୋଲି ଜିଓର୍ଜିଏଭା କହିଛନ୍ତି।




# ୧୮ରେ ଶୁକ୍ର, ଶନି ମିଳନ


## ମାସ ଶେଷ ଯାଏ ଏକସଙ୍ଗେ ଦୃଶ୍ୟମାନ ହେବ ୪ ଗ୍ରହ

**ଭୁବନେଶ୍ୱର, ୧୧।୧ (ବନ୍ଦନା ସେଠୀ)**



ଚଳିତ ମାସର ଦ୍ୱିତୀୟାର୍ଦ୍ଧରୁ ଶେଷ ପର୍ଯ୍ୟନ୍ତ ସବୁଦିନ ସୂର୍ଯ୍ୟାସ୍ତ ପରେ ସନ୍ଧ୍ୟା ଆକାଶରେ ୪ଟି ଗ୍ରହକୁ ଖାଲି ଆଖିରେ ଦେଖିହେବ। ଏଥିସହ ୧୮ ତାରିଖରେ ଶୁକ୍ର ଓ ଶନି ଗ୍ରହର ମିଳନ ହେବ ବୋଲି ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ପୂର୍ବତନ ଉପନିର୍ଦ୍ଦେଶକ ତଥା ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ପଶ୍ଚିମ ଦିଗ୍‌ବଳୟର କିଛି ଉପରେ ଉଜ୍ଜ୍ୱଳ ଗ୍ରହ ଶୁକ୍ର, ତା'ର କିଛି ଉପରକୁ ଈଷତ୍ ହଳଦି ରଙ୍ଗର ଶନି ଗ୍ରହ, ପୂର୍ବ ଦିଗ୍‌ବଳୟରେ ମଙ୍ଗଳ ଗ୍ରହ ଏବଂ ଏହାର କିଛି ଉପରେ ଉଜ୍ଜ୍ୱଳ ବୃହସ୍ପତି ଗ୍ରହ ଦୃଶ୍ୟମାନ ହେବ। ରାତି ବଢ଼ିବା ସଙ୍ଗେସଙ୍ଗେ ଏହି ଗ୍ରହଗୁଡିକ ପୂର୍ବରୁ ପଶ୍ଚିମ ଆଡକୁ ଗତି କରି କ୍ରମାନ୍ୱୟରେ ଅସ୍ତ ହେବେ। ରାତି ୮ଟା ୩୦ ବେଳକୁ ପ୍ରଥମେ ଶୁକ୍ର ଓ ଶନି ଗ୍ରହ ଅସ୍ତ ହେବେ। ଏବେ ଶନି ଗ୍ରହ ଶୁକ୍ରର ବେଶ୍ ଉପରେ ଦେଖାଯାଉଛି। ପରବର୍ତ୍ତୀ ଦିନଗୁଡିକରେ ଗ୍ରହ ଦୁଇଟି ମଧ୍ୟରେ ଦୂରତା କମିକମି ୧୮ ତାରିଖ ସଂଧ୍ୟାରେ ପ୍ରାୟ ୨ ଘଣ୍ଟା ଧରି ଉଭୟ ଗ୍ରହ ଖୁବ୍ ନିକଟରେ ଦେଖାଯିବ ଓ ପରେ ଶନି ତଳକୁ ତଳକୁ ଯାଇ ଶୁକ୍ରଠାରୁ ଦୂରେଇ ଯିବ। ଏହି ସୁନ୍ଦର ମହାଜାଗତିକ ଘଟଣା ମେଘମୁକ୍ତ ଥିବା ☞ପୃଷ୍ଠା-୯



> ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କୁ କୁତ୍ସିତ ଓ ସୟତାନ ଭିତରେ ବି ଦେଖିପାରେ ଏବଂ ସେମାନଙ୍କ ପ୍ରତି ପ୍ରେମାନୁଭୂତିରେ ସେମାନଙ୍କୁ କୁତ୍ସିତତା ଓ ସୟତାନୀ କବଳରୁ ମୁକ୍ତ କରିବାକୁ ସଂକଳ୍ପ କରେ- ତେବେ ତାକୁଇ ଆମେ ଯଥାର୍ଥ ସୁଗୁଣବନ୍ତ ଓ ନୀତିବାନ ବ୍ୟକ୍ତି ବୋଲି କହିବା। -ଶ୍ରୀଅରବିନ୍ଦ



# ସମ୍ବିଧାନର ହୃଦୟ



ଆକାର ପଟେଲ

ଜାନୁଆରୀ ୨୬ ପାଖେଇ ଆସୁଛି। ସାମରିକ ପରେଡ୍ ଏବଂ ଭିଭିଆଇପି ଓ ବିଦେଶୀ ଅତିଥିଙ୍କ ଉପସ୍ଥିତି ବ୍ୟତୀତ ଏହି ଦିନର ଅର୍ଥ କ'ଣ ତାହା ପରୀକ୍ଷା କରିବାର ସମୟ ମଧ୍ୟ ଆସିଛି। ଗଣତନ୍ତ୍ର ଦିବସ ହେଉଛି ଏକ ରାଷ୍ଟ୍ର ହେବାର ଉତ୍ସବ ଯେଉଁଥିରେ ସର୍ବୋଚ୍ଚ କ୍ଷମତା ରହିଛି ଲୋକମାନଙ୍କ ପାଖରେ , ଯାହା ଆମ ସମ୍ବିଧାନ ନିଶ୍ଚିତ କରିଛି। ଆମ ସମ୍ବିଧାନ ପାଇଁ ଏହି ଦିବସକୁ ପାଳନକରୁ ଏବଂ ଏହା ନାଗରିକ ତଥା ବ୍ୟକ୍ତିବିଶେଷ ଭାବରେ ଆମକୁ ଅଧିକାର ଦେଇଛି। ଆମ ମୌଳିକ ଅଧିକାର ମାଧ୍ୟମରେ ଆମକୁ ସମାନତା, ଭେଦଭାବରୁ ମୁକ୍ତି, ବାକ୍ ସ୍ୱାଧୀନତା, ସଙ୍ଗଠନ ଏବଂ ସମାବେଶ ଅଧିକାର, ଜୀବନ ଓ ସ୍ୱାଧୀନତାର ଅଧିକାର, ବୃତ୍ତିଗତ ଅଧିକାର, ଶିକ୍ଷା ଅଧିକାର, ଧର୍ମ ପ୍ରଚାର, ପାଳନ ଓ ଗ୍ରହଣ କରିବାର ସ୍ୱାଧୀନତା ମିଳିଛି। ଦେଶ ଯଦି ଆମ ମୌଳିକ ଅଧିକାରକୁ ତ୍ରୁଟିପୂର୍ଣ୍ଣ ଭାବରେ ଛଡ଼ାଇନିଏ କିମ୍ବା ଉଲ୍ଲଂଘନକରେ, ତେବେ ଏହା ବିରୋଧରେ ସୁପ୍ରିମକୋର୍ଟକୁ ଯିବାର ସ୍ୱାଧୀନତା ଦେଇଛି। ଏହିସବୁ ଅଧିକାର ଶକ୍ତିଶାଳୀ ମନେହୁଏ। କିନ୍ତୁ ପ୍ରକୃତରେ ଆମେ ସେଗୁଡ଼ିକର ଅଧିକାରୀ କି? ନା, ଆମେ ସମ୍ପୂର୍ଣ୍ଣ ସ୍ୱାଧୀନ ନୁହେଁ। ଆସନ୍ତୁ, ଦେଖିବା ଦେଶ କେତେ ସହଜରେ ଆମ ଅଧିକାରରେ ହସ୍ତକ୍ଷେପ କରିଛି। ବାକ୍, ସମାବେଶ, ସଙ୍ଗଠନ, ଆନ୍ଦୋଳନ ଏବଂ ବୃତ୍ତିଗତ ସ୍ୱାଧୀନତା ଭଳି ମୌଳିକ ଅଧିକାର ସୁନିଶ୍ଚିତ କରେ ଧାରା ୧୯। ଏଥିରେ ଉଲ୍ଲେଖ ଅଛି, 'ସମସ୍ତ ନାଗରିକଙ୍କର ବକ୍ତବ୍ୟ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା, ବିନା ଅସ୍ତ୍ରଶସ୍ତ୍ରରେ ଶାନ୍ତିପୂର୍ଣ୍ଣ ସମାବେଶ, ସଙ୍ଗଠନ କିମ୍ବା ସଂଘ ଗଠନ କରିବା , ସମଗ୍ର ଭାରତରେ ମୁକ୍ତ ଭାବରେ ବୁଲିବା, ଭାରତର ଯେକୌଣସି ଅଞ୍ଚଳରେ ରହିବା ଓ ସ୍ଥାୟୀ ଭାବେ ବସବାସ କରିବା, ଯେକୌଣସି ବୃତ୍ତ ଆପଣାଇବା କିମ୍ବା କୌଣସି ବୃତ୍ତି, ବାଣିଜ୍ୟ କିମ୍ବା ବ୍ୟବସାୟ କରିବାର ଅଧିକାର ଅଛି। ବାସ୍ତବତା ହେଉଛି, ପ୍ରକୃତରେ ଏହି ଅଧିକାରଗୁଡ଼ିକ ଯେଭଳି ରହିବା କଥା ସେଭଳି ନାହିଁ। ଭାରତର ପ୍ରଥମ ସାମ୍ବିଧାନିକ ସଂଶୋଧନ (ନେହେରୁଙ୍କ ସମୟରେ ହୋଇଥିଲା) ଏହିସବୁ ଅଧିକାରକୁ ସୀମିତ କରିଦେଇଛି। ଅର୍ଥାତ୍ ତଥାକଥିତ 'ଯୁକ୍ତିଯୁକ୍ତ ପ୍ରତିବନ୍ଧକ' ବା ରିଜନେବଲ ରେଷ୍ଟ୍ରିକ୍ସନ ମାଧ୍ୟମରେ ସେଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ଦେଶକୁ ଅଧିକାର ଦିଆଯାଇଛି। ଉଦାହରଣ ସ୍ୱରୂପ ଭାରତର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା, ଦେଶର ସୁରକ୍ଷା , ବିଦେଶୀ ରାଷ୍ଟ୍ର ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ, ସାର୍ବଜନୀନ ବ୍ୟବସ୍ଥା , ମର୍ଯ୍ୟାଦା କିମ୍ବା ନୈତିକତା କିମ୍ବା ଅଦାଲତ ଅବମାନନା, ମାନହାନି କିମ୍ବା ଅପରାଧକୁ ଉସୁକାଇବା ଭଳି ବିଷୟରେ ବାକ୍ ସ୍ୱାଧୀନତାକୁ 'ଯୁକ୍ତିଯୁକ୍ତ ପ୍ରତିବନ୍ଧକ' ମାଧ୍ୟମରେ ନିୟନ୍ତ୍ରଣ କରାଯାଇପାରିବ। ଯଦି ଉପରୋକ୍ତ ବିଷୟରେ ଦେଶ ଉଚିତ ମନେକରେ ତେବେ ଆଇନ ମଧ୍ୟ ଆଣିପାରିବ। ଆସନ୍ତୁ, ଦେଖିବା ଧାରା ୧୯ରେ ଦର୍ଶାଯାଇଥିବା ଅଧିକାରଗୁଡ଼ିକୁ ଦେଶ କିଭଳି ଉଲ୍ଲଂଘନ କରିଛି।

ଭାରତୀୟଙ୍କ ଶାନ୍ତିପୂର୍ଣ୍ଣ ସମାବେଶ ଅଧିକାରକୁ ଉଭୟ ଆଇନ ଏବଂ ପ୍ରକ୍ରିୟା ଦ୍ୱାରା ଅବରୋଧ କରାଯାଇଛି। ପ୍ରକୃତରେ ଶାନ୍ତିପୂର୍ଣ୍ଣ ସମାବେଶ ପାଇଁ ନାଗରିକମାନଙ୍କର ଅଧିକାର ନାହିଁ। ଶାନ୍ତିପୂର୍ଣ୍ଣ ଭାବରେ ଏକାଠିହେବା ପାଇଁ ପୋଲିସର ଅନୁମତି ମାଗିବାର ନାଗରିକଙ୍କର ଅଧିକାର ଅଛି। ପୋଲିସର ସ୍ୱୀକୃତି ଦେବା, ଅସ୍ୱୀକାର କରିବା କିମ୍ବା ଉତ୍ତର ନ ଦେବାର ବି ଅଧିକାର ଅଛି (କିନ୍ତୁ ଭାରତରେ ଅସ୍ୱୀକାର କରାଯାଏ)। ଲିଖିତ ଅନୁମତି ବିନା ହେଉଥିବା ସମାବେଶକୁ ଆଇନ ଉଲ୍ଲଂଘନ ବୋଲି ଧରାଯାଏ। ପାଠକମାନେ ଧାରା ୧୪୪ ସହ ପରିଚିତ ଥିବେ, ଯାହା ଦେଶକୁ 'ବେଆଇନ ସଭା' ସହିତ ଜଡ଼ିତ ଲୋକଙ୍କୁ ଗିରଫ କରିବାର ଅଧିକାର ଦେଇଥାଏ। ପଞ୍ଜୀକରଣ ପ୍ରକ୍ରିୟା ଦ୍ୱାରା ସଙ୍ଗଠନ ଏବଂ ସଂଘ ଗଠନ କରିବାର ଅଧିକାରକୁ ଅତ୍ୟଧିକ ସଙ୍କୁଚିତ କରାଯାଇଛି। ଦେଶ ପସନ୍ଦ କରୁ ନ ଥିବା ସଂସ୍ଥାଗୁଡ଼ିକର ପଞ୍ଜୀକରଣକୁ ଅଗ୍ରାହ୍ୟ (କିମ୍ବା ବିଳମ୍ବ) କରିପାରେ। ଯେଉଁମାନଙ୍କର କାର୍ଯ୍ୟକଳାପ ପସନ୍ଦ ନୁହେଁ, ତାହାର ପଞ୍ଜୀକରଣ ରଦ୍ଦ କରିପାରିବ। ଯେଉଁମାନଙ୍କ ସହ ସମସ୍ୟା ଅଛି, ସେସବୁ ଉପରେ ପ୍ରତିବନ୍ଧକ ବି ଲଗାଇପାରେ। ପୁନଶ୍ଚ, ବିନା ଦୋଷ କିମ୍ବା ବିଚାରରେ ବ୍ୟକ୍ତିବିଶେଷଙ୍କୁ ଆତଙ୍କବାଦୀ ଭାବରେ ଚିହ୍ନିତ କରିବାକୁ ଦେଶରେ ବ୍ୟାପକ ଆଇନ ଲାଗୁ କରାଯାଇଛି, ଯାହା ସାଙ୍ଗଠନିକ ଅଧିକାରରେ ବାଧକ ସାଜିଛି।

ଉତ୍ତର ପୂର୍ବାଞ୍ଚଳ ଭ୍ରମଣ କରୁଥିବା ଲୋକଙ୍କ ପାଇଁ ଭାରତରେ ସ୍ୱାଧୀନ ଭାବରେ ଯିବାର ଅଧିକାର ନାହିଁ। ମଣିପୁର ବାସିନ୍ଦାଙ୍କର ସ୍ୱାଧୀନ ଭାବରେ ଭ୍ରମଣ କରିବାର ଅଧିକାର ଅଛି କି ନାହିଁ ସେମାନଙ୍କୁ ପଚାରନ୍ତୁ। ଭାରତର ଯେକୌଣସି ଅଞ୍ଚଳରେ ରହିବା ଏବଂ ସ୍ଥାୟୀ ଭାବେ ବାସ କରିବାର ଅଧିକାର ଗୁଜରାଟୀ ମୁସଲମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ। କାରଣ ସେହି ରାଜ୍ୟ ପାଇଁ ଏକ ନିର୍ଦ୍ଦିଷ୍ଟ ଆଇନ 'ଡିସ୍‌ଟର୍ବଡ ଏରିଆ ଆକ୍ଟ' ବା ଅଶାନ୍ତ କ୍ଷେତ୍ର ଅଧିନିୟମ ଲାଗୁ କରାଯାଇଛି। ଏହା ଏକ ପୁରୁଣା ନିୟମ, କିନ୍ତୁ ସମୟକ୍ରମେ ଏହା ଦୃଢ଼ ହୋଇଛି। ଏହି ନିୟମ ମୁସଲମାନମାନେ ସମ୍ପତ୍ତି କିଣିବା ବା ଲିଜ୍‌ରେ ନେବା ଉପରେ କଟକଣା ଲଗାଇଛି। କୌଣସି ବୃତ୍ତିଗତ ଅଧିକାର କଂସେଇଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ। ସେମାନେ ପଶୁହତ୍ୟା କରିପାରିବେ ନାହିଁ, ଯାହା ସେମାନଙ୍କର ମୌଳିକ ଅଧିକାରକୁ ସ୍ପଷ୍ଟ ଭାବରେ କ୍ଷୁଣ୍ଣକରେ। ୧୯୫୦ ମସିହାରୁ ଭାରତ ଏବଂ ଏହାର ପ୍ରଦେଶଗୁଡ଼ିକରେ ଶାସନ କରୁଥିବା ସବୁ ଦଳର ସମସ୍ତ ସରକାର ଏହି ପ୍ରତିବନ୍ଧକକୁ ଠିକ୍ ଭାବୁଛନ୍ତି। ଏ ଦିଗରେ ପ୍ରକୃତରେ କୌଣସି ଦଳ ଭିନ୍ନ ନୁହନ୍ତି। କ'ଣ 'ଯୁକ୍ତିଯୁକ୍ତ' ତାହା ଦେଶ ବିଚାର କରିବା କଥା, କିନ୍ତୁ ଏହା ସର୍ବଦା ବ୍ୟକ୍ତିଙ୍କ ବିରୋଧରେ ଏକ ଭିନ୍ନ ଆଭିମୁଖ୍ୟ ଗ୍ରହଣ କରିଆସିଛି। ଉଦାହରଣ ସ୍ୱରୂପ, ଜନସଂଘର ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଥିଲା ଯେ, ବିନା ବିଚାରରେ ଅଟକ ରଖାଯିବା ବା ପ୍ରିଭେନ୍‌ଟିଭ୍ ଡିଟେନ୍‌ସନ (ୟୁଏପିଏ ଭଳି ଆଇନ ପାଇଁ ଆଧାର) ପ୍ରକ୍ରିୟାକୁ ଏହା ହଟାଇବ। କିନ୍ତୁ ଦଳ କ୍ଷମତା ହାସଲ କରିବା ପରେ ତୁରନ୍ତ ଏହା ବିପରୀତ ହୋଇଗଲା।

ଗଣତନ୍ତ୍ର ଦିବସରେ, ବିଶେଷକରି ମୌଳିକ ଅଧିକାରକୁ ନିଶ୍ଚିତ କରିଥିବା ସମ୍ବିଧାନର ଭାଗ ୩କୁ ପଢ଼ିବା ଦରକାର। ଏହା ପାଖାପାଖି ଏକ ଡଜନ ପୃଷ୍ଠା ହେବ, କିନ୍ତୁ ବ୍ୟକ୍ତି ବା ନାଗରିକଙ୍କ ଦୃଷ୍ଟିରୁ ଏହା ସମ୍ବିଧାନର ହୃଦୟ ବା ସାରତତ୍ତ୍ୱ। ଆମ ସମ୍ବିଧାନ ପାଇଁ ସମ୍ମାନ ରହିଛି ଏବଂ ଏହାକୁ ବନ୍ଧୁକ, ଟ୍ୟାଙ୍କ, ବିମାନ ଏବଂ ଭିଆଇପି ସହିତ ପାଳନ କରିବା ଏକ ଭଲ କଥା ହୋଇପାରେ। ହେଲେ ଏହାକୁ ପଢ଼ିବା ଏବଂ ବୁଝିବା ଆହୁରି ଭଲ ହେବ।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | 6 | 8 | | 9 |
| | 2 | | | | 4 | | | |
| 5 | | | 9 | 7 | | | | 3 |
| | 3 | | | | 9 | 4 | | |
| | 4 | | 2 | 3 | | | 7 | |
| | | 1 | 4 | | | 9 | | 2 |
| | | | | 2 | 3 | | | 1 |
| | | | | | | | 8 | 7 |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 2 | 6 | 7 | 5 | 1 | 9 | 3 |
| 9 | 5 | 7 | 8 | 3 | 1 | 6 | 4 | 2 |
| 3 | 6 | 1 | 9 | 2 | 4 | 7 | 8 | 5 |
| 7 | 2 | 8 | 5 | 4 | 6 | 3 | 1 | 9 |
| 1 | 9 | 5 | 2 | 8 | 3 | 4 | 6 | 7 |
| 6 | 4 | 3 | 1 | 9 | 7 | 5 | 2 | 8 |
| 8 | 1 | 6 | 3 | 5 | 9 | 2 | 7 | 4 |
| 2 | 3 | 4 | 7 | 1 | 8 | 9 | 5 | 6 |
| 5 | 7 | 9 | 4 | 6 | 2 | 8 | 3 | 1 |

ଗତକାଲିର ଉତ୍ତର

# ସମାଜବାଦ ଓ ସମବାୟ



ପ୍ରତାପ ଚନ୍ଦ୍ର ସାମଲ

ଧନୀ ଓ ଦରିଦ୍ର ମଧ୍ୟରେ ଆର୍ଥିକ ସମାନତା ଆଣିବା ସମାଜବାଦର ମୂଳମନ୍ତ୍ର। ଭୂସଂସ୍କାର ଜରିଆରେ ରାଜା, ଜମିଦାର ଓ ମାଲିକଙ୍କର ବଳକା ଜମିକୁ ଭୂମିହୀନ ଚାଷୀଙ୍କ ମଧ୍ୟରେ ବଣ୍ଟନ, ଜମିପିଛା ଫସଲ ଉତ୍ପାଦନ ବୃଦ୍ଧି, ଉତ୍ପାଦିତ ଫସଲର ଲାଭଜନକ ଦରରେ ବିକ୍ରି ବ୍ୟବସ୍ଥା ସହିତ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠାରେ ନିଯୁକ୍ତି, ଅତ୍ୟାବଶ୍ୟକ ଦ୍ରବ୍ୟର ବିକ୍ରି ଶୋଷଣକୁ ରୋକିବାକୁ ଉଚିତ ଦରରେ ଲୋକଙ୍କୁ ଯୋଗାଇବାରେ ଗରିବଙ୍କ ଆର୍ଥିକ ବିକାଶ ହୋଇପାରିଲେ ଗରିବ-ଧନୀ ଭିତରେ ସମାନତା ଆସିପାରିବ। ଅର୍ଥାତ୍ ସମାଜବାଦ ପ୍ରତିଷ୍ଠା ହୋଇପାରିବ ଏବଂ ଏଥିରେ ସମବାୟକୁ ମାଧ୍ୟମ ଭାବେ ସମାଜ ସଂସ୍କାରକମାନେ ବିଚାର କରିଥିଲେ।

୧୮୪୪ରେ ରକ୍‌ଡଲ୍ ଗ୍ରାମର ପଥ ପ୍ରଦର୍ଶକମାନେ ଗରିବମାନଙ୍କୁ ଶସ୍ତାରେ ଆବଶ୍ୟକ ପଦାର୍ଥ ଯୋଗାଇବା ପାଇଁ ସମବାୟ ଖାଉଟି ଭଣ୍ଡାର ପ୍ରତିଷ୍ଠା କରିଥିଲେ। ବୁଣାକାରମାନଙ୍କ ଲୁଗାକୁ ସମବାୟ ଖାଉଟି ଭଣ୍ଡାରମାନେ ଉଚିତ ଦରରେ କିଣି ଅଳ୍ପ ଲାଭରେ ଲୋକଙ୍କୁ ବିକ୍ରି କରୁଥିଲେ। ୧୮୪୮ରେ ଜର୍ମାନୀରେ ରାଇପେସନ ଗ୍ରାମର ସମାଜସେବୀ ଶିକ୍ଷକ କୃଷି ଉତ୍ପାଦନ ବୃଦ୍ଧି ପାଇଁ କୃଷକମାନଙ୍କୁ ସୁଲଭ ସୁଧରେ କୃଷିଋଣ ଯୋଗାଇବା ପାଇଁ ସଞ୍ଚୟ ଓ ଋଣ ସମବାୟ ସମିତି ଗଠନ କରିଥିଲେ। ସୋଭିଏଟ୍ ଦେଶର ମାର୍କସ୍‌ବାଦ ନୀତିର ଅନୁସରଣରେ ଜମିର ସ୍ୱତ୍ୱ ଲୋପ କରାଯାଇ ୧୯୪୪ ରେ ସମବାୟ କୋଠ ଚାଷରେ ଗରିବଙ୍କ ଆର୍ଥିକ ବିକାଶ କରାଯାଇ ପାରିଥିଲା। ଉକ୍ତ ବ୍ୟବସ୍ଥାକୁ ପୂର୍ବ ୟୁରୋପର ଅନ୍ୟାନ୍ୟ ଦେଶ ଗ୍ରହଣ କରି ସମାଜବାଦ ପ୍ରତିଷ୍ଠା କରିଥିଲେ। ୟୁରୋପର ପାଶ୍ଚାତ୍ୟ ଦେଶଗୁଡ଼ିକ କୃଷି ଉତ୍ପାଦନ ବୃଦ୍ଧି ପାଇଁ ସମବାୟ ଋଣ ସମିତି ଜରିଆରେ ସୁଲଭ ସୁଧରେ କୃଷକଙ୍କୁ ଋଣ ପ୍ରଦାନ, ସମବାୟ ଖାଉଟି ଭଣ୍ଡାର ଜରିଆରେ କୃଷିଦ୍ରବ୍ୟ କିଣାବିକା ଓ ସମବାୟଭିତ୍ତିକ ଶିଳ୍ପ କାରଖାନା ବସାଇବା ଦ୍ୱାରା ଦାରିଦ୍ର୍ୟ ଘୁଞ୍ଚାଇ ପୁଞ୍ଜିପତିଙ୍କର ପ୍ରଭାବ ହ୍ରାସ କରାଯାଇପାରିଥିଲା।

ଭାରତରେ ମହାଜନମାନେ ଅତିରିକ୍ତ ଚକ୍ରବୃଦ୍ଧି ସୁଧରେ ଚାଷୀମାନଙ୍କୁ ଋଣ ଦେଇ ଶୋଷଣ କରୁଥିବାରୁ ୧୯୦୩ ରୁ ସଞ୍ଚୟ ଋଣ ସମିତିମାନ ଗଠିତ ହୋଇ କୃଷକମାନଙ୍କୁ ସୁଲଭ ସୁଧରେ ଋଣଦେବା ଆରମ୍ଭ ହୋଇଥିଲା। ଦେଶ ସ୍ୱାଧୀନତା ପରେ ୧୯୫୨ରେ ଦୃଢ଼ ଆର୍ଥିକ ବିକାଶ ପାଇଁ ପ୍ରଥମ ପଞ୍ଚବାର୍ଷିକ ଯୋଜନା ପ୍ରବର୍ତ୍ତନ କରାଯାଇଥିଲା ଏବଂ ରାଜା ଓ ଜମିଦାରମାନଙ୍କୁ ଉଚ୍ଛେଦ କରାଯାଇ ଭୂସଂସ୍କାର ଜରିଆରେ ଚାଷୀମାନଙ୍କ ଜମିର ସ୍ୱତ୍ୱ ପ୍ରଦାନ ସହିତ ବଳକା ଜମି ବଣ୍ଟନ କରାଯାଇଥିଲା।



ସମାଜବାଦ ପ୍ରତିଷ୍ଠା ଲକ୍ଷ୍ୟରେ ସମ୍ବିଧାନ ପ୍ରଣୟନ କରାଯାଇଥିଲା ଓ ସମସ୍ତ ନାଗରିକ ସମାନ ସୁବିଧା ଭୋଗକଲେ। ଫଳରେ ଗ୍ରାମାଞ୍ଚଳ ଗରିବ ଲୋକଙ୍କ ଦ୍ରୁତ ଆର୍ଥିକ ବିକାଶ ପାଇଁ ସରକାରୀ ଓ ବେସରକାରୀ ଉଦ୍ୟମ ସହିତ ସମବାୟକୁ ଦ୍ୱିତୀୟ ଆର୍ଥିକ ଶକ୍ତିଭାବରେ ନୀତି ଗ୍ରହଣ କରାଯାଇଥିଲା। କୃଷିଋଣ ସମବାୟ ସମିତିଗୁଡ଼ିକୁ ୧୯୫୪ ମସିହା ପରଠାରୁ ସରକାରଙ୍କ ଆଇନ ପ୍ରଣୟନ ଦ୍ୱାରା ବହୁମୁଖୀ ସମବାୟ ସମିତି ରୂପେ ଗଠନ କରାଯାଇଥିଲା। ସେମାନେ ଉତ୍ପାଦନ ଭିତ୍ତିକ କୃଷିଋଣ ସହିତ ଅନ୍ୟାନ୍ୟ ଦ୍ରବ୍ୟ ଋଣ, କୃଷିପଦାର୍ଥର ସରକାରୀ ସହାୟତା ଦରରେ କିଣିବାର ବ୍ୟବସ୍ଥା, ଖାଦ୍ୟ ସଂରକ୍ଷଣ ପାଇଁ ଗୋଦାମ ଘର ନିର୍ମାଣ, ଖାଉଟି ପଦାର୍ଥ ଯୋଗାଣ, କୃଷିଭିତ୍ତିକ ଶିଳ୍ପ, କୁଟୀର ଶିଳ୍ପ, ଗାଈ, ଛେଳି ଓ କୁକୁଡ଼ା ପାଳନ ସହିତ ମାଛଚାଷ, ଆଖୁଚାଷ ପ୍ରଭୃତି ଆନୁଷଙ୍ଗିକ କୃଷିଋଣ ପ୍ରଦାନ କରି ବହୁବିଧ କାର୍ଯ୍ୟକ୍ରମ ଗ୍ରହଣ କରି ଗରିବମାନଙ୍କ ଆର୍ଥିକ ବିକାଶ କରିଆସୁଛନ୍ତି। ୧୯୬୧ରେ ଗୁଜରାଟର ଜମିମାଲିକଙ୍କର ବଳକା ଜମି କିଣିବା ପାଇଁ ସମବାୟ ସମିତିଗୁଡ଼ିକ ଦୀର୍ଘମିଆଦୀ ଋଣ ଦେବା ଆରମ୍ଭ କରିବା ପରେ ଅନ୍ୟ ପ୍ରଦେଶରେ ଏହା ପ୍ରଚଳନ କରାଯାଇଥିଲା। ତାଇୱାନ୍‌ରେ ସରକାର ଜମି ମାଲିକଙ୍କୁ ଜମିର କ୍ଷତିପୂରଣ ନ ଦେଇ ଚାଷୀମାନଙ୍କୁ ଜମି ବାଣ୍ଟିଦେଇଥିଲେ। ଚାଷୀମାନେ ସେମାନଙ୍କର ଉତ୍ପାଦିତ ଫସଲର ଅର୍ଦ୍ଧେକ ବିକ୍ରିକରି ୫ ବର୍ଷରେ ଜମିଦାରମାନଙ୍କୁ ଜମିର ମୂଲ୍ୟ ବାବଦକୁ ଅର୍ଥ ଦେଇଥିଲେ। ଫଳରେ ଚାଷୀମାନେ ଜମିଦାରଙ୍କ ବଦଳରେ ଜମିର ମାଲିକ ହୋଇ ସମବାୟ ସମିତି ଜରିଆରେ ଫସଲ ଋଣ ଇତ୍ୟାଦି ନେଇ ବିପୁଳ ଆର୍ଥିକ ବିକାଶ କରିଛନ୍ତି।


ସମବାୟ ସମିତିର ଉପବିଧିରେ ଧର୍ମ, ଜାତି ତଥା ରାଜନୈତିକ ଦଳର ସଭ୍ୟ, ନିର୍ବିଶେଷରେ ସମସ୍ତେ ସଭ୍ୟ ହୋଇ ସମାନ ସୁବିଧା ପାଇଛନ୍ତି। ଗଣତନ୍ତ୍ର ଭିତ୍ତିରେ ସମିତିର ସଭ୍ୟମାନେ ତାଙ୍କର ନିଜର ରୁଚି ଅନୁଯାୟୀ ପରିଚାଳନା ପରିଷଦକୁ ପ୍ରତିନିଧି ପଠାଉଅଛନ୍ତି। ବାର୍ଷିକ ସାଧାରଣ ସଭାରେ ସମସ୍ତ ସଭ୍ୟ ନିଜେ ନିଜର ବକ୍ତବ୍ୟ ଦେବାର ସ୍ୱାଧୀନତା ପାଇଛନ୍ତି। ସଭ୍ୟମାନେ ତାଙ୍କର ଅଂଶଧନ ଭିତ୍ତିରେ ଲାଭାଂଶ ପାଉଛନ୍ତି। ଅଂଶଧନ ପରିମାଣ ନିର୍ବିଶେଷରେ ପ୍ରତ୍ୟେକ ସଭ୍ୟର ସମାନ ଭୋଟଦାନ ଅଧିକାର ଅଛି। ଏଣୁ ସମବାୟ ସମିତିଗୁଡ଼ିକ ସାମାଜିକ ନ୍ୟାୟ ପ୍ରତିଷ୍ଠାର ଆଦର୍ଶ ହୋଇପାରିଛନ୍ତି।

ସମବାୟ ସମିତିଗୁଡ଼ିକ କେବଳ ସଭ୍ୟମାନଙ୍କର ଆର୍ଥିକ ବିକାଶ ବା ସେବାରେ ନିୟୋଜିତ ହୋଇନାହାନ୍ତି। ସେମାନେ ସମିତିରେ ନିଜ ଲାଭର କେତେକାଂଶ ଅର୍ଥ ସମାଜ ସେବାରେ ବ୍ୟୟ କରୁଛନ୍ତି। ୟୁରୋପୀୟ ସମବାୟ ବ୍ୟାଙ୍କ ବା ସମିତିଗୁଡ଼ିକ ସେମାନଙ୍କ ଲାଭର ବିପୁଳ ଅଂଶ ବିକାଶଶୀଳ ଓ ଅନୁନ୍ନତ ରାଷ୍ଟ୍ରର ସ୍ୱାସ୍ଥ୍ୟ ସେବା, ବନୀକରଣ ଜରିଆରେ ପରିବେଶର ସୁରକ୍ଷା, ପାନୀୟ ଜଳ ଯୋଗାଣ ଇତ୍ୟାଦି ସେବାମୂଳକ କାର୍ଯ୍ୟକ୍ରମରେ ବ୍ୟୟ କରୁଛନ୍ତି। ଆମ ଦେଶରେ ମହାରାଷ୍ଟ୍ରର ୱାରାନା ସମବାୟ ସଂସ୍ଥା ସମଗ୍ର ଭାରତବର୍ଷ ପାଇଁ ମାର୍ଗଦର୍ଶନ ସାଜିଥିବାରୁ ସମବାୟ ଚିନିକଳ ତାଙ୍କ ଅଞ୍ଚଳରେ ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ ଇତ୍ୟାଦି ସ୍ଥାପନ କରି ସମାଜର ଅଶେଷ ଉପକାର କରୁଛନ୍ତି। ସମବାୟ ସମିତିଗୁଡ଼ିକ ସ୍ୱଳ୍ପ ବୃଷ୍ଟିପାତ ଜିଲାଗୁଡ଼ିକରେ କୃଷିର ବିଶେଷ ସଫଳତା ଆଣିପାରିଛନ୍ତି। ସମବାୟ ସମିତି ମାଧ୍ୟମରେ ଚିକିତ୍ସାଳୟ, ଗୃହନିର୍ମାଣ, ଅତ୍ୟାବଶ୍ୟକ ଜିନିଷ ଯୋଗାଣ, ଔଷଧ ପ୍ରସ୍ତୁତି, ବୃକ୍ଷରୋପଣ, ତାଳଗୁଡ଼ ପ୍ରସ୍ତୁତ ଓ ଖାଦ୍ୟ ପଦାର୍ଥ ଯୋଗାଣ ଇତ୍ୟାଦି ବହୁ ସମିତି ପ୍ରତିଷ୍ଠିତ ହୋଇ ସମାଜ ସେବାରେ ନିୟୋଜିତ ହୋଇଛନ୍ତି। ଜାପାନର ସମବାୟ ଚିକିତ୍ସାଳୟମାନ ସେ ଦେଶର ଶତକଡ଼ା ୨ଭାଗ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ପାରିଛନ୍ତି।

ଏଣୁ ସମାଜର ଅନେକ କୋଟି ଲୋକଙ୍କର ଆର୍ଥିକ ବିକାଶ ଦଳଗତ ନିର୍ବିଶେଷରେ ସମାଜସେବା ସର୍ବୋପରି ସମାଜବାଦ ପ୍ରତିଷ୍ଠା ଓ ସାମାଜିକ ନ୍ୟାୟ ପ୍ରଦାନରେ ସମବାୟ ପ୍ରମୁଖ ଭୂମିକା ଗ୍ରହଣ କରିଅଛି। ୧୯୯୨ରୁ ଆମ ଦେଶର ଉଦାରୀକରଣ ଅର୍ଥନୀତିରେ ବ୍ୟକ୍ତି ପ୍ରଚେଷ୍ଟାକୁ ପ୍ରାଧାନ୍ୟ ଦିଆଯାଇ ସମବାୟକୁ ଗୌଣ କରାଯାଇଥିବାରୁ ଓ କେତେକ ରାଜ୍ୟ ସରକାର ସମବାୟ ଆଇନ ଜରିଆରେ ସ୍ୱୟଂଚାଳିତ ସମିତି ପରିଚାଳନାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ପୁନଶ୍ଚ ସାମାଜିକ ଅସମତା ମୁଣ୍ଡ ଟେକିବ ବୋଲି ଅର୍ଥନୈତିକ ବିଶାରଦମାନେ ଆଶଙ୍କା କରିଛନ୍ତି। ଏହା ସମାଜ ପାଇଁ କ୍ଷତିକାରକ। ଏ ଦିଗରେ ସରକାର ଯତ୍ନଶୀଳ ହେବା ଆବଶ୍ୟକ। ନଚେତ୍ ନେଡ଼ିଗୁଡ଼ କହୁଣିକୁ ବୋହିଗଲା ପରେ ଆଉ କିଛି ସଂସ୍କାର କରିବା ସମ୍ଭବପର ହୋଇ ନ ପାରେ।

ବରିଷ୍ଠ ସମବାୟବିତ୍
ମୋ: ୯୦୯୦୩୨୫୮୦୨

# ଓଡ଼ିଶା ଆତ୍ମନିର୍ଭର ହେଉ



ସୁଧାଂଶୁ ରଞ୍ଜନ ଦାସ

ସରକାର ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ମୂଲ୍ୟ ବୃଦ୍ଧିକୁ ରୋକିବାରେ ବିଫଳ ହୋଇଥିବାରୁ ବିରୋଧୀ ଦଳର ନେତାମାନେ ସରକାରଙ୍କୁ ଦୋଷାରୋପ କରି କହିଛନ୍ତି, ସରକାରଙ୍କ ପାଖରେ ମୂଲ୍ୟ ନିୟନ୍ତ୍ରଣ ପାଇଁ କୌଣସି ସୁଚିନ୍ତିତ ଯୋଜନା ନାହିଁ କିମ୍ବା ଅସାଧୁ ବ୍ୟବସାୟୀଙ୍କୁ ନିୟନ୍ତ୍ରଣ ଲାଗି ରାଜନୈତିକ ଇଚ୍ଛାଶକ୍ତି, ସାହସ ଓ ପାରଦର୍ଶିତା ନାହିଁ। ଫଳରେ ସାଧାରଣ ଲୋକେ ଦରବୃଦ୍ଧି ଯୋଗୁଁ ହନ୍ତସନ୍ତ ହେଉଛନ୍ତି। ରାଜ୍ୟ ସରକାରଙ୍କ ପ୍ରବକ୍ତାମାନେ ମଧ୍ୟ ବିଜେଡି ସରକାରଙ୍କ ୨୪ ବର୍ଷର ଅପାରଗତାକୁ ମୂଲ୍ୟବୃଦ୍ଧିର ପ୍ରଧାନ କାରଣ ବୋଲି କହିଛନ୍ତି। ଏହି କୌତୁକପୂର୍ଣ୍ଣ ଆରୋପ ଓ ଦୋଷାରୋପ ଓଡ଼ିଶାବାସୀଙ୍କୁ ଅଧିକ ବିବ୍ରତ କରିଦେଇଛି। ମନୁଷ୍ୟ ବଞ୍ଚିବା ଉପଯୋଗୀ ଅତ୍ୟାବଶ୍ୟକ ଜିନିଷ ଯଥା ଚାଉଳ, ଗହମ, ଡାଲି, ତେଲ, ପନିପରିବା ସାଙ୍ଗରେ ଉତ୍ତମ ସ୍କୁଲ ଶିକ୍ଷା, ଚିକିତ୍ସାଳୟ, ବାସସ୍ଥାନ ଓ ଅନ୍ୟାନ୍ୟ ଆବଶ୍ୟକ ସେବାଗୁଡ଼ିକର ଦାମ ଆଜି ଆକାଶଛୁଆଁ ହେଲାଣି। ସାଧାରଣ ଲୋକଙ୍କ ଦୁର୍ଦ୍ଦଶା ଲାଘବ କରିବା ପାଇଁ ରାଜ୍ୟର ନୂତନ ସରକାର ବିଗତ ପାଞ୍ଚ ମାସ ଭିତରେ କ'ଣ ପଦକ୍ଷେପ ନେଇଛନ୍ତି ଜାଣିବା ପାଇଁ ବିଧାନସଭା ସରଗରମ ହୋଇ ଉଠିଥିଲା। ସରକାର, ବିରୋଧୀ ଦଳର ନେତାମାନେ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ଏହି ସମସ୍ୟା ପାଇଁ କିଏ ପ୍ରକୃତରେ ଦାୟୀ ତାକୁ ଲୋକଲୋଚନକୁ ଆଣି ଦରଦାମ ବୃଦ୍ଧିର ଜଡ଼କୁ ନଷ୍ଟ କରିଦେବା ଉଚିତ।

ପ୍ରତ୍ୟେକ ଶିକ୍ଷିତ ଓଡ଼ିଶାବାସୀ ନିଜ ନିଜ ଜିଲାରେ ତିନି ଦଶନ୍ଧି ଧରି ହୋଇଥିବା ସମସ୍ତ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ ତୃଣମୂଳ ସ୍ଥରରେ କରିବା ଦରକାର। ଯଦି ରାଜ୍ୟରେ ଶୀତଳଭଣ୍ଡାର, ଗୋଦାମ ଘର, ଜଳାଶୟ, ଡ୍ୟାମ, ଉଠାଜଳସେଚନ ପ୍ରକଳ୍ପ, କେନାଲ, ରାସ୍ତା ଓ ପୋଲ ଇତ୍ୟାଦି ତିଆରି ହୋଇଛି, ଏହାର ସୁପ୍ରଭାବ ଦରଦାମ ବୃଦ୍ଧିକୁ କାହିଁକି ନିୟନ୍ତ୍ରଣ କରୁନାହିଁ। କୋଟି କୋଟି ଟଙ୍କା ବ୍ୟୟରେ ହୋଇଥିବା ଏହି ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକ କ'ଣ ବଡ ବଡ଼ ବ୍ୟବସାୟିକ ସଂସ୍ଥା, ସୁପର ମାର୍କେଟ ଓ ଶପିଂମଲଗୁଡ଼ିକୁ ସେମାନଙ୍କ ବ୍ୟବସାୟ ବଢ଼ାଇବାରେ ସହାୟକ ହୋଇଛି? ଏହି ଭିତ୍ତିଭୂମି ବିକାଶ ଅଧିକାଂଶ ଓଡ଼ିଶାବାସୀଙ୍କର ଆର୍ଥିକ ବିକାଶରେ ସହାୟକ ହୋଇଛି କି ନାହିଁ ଏହାର ବିଶ୍ଳେଷଣ ବୁଦ୍ଧିଜୀବୀ ମହଲରେ ହେବା ଉଚିତ। ଗଣମାଧ୍ୟମ ଏହି ପ୍ରକଳ୍ପଗୁଡ଼ିକ ପ୍ରକୃତରେ ଓଡ଼ିଶାବାସୀଙ୍କର ଆର୍ଥିକ ଓ ସାମାଜିକ ସ୍ଥିତିକୁ ସୁଦୃଢ଼ କରୁଛି କି ନାହିଁ ଏହାର ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବା ଉଚିତ। ବିଭାଗୀୟ ମନ୍ତ୍ରୀମାନେ ଗୃହରେ ମିଥ୍ୟା ତଥ୍ୟ ଦେଇ ଗୃହକୁ ବିଭ୍ରାନ୍ତ କରୁଛନ୍ତି ବୋଲି ବିରୋଧୀ ଦଳର ନେତାମାନେ ଆରୋପ କରୁଛନ୍ତି, କିନ୍ତୁ ବିରୋଧୀ ଦଳର ନେତାମାନେ ତୃଣମୂଳ ସ୍ତରର ପ୍ରକୃତ ତଥ୍ୟ ଗୃହରେ ପ୍ରସ୍ତୁତ କରିବା ପାଇଁ ଶକ୍ତି ଓ ସାମର୍ଥ୍ୟ ଦେଖାଉନାହାନ୍ତି।

ତର୍କ ବିତର୍କ, ଦୋଷାରୋପ, ଆଲୋଚନା,



ସମାଲୋଚନା ଓ ଭାଷଣବାଜିରେ ଶିକ୍ଷିତ ଓଡ଼ିଆମାନେ ବେଶି ସମୟ ନଷ୍ଟ ନ କରି ତୃଣମୂଳ ସ୍ତରର ସମସ୍ୟାକୁ ଭଲ ଭାବରେ ବୁଝିବା ଦରକାର। ଅସାଧୁ ବ୍ୟବସାୟୀମାନେ ଅଧିକ ଲାଭ ପାଇଁ ଶସ୍ୟ ଓ ପନିପରିବା ଗୋଦାମରେ ଲୁଚାଇ ରଖିବାରୁ ଏହାର ଦାମ ଆକାଶଛୁଆଁ ହେଉଛି। ସରକାର ଏହି ଅସାଧୁ ବ୍ୟବସାୟୀଙ୍କ ମେଣ୍ଟକୁ ନଷ୍ଟ କରିବା ପାଇଁ କଡ଼ା ଆଇନ ଲାଗୁ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ କଠୋର ଦଣ୍ଡବିଧାନ କଲେ ଏହା ଅନ୍ୟ ବ୍ୟବସାୟୀଙ୍କ ପାଇଁ ଏକ ଉଦାହରଣ ହେବ। ଆଧୁନିକ ଉପକରଣ ଦ୍ୱାରା ଲୁକ୍କାୟିତ ଭାବରେ ଥିବା ଖାଦ୍ୟ ପଦାର୍ଥର ଆଭାସ ସରକାର ପାଇପାରିବେ। ଏହି କାର୍ଯ୍ୟ ସାହସୀ, ସଚ୍ଚୋଟ ଓ ଦକ୍ଷ ଅଧିକାରୀ ହିଁ କରିପାରିବେ।

ପେଟ୍ରୋଲ ଓ ଡିଜେଲର ମୂଲ୍ୟବୃଦ୍ଧି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକର ମୂଲ୍ୟ ବୃଦ୍ଧି କରି ସାଧାରଣ ଲୋକଙ୍କ ଜୀବନମାନରେ ଅଧୋଗତି ଆଣିଥାଏ। ଭାରତରେ ପେଟ୍ରୋଲ ଓ ଡିଜେଲ ଉପରେ ୫୦% ରୁ ୬୦% ଟିକସ ଆଦାୟ କରାଯାଏ। ଟିକସକୁ କମ୍ କରାଗଲେ ଏହା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକର ଦାମ କମାଇ ଦେବ। ଅନେକ ଅସାଧୁ ବ୍ୟବସାୟ ସଂସ୍ଥା ପେଟ୍ରୋଲ ଓ ଡିଜେଲ ଦର ବଢ଼ିବା ବାହାନା ଦେଖାଇ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷଗୁଡ଼ିକର ଦାମ ବଢ଼ାଇଥାନ୍ତି। ସେମାନେ ଅତ୍ୟଧିକ ଲାଭ ଆଶାରେ ବଜାରରେ ଦରକାରୀ ଜିନିଷଗୁଡ଼ିକର କୃତ୍ରିମ ଅଭାବ ସୃଷ୍ଟି କରିଥାନ୍ତି। ସରକାର ଏପଟେ ପେଟ୍ରୋଲ ଓ ଡିଜେଲର ମୂଲ୍ୟବୃଦ୍ଧି କରି ସେପଟେ ସାଧାରଣ ଲୋକଙ୍କ ଦୁର୍ଦ୍ଦଶା ପାଇଁ କୁମ୍ଭୀରକାନ୍ଦଣା କାନ୍ଦିବା ଶୋଭାପାଏ ନାହିଁ। ଏହି ସଙ୍କଟ ସମୟରେ ସରକାର ପେଟ୍ରୋଲ ଓ ଡିଜେଲ ଦର କମାଇବା ସଙ୍ଗେ ସଙ୍ଗେ ଅସାଧୁ ବ୍ୟବସାୟୀଙ୍କୁ ନିୟନ୍ତ୍ରଣରେ ରଖିବା ଉଚିତ।

ଲଜ୍ଜାର ବିଷୟ ଓଡ଼ିଶାରେ ପର୍ଯ୍ୟାପ୍ତ ଜଳଧନ, ଫସଲ ବିବିଧତା, ସଡ଼କ ସୁବିଧା ଓ ପରିବହନ ଇତ୍ୟାଦିର ସୁବିଧା ଥାଇ ମଧ୍ୟ ଓଡ଼ିଶା ଖାଦ୍ୟଶସ୍ୟ ଓ ପନିପରିବା ଉତ୍ପାଦନ କରିବାରେ ଆତ୍ମନିର୍ଭର ହୋଇପାରୁନାହିଁ। ଏଥିପାଇଁ ନିଜ ରାଜ୍ୟ ଲାଗି ଶ୍ରଦ୍ଧା ଓ ପ୍ରତିବଦ୍ଧତା ଥିବା ପ୍ରତ୍ୟେକ ନେତା ଓ ଶିକ୍ଷିତ ଓଡ଼ିଆ ନିଜ ଗାଁରେ ଥିବା କୃଷି ସମ୍ବନ୍ଧିତ ସମସ୍ୟା ସମାଧାନର ବାଟ ବାହାର କରିବା ଉଚିତ। ପ୍ରତ୍ୟେକ ଗାଁରେ ଯେପରି ନଦୀ, ନାଳ, କେନାଲ, ଜଳାଶୟ, କୃଷିକ୍ଷେତ୍ର ଓ କୂଅଗୁଡ଼ିକ ସତେଜ ରହିବ, ସେଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ କରିବା ଦରକାର। ଚାଷୀ ଯେପରି ନିଜର ଉତ୍ପାଦକୁ ବଜାର ଭାଉରେ ବିକି ପାରିବ, ସେଥିପାଇଁ ସମସ୍ତ ବ୍ୟବସ୍ଥା ହେବା ଉଚିତ। ଅନେକ ଜାଗାରେ ଚାଷୀମାନେ ଦଲାଲ ଓ ଲୋଭୀ ବେପାରୀମାନଙ୍କୁ କୃଷି ଉତ୍ପାଦଗୁଡ଼ିକୁ ଶାଗମାଛ ଦରରେ ବିକୁଥିବାର ଦେଖାଯାଉଛି। ଏଥିରେ ଦଲାଲ ଓ ଲୋଭୀ ବେପାରୀମାନେ ବିନା ପରିଶ୍ରମରେ ଲାଭ କରୁଛନ୍ତି। ଖାଉଟି ଓ ପ୍ରକୃତ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଏହି ପ୍ରତିକୂଳ ପରିସ୍ଥିତିରେ ଚାଷୀ ଆଉ ଚାଷ କରିବାକୁ ଆଗ୍ରହ ଦେଖାଉ ନାହିଁ। ସରକାରଙ୍କ ମାଗଣା ଖାଦ୍ୟ ଓ ବିଭିନ୍ନ ସୁବିଧା ବିତରଣ ଯୋଗୁଁ ଗାଁରେ ଆଉ ଚାଷ ପାଇଁ ମୂଲିଆ ମିଳୁନାହାନ୍ତି। ଓଡ଼ିଶା ସରକାର, ରାଜନେତା, ବୁଦ୍ଧିଜୀବୀ, ଶିକ୍ଷିତ ଯୁବପିଢ଼ି, ଅନୁଭବୀ ଚାଷୀ ଓ ଗଣମାଧ୍ୟମ ଓଡ଼ିଶାକୁ ଆତ୍ମନିର୍ଭର କରିବା ପାଇଁ ବୁଦ୍ଧି, ସାହସ ଓ ପାରଦର୍ଶିତା ଦେଖାଇବା ଦରକାର।

ମୋ: ୭୭୦୨୩୮୩୮୦

## ଏଇ ଭାରତରେ

ଜୀବନ ସୁରକ୍ଷାର କବଚ ପାଲଟିଛି 'ଦୃଷ୍ଟି ମେରାଇନ'ନାମକ ଏକ ଘରୋଇ ସଂସ୍ଥା। ଏହା ଗୋଆ ବିଚ୍‌ରେ ପାଣିରେ ବୁଡ଼ି ଯାଉଥିବା ଲୋକଙ୍କ ଜୀବନ ବଞ୍ଚାଉଛି। ଏଥିରେ ୪୫୦ରୁ ଅଧିକ ଲାଇଫଗାର୍ଡ ବା ଜୀବନ ସୁରକ୍ଷାକାରୀ କାର୍ଯ୍ୟ କରୁଛନ୍ତି। 'ଦୃଷ୍ଟି ମେରାଇନ' ଗୋଆ ବିଚ୍‌ର ବିଭିନ୍ନ ସ୍ଥାନରେ ଲୋକଙ୍କୁ ଉଦ୍ଧାର କରୁଛି। ଏବେ ସୁଦ୍ଧା ଏହି ସଂସ୍ଥାର ବ୍ୟକ୍ତିମାନେ ୭,୭୦୦ ଲୋକଙ୍କ ଜୀବନ ବଞ୍ଚାଇ ସାରିଲେଣି। 'ଦୃଷ୍ଟି ମେରାଇନ'ର ମୁଖ୍ୟ ଭାବେ ରହିଛନ୍ତି ରାଜୀବ ସୋମାନି। ଏହା ୨୦୦୮ରେ ଗଠନ ହୋଇଥିଲା ଓ ଗୋଆ ସରକାରଙ୍କ ସହଯୋଗରେ ଚାଲିଛି। ୨୦୦୭ରେ ଗୋଆ ବିଚ୍‌ରେ ପାଣିରେ ବୁଡ଼ି ପାଖାପାଖି ୨୦୦ ଲୋକଙ୍କ ମୃତ୍ୟୁ ଘଟିବା ପରେ ସରକାର ଏହି ସଂସ୍ଥାକୁ ପ୍ରୋତ୍ସାହିତ କରିଥିଲେ। ଏହାସହ ଚିକିତ୍ସା ସୁବିଧାଠାରୁ ଆରମ୍ଭ କରି ଉଦ୍ଧାର ପାଇଁ ସବୁ ପ୍ରକାର ଉପକରଣ ଯୋଗାଇ ଦେଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ଜାନୁଆରୀ ୧୯୭୬

- ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ରୂପେ ଶ୍ରୀ ମୋହନ ଲାଲ ମୁଖାର୍ଜିଆଙ୍କ ଶପଥଗ୍ରହଣ।
- ଖୋର୍ଦ୍ଧାରୋଡ୍ ୫ ନମ୍ବର ପ୍ଲାଟଫର୍ମରୁ ତାଳଚେର ପୁରୀ ପାସେଞ୍ଜର ପୁରୀ ଅଭିମୁଖେ ଯାତ୍ରା କରିବା ସମୟରେ ଭୁବନେଶ୍ୱର ଆଡୁ ଗୋଟିଏ ମାଲ୍‌ବାହୀ ଗାଡ଼ି ଆସି ଧକ୍କା ଦେବା ଫଳରେ ୧୨ଟି ବଗି ଲାଇନଚ୍ୟୁତ।

## ଚିରନ୍ତନୀ

ମଳିନ କ୍ଷୀଣ ଧୂସର ଦେହ
ତୁଟିଛି ତା'ର ଆକାଶ ଗେହ
ଭୂତଳେ ପଡ଼ି ପରାଣ ତା'ର
ମାଗଇ ସୁଖ ମାଗଇ ସ୍ନେହ।
(କବିର ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କମ୍ କଥା କହି ଅଧିକ କାମ କରନ୍ତୁ

ମହାଶୟ,

ନୂଆ ସରକାର କ୍ଷମତାକୁ ଆସିବା ପୂର୍ବରୁ ଏବଂ ପରେ ବହୁତ କିଛି ଘୋଷଣା କଲେ। କିନ୍ତୁ ଦୁଃଖର କଥା, ତାହା ଆଜିଯାଏଁ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ସରକାର ଘୋଷଣା କଲେ, ନାଟ ମଣ୍ଡପରେ ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ କାର୍ତ୍ତିକ ପୂର୍ଣ୍ଣିମା ପରେ ବ୍ୟବସ୍ଥା କରାଯିବ। କେମିତି ଭକ୍ତମାନେ ଧାଡ଼ିରେ ଯାଇ ଠାକୁରଙ୍କୁ ଦର୍ଶନ କରିବେ ତାହାର ନକ୍ସା ମଧ୍ୟ ଖବରକାଗଜ ଏବଂ ବିଭିନ୍ନ ଚ୍ୟାନେଲ ମାଧ୍ୟମରେ ଫଟୋ ଛଡ଼ାଗଲା। କିନ୍ତୁ କାର୍ତ୍ତିକ ପୂର୍ଣ୍ଣିମା ଯାଇ ଆଉ ଗୋଟିଏ ପୂର୍ଣ୍ଣିମା ଗଲାଣି, ତାହା ଏଯାଏ କାର୍ଯ୍ୟକାରି ହୋଇପାରିଲା ନାହିଁ। ଲୋକେ ଦର୍ଶନ ନିମନ୍ତେ ଆଗ ଭଳି ହନ୍ତସନ୍ତ ହେଉଛନ୍ତି। ଭାରତୀୟ ଜନତା ପାର୍ଟି ଘୋଷଣା କରିଥିଲା ଯେ, ତାଙ୍କ ସରକାର କ୍ଷମତାକୁ ଆସିଲେ ୩୦ ବର୍ଷରୁ ଉର୍ଦ୍ଧ୍ୱ ନାଗରିକମାନଙ୍କ ନିମନ୍ତେ ଆୟୁଷ୍ମାନ୍ ଯୋଜନା ଲାଗୁ କରିବ। କିନ୍ତୁ ଦଳ ସରକାରକୁ ଆସିବାର ଛଅମାସ ହୋଇଗଲା, ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ହଜାର ହଜାର ଲୋକ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଚାହିଁ ବସିଛନ୍ତି। କେବେ ଏହା କାର୍ଯ୍ୟକାରୀ ହେବ କେହି ଠିକ୍ ଭାବରେ କହିପାରୁ ନାହାନ୍ତି। ତେଣୁ ସରକାରଙ୍କୁ ବିନମ୍ର ଅନୁରୋଧ, ଯେଉଁ ଘୋଷଣା କରୁଛନ୍ତି ତାହାକୁ ଶୀଘ୍ର କାର୍ଯ୍ୟକାରୀ କରାନ୍ତୁ।

- ଶ୍ରୀବାସ ଚନ୍ଦ୍ର ମହାନ୍ତି, ଆଇନଜୀବୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ପାଳଗଦା ନିଆଁରେ ୨ ଶିଶୁ ଜଳିଗଲେ

**ବାଉଁଶୁଣୀ,୧୧।୧ (ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅନ୍ତର୍ଗତ ବଲାକିରା ଗ୍ରାମରେ ପାଳଗଦାରେ ଶନିବାର ସନ୍ଧ୍ୟାରେ ନିଆଁ ଲାଗି ୨ ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତ ୨ ଶିଶୁ ହେଲେ ବଲାକିରା ଗ୍ରାମର ୫ ବର୍ଷୀୟ କ୍ରିଷ୍ଣା ଭୋଇ ଓ ବୌଦ୍ଧ ଥାନା ବସନ୍ତ ବାହାଲ ଗ୍ରାମର କ୍ରିଷ୍ଣା ଉର୍ଭା। ଉଭୟେ ସମ୍ପର୍କରେ ମାମୁ ଭଣଜା ବୋଲି ସୂଚନା ମିଳିଛି। ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ଏକ ପରିତ୍ୟକ୍ତ କୂଅରେ ଭର୍ତ୍ତି କରାଯାଇଥିବା ପାଳଗଦାରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ସେଠାରେ ଖେଳୁ ଥିବା ୨ ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ବାଉଁଶୁଣୀ ପୋଲିସ ବଲାକିରା ଗ୍ରାମରେ ପହଞ୍ଚି ଉଭୟ ମୃତଦେହକୁ ଜବତ କରି ବାଉଁଶୁଣୀ ଡାକ୍ତରଖାନାକୁ ଆଣିଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

# ମ୍ୟାନ୍‌ମାର ସେନା ଏୟାରଷ୍ଟ୍ରାଇକରେ ୪୩ ମୃତ

ନେପିଡୋ, ୧୧।୧: ମ୍ୟାନ୍‌ମାରର ପଶ୍ଚିମ ପାର୍ଶ୍ୱରେ ଅବସ୍ଥିତ ରାଖାଇନ ରାଜ୍ୟର କ୍ୟୁାଙ୍କ ନି ମାଓ ଗ୍ରାମରେ ଶନିବାର ସେନା ପକ୍ଷରୁ ଏୟାର ଷ୍ଟ୍ରାଇକ କରାଯାଇଛି। ଏହି ଆକ୍ରମଣରେ ୪୩ ନାଗରିକଙ୍କର ମୃତ୍ୟୁ ଘଟିଥିବାବେଳେ ୫୨ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ମହିଳା ଏବଂ ଶିଶୁ ମଧ୍ୟ ରହିଛନ୍ତି ବୋଲି ଜାତିସଂଘ ପକ୍ଷରୁ ସୂଚନା ଦିଆଯାଇଛି। ୫୦୦ରୁ ଅଧିକ ଘର ଧ୍ୱଂସ ହୋଇଛି। ପ୍ରକାଶ ଯେ, ୨୦୨୧ରେ ମ୍ୟାନ୍‌ମାରରେ ନିର୍ବାଚିତ ସରକାରଙ୍କୁ ପଦଚ୍ୟୁତ କରି ଦେଶର ସେନା ଶାସନଭାରକୁ ଆସିବା ପରଠାରୁ ମ୍ୟାନ୍‌ମାରରେ ଗୃହ ଯୁଦ୍ଧ ଜାରି ରହିଛି।






# ଜୁଡିସିଆଲ ରେକର୍ଡ, ସଂସ୍କୃତି ସଂରକ୍ଷିତ ରହିବ: ମୁଖ୍ୟମନ୍ତ୍ରୀ

## ହାଇକୋର୍ଟରେ ନ୍ୟାୟିକ ଅଭିଲେଖାଗାର ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କ ସମେତ ଅନ୍ୟମାନେ।

**କଟକ,୧୧।୧(କାର୍ତ୍ତିକ ସାହୁ)**

**■ ୪୧୩୨ ଫାଇଲରେ ଥିବା ୮୪,୮୮୮ ଫର୍ଦ୍ଦ ସଂରକ୍ଷିତ**

ହାଇକୋର୍ଟ ପରିସରରେ ସେଣ୍ଟର ଫର ଜୁଡିସିଆଲ ଆର୍କାଇଭ୍‌ସ (ନ୍ୟାୟିକ ଅଭିଲେଖାଗାର) ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଭାରତୀୟ ବିଚାର ବ୍ୟବସ୍ଥା ଆନ୍ତର୍ଜାତିକସ୍ତରରେଏକପ୍ରଭାବସୃଷ୍ଟିକରିଛି।ନ୍ୟାୟିକଅଭିଲେଖାଗାରରେ ଜୁଡିସିଆଲ ରେକର୍ଡ ସହ ସଂସ୍କୃତି ସଂରକ୍ଷିତ ରହିବ। ରାଜ୍ୟ ସରକାର ବିଚାର ବ୍ୟବସ୍ଥାକୁ ଆର୍ଥିକ, ପ୍ରଶାସନିକ ଓ ବୈଷୟିକ ଦିଗରେ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ କହିଛନ୍ତି, ଜୁଡିସିଆଲ ଆର୍କାଇଭ୍‌ସ ପୁରାତନ ରେକର୍ଡଗୁଡ଼ିକର ସଂରକ୍ଷଣ ସହ ଉପଯୁକ୍ତ ଯତ୍ନ ନିଆଯିବା ନିମନ୍ତେ ଉଦ୍ଦିଷ୍ଟ। ରାଜ୍ୟ ସଂଗ୍ରହାଳୟର ଦୃଷ୍ଟି ଆଢୁଆଳରେ ରହିଯାଇଥିବା ବିଚାର ବିଭାଗୀୟ ପୁରାତନ ଦସ୍ତାବିଜ୍‌ଗୁଡ଼ିକୁ ଏଥିରେ ସଂରକ୍ଷିତ କରାଯାଇଛି। ଏହି ସଂଗ୍ରହାଳୟ ନିମନ୍ତେ ରାଜ୍ୟ ସରକାର ୩୮ କୋଟି ଟଙ୍କାର ଅନୁଦାନ ସହ ସମସ୍ତ ସହାୟତା ଯୋଗାଇ ଦେଇଥିବାରୁ ମୁଖ୍ୟ ବିଚାରପତି ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। ସେହିପରି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସେଣ୍ଟର ଫର ଜୁଡିସିଆଲ ଆର୍କାଇଭ୍‌ସ ରାଜ୍ୟ ସମେତ ଦେଶର ଆଲୋକବର୍ତ୍ତିକା ସଦୃଶ ହେବ। ଆର୍‌ଆର୍‌ଡିସି କମିଟି ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ଐତିହାସିକ ଦସ୍ତାବିଜ୍‌ଗୁଡ଼ିକୁ ସଂରକ୍ଷିତ ରଖିଲେ ବର୍ତ୍ତମାନ ଓ ଭବିଷ୍ୟତ ମାନବ ସଭ୍ୟତା ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ବିଚାରପତି ଶଶିକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିବା ସହ ପୂର୍ବତନ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ଦୂରଦୃଷ୍ଟିକୁ ସ୍ମରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଡେପୁଟି ସଲିସିଟର ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ବିଜୟ କୁମାର ଦାଶ, ସମ୍ପାଦକ ରଞ୍ଜନ କୁମାର ନାୟକ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ସମେତ ହାଇକୋର୍ଟର ବିଚାରପତିଗଣ, କର୍ମକର୍ତ୍ତା, ବରିଷ୍ଠ ଆଇନଜୀବୀ ଓ ସରକାରୀ ଅଧିକାରୀ ଯୋଗଦେଇଥିଲେ।

ଉଲ୍ଲେଖଯୋଗ୍ୟ, ବିଚାର ବିଭାଗର ପୁରାତନ ରେକର୍ଡଗୁଡ଼ିକୁ ସଂରକ୍ଷିତ ରଖିବା ନିମନ୍ତେ ଜୁଡିସିଆଲ ଆର୍କାଇଭ୍‌ସ ୨୦୨୨ ମେ' ୧୦ରେ ସ୍ଥାପନା କରାଯାଇଥିଲା। ପରେ ହାଇକୋର୍ଟ ସମେତ ରାଜ୍ୟର ଜିଲା କୋର୍ଟଗୁଡ଼ିକରୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ସଂରକ୍ଷିତ କରିବାର ପ୍ରୟାସ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୭୫,୦୦୦ ରେକର୍ଡ ସଂରକ୍ଷିତ କରି ରଖାଯାଇଛି। ୧୯୫୦ ମସିହାରୁ ପୁରାତନ ରେକର୍ଡଗୁଡ଼ିକର ସଂରକ୍ଷଣ କରାଯାଇଛି। ଏଗୁଡ଼ିକ ମଧ୍ୟରୁ ୪୧୩୨ଟି ଫାଇଲରେ ଥିବା ୮୪,୮୮୮ ଫର୍ଦ୍ଦକୁ ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷିତ କରାଯାଇଛି। ଏଥିସହ ୧୧୫୧ଟି ଫାଇଲକୁ ଡିଜିଟାଇଜ୍‌ଡ କରାଯାଇଥିବା ସୂଚନା ରହିଛି।

# ଆଉ ଜଣେ ଚାଷୀଙ୍କ ଜୀବନ ଗଲା

**ଛତ୍ରପୁର,୧୧।୧(ଦିଲ୍ଲୀପ ସାମଲ)**

ଗଞ୍ଜାମ ଜିଲାରେ ଦୁଇଥର ଲଗଣା ବର୍ଷାରେ ଚାଷୀଙ୍କ ବର୍ଷକର ଅମଳ ଫସଲ ବ୍ୟାପକ ନଷ୍ଟ ହୋଇଛି। ଏପରି କି ଫସଲ ନଷ୍ଟ ଓ କରଜ ଶୁଝିବା ଚିନ୍ତାରେ ଗତ ଡିସେମ୍ବର ୨୬ରେ ଛତ୍ରପୁର ବ୍ଲକ ବରଙ୍ଗ ଗ୍ରାମର ଜଣେ ଭାଗଚାଷୀ ବନମାଳୀ ପେଣ୍ଟେଇ(୬୪) ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ପୁଣି ଠିକ ୧୫ ଦିନ ପରେ ଆଶାଠାରୁ ବହୁତ କମ ଧାନ ଅମଳ ହେବା ଦେଖି ଶୁକ୍ରବାର ଜମିରେ ହିଁ ଟଳି ପଡିଥିଲେ ଆଉ ଜଣେ ଚାଷୀ। ତାଙ୍କୁ ପ୍ରଥମେ ଛତ୍ରପୁର ମେଡିକାଲ ପରେ ବ୍ରହ୍ମପୁର ପୁଣି ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ମୃତ ଚାଷୀ ହେଲେ ବିପୁଲିଙ୍ଗି ପଞ୍ଚାୟତ କତୁରୁ ଗ୍ରାମର ପି. ଈଶ୍ୱର ରେଡ୍ଡୀ(୭୧)। ଅଦିନିଆ ବର୍ଷାରେ ଫସଲ ନଷ୍ଟ ହୋଇଥିବାରୁ ସେ କିଛି ଦିନ ହେଲା ଚିନ୍ତାରେ ରହୁଥିଲେ। ଶୁକ୍ରବାର ଜମିରେ ଫସଲ ଅମଳ ବେଳେ ଆଶାଠାରୁ ବହୁତ କମ ହେବା ଦେଖି ସେଠାରେ ହିଁ ବାପା ଚେତାଶୂନ୍ୟ ହୋଇ ତଳେ ପଡିଯାଇଥିଲେ ବୋଲି ପି. ଈଶ୍ୱରଙ୍କ ପୁଅ ପି. ଚିତ୍ତରଞ୍ଜନ ରେଡ୍ଡୀ କହିଛନ୍ତି। ଈଶ୍ୱର ନିଜର ୩ ଏକର ଓ ଅନ୍ୟର ୨ ଏକର ଏପରି ମୋଟ ୫ ଏକର ଜମିରେ ଫସଲ କରିଥିଲେ। ବିପୁଲିଙ୍ଗି ବ୍ୟାଙ୍କ ଅଫ ଇଣ୍ଡିଆରୁ ୭୦ ହଜାର, ସମବାୟ ବ୍ୟାଙ୍କରୁ ୯୫ ହଜାର ଓ ହାତଉଧାରି ୧ ଲକ୍ଷ ଟଙ୍କା ଆଣି ଚାଷ କାମରେ ଲଗାଇଥିଲେ। କିପରି ଏହି ଋଣ ଶୁଝିବେ ସେହି ଚିନ୍ତାରେ ଈଶ୍ୱର ରହୁଥିଲେ ବୋଲି ଗ୍ରାମବାସୀ ଜି. ଘନଶ୍ୟାମ ରେଡ୍ଡୀ ଓ ଜି.ଦୁର୍ଯ୍ୟୋଧନ ରେଡ୍ଡୀ କହିଛନ୍ତି। ତେବେ ତାଙ୍କୁ ସମସ୍ତ ଋଣ ଛାଡ଼ ସହ ତାଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହେଉଛି। ଅନ୍ୟପକ୍ଷରେ ପରିବାର ପକ୍ଷରୁ ପ୍ରଶାସନକୁ ଏହି ମୃତ୍ୟୁ ଖବର ଅବଗତ କରାଯାଇ ନ ଥିବା ଜଣାପଡ଼ିଛି।




# ପାଳଗଦା ନିଆଁରେ ୨ ଶିଶୁ ଜଳିଗଲେ

ବାଉଁଶୁଣୀ,୧୧।୧ (ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅନ୍ତର୍ଗତ ବଲାକିରା ଗ୍ରାମରେ ପାଳଗଦାରେ ଶନିବାର ସନ୍ଧ୍ୟାରେ ନିଆଁ ଲାଗି ୨ ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତ ୨ ଶିଶୁ ହେଲେ ବଲାକିରା ଗ୍ରାମର ୫ ବର୍ଷୀୟ କ୍ରିଷ୍ଟା ଭୋଇ ଓ ବୌଦ୍ଧ ଥାନା ବସନ୍ତ ବାହାଲ ଗ୍ରାମର କ୍ରିଷ୍ଟା ଉର୍ଭା। ଉଭୟେ ସମ୍ପର୍କରେ ମାମୁ ଭଣଜା ବୋଲି ସୂଚନା ମିଳିଛି। ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ଏକ ପରିତ୍ୟକ୍ତ କୂଅରେ ଭର୍ତ୍ତି କରାଯାଇଥିବା ପାଳଗଦାରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ସେଠାରେ ଖେଳୁ ଥିବା ୨ ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ବାଉଁଶୁଣୀ ପୋଲିସ ବଲାକିରା ଗ୍ରାମରେ ପହଞ୍ଚି ଉଭୟ ମୃତଦେହକୁ ଜବତ କରି ବାଉଁଶୁଣୀ ଡାକ୍ତରଖାନାକୁ ଆଣିଛି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।




# ବାଲେଶ୍ୱର ଝିଅ ତନିଷା ଦ୍ୱିତୀୟ ରନର ଅପ୍

ବାଲେଶ୍ୱର, ୧୧।୧ (ବାଞ୍ଛାନିଧି ଦେ)

## ଜୁନିଅର ମିସ୍ ଇଣ୍ଡିଆ ପ୍ରତିଯୋଗିତା



ତନିଷା ରଣା

ମଧ୍ୟପ୍ରଦେଶର ଇନ୍ଦୋରଠାରେ ଆୟୋଜିତ ଜୁନିଅର ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ବାଲେଶ୍ୱର ଝିଅ ତନିଷା ରଣାଙ୍କୁ ପାରମ୍ପରିକ ବା ଟ୍ରାଡିଶନାଲ ବର୍ଗରେ ଦ୍ୱିତୀୟ ରନର୍ସଅପ ଭାବେ ପୁରସ୍କୃତ କରାଯାଇଛି। ଗତ ୩ରୁ ୫ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାରେ ସମଗ୍ର ଦେଶର ୨୮ଟି ରାଜ୍ୟରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଚୟନ ପ୍ରକ୍ରିୟା ପରେ ସେମାନଙ୍କ ମଧ୍ୟରୁ ତନିଷାଙ୍କୁ ମିଶାଇ ମୋଟ ୧୨୦ଜଣ ପ୍ରତିଯୋଗୀ ଫାଇନାଲ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଜାନୁଆରୀ ୫ ତାରିଖରେ ଅନୁଷ୍ଠିତ ଫାଇନାଲ ପ୍ରତିଯୋଗିତାରେ ତନିଷା ଦ୍ୱିତୀୟ ରନର୍ସଅପ୍ ଭାବେ ବିବେଚିତ ହୋଇଥିଲେ। ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଅତିଥିମାନେ ତନିଷାଙ୍କୁ ସମ୍ବର୍ଦ୍ଧନା ସ୍ୱରୂପ କ୍ରାଉନ ପିନ୍ଧାଇ ସମ୍ମାନିତ କରିଥିଲେ। ବାଲେଶ୍ୱର ସହରର ଅଜିତ ରଣା ଓ ତୁଳସୀ ରଣାଙ୍କ ଝିଅ ତନିଷା ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ମଡେଲିଂ ଓ ଡ୍ୟାନ୍ସ ପ୍ରଦର୍ଶନରେ ବହୁବାର ପୁରସ୍କୃତ ହୋଇଛନ୍ତି। ଏପରିକି ସେ ଜି ସାର୍ଥକ ଚ୍ୟାନେଲ ପକ୍ଷରୁ ହୋଇଥିବା ଦିଦି ନମ୍ବର କିଡସ୍ ପ୍ରତିଯୋଗିତାର ୱିନର ହୋଇଥିଲେ। ଜୁନିଅର ମିସ୍ ଇଣ୍ଡିଆ ପ୍ରତିଯୋଗିତାର ଫାଇନାଲ ଷ୍ଟେଜ୍‌କୁ ମଧ୍ୟ ଯାଇଥିଲେ। ତନିଷା ପୂର୍ବରୁ ମିସ ଭୁବନେଶ୍ୱର ହେବା ସହ ଜୁନିଅର ଟପ୍ ମଡ଼େଲ ପ୍ରତିଯୋଗିତାର ଓଡ଼ିଶା ୱିନର ହୋଇଥିଲେ।

# ଜୁଡିସିଆଲ ରେକର୍ଡ, ସଂସ୍କୃତି ସଂରକ୍ଷିତ ରହିବ: ମୁଖ୍ୟମନ୍ତ୍ରୀ

କଟକ,୧୧।୧ (କାର୍ତ୍ତିକ ସାହୁ)

## ହାଇକୋର୍ଟରେ ନ୍ୟାୟିକ ଅଭିଲେଖାଗାର ଉଦ୍‌ଘାଟିତ

## ■ ୪୧୩୨ ଫାଇଲରେ ଥିବା ୮୪,୮୮୮ ଫର୍ଦ୍ଦ ସଂରକ୍ଷିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କ ସମେତ ଅନ୍ୟମାନେ।

ହାଇକୋର୍ଟ ପରିସରରେ ସେଣ୍ଟର ଫର ଜୁଡିସିଆଲ ଆର୍କାଇଭ୍‌ସ(ନ୍ୟାୟିକ ଅଭିଲେଖାଗାର) ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଭାରତୀୟ ବିଚାର ବ୍ୟବସ୍ଥା ଆନ୍ତର୍ଜାତିକସ୍ତରରେ ଏକ ପ୍ରଭାବ ସୃଷ୍ଟି କରିଛି। ନ୍ୟାୟିକ ଅଭିଲେଖାଗାରରେ ଜୁଡିସିଆଲ ରେକର୍ଡ ସହ ସଂସ୍କୃତି ସଂରକ୍ଷିତ ରହିବ। ରାଜ୍ୟ ସରକାର ବିଚାର ବ୍ୟବସ୍ଥାକୁ ଆର୍ଥିକ, ପ୍ରଶାସନିକ ଓ ବୈଷୟିକ ଦିଗରେ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ କହିଛନ୍ତି, ଜୁଡିସିଆଲ ଆର୍କାଇଭ୍‌ସ ପୁରାତନ ରେକର୍ଡଗୁଡ଼ିକର ସଂରକ୍ଷଣ ସହ ଉପଯୁକ୍ତ ଯତ୍ନ ନିଆଯିବା ନିମନ୍ତେ ଉଦ୍ଦିଷ୍ଟ। ରାଜ୍ୟ ସଂଗ୍ରହାଳୟର ଦୃଷ୍ଟି ଆଢୁଆଳରେ ରହିଯାଇଥିବା ବିଚାର ବିଭାଗୀୟ ପୁରାତନ ଦସ୍ତାବିଜ୍‌ଗୁଡ଼ିକୁ ଏଥିରେ ସଂରକ୍ଷିତ କରାଯାଇଛି। ଏହି ସଂଗ୍ରହାଳୟ ନିମନ୍ତେ ରାଜ୍ୟ ସରକାର ୩୮ କୋଟି ଟଙ୍କାର ଅନୁଦାନ ସହ ସମସ୍ତ ସହାୟତା ଯୋଗାଇ ଦେଇଥିବାରୁ ମୁଖ୍ୟ ବିଚାରପତି ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। ସେହିପରି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସେଣ୍ଟର ଫର ଜୁଡିସିଆଲ ଆର୍କାଇଭ୍‌ସ ରାଜ୍ୟ ସମେତ ଦେଶର ଆଲୋକବର୍ତ୍ତିକା ସଦୃଶ ହେବ। ଆର୍‌ଆର୍‌ଡିସି କମିଟି ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ଐତିହାସିକ ଦସ୍ତାବିଜ୍‌ଗୁଡ଼ିକୁ ସଂରକ୍ଷିତ ରଖିଲେ ବର୍ତ୍ତମାନ ଓ ଭବିଷ୍ୟତ ମାନବ ସଭ୍ୟତା ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ବିଚାରପତି ଶଶିକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିବା ସହ ପୂର୍ବତନ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ଦୂରଦୃଷ୍ଟିକୁ ସ୍ମରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଡେପୁଟି ସଲିସିଟର ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ବିଜୟ କୁମାର ଦାଶ, ସମ୍ପାଦକ ରଞ୍ଜନ କୁମାର ନାୟକ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ସମେତ ହାଇକୋର୍ଟର ବିଚାରପତିଗଣ, କର୍ମକର୍ତ୍ତା, ବରିଷ୍ଠ ଆଇନଜୀବୀ ଓ ସରକାରୀ ଅଧିକାରୀ ଯୋଗଦେଇଥିଲେ।

ଉଲ୍ଲେଖଯୋଗ୍ୟ, ବିଚାର ବିଭାଗର ପୁରାତନ ରେକର୍ଡଗୁଡ଼ିକୁ ସଂରକ୍ଷିତ ରଖିବା ନିମନ୍ତେ ଜୁଡିସିଆଲ ଆର୍କାଇଭ୍‌ସ ୨୦୨୨ ମେ' ୧୦ରେ ସ୍ଥାପନା କରାଯାଇଥିଲା। ପରେ ହାଇକୋର୍ଟ ସମେତ ରାଜ୍ୟର ଜିଲା କୋର୍ଟଗୁଡ଼ିକରୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ସଂରକ୍ଷିତ କରିବାର ପ୍ରୟାସ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୭୫,୦୦୦ ରେକର୍ଡ ସଂରକ୍ଷିତ କରି ରଖାଯାଇଛି। ୧୯୫୦ ମସିହାରୁ ପୁରାତନ ରେକର୍ଡଗୁଡ଼ିକର ସଂରକ୍ଷଣ କରାଯାଇଛି। ଏଗୁଡ଼ିକ ମଧ୍ୟରୁ ୪୧୩୨ଟି ଫାଇଲରେ ଥିବା ୮୪,୮୮୮ ଫର୍ଦ୍ଦକୁ ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷିତ କରାଯାଇଛି। ଏଥିସହ ୧୧୫୧ଟି ଫାଇଲକୁ ଡିଜିଟାଇଜ୍‌ଡ କରାଯାଇଥିବା ସୂଚନା ରହିଛି।




# ଆଉ ଜଣେ ଚାଷୀଙ୍କ ଜୀବନ ଗଲା

ଛତ୍ରପୁର,୧୧।୧ (ଦିଲ୍ଲୀପ ସାମଲ)

ଗଞ୍ଜାମ ଜିଲାରେ ଦୁଇଥର ଲଗଣା ବର୍ଷାରେ ଚାଷୀଙ୍କ ବର୍ଷକର ଅମଳ ଫସଲ ବ୍ୟାପକ ନଷ୍ଟ ହୋଇଛି। ଏପରି କି ଫସଲ ନଷ୍ଟ ଓ କରଜ ଶୁଝିବା ଚିନ୍ତାରେ ଗତ ଡିସେମ୍ବର ୨୬ରେ ଛତ୍ରପୁର ବ୍ଲକ ବରଙ୍ଗ ଗ୍ରାମର ଜଣେ ଭାଗଚାଷୀ ବନମାଳୀ ପେଣ୍ଡେଇ(୬୪) ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ପୁଣି ଠିକ ୧୫ ଦିନ ପରେ ଆଶାଠାରୁ ବହୁତ କମ ଧାନ ଅମଳ ହେବା ଦେଖି ଶୁକ୍ରବାର ଜମିରେ ହିଁ ଟଳି ପଡିଥିଲେ ଆଉ ଜଣେ ଚାଷୀ। ତାଙ୍କୁ ପ୍ରଥମେ ଛତ୍ରପୁର ମେଡିକାଲ ପରେ ବ୍ରହ୍ମପୁର ପୁଣି ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ମୃତ ଚାଷୀ ହେଲେ ବିପୁଲିଙ୍ଗି ପଞ୍ଚାୟତ କତୁରୁ ଗ୍ରାମର ପି. ଈଶ୍ୱର ରେଡ୍ଡୀ(୭୧)। ଅଦିନିଆ ବର୍ଷାରେ ଫସଲ ନଷ୍ଟ ହୋଇଥିବାରୁ ସେ କିଛି ଦିନ ହେଲା ଚିନ୍ତାରେ ରହୁଥିଲେ। ଶୁକ୍ରବାର ଜମିରେ ଫସଲ ଅମଳ ବେଳେ ଆଶାଠାରୁ ବହୁତ କମ ହେବା ଦେଖି ସେଠାରେ ହିଁ ବାପା ଚେତାଶୂନ୍ୟ ହୋଇ ତଳେ ପଡିଯାଇଥିଲେ ବୋଲି ପି. ଈଶ୍ୱରଙ୍କ ପୁଅ ପି. ଚିତ୍ତରଞ୍ଜନ ରେଡ୍ଡୀ କହିଛନ୍ତି। ଈଶ୍ୱର ନିଜର ୩ ଏକର ଓ ଅନ୍ୟର ୨ ଏକର ଏପରି ମୋଟ ୫ ଏକର ଜମିରେ ଫସଲ କରିଥିଲେ। ବିପୁଲିଙ୍ଗି ବ୍ୟାଙ୍କ ଅଫ ଇଣ୍ଡିଆରୁ ୭୦ ହଜାର, ସମବାୟ ବ୍ୟାଙ୍କରୁ ୯୫ ହଜାର ଓ ହାତଉଧାରି ୧ ଲକ୍ଷ ଟଙ୍କା ଆଣି ଚାଷ କାମରେ ଲଗାଇଥିଲେ। କିପରି ଏହି ଋଣ ଶୁଝିବେ ସେହି ଚିନ୍ତାରେ ଈଶ୍ୱର ରହୁଥିଲେ ବୋଲି ଗ୍ରାମବାସୀ ଜି. ଘନଶ୍ୟାମ ରେଡ୍ଡୀ ଓ ଜି.ଦୁର୍ଯ୍ୟୋଧନ ରେଡ୍ଡୀ କହିଛନ୍ତି। ତେବେ ତାଙ୍କୁ ସମସ୍ତ ଋଣ ଛାଡ଼ ସହ ତାଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହେଉଛି। ଅନ୍ୟପକ୍ଷରେ ପରିବାର ପକ୍ଷରୁ ପ୍ରଶାସନକୁ ଏହି ମୃତ୍ୟୁ ଖବର ଅବଗତ କରାଯାଇ ନ ଥିବା ଜଣାପଡ଼ିଛି।

# ରେଲୱେ ଜମିରୁ ଜବରଦଖଲ ଉଚ୍ଛେଦ

## ■ ବସ୍ତିରେ ବୁଲିଲା ବୁଲ୍‌ଡୋଜର
## ■ ହଟିଲା ଆଜିର କର୍ଫ୍ୟୁ

ବାଲେଶ୍ୱର,୧୧।୧ (ବାଞ୍ଛାନିଧି ଦେ)


ଅରଡ଼ବଜାର ବସ୍ତି ଅଞ୍ଚଳରେ ଜବରଦଖଲ ଉଚ୍ଛେଦ।


ବାଲେଶ୍ୱର ସହରରେ ଥିବା ରେଲୱେ ଜମିରୁ ଶନିବାର ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଜିଲା ପ୍ରଶାସନ, ପୋଲିସ, ରେଲୱେ ଅଧିକାରୀ, ଆରପିଏଫ୍ ଫୋର୍ସଙ୍କ ଉପସ୍ଥିତିରେ ଏକାଧିକ ବୁଲ୍‌ଡୋଜର ଦ୍ୱାରା ଏହି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଦକ୍ଷିଣ ପୂର୍ବ ରେଳପଥର ତୃତୀୟ ଲାଇନ ପାଇଁ ଆବଶ୍ୟକ ରେଲୱେ ଜମିରେ ଦୀର୍ଘ ବର୍ଷ ଧରି ବେଆଇନ ଭାବେ ବସବାସ କରୁଥିବା ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ ପାଇଁ ବହୁବାର ପ୍ରୟାସ ହୋଇଥିଲା। ବାରମ୍ବାର ନୋଟିସ୍ ଦେଇ ସମୟସୀମା ଧାର୍ଯ୍ୟ ହେଉଥିଲେ ମଧ୍ୟ ଉଚ୍ଛେଦ ସମ୍ଭବପର ହେଉ ନ ଥିଲା। ଶୁକ୍ରବାର ରାତିରେ ଜିଲା ପ୍ରଶାସନ ପକ୍ଷରୁ ସହର ତଥା ସହର ଉପକଣ୍ଠ ଯାଦପୁର, ଅକ୍ତିଆରପୁର ଓ ଭାସ୍କରଗଞ୍ଜ ମୌଜାର ବିଭିନ୍ନ ସ୍ଥାନରେ ଜବରଦଖଲ ଉଚ୍ଛେଦ ପାଇଁ ଶନିବାର ଓ ରବିବାର ଦୁଇଦିନ ଭୋର୍ ୪ରୁ ରାତି ୧୦ଟା ପର୍ଯ୍ୟନ୍ତ କର୍ଫ୍ୟୁ ଲାଗୁ ହେବା ନେଇ ନିର୍ଦ୍ଦେଶନାମା ଜାରି ହୋଇଥିଲା।

ବିଶେଷ କରି ବାଲେଶ୍ୱର ସହର ଉପକଣ୍ଠ ଫୁଲାଡ଼ିଠାରୁ ରେଳ ଷ୍ଟେଶନ ପର୍ଯ୍ୟନ୍ତ ରେଳଧାରଣାର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ପାଇଁ ସ୍ଥାନୀୟ ଅଞ୍ଚଳରେ କର୍ଫ୍ୟୁ ଜାରି ହୋଇଥିବା ସୂଚନା ଦିଆଯାଇଥିଲା। ଶନିବାର ସକାଳେ ଆରମ୍ଭ ହୋଇଥିଲା ଉଚ୍ଛେଦ ପ୍ରକ୍ରିୟା। ରେଳଧାରଣାରୁ ୪୫ମିଟର ପର୍ଯ୍ୟନ୍ତ ଅଞ୍ଚଳରେ ମୋଟ୍ ୨୩୮ଟି ଘରୁ ପ୍ରାୟ ଦେଢ଼ହଜାର ଲୋକଙ୍କୁ ଉଚ୍ଛେଦ ପାଇଁ ଏକାଧିକ ଜେସିବି ବସ୍ତି ଭିତରକୁ ପଶିଥିଲା। ମେସିନ୍‌ଗୁଡ଼ିକ ଘର ଭାଙ୍ଗିବା ଆରମ୍ଭ କରିବା କ୍ଷଣି ଲୋକେ ଆସବାବପତ୍ର ବାହାର କରିବା ପାଇଁ କିଛି ସମୟ ମାଗିଥିଲେ। ପ୍ରଶାସନ ପକ୍ଷରୁ ଘଣ୍ଟାଏ ସମୟ ଦେବା ପରେ ପୁଣି ଆରମ୍ଭ ହୋଇଥିଲା ଉଚ୍ଛେଦ। ଗୋଟିଏ ପରେ ଗୋଟିଏ ଘର ମାଟିରେ ମିଶିଯିବା ସହିତ ସମ୍ପୃକ୍ତ ଜମିକୁ ସମତୁଲ କରାଯାଇଥିଲା। ଉଚ୍ଛେଦ ହେବାକୁ ଥିବା ଅଞ୍ଚଳରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ପାଇଁ ଟିପିଏନ୍‌ଓଡ଼ିଏଲ୍‌ର ୩ଟି ସେକସନର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ହୋଇଥିଲେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ପାଇଁ ଉଚ୍ଛେଦ ଅଞ୍ଚଳରେ ଦୁଇଟି ଆମ୍ବୁଲାନ୍ସକୁ ସଜାଗ ରଖାଯାଇଥିଲା। ୨୫ ମାଜିଷ୍ଟ୍ରେଟଙ୍କ ସହ ଆଇନଶୃଙ୍ଖଳା ପରିସ୍ଥିତିରେ ମୁକାବିଲା ପାଇଁ ଆଡିଶନାଲ ଏସ୍‌ପି ଦିବ୍ୟଜ୍ୟୋତି ଦାସ, ସିଟି ଡିଏସ୍‌ପି ଶୁଭ୍ରାଂଶୁ ଶେଖର ନାୟକ, ସହଦେବଖୁଣ୍ଟା ଥାନା ଅଧିକାରୀ ଜୟନ୍ତ ବେହେରା ଓ ଟାଉନ୍ ଥାନା ଅଧିକାରୀ ଅଶୋକ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଅନ୍ୟ ୨ଜଣ ଡିଏସ୍‌ପି, ୧୦ଜଣ ଇନ୍ସପେକ୍ଟର, ୨୦ ଜଣ ଏସ୍‌ଆଇ ଓ ଏଏସ୍‌ଆଇ ଏବଂ ୪ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ରେଲୱେ ଜମିରୁ ଜବରଦଖଲ ଉଚ୍ଛେଦ ହେଉଥିବାରୁ ଆରପିଏଫ୍ ଫୋର୍ସ ଉପସ୍ଥିତ ଥିଲେ।

ଏନେଇ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ତଥା ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ କହିଛନ୍ତି, ରେଲୱେ ଜମିରେ ଜବରଦଖଲ କରି ରହିଥିବାରୁ ଉଚ୍ଛେଦ ହୋଇଥିବା ବସ୍ତି ବାସିନ୍ଦାଙ୍କୁ ଅନ୍ୟତ୍ର ଥଇଥାନର ଯୋଜନା ନାହିଁ। ତେବେ ପରବର୍ତ୍ତୀ ସମୟରେ ସେମାନେ ଆବେଦନ କଲେ ସେମାନଙ୍କୁ ନିୟମାନୁଯାୟୀ ବାସୋପଯୋଗୀ ସ୍ଥାନ ଯୋଗାଇବା ଲାଗି ବିଚାର କରାଯିବ। ଏଥିସହ ୧୨ ତାରିଖ ରବିବାର ପାଇଁ ଲାଗୁ ହୋଇଥିବା କର୍ଫ୍ୟୁ ନିର୍ଦ୍ଦେଶନାମା ପ୍ରତ୍ୟାହାର କରଯାଇଥିବା କହିଛନ୍ତି।

# ଅଦରକାରୀ କାଗଜରେ ସୌଖୀନ ସାମଗ୍ରୀ

## ସ୍ୱାବଲମ୍ବୀ ହୋଇଛନ୍ତି ୨୦ରୁ ଊର୍ଦ୍ଧ୍ୱ ମହିଳା


ଅଦରକାରୀ କାଗଜରେ ନିର୍ମିତ କାରୁକାର୍ଯ୍ୟ।



ମହିଳାମାନେ ସୌଖୀନ ସାମଗ୍ରୀ ତିଆରି କରୁଛନ୍ତି।

ଆନନ୍ଦପୁର,୧୧।୧ (ସୁଶାନ୍ତ କୁମାର ସାହୁ)

ରୋଜଗାରର ମାଧ୍ୟମ ସାଜିଛି ଅଦରକାରୀ କାଗଜ। ଅଦରକାରୀ କାଗଜରେ ଭଳିକି ଭଳି ଆକର୍ଷଣୀୟ ଦେବଦେବୀଙ୍କ ମୂର୍ତ୍ତି, ଫୁଲକୁଣ୍ଡ, ପେନ୍‌ଷ୍ଟାଣ୍ଡ ସହ ଅନେକ ସୌଖିନ ସାମଗ୍ରୀ ତଥା କଳାକୃତି ତିଆରିକରି ୨୦ରୁ ଊର୍ଦ୍ଧ୍ୱ ମହିଳା ଆତ୍ମନିର୍ଭରଶୀଳ ହୋଇଛନ୍ତି। ନିଜର କଳାକୃତି ବିଭିନ୍ନ ମେଳା, ସରକାରଙ୍କ ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକ୍ରିକରି ଅର୍ଥ ଉପାର୍ଜନ କରୁଛନ୍ତି। ନିଜେ ସ୍ୱାବଲମ୍ବୀ ହୋଇ ପରିବାର ଚଳାଇବାରେ ସହାୟକ ହୋଇପାରିଛନ୍ତି କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅଳତି ମା'ତାରିଣୀ ପ୍ରଡ୍ୟୁସର ଗ୍ରୁପ୍‌ର ମହିଳାମାନେ।

ପ୍ରକାଶ ଯେ, ଅଳତିର ମିନତୀ ସାହୁ ପ୍ରଥମେ କାଗଜ ମୁଖା ତିଆରି କରୁଥିଲେ। ପରେ ତାଙ୍କ ନେତୃତ୍ୱରେ ୨୦ ଜଣ ମହିଳା ଏହି କାର୍ଯ୍ୟରେ ସାମିଲ ହୋଇଛନ୍ତି। ରାଜ୍ୟ ହସ୍ତ ଶିଳ୍ପ ନିର୍ଦ୍ଦେଶାଳୟ ତରଫରୁ ଜିଲା ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ ସଂଯୋଜନାରେ ବ୍ଲକ୍ ମିଶନ ଶକ୍ତି ସଂଘ ପକ୍ଷରୁ ୬ ମାସିଆ ପ୍ରଶିକ୍ଷଣ ନେଇଥିଲେ। ଅଦରକାରୀ କାଗଜରୁ ମଣ୍ଡ ତିଆରିକରି ସେଥିରୁ ବିଭିନ୍ନ ଦେବଦେବୀ ମୂର୍ତ୍ତି ସହ ଘର ସଜାଇବା ସାମଗ୍ରୀ ତିଆରି କରୁଛନ୍ତି। ସେଥିରେ ରଙ୍ଗ ଦେଇ ଆକର୍ଷଣୀୟକରି ବିକ୍ରି କରୁଛନ୍ତି। ମହିଳାମାନେ ଘର କାମ ସାରି ପରେ ଅଳ୍ପ ପରିଶ୍ରମରେ ଏହି କାମରୁ ଦି ପଇସା ରୋଜଗାର କରିପାରୁଥିବାରୁ ବେଶ୍ ଖୁସି ଥିବା କହିଛନ୍ତି। କାଗଜ ତିଆରି ଜିନିଷ ବିକ୍ରିବଟା କରିବାକୁ ଗ୍ରାମାଞ୍ଚଳରେ ବଜାର ସୁବିଧା ନ ଥିବାରୁ ଜିଲା ହସ୍ତଶିଳ୍ପ ସଂସ୍ଥାର ସୁପାରିସ କ୍ରମେ ଓର୍‌ମାସ୍ ସହାୟତାରେ ଜିଲା ତଥା ଜିଲା ବାହାରେ ବିଭିନ୍ନ ମେଳାରେ ଷ୍ଟଲ୍ ଲଗାଇ ବିକ୍ରିବଟା କରୁଛନ୍ତି। ସେଥିରୁ ଭଲ ଦି ପଇସା ରୋଜଗାର କରିପାରୁଛନ୍ତି। ମହିଳାଙ୍କ ହାତ ତିଆରି କାଗଜ ମୁଖାର ନିଖୁଣ କାରିଗରି ପାଇଁ ସବୁ ଆଡୁ ପ୍ରଶଂସା ମିଳୁଥିବା ବେଳେ ଅନେକ ସଂସ୍ଥା ପକ୍ଷରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଏହି କାର୍ଯ୍ୟ ଆଗେଇନେବାକୁ ବ୍ଲକ୍ ମିଶନ ଶକ୍ତି ସଂସ୍ଥା ପକ୍ଷରୁ ଗ୍ରୁପ୍‌କୁ ଋଣ ମଧ୍ୟ ଯୋଗାଇ ଦିଆଯାଇଥିବା ମହିଳାମାନେ କହିଛନ୍ତି। ଚଳିତ ବର୍ଷ ଜିଲାସ୍ତରୀୟ ଗୋନାସିକା ମହୋତ୍ସବରେ ନିଜ ହାତ ତିଆରି ଜିନିଷ ବିକ୍ରିବଟାକରି ଲାଭବାନ୍ ହୋଇଛନ୍ତି। ବୁଧବାର ଅଳତି ଗ୍ରାମରେ ଗ୍ରୁପ୍ ପକ୍ଷରୁ ଅନୁଷ୍ଠିତ ପ୍ରଶିକ୍ଷଣ ମେଳାରେ ଘସିପୁରା ବିଡିଓ ବିନିତା ବିଜୟିନୀ, ମିଶନ ଶକ୍ତି ସଂଯୋଜକ ଅଶ୍ୱିନୀ ଦାସ, ବିଏଲ୍‌ସି ସୌଭାଗିନୀ ଦାସ, ବବିତା ବେହେରା, ସ୍ଥାନୀୟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଶାଖା ପରିଚାଳକ ଆଲୋକ ଶତପଥୀ, ସରପଞ୍ଚ ଇଂ. ପ୍ରିୟବ୍ରତ ବରାଳ ପ୍ରମୁଖ ଉତ୍ସାହିତ କରିବା ସହ ଅଧିକ ମହିଳାଙ୍କୁ ସାମିଲ କରିବାକୁ ପରାମର୍ଶ ଦେଇଥିଲେ।

# ଜଙ୍ଗଲ ନିଆଁ ରୋକିବ ଏଆଇ ଟେକ୍ନୋଲୋଜି




ଭୁବନେଶ୍ୱର,୧୧।୧ (ଅନିଲ ଦାସ)

ରାଜ୍ୟର ବିଭିନ୍ନ ବନଖଣ୍ଡରେ ହେଉଥିବା ଜଙ୍ଗଲ ନିଆଁକୁ ରୋକିବାକୁ ରାଜ୍ୟ ସରକାର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଜ୍ଞାନ କୌଶଳ ଉପଯୋଗ କରିବେ। ଗ୍ରୀଷ୍ମଦିନରେ ହେଉଥିବା ବନାଗ୍ନିକୁ ରୋକିବା ପାଇଁ ରାଜ୍ୟ ସରକାର ସମଗ୍ର ରାଜ୍ୟର ବିଭିନ୍ନ ଜଙ୍ଗଲରେ ଏଆଇ କ୍ୟାମେରା ଲଗାଇଛନ୍ତି। ଏହା ବ୍ୟବହାର ହେଲେ ଜଙ୍ଗଲରେ ହୋଇଥିବା ଅଗ୍ନିକାଣ୍ଡକୁ ଟ୍ରାକ୍ କରି ଶୀଘ୍ର ଆୟତ୍ତ କରିବା ସହ ଜୀବଜନ୍ତୁଙ୍କ ସୁରକ୍ଷା ଯୋଗାଇବା ଦିଗରେ କାର୍ଯ୍ୟ କରିବ। ରାଜ୍ୟ ସରକାର ଜଙ୍ଗଲ ନିଆଁକୁ ଆୟତ୍ତ କରିବା ପାଇଁ ପୂର୍ବରୁ ଅନେକ ପଦକ୍ଷେପ ନେଇଛନ୍ତି। ତେବେ ଆମ ସରକାର ଜଙ୍ଗଲରେ ହେଉଥିବା ଅଗ୍ନିକାଣ୍ଡକୁ ରୋକିବାକୁ ଏଆଇ କ୍ୟାମେରା ବିଭିନ୍ନ ସ୍ଥାନରେ ଲଗାଇବା ସହ ସ୍ୱତନ୍ତ୍ର ସ୍କ୍ୱାଡକୁ ମଧ୍ୟ ବିନିଯୋଗ କରିଛନ୍ତି। ଏଥିସହିତ ରାଜ୍ୟ ସରକାର ନିୟମିତ ପରିସ୍ଥିତିର ତଦାରଖ କରୁଛନ୍ତି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି।

ଏଆଇ କ୍ୟାମେରା ଜଙ୍ଗଲ ନିଆଁ ବିଷୟରେ ଶୀଘ୍ର ସୂଚନା ଦେଇପାରିବ। ଏହାଦ୍ୱାରା ଲୋକ ଏବଂ ମେଶିନ ସହାୟତାରେ ନିଆଁକୁ ସହଜରେ ଆୟତ୍ତ କରାଯାଇପାରିବ।

୨୦୨୪ରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପାଇଁ ୧୦ଟି ଆଲ ଟେରାନ ଭେହିକିଲ(ଏଟିଭି) କ୍ରୟ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏହି ଯାନ କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ନେବା ଆଣିବାରେ ସହାୟତା କରିବ। କର୍ମଚାରୀମାନଙ୍କୁ ଦୁର୍ଗମ ଅଞ୍ଚଳକୁ ନେବା ସହିତ ଏଟିଭି ନିଆଁ ଲିଭାଇବା ପାଇଁ ବ୍ୟବହୃତ ଯନ୍ତ୍ରପାତିକୁ ମଧ୍ୟ ପରିବହନ କରିପାରିବ। ଏହାଛଡ଼ା ଜଙ୍ଗଲ ବିଭାଗ ମଧ୍ୟ ଭେରି ସ୍ମଲ ଆପାରେଚୁର ଟର୍ମିନାଲ ଟେକ୍ନୋଲୋଜି (ଭିଏସ୍‌ଏଟି)ର ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଥିଲା। ଏହାଦ୍ୱାରା ଅଗ୍ନିକାଣ୍ଡ ବିଷୟରେ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ତୁରନ୍ତ ସୂଚନା ଦିଆଯାଇପାରିବ।

## ସଂକ୍ଷେପରେ

### ପ୍ରଥମ ଦିନରେ ୧୭୫ କୁଇଣ୍ଟାଲ ଧାନକିଣା

ସାବରଙ୍ଗ,୧୧।୧(କାଳୀପଦ ରାୟ)

ଭଦ୍ରକ ସଦର ବ୍ଲକ ଅଧୀନ ସାବରଙ୍ଗ ସେବା ସମବାୟ ସମିତିରେ ଶୁକ୍ରବାର ଧାନକିଣା ଆରମ୍ଭ ହୋଇଛି। ପ୍ରଥମ ଦିନରେ ୧୭୫ କୁଇଣ୍ଟାଲ କିଣାଯାଇଛି। ସଭାପତି ପ୍ରମୋଦ ଦାସ, ସମ୍ପାଦକ ଚକ୍ରଧର ନାୟକ, ଧାନକ୍ରୟ କମିଟି ସଦସ୍ୟ ଅନିରୁଦ୍ଧ ନାୟକ, ସପନ ବଳ, ଚାଷୀ ଶୀତିକଣ୍ଠ ମଲ୍ଲିକ, ଦାଶରଥି ସାହୁ, ରାଜେନ୍ଦ୍ର ବାରିକ, ଆର୍‌ଏମ୍‌ସିର କ୍ୱାଲିଟି ଆନାଲାଇଜର ଜ୍ୟୋତ୍ସ୍ନାରାଣୀ ସାହୁ, ସାହାଡ଼ା ସେବା ସମବାୟ ସମିତି ସମ୍ପାଦକ ପ୍ରିୟରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସାବରଙ୍ଗ ଓ ଏରଡ଼ା ପଞ୍ଚାୟତର ୧୩ଶହ ଚାଷୀ ଧାନ ବିକ୍ରି ପାଇଁ ଅନ୍‌ଲାଇନ ପଞ୍ଜୀକରଣ କରିଛନ୍ତି।

# କୁଇଣ୍ଟାଲ ପିଛା କାଟୁଛନ୍ତି ୮ କେଜି ଧାନ

**ସରକାରୀ ନିର୍ଦ୍ଦେଶକୁ ବେଖାତିର**

■ ମିଲରଙ୍କ ମନମାନୀରେ ମଣ୍ଡିରେ ଧାନକ୍ରୟ ଅଭିଯୋଗ

ବନ୍ତ,୧୧।୧(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକରେ ସରକାରୀ ନିର୍ଦ୍ଦେଶକୁ ବେଖାତିର କରାଯାଉଛି। ମିଲରଙ୍କ ମନମାନୀରେ ମଣ୍ଡିରେ ଧାନ କିଣାଯାଉଛି। ଚାଷୀମାନଙ୍କଠାରୁ କୁଇଣ୍ଟାଲ ପିଛା ୮ କେଜି ଧାନ କଟ୍‌ନି କରାଯାଉଥିବା ଅଭିଯୋଗ ହେଉଛି।

ରାଜ୍ୟ ସରକାର କୃଷି ଓ କୃଷକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଏଥର ଖରିଫ୍ ଧାନ କୁଇଣ୍ଟାଲ ୩୧ଶହ ଟଙ୍କା ଦର ଧାର୍ଯ୍ୟ କରିଛନ୍ତି। କୌଣସି ମଣ୍ଡିରେ କଟ୍‌ନି ଛଟ୍‌ନି ନ କରିବାକୁ ସରକାର କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାସତ୍ତ୍ୱେ ବନ୍ତ ବ୍ଲକରେ ଖୋଲା ଯାଇଥିବା ମଣ୍ଡିରେ କଟ୍‌ନି ଛଟ୍‌ନି ଆରମ୍ଭ ହୋଇଯାଇଛି। ଗତ ୫ ତାରିଖଠାରୁ ବ୍ଲକର ୧୦ ସେବା ସମବାୟ ସମିତି ଓ କେତେକ ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ମଣ୍ଡି ଖୋଲାଯାଇଛି। ଶୁକ୍ରବାରଠାରୁ କେତେକ ମଣ୍ଡିରେ ଧାନ କିଣା ଆରମ୍ଭ ହୋଇଯାଇଛି। ଏସବୁ ମଣ୍ଡିରେ ଚାଷୀମାନଙ୍କଠାରୁ ବେସରକାରୀ ଭାବେ କୁଇଣ୍ଟାଲ ପିଛା ୮ କେଜି ଧାନ କଟ୍‌ନୀ କରାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ମିଲରମାନେ ଏଫ୍‌ଏକ୍ୟୁ ମାନର ଧାନ ଦିଅ ନ ହେଲେ ୮ କି.ଗ୍ରା. କଟ୍‌ନୀ କରିବାକୁ ଜିଦ୍ ଧରି ବସିବାରୁ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି କେତେକ ମଣ୍ଡି ଦାୟିତ୍ୱରେ ଥିବା ଅଧିକାରୀ ନିଜର ନାମ ଗୋପନ ରଖି କହିଛନ୍ତି। ଶେଷରେ ଧାନକ୍ରୟ କମିଟି ଓ ସମିତି ପକ୍ଷରୁ ନିଷ୍ପତ୍ତି ହୋଇ ମିଲରଙ୍କ ଜିଦ୍‌କୁ ମାନି ନେଇଥିବା ଜଣାଯାଇଛି। ରାଜ୍ୟ ସରକାର କଟ୍‌ନି ଛଟ୍‌ନିକୁ ବନ୍ଦ କରିଥିବା ବେଳେ ମିଲରମାନେ ନିଜ ମନମାନୀରେ ଧାନ କିଣୁଥିବା ଦେଖାଯାଇଛି।

ବାତ୍ୟା 'ଦାନା' ଓ ଅଦିନିଆ ବର୍ଷାରେ ଜିଲାରେ ଶତାଧିକ ଏକର ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏବେ ମିଲରମାନଙ୍କ ରାଜ୍ ସମଗ୍ର ବ୍ଲକରେ ଚାଷୀମାନଙ୍କ ଚିନ୍ତା ବଢ଼ାଇ ଦେଇଛି। ମିଲରମାନଙ୍କ କଥାରେ ସମିତି ଓ ଧାନକ୍ରୟ କମିଟି ଉପରକୁ ହାତ ଟେକି ଦେଇଥିବାରୁ ଚାଷୀମାନେ ବିଶେଷ ଭାବେ କ୍ଷତି ସହୁଛନ୍ତି ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ସେହିପରି ଅନ୍ୟ କେତେକ ମଣ୍ଡିରେ ମିଲରମାନଙ୍କ ସହ ଆଲୋଚନା ସଫଳ ହୋଇପାରି ନ ଥିବାରୁ ଧାନ କିଣାରେ ବିଳମ୍ବ ଦେଖାଯାଇଛି। କଟ୍‌ନି ଛଟ୍‌ନିକୁ ନେଇ ବ୍ଲକ ଯୋଗାଣ ଅଧିକାରୀ ଶ୍ରଦ୍ଧାଞ୍ଜଳି ମଲ୍ଲିକଙ୍କୁ ପଚାରିବାରୁ ସେମିତି କିଛି ହେଉନାହିଁ ବୋଲି କହିଛନ୍ତି। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

## ବୁଢ଼ୀ ଜାଗୁଲାଇ ସାଂସ୍କୃତିକ ପରିଷଦ ସମ୍ବର୍ଦ୍ଧିତ



ସମ୍ବର୍ଦ୍ଧିତ ହୋଇଥିବା ପରିଷଦର କର୍ମକର୍ତ୍ତା।

ଧାମନଗର,୧୧।୧(ସନ୍ତୋଷ କୁମାର ମହାପାତ୍ର):

ପୁରୀ ବଡ଼ଦାଣ୍ଡଠାରେ ଶ୍ରୀ ନୀଳାଚଳ ନିଖିଳ ଉତ୍କଳ ପାଲାଗାୟକ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ୪୭ତମ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀରେ ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଭଗବାନପୁର ଗ୍ରାମର ସର୍ବପୁରାତନ ପାଲା ଅନୁଷ୍ଠାନ ମା' ବୁଢ଼ୀ ଜାଗୁଲାଇ ସାଂସ୍କୃତିକ ପରିଷଦକୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ସଭାପତିଙ୍କ ସମେତ ସମ୍ପାଦକ ସୋମନାଥ ଶଙ୍ଖୁଆ, ସଦସ୍ୟ ସଦାନନ୍ଦ ପତି, ଦିବାକର ମହାପାତ୍ର, ଶମ୍ଭୁନାଥ ସାହୁ, ଅନାଦି ଲେଙ୍କା, ଲକ୍ଷ୍ମୀଧର ଲେଙ୍କା, ବିଦ୍ୟାଧର ପାତ୍ର, ଦୁର୍ଯ୍ୟୋଧନ ଲେଙ୍କା, ଭାବଗ୍ରାହୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ମୁଖ୍ୟଅତିଥି ଭାବେ କଟକ ବଡ଼ ମେଡିକାଲର ସ୍ନାୟୁବିଭାଗ ଡା. ରବିନାରାୟଣ ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପାଲଗାୟକ ପରିଷଦର କାର୍ଯ୍ୟକାରୀ ସଭାପତି ଗାୟକ ସିଦ୍ଧାଦର୍ଶୀ ମଦନ ମୋହନ ଜେନା, ରାଜ୍ୟ କଳାକାର କଲ୍ୟାଣ ପାଣ୍ଠିର ଅଧ୍ୟକ୍ଷ ଗାୟକ ସୁଧାକର ଯୁଧିଷ୍ଠିର ପରିଜା, ପାଲା ସମୀକ୍ଷକ ପଣ୍ଡିତ ପରମାନନ୍ଦ ତ୍ରିପାଠୀଙ୍କ ସମେତ ବହୁ କର୍ମକର୍ତ୍ତା ଓ ଗାୟକ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲାର ମୋଟ ୨୨ଟି ପାଲା ମଞ୍ଚ ସହ ବିଶିଷ୍ଟ ଗାୟକ, ବାୟକ ଓ ପାଳିଆମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଗାୟକ ଶିବପ୍ରସାଦ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଜବରଦଖଲରେ ଗ୍ରାମଦେବତୀଙ୍କ ବିଜେସ୍ଥଳୀ

**ହୋଇପାରୁନି ଉନ୍ନୟନ କାର୍ଯ୍ୟ**

ଭଦ୍ରକ,୧୧।୧(ସନାତନ ରାଉତ):

ଚାନ୍ଦବାଲି ବ୍ଲକ ଅଧୀନ ଚଷାଖଣ୍ଡ ଗ୍ରାମର ବୁଢ଼ୀଜାଗୁଲାଇ ଗ୍ରାମଦେବତୀଙ୍କ ବିଜେସ୍ଥଳୀରେ ଥିବା ଜମି ଜବରଦଖଲରେ ଥିବାରୁ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନାହିଁ। ଏନେଇ ଗ୍ରାମବାସୀ ଏବଂ ଠାକୁରାଣୀ କମିଟି ସଦସ୍ୟମାନେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗ୍ରାମଦେବତୀଙ୍କ ନାମରେ ୫ ଏକର ଚାଷଜମି ସହ ସେବାୟତଙ୍କ ରହିବା ପାଇଁ ଘରବାଡ଼ି କିସମର ୪୫ ଡିସିମିଲ ଜମି ମଧ୍ୟ ରହିଛି। କିନ୍ତୁ ସେଠାରେ ସେବାୟତମାନେ ନ ରହି ଠାକୁରାଣୀ ବିଜେ ହୋଇଥିବା ସ୍ଥାନରେ ୪୫ ଡିସିମିଲ ଜମିକୁ ଜବରଦଖଲରେ ରଖିଥିବାରୁ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଗ୍ରାମବାସୀ ବହୁ ପରିଶ୍ରମ କରି ୬୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ମନ୍ଦିର ପୂର୍ଣ୍ଣାଙ୍ଗ କରିଛନ୍ତି। କିନ୍ତୁ ସେବାୟତମାନେ ସେଠାରେ ଜବରଦଖଲ କରି ରହିଥିବାରୁ ଠାକୁରାଣୀଙ୍କ ରୋଷେଇଶାଳ, ଯଜ୍ଞ ଗୃହ ଓ ଭଣ୍ଡାର ଘର ତିଆରି କରାଇ ଦେଉନାହାନ୍ତି। ଏନେଇ ଗ୍ରାମର ରମେଶ ସାମଲ, ଶରତ ବେହେରା, ସୁଦର୍ଶନ ନାୟକ, ବାବୁରାମ ପାଣିଗ୍ରାହୀ, ବନମାଳୀ ନାୟକ, ଉମାକାନ୍ତ ନାୟକ, ରମାକାନ୍ତ ମଲ୍ଲିକ, ମୁକ୍ତିକାନ୍ତ ବେହେରା, ଶରତ ସାହୁ ପ୍ରମୁଖ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରି ଏହାର ସମାଧାନ ଦାବି କରିଛନ୍ତି।

## 'ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିଥାଏ ଶିକ୍ଷା ପ୍ରଦୀପ'

**ଆରସା ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ସମାରୋହର ୨ୟ ଦିବସ**

ତିହିଡ଼ି,୧୧।୧(ସଞ୍ଜିତ ବଳ)

ଆଲୋକ ବର୍ତ୍ତିକା ସଦୃଶ ହୋଇଥାଏ ଶିକ୍ଷାନୁଷ୍ଠାନ। ଶିକ୍ଷା ପ୍ରଦୀପ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିଥାଏ ବୋଲି ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଆରସା ସରକାରୀ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ସମାରୋହର ୨ୟ ଦିବସର ସାନ୍ଧ୍ୟ ଅଧିବେଶନରେ ମୁଖ୍ୟଅତିଥି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ପୁରାତନ ଛାତ୍ରୀଛାତ୍ର ଏବଂ ସୁବର୍ଣ୍ଣ ଜୟନ୍ତୀ କମିଟି ପକ୍ଷରୁ ଶନିବାର ଅପରାହ୍ନରେ ଅନୁଷ୍ଠିତ ଏହି ସମାରୋହରେ କମିଟିର ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଶିକ୍ଷା ହିଁ ଜୀବନର ମୂଳମନ୍ତ୍ର ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ଅଭିନେତ୍ରୀ ବିଦ୍ୟୁସ୍ମିତା ଦାଶମନ୍ତ୍ରୀ ଓ ହିମାଂଶୁ ଭୂଷଣ ଖଟୁଆ ଯୋଗ ଦେଇଥିଲେ। ପୂର୍ବାହ୍ନରେ ସ୍କୁଲ ପରିଚାଳନା କମିଟି ସଭାପତି ରାଜେଶ କୁମାର ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ ଓ ବରେଣ୍ୟ ଅତିଥି ଭାବେ ବିଡିଓ ଜ୍ୟୋତିର୍ମୟ କର, ଅଗ୍ନି ନିର୍ବାପକ ଅଧିକାରୀ ଅନନ୍ତ ପ୍ରସାଦ ବେହେରା, ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ଭାଗୀରଥି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।



ସୁବର୍ଣ୍ଣ ଜୟନ୍ତୀ ସାନ୍ଧ୍ୟ ଅଧିବେଶନରେ ଉପସ୍ଥିତ ଅତିଥି।

ଏହି ଅବସରରେ ପ୍ରତ୍ୟେକ ବ୍ୟାଚ୍‌ରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟ ନିର୍ବାହୀ ସଦସ୍ୟ ସୁଧାଂଶୁ ଶେଖର ନାୟକ ଧନ୍ୟବାଦ ଦେଇଥିଲେ। ଖୋର୍ଦ୍ଧାର ପାଇକ ଆଖଡ଼ା, ଛାତ୍ରୀମାନଙ୍କ ନୃତ୍ୟ, ବାଲେଶ୍ୱରର ଶିଳ୍ପୀ କେଶୁ ଦାଶ ଓ ଭଦ୍ରକର ଚୂଡ଼ାମଣି ଦାଶଙ୍କ ଚିତ୍ର ପ୍ରଦର୍ଶନୀ ବେଶ୍ ମନ୍ତ୍ରମୁଗ୍ଧକର ହୋଇଥିଲା। ପାଇକମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମିଡିଆ ସଂଯୋଜକ ତ୍ରିଲୋଚନ ଗୌତମ, ଜ୍ୟୋତିର୍ମୟ ପାଣ୍ଡବ, ସୁଧାଂଶୁ ନାୟକ, ସୁରେଶ ମହାପାତ୍ର, କ୍ଷମାମୟ ପାଣ୍ଡବ, ଗୌରହରି ମହାନ୍ତି, ଅଜିତାଭ ସ୍ୱାଇଁ, ରତିକାନ୍ତ ଦାଶ, ଉମାକାନ୍ତ ଦାଶ, ସୁଧାଂଶୁ ନାୟକ, ଧୀରେନ୍ଦ୍ର ସାହୁ, ସୁମନ୍ତ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମଣ୍ଡିରେ ଧାନର ମାନ ଦେଖିଲେ ଜିଲାପାଳ

ବାସୁଦେବପୁର,୧୧।୧ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ଶନିବାର ବାସୁଦେବପୁର ବ୍ଲକର ନରସିଂହପୁରସ୍ଥିତ ବରଣ୍ଡୁଆ ସେବା ସମବାୟ ସମିତିରେ ମଣ୍ଡିରେ ଚାଷୀଙ୍କ ଧାନର ମାନ ଦେଖିଛନ୍ତି। ଚାଷୀଙ୍କ ଧାନକୁ କଟ୍‌ନୀ ଛଟ୍‌ନୀ ନ କରି ସେମାନଙ୍କୁ ଧାର୍ଯ୍ୟ ସରକାରୀ ପ୍ରାପ୍ୟ ପ୍ରଦାନ କରିବାକୁ କହିଛନ୍ତି। ଧାନର ମାନ କ'ଣ ଅଛି ତାହା ନିରୂପଣ ପାଇଁ ଜିଲାସ୍ତରୀୟ ଯାଞ୍ଚ କମିଟିରେ ଚାଷୀଙ୍କ ଧାନ ସାମ୍ପୁଲ ପହଞ୍ଚାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସମିତି ସଭାପତି ତଥା ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡିଓ ସଞ୍ଜୀବ ସାହୁ, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ଯୋଗାଣ ଅଧିକାରୀ ମଧୁସ୍ମିତା ସେନାପତି, ସେବା ସମବାୟ ସମିତି ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ସମିତିସଭ୍ୟ ତଥା ଚାଷୀ କମିଟି ସଦସ୍ୟ ରମାକାନ୍ତ ଦାଶଙ୍କ ସହ ଅଗ୍ରଣୀ ଚାଷୀ ଓ ଚାଷୀ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। ଚାଷୀ ଓ ଚାଷୀ କମିଟିର ଅଭିଯୋଗକୁ ଜିଲାପାଳ ଶୁଣି ଧାନକ୍ରୟ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କହିଥିଲେ। ସେହିପରି ଜିଲାପାଳ ମଧ୍ୟାହ୍ନରେ ରାଜଘରପୋଖରୀସ୍ଥିତ ବାଲିମେଦ ସେବା ସମବାୟ ସମିତିର ଧାନକିଣା କାର୍ଯ୍ୟ ତଦାରଖ କରିଥିଲେ। ଏଥିସହ ସମ୍ପାଦକ ଶ୍ରୀଧର ନାୟକ, ବିଡିଓ, ତହସିଲଦାର ଓ ଯୋଗାଣ ଅଧିକାରୀଙ୍କ ସହ ଧାନକିଣା ବାବଦରେ ଜିଲାପାଳ ଆଲୋଚନା କରିଥିଲେ।

## ନିର୍ମାଣାଧୀନ ଗୋଶାଳା ପରିଦର୍ଶନ କଲେ ମନ୍ତ୍ରୀ



ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଅସୁରାଳିଠାରେ ନିର୍ମାଣାଧୀନ ଗୋଶାଳା ପରିଦର୍ଶନ କରୁଛନ୍ତି।

ଧାମନଗର,୧୧।୧ (ସନ୍ତୋଷ କୁମାର ମହାପାତ୍ର)

ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଶନିବାର ଧାମନଗର ବ୍ଲକର ଅସୁରାଳିଠାରେ ନିର୍ମାଣାଧୀନ ଗୋଶାଳା ପରିଦର୍ଶନ କରିଛନ୍ତି। ଏଥିସହ ଗୋଶାଳାର ଉନ୍ନତୀକରଣ ନିମନ୍ତେ ସମୀକ୍ଷା କରିଛନ୍ତି। ଅସୁରାଳି ନିକଟସ୍ଥ ସ' ମିଲ୍ ଛକଠାରେ ପ୍ରାୟ ୫ ଏକର ସରକାରୀ ଜମିରେ ଏକ ସ୍ଥାୟୀ ଗୋଶାଳା ଗୃହ ନିର୍ମାଣ କରାଯାଉଛି। ଏହା ପୂର୍ବରୁ ମଧ ମନ୍ତ୍ରୀ ଅନେକ ଥର ଉକ୍ତ ନିର୍ମାଣାଧୀନ ଗୋଶାଳାର କାର୍ଯ୍ୟ ତ୍ୱରାନିତ ନେଇ କ୍ଷେତ୍ର ପରିଦର୍ଶନ କରିଥିଲେ। ପୋଷଣ, ପର୍ଯ୍ୟାବରଣ ସନ୍ତୁଳନ ଓ ଆଧାତ୍ମିକ ଶାନ୍ତି ପ୍ରଦାନ କରୁଥିବା ଗୋମାତାଙ୍କ ସେବା ପ୍ରତ୍ୟେକ ବ୍ୟକ୍ତିଙ୍କ କର୍ତ୍ତବ୍ୟ। ଗୋସେବା ମାଧ୍ୟମରେ ଆମ ସାଂସ୍କୃତିକ ମୂଲ୍ୟବୋଧକୁ ରକ୍ଷା କରିବା ସହ ପ୍ରକୃତି ଓ ମାନବତା ମଧ୍ୟରେ ସମନ୍ୱୟ ବଜାୟ ରଖିପାରିବା ବୋଲି ମନ୍ତ୍ରୀ କହିଥିଲେ। ନିର୍ମାଣକାର୍ଯ୍ୟ ତ୍ୱରାନ୍ୱିତ ସମ୍ପର୍କରେ ମନ୍ତ୍ରୀ ଧାମନଗର ତହସିଲଦାର ଦୀପକ କୁମାର ଦାସ ଏବଂ ବିଡିଓ ବନବିହାରୀ ଦିଣ୍ଡାଙ୍କ ସହ ଆଲୋଚନା କରିଥିଲେ। ଭାଜପା ଜିଲା ସାଧାରଣ ସମ୍ପାଦକ ମନୋରଞ୍ଜନ ମଲ୍ଲିକ, ବରିଷ୍ଠ ଭାଜପା ନେତା ବୁଦ୍ଧଦେବ ଜେନା, ଅରବିନ୍ଦ ପତି, ଅଜୟ ବଳ, ସରପଞ୍ଚ ସରୋଜ ସ୍ୱାଇଁ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର କୁମାର ସାହୁ, ଗୟାଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୧୭ ଦିବ୍ୟାଙ୍ଗଙ୍କୁ ବଣ୍ଟାଗଲା ଇ-ରିକ୍ସା

ଭଦ୍ରକ,୧୧।୧(ସନାତନ ରାଉତ)

ଭଦ୍ରକ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଜରିଆରେ ଜିଲା ପ୍ରଶାସନ ପକ୍ଷରୁ ଶନିବାର ୧୭ ଦିବ୍ୟାଙ୍ଗଙ୍କୁ ୧୭ଟି ଇ-ରିକ୍ସା ପ୍ରଦାନ କରାଯାଇଛି। ଜିଲା କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଜିଲାପାଳ ଦିଲୀପ ରାଉତରାଏ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଇ-ରିକ୍ସା ମାଧ୍ୟମରେ ଯାତ୍ରୀ ପରିବହନ କରି ସମ୍ପୃକ୍ତ ଦିବ୍ୟାଙ୍ଗମାନେ ଆତ୍ମନିର୍ଭରଶୀଳ ଓ ସଶକ୍ତ ହେବା ସହ ପାରିବାରିକ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସରକାରଙ୍କ ଲକ୍ଷ୍ୟ ବୋଲି କହିଥିଲେ। ରିକ୍ସା ଚାଳନା କ୍ଷେତ୍ରରେ ସଦାସର୍ବଦା ସତର୍କତା ଅବଲମ୍ବନ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ସମ୍ପୂର୍ଣ୍ଣ ଭାବେ ଅଭ୍ୟାସ ପରେ ଯାତ୍ରୀ ପରିବହନ କରିବାକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର ଦାସ ପରାମର୍ଶ ଦେଇଥିଲେ। ଭଦ୍ରକ ବ୍ଲକର ୪, ବାସୁଦେବପୁରର ୩, ଭଣ୍ଡାରିପୋଖରୀ ବ୍ଲକର ଜଣେ, ବନ୍ତର ୨, ଚାନ୍ଦବାଲିର ୩, ଧାମନଗରର ୨ ଓ ତିହିଡ଼ି ବ୍ଲକର ୨ ଦିବ୍ୟାଙ୍ଗଙ୍କୁ ଇ-ରିକ୍ସା ବଣ୍ଟନ କରାଯାଇଛି। ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଜିଲାସ୍ତରୀୟ ଅଧିକାରୀ ଓ ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।



ଇ-ରିକ୍ସା ବଣ୍ଟନ କାର୍ଯ୍ୟକ୍ରମରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ।

## 'ଶିକ୍ଷା, କ୍ରୀଡ଼ା ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ'



ଜଣେ ଛାତ୍ର କ୍ରୀଡ଼ା ମଶାଲ ଧରି ସ୍ୱାଗତ କରୁଥିବାବେଳେ ଉପସ୍ଥିତ ବିଦ୍ୟାର୍ଥୀ ଓ ଅନ୍ୟମାନେ।

ଧୂଷୁରୀ,୧୧।୧(ଦୀପ୍ତିରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକ ସୁନ୍ଦରପୁର ପଞ୍ଚାୟତର କୁଲେଇପଦା ପଡ଼ିଆରେ ମଠଡିହ ତଥାସ୍ତୁ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଗୁରୁମା ଗୁରୁଜୀ ଓ ଛାତ୍ରୀଛାତ୍ର କ୍ରୀଡ଼ା ମଶାଲ ଜାଳି ମଠଡିହ ବଜାର ପରିକ୍ରମା କରିଥିଲେ। ଯୁବ କ୍ରୀଡ଼ାବିତ୍ ସନ୍ଦୀପ ନାୟକ, ସିଆର୍‌ସିସି ଦିଲୀପ ଶେଖର ନାୟକ, ଶିକ୍ଷାବିତ୍ ମିହିର କୁମାର ନାୟକ, କ୍ରୀଡ଼ା ଶିକ୍ଷକ ସୁଶାନ୍ତ କୁମାର ବିଶ୍ୱାଳ, ଅନୁଷ୍ଠାନ ସମ୍ପାଦକ ନିରାକାର ନାୟକ, ସଭାପତି ପ୍ରଦୀପ କୁମାର ନାୟକ, ଉପସଭାପତି ପ୍ରକାଶ ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷା ଓ କ୍ରୀଡ଼ା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ମତବ୍ୟକ୍ତ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରଧାନ ଆଚାର୍ଯ୍ୟା ଅନ୍ନପୂର୍ଣ୍ଣା ନାୟକଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ କ୍ରୀଡ଼ା ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ଦୀପକ ନାୟକ ଓ ନିରୂପମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶହୀଦ ପୂର୍ଣ୍ଣଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ଅନାବରଣ

**ସ୍ମୃତିଭବନ ଉଦ୍‌ଘାଟିତ**

ବାସୁଦେବପୁର,୧୧।୧ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ରାଜଘରପୋଖରୀ ହାଇସ୍କୁଲ ପଡ଼ିଆରେ ଶହୀଦ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ୧୨ତମ ସ୍ମୃତି ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିବା ଅବସରରେ ଦେଶମାତୃକା ରକ୍ଷା ଓ ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ଯବାନମାନଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଶହୀଦ ପୂର୍ଣ୍ଣଚନ୍ଦ୍ରଙ୍କ ସାହସ ଓ ତ୍ୟାଗପୂତ ଜୀବନକୁ ଛାତ୍ରୀଛାତ୍ର, ଯୁବସମାଜ ପାଥେୟ କରି କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ କହିଥିଲେ, ତ୍ୟାଗର ପଟାନ୍ତର ନାହିଁ, ସେମାନଙ୍କ ଆତ୍ମବଳିଦାନ କେବେ ଭୁଲିବା ନାହିଁ। ଶହୀଦ ନାୟକ ଏ ମାଟିର ବୀର ସନ୍ତାନ। ଅନ୍ୟତମ ଅତିଥି ଭାବେ ତ୍ୟାଗଭୂମି ସମ୍ମେଳନ ସଭାପତି ଅଜୟ ନାୟକ, ବିଡିଓ ସଞ୍ଜୀବ ସାହୁ, ତହସିଲଦାର ସୌଭାଗ୍ୟ ପଣ୍ଡା, ସରପଞ୍ଚ ଅରୁଣ ମହାନ୍ତି, ସମିତିସଭ୍ୟ ରମେଶ ଚନ୍ଦ୍ର ବଳ, ଅବସରପ୍ରାପ୍ତ ସୈନିକ ସଂଘ ସଭାପତି ଶରତ ନାୟକ, ଅତିରିକ୍ତ ତହସିଲଦାର ଅଜୟ ସାହୁ, ଇଂ. ଅଭୟ ସୂତାର, ସତ୍ୟରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ କୈଳାସ ଚନ୍ଦ୍ର ନାଥ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଶହୀଦ ନାୟକଙ୍କ ପ୍ରତିମୂର୍ତ୍ତିକୁ ବିଧାୟକ ଅନାବରଣ କରିଥିବା ବେଳେ ନିର୍ମିତ ସ୍ମୃତିଭବନକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। ତ୍ରିଲୋଚନ ରାୟ ଅତିଥି ପରିଚୟ ଓ ପ୍ରଭଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ସକାଳେ ଶହୀଦ ପୂର୍ଣ୍ଣଚନ୍ଦ୍ରଙ୍କ ଘରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।



ସ୍ମୃତି ସମାରୋହରେ ଉପସ୍ଥିତ ଅତିଥି।

## ଚାଷୀ, ଭାଗଚାଷୀଙ୍କଠାରୁ ପ୍ରତ୍ୟକ୍ଷ ଧାନକ୍ରୟ ଦାବି

ଭଦ୍ରକ,୧୧।୧ (ସନାତନ ରାଉତ/ ରବିନାରାୟଣ ଖିଲାର):

ଭଦ୍ରକ ଜିଲାର ସମସ୍ତ ଚାଷୀ ଓ ଭାଗଚାଷୀଙ୍କଠାରୁ ପ୍ରତ୍ୟକ୍ଷ ଭାବେ ଧାନ କ୍ରୟ ପାଇଁ ପ୍ରତ୍ୟେକ ପଞ୍ଚାୟତରେ ସରକାରୀ ମଣ୍ଡି ଖୋଲିବା, କଟ୍‌ନୀ ଛଟ୍‌ନୀ ବନ୍ଦ, ମାଗଣାରେ ଅଖା ଯୋଗାଇବା, ଅତ୍ୟାବଶ୍ୟକ ସାମଗ୍ରୀର ଦର କମାଇବା, କୃଷକଙ୍କ ଋଣ ଛାଡ଼ ପାଇଁ ଶନିବାର ଜିଲାସ୍ତରୀୟ କର୍ମୀ ସମ୍ମିଳନୀରେ ସିପିଏମ୍ ପକ୍ଷରୁ ଦାବି କରାଯାଇଛି। ଆଗାମୀ ଦିନରେ ଲଢ଼େଇ ପାଇଁ ପ୍ରସ୍ତୁତ ହେବାକୁ ସିପିଏମ୍‌ର ଜିଲା କାର୍ଯ୍ୟାଳୟଠାରେ ଆୟୋଜିତ ବୈଠକରେ ରାଜ୍ୟ ପର୍ଯ୍ୟବେକ୍ଷକ ନିର୍ମଳ ନାୟକ ଆହ୍ୱାନ ଦେଇଛନ୍ତି। ବରିଷ୍ଠ ନେତା ପ୍ରଫୁଲ୍ଲ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଜିଲା ସମ୍ପାଦକ ଦିବ୍ୟସିଂହ ନାୟକ, ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରଭାସ ମହାପାତ୍ର, ରାଧାନାଥ ଦାସ, ଚନ୍ଦ୍ରଶେଖର ନାୟକ, ବକାଶ ନାଥ, ଗିରିଧାରୀ ନାଥ, କାଳନ୍ଦୀ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଭାରିଯାନ ଚଳାଚଳ ଯୋଗୁ ନଷ୍ଟ ହେଉଛି ରାସ୍ତା

ଆଗରପଡ଼ା,୧୧।୧(ସୁଶାନ୍ତ ଦାଶ)

ପୂର୍ତ୍ତ ବିଭାଗ ଅଧୀନ ଆଗରପଡ଼ା-ବନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ଦୈନନ୍ଦିନ ବହୁ ବାଲି ବୋଝେଇ ଗାଡ଼ି ଏବଂ ଭାରିଯାନ ଚଳାଚଳ ଯୋଗୁ ରାସ୍ତା ନଷ୍ଟ ହେଉଛି। ମରାମତି ଅଭାବରୁ ବିଭିନ୍ନ ସ୍ଥାନରେ ବିଶେଷ କରି ଆଗରପଡ଼ାରୁ ଆଡ଼ିଆ ପର୍ଯ୍ୟନ୍ତ ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ବିପର୍ଯ୍ୟସ୍ତ ରାସ୍ତା କାରଣରୁ ପ୍ରତ୍ୟହ ଛୋଟ ବଡ଼ ଦୁର୍ଘଟଣା ଘଟୁଛି।

ତହସିଲ କାର୍ଯ୍ୟାଳୟ ଓ ବ୍ଲକ ସଦରମହକୁମା ବନ୍ତକୁ ଯିବା ପାଇଁ ଏହା ଏକମାତ୍ର ରାସ୍ତା ହୋଇଥିବାରୁ ପ୍ରତ୍ୟେକ ଦିନ ବହୁ ଲୋକ ଯିବାଆସିବା କରୁଛନ୍ତି। ସେହିପରି ସ୍ୱୟଂସହାୟକ ଗୋଷ୍ଠୀ ବିଭିନ୍ନ କାର୍ଯ୍ୟରେ ବ୍ଲକକୁ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ କରୁଛି। ଆଗରପଡ଼ା ଜୋନ୍‌ର ପୁରୁଷଣ୍ଡ, ବିଟିପୁର, ଅଣିଜୋ, ଚାରିଗାଁ, ମହାନ୍ତିପଡ଼ା, ଗୋପୀନାଥପୁର, ବଡ଼ମହିଷଗୋଠ, ଆଡ଼ିଆ ଆଦି ପଞ୍ଚାୟତର ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବ୍ଲକ ଓ ତହସିଲ ଅଫିସ୍‌କୁ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭରଶୀଳ। ବ୍ଲକର ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ବ୍ୟସ୍ତବହୁଳ ରାସ୍ତା। ବାଲି ବୋଝେଇ ଗାଡ଼ି ଏବଂ ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେଉଛି। ଅସରାଏ ବର୍ଷା ହେଲେ ସେହି ଗାଡ଼ରେ ବର୍ଷାପାଣି ଜମି ରହି ଜଳାଶୟର ଭ୍ରମ ସୃଷ୍ଟି କରୁଛି। ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ରାସ୍ତାର ତୁରନ୍ତ ମରାମତି ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



ଆଗରପଡ଼ା-ବନ୍ତ ରାସ୍ତା।

## ମହିଳାଙ୍କ ଆତ୍ମହତ୍ୟା

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଆଜାଦ ବସ୍ତିରେ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତା ମୟୂରଭଞ୍ଜ ଜିଲା ରାଇରଙ୍ଗପୁରର ଦିଲ୍ଲୀପ ଜେନାଙ୍କ ସ୍ତ୍ରୀ ଅଙ୍କିତା ଜେନା (୩୨)। ଦମ୍ପତି ଯୋଡ଼ାରେ ଏକ ଭଡ଼ା ଘରେ ରହୁଥିଲେ। ଦିଲୀପ ଶନିବାର କାର୍ଯ୍ୟକ୍ଷେତ୍ରକୁ ଯାଇଥିବା ବେଳେ ପୁଅ ଓ ଝିଅ ସ୍କୁଲକୁ ଯାଇଥିଲେ। ଅପରାହ୍ନରେ କୌଣସି କାରଣରୁ ଅଙ୍କିତା ଫାଶି ଲଗାଇ ଆତ୍ମହତ୍ୟା କରିଥିଲେ। ଦିଲ୍ଲୀପ ପହଞ୍ଚି କବାଟ ବନ୍ଦଥିବା ଦେଖି ଭାଙ୍ଗି ଅଙ୍କିତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି।

କେନ୍ଦୁଝର

## ସଂକ୍ଷେପରେ

### ଟ୍ରକ୍‌ରୁ ଡିଜେଲ ଚୋରି, ୧ ଗିରଫ

ଢେଙ୍କୋଟ,୧୧।୧(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଲାଇଫ୍ ଲାଇନ୍ ୨୦ ନଂ. ଜାତୀୟ ରାଜପଥରେ ଦୈନିକ ଛିଡ଼ା ହୋଇଥିବା ଟ୍ରକ୍‌ରୁ ଡିଜେଲ ଚୋରି ଅଭିଯୋଗ ହେଉଛି। ଶୁକ୍ରବାର ରାତିରେ ଢେଙ୍କିକୋଟ୍ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକ ଏବଂ ସହକର୍ମୀଙ୍କ ସହ ପାଟ୍ରୋଲିଂ ସମୟରେ ରାତି ୩ଟା ବେଳେ ଡିଜେଲ ଚୋରି ସମୟରେ ଜଣଙ୍କୁ କାବୁ କରିଛନ୍ତି। ଅଭିଯୁକ୍ତ ଯୋଡ଼ା ବାବୁ ହାଟିଂର ଇସୁ ତାନ୍ତି(୨୨)। ସେମାନେ ଏକ ସ୍କର୍ପିଓରେ ୪ ଜଣ ଆସି ଡିଜେଲ ବାହାର କରୁଥିଲେ। ପୋଲିସ ଗାଡ଼ି ଦେଖି ତରବରିଆ ଭାବେ ଯିବା ସମୟରେ ଜଣେ ସ୍କର୍ପିଓରୁ ଖସି ପଡ଼ିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ପୋଲିସ ଏକ ମାମଲା (ନଂ. ୨୨/୨୫) ରୁଜୁ ଶନିବାର ତାଙ୍କୁ କୋର୍ଟଚାଲାଣ କରିଛି। ଯୋଡ଼ା, ବଡ଼ବିଲଠାରୁ କଟକ ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଛିଡ଼ା ହେଉଥିବା ଟ୍ରକ୍‌ରୁ ଡିଜେଲ ଚୋରି କରନ୍ତି ବୋଲି ଇସୁ ସ୍ୱୀକାର କରିଛନ୍ତି। ପୋଲିସ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଅନ୍ୟ ୩ ଜଣ ତୁରନ୍ତ ଧରାପଡ଼ିବେ।

### ନବ ନିର୍ବାଚିତ ଭାଜପା ସଭାପତିଙ୍କୁ ସମ୍ବର୍ଦ୍ଧନା

ଆନନ୍ଦପୁର,୧୧।୧(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ଶାଳବଣି ମଣ୍ଡଳର ନବ ନିର୍ବାଚିତ ଭାଜପା ସଭାପତି ତପନ କୁମାର ପାତ୍ରଙ୍କୁ ତାଙ୍କ ତରତରା ପାତ୍ରସାହିସ୍ଥିତ ବାସଭବନରେ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଏମ୍‌ପି ପ୍ରତିନିଧି ଟୁକୁନା ମହାନ୍ତଙ୍କ ନେତୃତ୍ୱରେ ବିକାଶଚନ୍ଦ୍ର ବାରିକ, ତ୍ରିଲୋଚନ ସାହୁ, ଶକ୍ତି ପ୍ରସାଦ ନାଥ, ପବିତ୍ର ମହାନ୍ତ, ଶ୍ରୀବତ୍ସ ରାଜ, ଶରତ ନାୟକ, ବିଜୟ ଜେନା, କୃଷ୍ଣଚନ୍ଦ୍ର କାହାଳୀ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପ୍ରହ୍ଲାଦ ପ୍ରଭାସିନୀ ନାୟକ, ସନ୍ୟାସୀ ପାତ୍ର ପ୍ରମୁଖ ସ୍ୱାଗତ ଜଣାଇଥିଲେ।

# ସକାଳେ ଘନ କୁହୁଡ଼ି, ସନ୍ଧ୍ୟାରେ କୋହଲା ପବନ

**ଜାଡ଼ରେ ଥରୁଛି କେନ୍ଦୁଝର**

କେନ୍ଦୁଝର/ବଡ଼ବିଲ, ୧୧।୧
(ଦେବପ୍ରିୟ ରଣା/ବଡ଼ବିଲ)

କେନ୍ଦୁଝର ଜିଲାରେ ଏକ ଶୀତର ଲହର ଜାରି ରହିଛି। କିଛି ଦିନ ହେବ ଶୀତର ପ୍ରକୋପ ଦିନକୁ ଦିନ ବଢ଼ିବାରେ ଲାଗିଛି। ତାପମାତ୍ରାର ପାରଦ ଖସୁଥିଲାବେଳେ ସକାଳ ୯ଟା ପର୍ଯ୍ୟନ୍ତ କୁହୁଡ଼ିରେ ଆଚ୍ଛାଦିତ ହୋଇରହୁଛି। କେନ୍ଦୁଝର ମୁଖ୍ୟାଳୟ ସମେତ ଏନ୍‌ଏଚ୍ ୨୦ ଓ ୪୯, ବଡ଼ବିଲ ଆଦି ଅଞ୍ଚଳରେ ସକାଳେ ଘନ କୁହୁଡି ଘେରରେ ରହୁଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏଥିସହ ସନ୍ଧ୍ୟାରେ କୋହଲା ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି।

ସୂଚନା ଅନୁଯାୟୀ, ଏକାଧିକ ପାହାଡ଼ ଘେରା ଓ ସଂରକ୍ଷିତ ଜଙ୍ଗଲ ପରିବେଷ୍ଟିତ କେନ୍ଦୁଝର, ବଡ଼ବିଲରେ



ସକାଳ ସାଢ଼େ ୮ଟା ବେଳେ ଘନ କୁହୁଡି ଘେରରେ ବଡବିଲ-ନାଳଦା ରାଜ୍ୟ ରାଜପଥ।

ସକାଳ ୬ଟାରୁ ଘନ କୁହୁଡ଼ି ଦେଖାଯାଉଛି। ସକାଳ ପ୍ରାୟ ୯ ଟା ପର୍ଯ୍ୟନ୍ତ କୁହୁଡ଼ି ରହୁଥିବାରୁ ରାଜ୍ୟ ରାଜପଥ ଦୃଶ୍ୟମାନ ହେଉ ନ ଥିବାରୁ ଯାତାୟାତରେ ବାଧା ଉପୁଜୁଛି। କୁହୁଡିର ଘନତା ଅଧିକ ରହୁଥିବାରୁ ୧ ମିଟର ଦୂରତାରେ ମଧ କିଛି ଦୃଶ୍ୟମାନ ହେଉନାହିଁ। କୁହୁଡ଼ି ଯୋଗୁ ସୂର୍ଯ୍ୟଙ୍କ କିରଣ ସକାଳ ୯ଟା ପରେ ଦେଖିବାକୁ ମିଳୁଥିବା ବେଳେ କୁହୁଡ଼ିର ଘନତା କମୁଥିବା ଦେଖିବାକୁ ମିଳୁଛି। ସୂର୍ଯ୍ୟାସ୍ତ ହେବା ପୂର୍ବରୁ କୋହଲା ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ସକାଳୁଆ ହେଉଥିବା ବିଭିନ୍ନ ଘରୋଇ ସ୍କୁଲଗୁଡ଼ିକର ଛାତ୍ରୀଛାତ୍ର ଓ ତାଙ୍କୁ ନେଇ ଯାଉଥିବା ଅବିଭାବକ ଶୀତରେ ଘରୁ ବାହାରକୁ ବାହାରିବାକୁ ଇଚ୍ଛା ନ ଥିଲେ ହେଁ ବାଧ ହୋଇ ଘରୁ ବାହାରୁଥିବା ଦେଖିବାକୁ ମିଳିଛି। ସନ୍ଧ୍ୟା ହେଉହେଉ କୋହଲା ପବନ ସାଙ୍ଗକୁ ତାପମାତ୍ରା ହ୍ରାସ ପାଉଥିବା ଯୋଗୁ କାମ ନ ଥିଲେ ଘରୁ ବାହାରିବାକୁ ସାହସ ବାନ୍ଧି ପାରୁନାହାନ୍ତି। ରାତି ୯ଟା ବେଳକୁ ପ୍ରାୟ ସମସ୍ତ ଦୋକାନ ବଜାର ବନ୍ଦ ହୋଇଯାଉଛି। ରାସ୍ତାଘାଟ ଶୁନ୍‌ଶାନ ହୋଯାଉଥିବାବେଳେ କେବଳ ଖଣିଜ ପରିବହନ ନିମନ୍ତେ ଟ୍ରକ୍‌ମାନ ଯାତାୟାତ କରୁଥିବା ଦେଖାଯାଇଛି। ଅନ୍ୟପକ୍ଷେ ପୂର୍ବଭଳି ବଡ଼ବିଲ ଅଞ୍ଚଳରେ ଶୀତର ପ୍ରକୋପ ନ ଥିବା ପୁରୁଖା ଲୋକେ କହିଛନ୍ତି। ପୂର୍ବରୁ ତାପମାତ୍ର ୩ ରୁ ୪ ହେଉଥିବା ବେଳେ ବର୍ତ୍ତମାନ ବଡ଼ବିଲ ଅଞ୍ଚଳରେ ତାପମାତ୍ରାର ପାରଦ ୮ରୁ୯ ଡିଗ୍ରୀ ରହୁଥିବା ଜଣାପଡ଼ିଛି। ସକାଳେ ବ୍ୟାୟାମ କରିବାକୁ ଲୋକେ ୭ଟା ପୂର୍ବରୁ ଆଉ ବାହାରୁ ନ ଥିବା ବେଳେ ଜ୍ୟାକେଟ, ଟୋପି ଆଦି ପରିଧାନ କରି ବ୍ୟାୟାମ କରିବାକୁ ଯାଉଥିବା ଜଣାପଡ଼ିଛି।

## ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କଲେ ଫୁଡ୍ କମିଶନ ସଦସ୍ୟ

ଛେନାପଦି, ୧୧।୧(ନିରାକାର ପରିଡା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ବିଭିନ୍ନ ସ୍କୁଲ, ଅଙ୍ଗନୱାଡ଼ି, ରାସନ ସାମଗ୍ରୀ ବଣ୍ଟନ କେନ୍ଦ୍ର ଆଦି ଫୁଡ୍ କମିଶନ ସଦସ୍ୟ ଦୟାନିଧି ଦାଶ ଶୁକ୍ରବାର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଥମେ ବୈଦଖିଆ ସେବାଶ୍ରମ ସ୍କୁଲ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ପାଇଁ ଥିବା ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ବିଦ୍ୟାଳୟରେ କିଚେନ ଗାର୍ଡେନ ନ ଥିବା, ବିଦ୍ୟାଳୟ ସିସିଟିଭି ଅଚଳ ଥିବା, ବାଳିକା ହଷ୍ଟେଲରେ ଲାଗିଥିବା ଅଗ୍ନି ନିର୍ବାପକଗୁଡ଼ିକ ଅଚଳ ହୋଇ ପଡ଼ିଥିବା ଦେଖି ଅସନ୍ତୋଷ ପ୍ରକାଶ କରିଥଲେ। ପରେ ଡଙ୍ଗାଚୁଆ, ଶଙ୍କଟପାଲିଆ, କୁଶଟିକିରି-୨ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିବା ସହିତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ସୁପରିଚାଳନା ସମ୍ପର୍କରେ ସମୀକ୍ଷା କରିଥିଲେ। ହଦଗଡ଼ଠାରେ ଥିବା ମା' ଧାନବେଣୀ ଛତୁଆ ୟୁନିଟ୍ ପରିଦର୍ଶନ କରି ଛତୁଆ ପ୍ରସ୍ତୁତି ଓ ଏହାର ମାନ ପରୀକ୍ଷା କରିଥିଲେ। ଧନୁର୍ଜୟପୁର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସରପଞ୍ଚ, ପିଇଓଙ୍କ ସହିତ ପିଡିଏସ ସାମଗ୍ରୀର ସୁଶମ ବଣ୍ଟନ ସମ୍ପର୍କରେ ଆଲୋଚନା କରିଥିଲେ। ପଞ୍ଚାୟତରେ ୨୨୦୮ଜଣ ହିତାଧିକାରୀ କେୱାଇସି କରି ନ ଥିବାରୁ ତୁରନ୍ତ ଏ ନେଇ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏଠାରେ ନେଟ୍‌ୱାର୍କ ସୁବିଧା ନ ଥିବା ଓ ଅନେକ ଲୋକ ବାହାରକୁ ଦାଦନ ଖଟିବାକୁ ପଳାଇ ଥିବାରୁ ଏପରି ସମସ୍ୟା ଦେଖା ଦେଇଥିବା ସରପଞ୍ଚ କହିଥିଲେ। ପରେ ବାଙ୍ଗୋର ବାଳିକା ଉଚ୍ଚବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ତାଙ୍କ ସହିତ ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ଉମାମଣୀ ମହାପାତ୍ର, ଉପଖଣ୍ଡ ଯୋଗାଣ ଅଧିକାରୀ ଶିବ ପ୍ରସାଦ ଶ୍ରୀଚନ୍ଦନ, ବ୍ଲକ୍ ଯୋଗାଣ ଅଧିକାରୀ ସତ୍ୟ ନାରାୟଣ ପଟ୍ଟନାୟକ, ବ୍ଲକ୍ ମଙ୍ଗଳ ଅଧିକାରୀ ଆକାଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ଭାଗସ୍ତରୀୟ ଖେଳକୁଦ

ଚମ୍ପୁଆ,୧୧।୧(ମହେଶ୍ୱର ଦାସ)

ଶିକ୍ଷା ବିକାଶ ସମିତି ଓଡ଼ିଶା ତଥା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଚମ୍ପୁଆ ଆନୁକୂଲ୍ୟରେ ସ୍ଥାନୀୟ ନେହେରୁ ଷ୍ଟାଡ଼ିୟମଠାରେ ଉତ୍ତର ସମ୍ଭାଗସ୍ତରୀୟ ଖେଳକୁଦ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ମୁଖ୍ୟ ବକ୍ତାଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶା ଉତ୍ତର ସମ୍ଭାଗର ସମ୍ପାଦକ ଗଙ୍ଗାଧର କର, ସମ୍ମାନିତ ଅତିଥିଭାବେ ଓଡ଼ିଶା ପ୍ରାନ୍ତ ସଙ୍ଗୀତ ସଂଯୋଜକ ତଥା ଉତ୍ତର ସମ୍ଭାଗର ପ୍ରଭାରୀ ଜିତେନ୍ଦ୍ର ପଣ୍ଡା, ବିଦ୍ୟାଳୟର ସଭାପତି ରମାକାନ୍ତ ପ୍ରଧାନ, ସମ୍ପାଦକ ଭୋଳାନାଥ ମିଶ୍ର ଆଦି ଯୋଗଦେଇଥିଲେ। ସମ୍ଭାଗ ସଂଯୋଜକ କ୍ଷେତ୍ର ମୋହନ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିସହିତ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ଅରୁଣ ନାଏକ, କେନ୍ଦୁଝର ବିଭାଗ ନିରୀକ୍ଷକ ଜ୍ଞାନରଞ୍ଜନ ପାଢ଼ୀ, ମୟୁରଭଞ୍ଜ ବିଭାଗ ନିରୀକ୍ଷକ ହରିଶ ଚନ୍ଦ୍ର ପଣ୍ଡା, କେନ୍ଦୁଝର ସହବିଭାଗ ନିରୀକ୍ଷକ ଲମ୍ବଦୋର ମହାନ୍ତ, ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ଉତ୍ତର ସମ୍ଭାଗ କାର୍ଯ୍ୟାଳୟ ପ୍ରମୁଖ ପଦ୍ମଲୋଚନ ମହାନ୍ତ, ଉତ୍ତର ସମ୍ଭାଗ ଖେଳକୁଦ ପ୍ରମୁଖ କୃଷ୍ଣଚନ୍ଦ୍ର ମହାକୁଡ, ସମ୍ଭାଗ ଶାରିରୀକ ପ୍ରମୁଖ ନରେଶ ଚନ୍ଦ୍ର ମହାନ୍ତ ଆଦି ଯୋଗଦେଇଥିଲେ। କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର ୧୨ ଟି ସଙ୍କୁଳର ୭୧ ଟି ବିଦ୍ୟାଳୟରୁ ମୋଟ ୪୦୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ଖେଳାଳି କଳାହାଣ୍ଡି ଜିଲାର ଭବାନିପାଟଣାଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରାନ୍ତ କ୍ରୀଡ଼ାରେ ଚଳିତ ମାସ ୩୦, ୩୧ ଓ ଫେବୃଆରୀ ୧ ତାରିଖରେ ଅଂଶଗ୍ରହଣ କରିବେ ବୋଲି ସୂଚନା ପ୍ରଦାନ କରାଯାଇଛି। ଶେଷରେ ପ୍ରତିଯୋଗୀମାନେ ଚମ୍ପୁଆସ୍ଥିତ ଉପ ଜିଲାପାଳଙ୍କ ପୁଷ୍ପ ଉଦ୍ୟାନ ବୁଲି ଦେଖିଥିଲେ।

## ବାଇକ୍ ଚାଳକଙ୍କ ଉପରେ ମାଡ଼ିଗଲା ଟ୍ରକ୍

କେନ୍ଦୁଝର,୧୧।୧(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର): କେନ୍ଦୁଝର ଜିଲା ଷଠିଘର ସାହି ନିକଟରେ ଜଣେ ବାଇକ ଚାଳକଙ୍କ ଉପରେ ଟ୍ରକ୍ ଚଢ଼ିଯିବାରୁ ଘଟଣାସ୍ଥଳରେ ମୃତ୍ୟୁଘଟିଛି। ମୃତକ ଢେଙ୍କାପୁର ଶାସନର ରାଜେଶ ଦ୍ୱିବେଦୀ। ସେ ବାଂଶପାଳ ବ୍ଲକ୍ ୧୦୮ ଆମ୍ବୁଲାନ୍ସରେ ଫାର୍ମାସିଷ୍ଟ ଭାବେ କାର୍ଯ୍ୟରତ ଥିଲେ। ଶନିବାର ସକାଳ ୯ ଟା ସମୟରେ ରାଜେଶ ବାଇକ ଯୋଗେ ୨୦ ନମ୍ବର ଜାତୀୟ ରାଜପଥ ଦେଇ ବାଂଶପାଳ ଯାଉଥିଲେ। ଷଠିଘର ସାହି ନିକଟରେ ପଛପଟୁ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇ ମାଡ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି। ସକାଳେ କୁହୁଡ଼ିଆ ପାଗ ଯୋଗୁ ଦୁର୍ଘଟଣା ଘଟିଥିବା କୁହାଯାଉଛି।

## କର୍ମଚାରୀଙ୍କୁ ଇଏସ୍‌ଓପିରେ ସାମିଲକଲା 'ତ୍ରିବେଣୀ'

ଯୋଡ଼ା/କେନ୍ଦୁଝର,୧୧।୧
(ମାନସ ମହାନ୍ତି/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ଗୁଆଲିଠାରେ ତ୍ରିବେଣୀ ଆର୍ଥ ମୁଭର୍ସ ପ୍ରାଇଭେଟ ଲିମିଟେଡ଼ ନିଜର ସମସ୍ତ କର୍ମଚାରୀଙ୍କୁ କର୍ମଚାରୀ ଷ୍ଟକ୍ ମାଲିକାନା ଯୋଜନା (ଇଏସ୍‌ଓପି)ରେ ସାମିଲ କରିଛି। କମ୍ପାନୀ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ପି ଓଡ଼ିଶାର କେନ୍ଦ୍ରୀୟ କାର୍ଯ୍ୟାଳୟ ଜିଲାର ଗୁଆଲିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାୟ ୩ ହଜାର କର୍ମଚାରୀଙ୍କୁ ଇଏସ୍‌ଓପି ଚିଠି ବଣ୍ଟନ କରିଛନ୍ତି। ଏହି ଅବସରରେ ସୂର୍ଯ୍ୟନାରାୟଣ ପି କହିଛନ୍ତି, ତ୍ରିବେଣୀ ଆର୍ଥ ମୁଭର୍ସ ଦୀର୍ଘ ଦିନର ରାସ୍ତା ଅତିକ୍ରମ କରି ଓଡ଼ିଶା, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତାମିଲନାଡ଼ୁ, ମଧ୍ୟପ୍ରଦେଶ କର୍ଣ୍ଣାଟକ, ଇଣ୍ଡୋନେସିଆ, ଆଫ୍ରିକୀୟ ଦେଶରେ ବ୍ୟବସାୟ ବିସ୍ତାର କରିବାକୁ ଯୋଜନା କରିଛି। କମ୍ପାନୀ ସର୍ବଦା ଶ୍ରମିକଙ୍କୁ




କମ୍ପାନୀର ଅଧିକାରୀ ଓ ଅତିଥିମାନେ।

ନିଜର ପରିବାର ଭଳି ବ୍ୟବହାର କରି ସେମାନଙ୍କ କଲ୍ୟାଣ ଏବଂ ସଫଳତା ସୁନିଶ୍ଚିତ କରିଆସୁଛି। ଏହିପରିବାର-ମୁଖୀ ଆଭିମୁଖ୍ୟ ଆଜି କମ୍ପାନୀର ଯାତ୍ରାରେ ଏକ ନୂତନ ଅଧ୍ୟାୟ ପାଇଁ ପଥ ପ୍ରଶସ୍ତ କରିଛି। ତ୍ରିବେଣୀ ଆର୍ଥ ମୁଭର୍ସ ମହାରାଷ୍ଟ୍ରରେ ବିସ୍ତାର କରିବା ଏବଂ ଲଏଡ୍‌ସ ମେଟାଲ ଆଣ୍ଡ ଏନର୍ଜି ଲିମିଟେଡ୍ ସହିତ ସହଭାଗୀ ହେବା ସହିତ, ଏହା ଏକ ସ୍ମାରକୀ ପ୍ରକଳ୍ପ ଆରମ୍ଭ କରିଛି। ତ୍ରିବେଣୀ ଆର୍ଥମୁଭର୍ସ ପ୍ରାଇଭେଟ ଲିମିଟେଡ୍ ସେମାନଙ୍କର କର୍ମଚାରୀଙ୍କୁ ସେୟାର ପ୍ରଦାନ କରିଛି। ଡିମର୍ଜ ହୋଇଥିବା କମ୍ପାନୀ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହେବା ପରେ ସେୟାରଗୁଡ଼ିକ ଶେଷରେ ବ୍ୟବସାୟ ଯୋଗ୍ୟ ହେବ ବୋଲି ସୂଚନା ମିଳିଛି।

ମୟୂରଭଞ୍ଜ

### ୨ ଅଭିଯୁକ୍ତ ଗିରଫ

ମୋରଡ଼ା,୧୧।୧(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ପୋଲିସ ଶନିବାର ବିଭିନ୍ନ ମାମଲାରେ ୪ ୱାରେଣ୍ଟିଙ୍କୁ ଗିରଫ କରିଛି। ସେମାନେ ହେଲେ ଖୁରୁଣ୍ଟିଆ ଗ୍ରାମର ରାମ କାଳନ୍ଦୀ, କୋହି ଗ୍ରାମର ମୋତିଲାଲ ପାତ୍ର, ହାଣ୍ଡିଭଙ୍ଗା ଗ୍ରାମର ସପନ ମଲ୍ଲିକ ଓ ହଳଦୀପାଳର ଏସ୍. ଶିବଶଙ୍କର ବେହେରା। ସେମାନଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସତ୍ୟନାରାୟଣ ବଳ କହିଛନ୍ତି।

### ଚୋରା ଦେଶୀମଦ ଜବତ, ୩ ଗିରଫ

ମୋରଡ଼ା,୧୧।୧(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ପକ୍ଷରୁ ଶନିବାର ଚଢ଼ାଉ କରାଯାଇ ୬୦ ଲିଟର ଚୋରା ଦେଶୀମଦ ଜବତ ସହ ୩ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ଥାନା ଅଧୀନ ବଳଦିଆ ଗ୍ରାମର ଚନ୍ଦନ କୁମାର ପାତ୍ର ଓ ଜଗଦୀଶ ହାଁସଦାଙ୍କ ନିକଟରୁ ଯଥାକ୍ରମେ ୨୦ ଓ ୨୫ ଲିଟର ଚୋରା ଦେଶୀମଦ ଜବତ କରାଯାଇଥିବା ବେଳେ ସେମାନେ ଗିରଫ ହୋଇଛନ୍ତି। ଏହାପରେ ଭୁରୁଙ୍ଗଶୋଳ ଗ୍ରାମର ବ୍ରହ୍ମାନନ୍ଦ ଧଳଙ୍କ ନିକଟରୁ ୧୫ ଲିଟର ଚୋରା ଦେଶୀମଦ ଜବତ ସହ ତାଙ୍କୁ ଗିରଫ କରାଯାଇଥିବା ମୋରଡ଼ା ଅବକାରୀ ଅଧିକାରୀ ଦୀପକ କୁମାର ରାଉତ ସୂଚନା ଦେଇଛନ୍ତି।

### ଆକ୍ରମଣ ଘଟଣାର ଅଭିଯୁକ୍ତ ଗିରଫ

ବୈଁଶିଙ୍ଗା,୧୧।୧(ରତନ ଦାଶ): ୧୦ ବର୍ଷ ତଳର ଏକ ମାମଲାରେ ମୟୂରଭଞ୍ଜ ଜିଲା ବୈଁଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ଗ୍ରାମର ଜଣେ ଅଭିଯୁକ୍ତଙ୍କୁ ଗିରଫ ପରେ ପୋଲିସ କୋର୍ଟ ଚାଲାଣ କରିଛି। ସେ ହେଲେ ନୀଳକଣ୍ଠ ଭୂୟାଁଙ୍କ ପୁଅ ଗଗନ। ସୂଚନା ଅନୁଯାୟୀ, ୨୦୧୫ରେ ଗଗନ ଆର୍ଥିକ କାରବାର ଘଟଣାକୁ ନେଇ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ବୈଁଶିଙ୍ଗା ପୋଲିସ ଏକ ମାମଲା(ନଂ.୧୪୭/୧୫) ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ କୋର୍ଟଙ୍କ ବାରମ୍ବାର ନୋଟିସ ସତ୍ତ୍ୱେ ଗଗନ ହାଜର ହେଉ ନ ଥିଲେ। ଏନେଇ କୋର୍ଟ ପକ୍ଷରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ପୋଲିସ ତାଙ୍କୁ ଗଡ଼ଦେଉଳିଆ ଗ୍ରାମରୁ ଗିରଫ ପରେ ବେତନଟୀ ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ହାଜର କରିଥିବା ଜଣାପଡ଼ିଛି।

# ଏନ୍‌ଜିଟିରେ ଶୁଣାଣି ଶେଷ, ରାୟ ସଂରକ୍ଷିତ

**ଲଘୁ ଖଣିଜ ଦ୍ରବ୍ୟର ପରିଚାଳନାରେ ଜିଲା ସର୍ଭେ ରିପୋର୍ଟ ତ୍ରୁଟି ପ୍ରସଙ୍ଗ**

ବାରିପଦା,୧୧।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଲଘୁ ଖଣିଜ ଦ୍ରବ୍ୟର ପରିଚାଳନାରେ ଜିଲା ସର୍ଭେ ରିପୋର୍ଟକୁ ତ୍ରୁଟି ଦର୍ଶାଇ ଜାତୀୟ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ପୂର୍ଣ୍ଣାଙ୍ଗ ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ରହିଛି। ଚୂଡ଼ାନ୍ତ ରାୟ ପ୍ରକାଶ ପାଇବା ପର୍ଯ୍ୟନ୍ତ କୋର୍ଟଙ୍କ ଅନ୍ତରୀଣ ରହିତାଦେଶ ବଳବତ୍ତର ରଖାଯାଇଥିବା ବେଳେ ୭ ଦିନ ମଧ୍ୟରେ ନୋଟିସ୍ ମାଧ୍ୟମରେ ଅବଗତ କରାଯିବ ବୋଲି ଅଭିଯୋଗକାରୀଙ୍କ ଆଇନଜୀବୀ ଶଙ୍କର ପ୍ରସାଦ ପାଣି କହିଛନ୍ତି। ଫଳରେ ମୟୂରଭଞ୍ଜ ଜିଲାରେ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ ଜାରି କଟକଣା ବୃଦ୍ଧି ପାଇଛି। ଜିଲା ସର୍ଭେ ରିପୋର୍ଟ(ଡିଏସ୍‌ଆର)ର ପ୍ରମାଣିକତା ସମୀକ୍ଷା କରିବାକୁ ରାଜ୍ୟ ପରିବେଶ ପ୍ରଭାବ ଆକଳନ(ଏସଇଆଇଏଏ) ପକ୍ଷରୁ ଅନୁମୋଦନ କରାଯାଇ ନ ଥିବାରୁ ତ୍ରୁଟିଥିବା ଦର୍ଶାଇ ଜିଲାରେ କୌଣସି ଖଣିକାର୍ଯ୍ୟ କରାଯିବ ନାହିଁ ବୋଲି ଶୁଣାଣି କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ପ୍ରାସଙ୍ଗିକତା ତଥ୍ୟ ପ୍ରଦାନରେ ତ୍ରୁଟି ଥିବା ଦର୍ଶାଇ ଚୂଡ଼ାନ୍ତ ରାୟ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

ମୟୂରଭଞ୍ଜ ଜିଲାରେ ଥିବା ସଇରାତ ଗୁଡ଼ିକରୁ ବାଲି ଖନନକୁ ନେଇ ପ୍ରସ୍ତୁତ କରାଯାଇଥିବା ଜିଲା ସର୍ଭେ ରିପୋର୍ଟକୁ ବେଆଇନ ଦର୍ଶାଇଥିବା ନେଇ ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ ଏନ୍‌ଜିଟିରେ ଅଭିଯୋଗ କରିଥିଲେ। ଆବେଦନକାରୀଙ୍କ ମାମଲାକୁ ବିଚାର କରି ଜୁଡିସିଆଲ ମେମ୍ବର ଜଷ୍ଟିସ ବି. ଅମିତ ହେଲକାର ଓ ଏକ୍ସପୋର୍ଟ ମେମ୍ବର ଡ. ଅରୁଣ ବର୍ମାଙ୍କ ଖଣ୍ଡପୀଠରେ ୧୦ଜାନୁଆରୀ ୨୦୨୫ପର୍ଯ୍ୟନ୍ତ ଜିଲାରେ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ଉପରେ ଲଗାଇଥିବା ପ୍ରତିବନ୍ଧକକୁ ବଳବତ୍ତର ରଖିଥିଲେ। ଜିଲାର ବେତନଟୀ ତହସିଲ ଅଧୀନ ବୁଢାବଳଙ୍ଗ ବାଲିଶଯ୍ୟା-୧ର ବେଲାଣପୁରା, ମଧୁନଣ୍ଡା ଓ ଡେଁଫୌଦା ସଇରାତକୁ ୫ବର୍ଷର ଲିଜ୍ ପାଇଁ ୨୦ ଜୁନ ୨୦୨୪ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତିରେ ଏହି ଉତ୍ସଟି ୫ ହେକ୍ଟରରୁ କମ୍ ବୋଲି ଉଲ୍ଲେଖ କରାଯାଇଥିଲା। ମାତ୍ର ଅନ୍ତରୀଣ ଜିଲା ସର୍ଭେ ରିପୋର୍ଟରେ ଏହା ଅଧିକ ଥିବା ନେଇ ଉଲ୍ଲେଖ ରହିଥିବାରୁ ଏନ୍‌ଜିଟିରେ ଏକ ମାମଲା ନଂ. ୧୨୫/୨୦୨୪ ଇଜେଡ୍ ଅନୁଯାୟୀ ରୁଜୁ ହୋଇଥିଲା। ଏହା ମଧ୍ୟରେ ସଂଶୋଧିତ ଜିଲା ସର୍ଭେ ରିପୋର୍ଟ(ଡିଏସଆର) ମୟୂରଭଞ୍ଜ ଜିଲାପାଳ ଉପସ୍ଥାପନା କରିଥିବା ବେଳେ ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ(ଏସ୍‌ଇଆଇଏଏ) ସେ ପ୍ରସଙ୍ଗରେ ଅନୁମୋଦନ ଦେଇ ନାହାନ୍ତି ବୋଲି ଦର୍ଶାଇ ଏନ୍‌ଜିଟିରେ ମାମଲା ରୁଜୁ କରାଯାଇଥିଲା। ଖଣି ଲିଜ୍ ପୂର୍ବରୁ ଡିଏସ୍‌ଆର ବାଧ୍ୟତାମୂଳକ ଓ ଡିଏସ୍‌ଆର୍‌ର ଅନୁପସ୍ଥିତିରେ ଜୁନ୍ ୨୦ତାରିଖରେ ପ୍ରକାଶିତ ନିଲାମ ନୋଟିସ୍ ଗ୍ରହଣୀୟ ନୁହେଁ ବୋଲି ଦର୍ଶାଯାଇଥିଲା। ଗତ ୮ ଅଗଷ୍ଟରେ ଏହି ମାମଲାର ଶୁଣାଣି କରି ମୟୂରଭଞ୍ଜ ଜିଲାର ସମସ୍ତ ଲଘୁ ଖଣିଜ ପଦାର୍ଥ ଉତ୍ତୋଳନ ବନ୍ଦ ରଖିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ଶୁଣାଣି ତାରିଖ ୩ ଡିସେମ୍ବର ଥିବା ବେଳେ ଏହାକୁ ପୁନର୍ବାର ୧୦ ଜାନୁଆରୀ ୨୦୨୫କୁ ଧାର୍ଯ୍ୟ କରାଯାଇଥିଲା। ଉଲ୍ଲେଖ ଯୋଗ୍ୟ, ପରିବେଶବିତ୍ ପଟ୍ଟନାୟକ ପୂର୍ବରୁ ୨୨ ଏପ୍ରିଲ ୨୦୨୨ରେ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ ଏବଂ ୨୬ ଅଗଷ୍ଟ ୨୦୨୨ରେ ଉକ୍ତ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରି ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ(ଏସ୍‌ଇଆଇଏଏ) କମିଟିର ଚୂଡ଼ାନ୍ତ ଆଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶନାମାର ୨ବର୍ଷ ବିତିଯାଇଥିଲେ ମଧ ପ୍ରଶାସନିକ ସ୍ତରରେ ଅନ୍ତରୀଣ ଜିଲା ସର୍ଭେ ରିପୋର୍ଟକୁ କିଭଳି ଭାବେ କାର୍ଯ୍ୟକାରୀ କରି ଏସ୍‌ଇଆଇଏଏ ନିକଟରୁ ଅନୁମୋଦନ କରାଯାଇ କାର୍ଯ୍ୟକ୍ଷମ କରାଯିବା ସମ୍ବନ୍ଧରେ ବିଶେଷ ପଦକ୍ଷେପ ନିଆଯାଉଥିବା ଜଣାପଡୁନାହିଁ। ଏନ୍‌ଜିଟି ପକ୍ଷରୁ ପ୍ରକାଶିତ ରାୟକୁ ନେଇ ଜିଲାରେ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନକୁ ଘୋର ଅନିଶ୍ଚିତତା ମଧ୍ୟକୁ ଟାଣି ନେଇଛି। ଜିଲାରେ କାର୍ଯ୍ୟ କରାଯାଉଥିବା ବିଭିନ୍ନ ସରକାରୀ ପ୍ରକଳ୍ପ ଗୁଡ଼ିକ ପୂର୍ଣ୍ଣାଙ୍ଗ ହେବାରେ ବାଧା ଉପୁଜିବାର ଆଶଙ୍କା ଦେଖାଦେଇଛି। ଏହାକୁ ସୁଧାରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ମହିଳାଙ୍କ ବେକରୁ ଚେନ୍ ଝାମ୍ପିନେଲେ

**ଥାନା ନିକଟରୁ ଛିନ୍‌ତାଇ**

ବାରିପଦା,୧୧।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସହରରେ ଆଇନଶୃଙ୍ଖଳା ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଛିନ୍‌ତାଇ ଗ୍ୟାଙ୍ଗ ସକ୍ରିୟ ହୋଇ ଲୁଟପାଟ କରିବାକୁ ଲାଗିଛନ୍ତି। ଶନିବାର ବାରିପଦା ଟାଉନ ଥାନାରୁ ଶହେ ମିଟର ଦୂର ମା' ଶୀତାଳା ମନ୍ଦିର ନିକଟରୁ ଲୁଟେରାମାନେ ଜଣେ ମହିଳାଙ୍କ ବେକରୁ ସୁନାହାର ଛିନ୍‌ତାଇ କରି ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଲୁଟର ଶିକାର ବଡ଼ବଜାର ଅଞ୍ଚଳର ମହିଳା ପୁନମ ଖଣ୍ଡେଲୱାଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ପୁନମ୍ ଚାଲି ଚାଲି ଦେଉଳସାହିରୁ ବଡ଼ବଜାର ଅଭିମୁଖେ ଆସୁଥିଲେ। ୨ ଜଣ ଏକ କଳା ପଲସରରେ ତାଙ୍କୁ ପିଛା କରିଥିଲେ। ଶୀତଳା ମନ୍ଦିର ସମ୍ମୁଖରେ ଦୁର୍ବୃତମାନେ ପୁନମଙ୍କ ବେକରୁ ସୁନାହାରକୁ ଝାମ୍ପି ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ। ପୁନମ ପାଟି କରିବା ପରେ ସ୍ଥାନୀୟ ଲୋକେ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପ୍ରୟାସ କରି ବିଫଳ ହୋଇଥିଲେ। ଏ ନେଇ ପୁନମଙ୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ୩୫ଗ୍ରାମ ଓଜନର ସୁନାହାରର ମୂଲ୍ୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ୨ ଦିନ ପୂର୍ବରୁ ମଧୁବନ ଅଞ୍ଚଳରେ ଗୌରହରି ବିଶ୍ୱାଳଙ୍କ ସ୍ତ୍ରୀଙ୍କ ବକେରୁ ସୁନାହାର ଛିନ୍‌ତାଇ ହୋଇଥିଲା। ପୋଲିସର ଅପରାଗତା ଯୋଗୁ ଥାନା ନିକଟରୁ ଛିନ୍‌ତାଇ ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି। ସିସିଟିଭି ଫୁଟେଜକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି। ଜିଲା ଏସ୍‌ପି ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି କଡ଼ାକଡ଼ି ଯାଞ୍ଚ କରିବା ସହ ପାଟ୍ରୋଲିଂ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସହରବାସୀ ଦାବି କରିଛନ୍ତି।

## ବିଦ୍ୟୁତ୍ କାଟ୍ ନେଇ ବଢ଼ୁଛି ଅସନ୍ତୋଷ

ବୈଁଶିଙ୍ଗା,୧୧।୧(ରତନ ଦାଶ)

ମୟୂରଭଞ୍ଜ ଜିଲା ବେତନଟୀ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ ସରବରାହ ବନ୍ଦ ରହୁଥିବା ଯୋଗୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଟାଟା ପାୱାର କମ୍ପାନୀ ପକ୍ଷରୁ ସର୍ବସାଧାରଣଙ୍କ ନିମନ୍ତେ ଜାରି କରାଯାଇଥିବା ଏକ ବିଜ୍ଞାପନ ଅନୁଯାୟୀ କେବଳ ଜାନୁଆରୀ ଓ ଫେବୃଆରୀ ମାସରେ ମରାମତି ପାଇଁ ମୋଟ ୧୫ ଦିନ ବିଜୁଳି ସରବରାହ ବନ୍ଦ ରହିବ। ଡିସେମ୍ବର ମାସରେ ମଧ ୪ ଦିନ ମରାମତି ପାଇଁ କହି ବିଦ୍ୟୁତ୍ ସରବରାହ ବନ୍ଦ ରଖାଯାଇଥିଲା। ଏବେ ଶୀତ ଋତୁରେ ପାଗ ଶୁଖିଲା ଓ ଥଣ୍ଡା ରହୁଥିବା କାରଣରୁ ଘରୋଇ ଉପଭୋକ୍ତାଙ୍କ ଉପରେ ଏହାର ବିଶେଷ ପ୍ରଭାବ ପଡୁନାହିଁ। ମାତ୍ର ବିଜୁଳି ଶକ୍ତି ଉପଯୋଗରେ ବେପାର ବାଣିଜ୍ୟ କରୁଥିବା ବ୍ୟବସାୟୀମାନେ କ୍ଷତି ସହୁଥିବା ଲକ୍ଷ୍ୟ କରାଯାଉଛି। ବିଶେଷ କରି ଝରକା କବାଟ, ଦୋକାନ ଶଟର, ଚେୟାର, ଟେବୁଲ, ଆଲମିରା ଆଦି ତିଆରି କରୁଥିବା ଫେବ୍ରିକେଶନ ଶିଳ୍ପ , ଆଲୁମିନିୟମ ଶିଳ୍ପ , କାଠ ଫର୍ଣ୍ଣିଚର ଶିଳ୍ପ, ଇଣ୍ଟରନେଟ ସେଣ୍ଟର, ଫଟୋ ଷ୍ଟୁଡିଓ , ଜନସେବା କେନ୍ଦ୍ର, ଶାଳପତ୍ରରୁ ଖଲିଦୋନା ପ୍ରସ୍ତୁତ ଶିଳ୍ପ ଆଦି କ୍ଷେତ୍ରରେ କମର୍ସିଆଲ ଉପଭୋକ୍ତା ଗଭୀର ଭାବେ ପ୍ରଭାବିତ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳର ନେତାମାନେ ମଧ ଏଭଳି ସ୍ଥିତିରେ ମୁହଁ ଖୋଲୁନାହାନ୍ତି। ତେବେ ଏ ବାବଦରେ ବେତନଟୀ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ଶୁଭଦୀପ୍ତ ମିଶ୍ରଙ୍କୁ ପଚାରିବାରୁ ବେତନଟୀ ଷ୍ଟ୍ରକଚରଠାରୁ ବୈଁଶିଙ୍ଗା ବିଦ୍ୟୁତ୍ ଷ୍ଟ୍ରକଚର ପର୍ଯ୍ୟନ୍ତ ଥିବା ୩୩ କେଭି ଲାଇନ ତାରଟି ବହୁ ପୁରୁଣା ହୋଇଯାଇଥିବା ଯୋଗୁଁ ପର୍ଯ୍ୟାୟକ୍ରମେ ଏହାକୁ ବଦଳାଇ ନୂଆ ତାର ଲଗାଯାଉଥିବା କାରଣରୁ ଏଭଳି ସ୍ଥିତି ଉପୁଜିଛି। ଏନେଇ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ ବୋଲି ସେ କହିଛନ୍ତି।

## ଛାତ୍ରୀଛାତ୍ରଙ୍କ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

ବାରିପଦା,୧୧।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ୍ ବେଲପାଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିଶୁ ଭଉଣୀ, ଭାଇଙ୍କୁ ନେଇ ସଚେତନତା ମୂଳକ କାର୍ଯ୍ୟକ୍ରମ କରାଯାଇଥିଲା। ବଡ଼ସାହି-ବେତନଟୀ ରାସ୍ତାର ବେଲପାଳ ଛକ ନିକଟ ରାସ୍ତାରେ ଚଳପ୍ରଚଳ କରୁଥିବା ଯାନବାହାନ ଚାଳକଙ୍କୁ ସଡ଼କ ସୁରକ୍ଷା ନିୟମାବଳୀ ସମ୍ପର୍କରେ ସଚେତନ କରିଥିଲେ। ଜନସାଧାରଣଙ୍କୁ ଲିଫ୍‌ଲେଟ ବଣ୍ଟନ କରାଯାଇ ୨ ଚକିଆ ଯାନ ଚଳାଇବା ସମୟରେ ହେଲମେଟ୍ ବ୍ୟବହାର କରିବା, ଚାରିଚକିଆ ଯାନରେ ସିଟ୍ ବେଲଟର ବ୍ୟବହାର, ନିଶାଶକ୍ତ ଅବସ୍ଥାରେ ଗାଡି



ଶିଶୁଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା।

ଚାଳନା ନ କରିବା, ମୋବାଇଲରେ କଥାବାର୍ତ୍ତା ହୋଇ ଗାଡ଼ି ଚାଳନା ନ କରିବା ଓ ଟ୍ରାଫିକ ନିୟମକୁ ମାନି ଗାଡି ଚଳାଇବା ସହିତ ଜରିମାନା ସମ୍ପର୍କରେ ଅବଗତ କରିଥିଲେ। ଶିଶୁ ଭାଇଙ୍କୁ ନେଇ ଯମରାଜ ଓ ଚିତ୍ରଗୁପ୍ତ ବେଶରେ ଗାଡି ଚାଳକଙ୍କୁ ହେଲମେଟ୍ ପିନ୍ଧିବାକୁ ସଚେତନ କରିଥିଲେ। ପରିଚାଳନା ସମିତିର ସମ୍ପାଦକ, ଉପ ସଭାପତି ରସାନନ୍ଦ ବଳ ଓ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶାଶ୍ୱତୀ ଦାସମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଗୁରୁମା, ଗୁରୁଜୀ ଓ ଅପା ଭାଇମାନେ ସହଯୋଗ କରିଥିଲେ।

# ଗଳାପୋଲ କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ

## ନାଗରିକ ମଞ୍ଚର ସମୀକ୍ଷା ବୈଠକ

ସୋର, ୧୧।୧(ଜନ୍ମେଜୟ ମିଶ୍ର)

ସୋର ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ଶନିବାର ଅବସର ପ୍ରାପ୍ତ କର୍ମଚାରୀ ଭବନରେ ସଭାପତି ନେତ୍ରାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗତ ନଭେମ୍ବର ୧୩ରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଉତ୍ତରେଶ୍ୱର ଓ କଲେଜ ଛକ ଗଳାପୋଲ କାର୍ଯ୍ୟ ନିମନ୍ତେ ଦୁଇମାସ ମଧ୍ୟରେ ନୂତନ ଟେଣ୍ଡର ପ୍ରକ୍ରିୟା ଶେଷ ହେବ ବୋଲି ବାଲେଶ୍ୱର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତ୍ରିପାକ୍ଷିକ ଆଲୋଚନାରେ ସ୍ଥିର ହୋଇଥିଲା। ଏହା ମଧ୍ୟରେ ଦୁଇ ମାସ ଅତିକ୍ରାନ୍ତ ହେବାକୁ ଯାଉଥିବା ବେଳେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ନ ହେବା ଯୋଗୁ ଗଳାପୋଲ କାର୍ଯ୍ୟର ଅଗ୍ରଗତି ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୧୬ ନମ୍ବର ଜାତୀୟ ରାଜପଥର କଲେଜ ଛକ ଓ ଉତ୍ତରେଶ୍ୱର ଗଳାପୋଲ ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ୨୦୨୨ରେ ଅର୍ଥ ମଞ୍ଜୁର ହେବା ପରେ ୨୦୨୪ ମସିହା ପର୍ଯ୍ୟନ୍ତ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ନ କରି ସେହି ଅର୍ଥକୁ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଅନ୍ୟତ୍ର କାର୍ଯ୍ୟରେ ଖର୍ଚ୍ଚ କରିଦେବା ଯୋଗୁ ଏହି ଦୁଇ ଗଳାପୋଲ କାର୍ଯ୍ୟ ସମ୍ପ୍ରସାରଣରେ ପୂର୍ଣ୍ଣଚ୍ଛେଦ ପଡିଥିଲା। ନାଗରିକ ମଞ୍ଚ ଆହ୍ୱାନରେ ଜୋରଦାର ଆନ୍ଦୋଳନ ଫଳରେ ପୁନରାୟ ସମ୍ପ୍ରସାରଣ ପାଇଁ ୪୨ କୋଟି ଟଙ୍କାର ଯୋଜନା ଅଟକଳ ମଞ୍ଜୁରୀ ନିମନ୍ତେ ଗତ ଅକ୍ଟୋବରରେ ଜାତୀୟ ରାଜପଥ ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀକୁ ପଠାଯାଇଥିଲା। ଏହା ଏକ ମାସ ମଧ୍ୟରେ ଅର୍ଥାତ ଡିସେମ୍ବର ଶେଷ ସୁଦ୍ଧା ମଞ୍ଜୁରୀ ହେବା ସହ ଟେଣ୍ଡର କାର୍ଯ୍ୟ ଚଳିତ ଜାନୁଆରୀ ୧୫ ସୁଦ୍ଧା ଶେଷ ହେବ ବୋଲି ଜିଲାପାଳଙ୍କ ଉପସ୍ଥିତିରେ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେଇଥିଲେ। ଏହା ମଧ୍ୟରେ ଦୁଇମାସ ଅତିକ୍ରାନ୍ତ



ବୈଠକରେ ନାଗରିକ ମଞ୍ଚର କର୍ମକର୍ତ୍ତା।

ହେବାକୁ ଯାଉଛି। ପ୍ରକଳ୍ପ ନିର୍ଦ୍ଦେଶକ ତାଙ୍କ ପ୍ରତିଶ୍ରୁତିକୁ ଗୁରୁତ୍ୱ ନ ଦେଇ ଜାତୀୟ ରାଜପଥରେ ଚାଲିଥିବା ପୁରୁଣା କାମ ଶେଷ କରିବାକୁ ଲାଗିଛନ୍ତି। ଏପରିସ୍ଥଳେ ଗଳାପୋଲ ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ଟେଣ୍ଡର ନ ସାରିବା ପର୍ଯ୍ୟନ୍ତ ଚାଲିଥିବା ପୁରୁଣା କାର୍ଯ୍ୟକୁ ବନ୍ଦ କରାଯିବା ପାଇଁ ବୈଠକରେ ସ୍ଥିର ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଆବଶ୍ୟକ ପଡିଲେ ଜାତୀୟ ରାଜପଥ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଅବରୋଧ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯିବ। ବୈଠକରେ ନାଗରିକ ମଞ୍ଚର ବାର୍ଷିକ ସମ୍ମିଳନୀ ଆସନ୍ତା ଫେବୃଆରୀ ୨୩ ତାରିଖରେ ହେବାକୁ ସ୍ଥିର ହୋଇଛି। ମଞ୍ଚର ନୂତନ ସଦସ୍ୟ ଭାବେ ଉଦୀୟମାନ ଯୁବକ ପ୍ରଦୀପ କୁମାର ଦାଶଙ୍କ ସଦସ୍ୟତାକୁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଛି।

ମଞ୍ଚର ସମ୍ପାଦକ ଡକ୍ଟର ନରହରି ନାୟକ ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ନବକିଶୋର ଦାସ, ମାୟାଧର ନାୟକ, ଜିତେନ୍ଦ୍ର କୁମାର ବେହେରା, ଗଙ୍ଗାଧର ପାଢ଼ୀ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମଳାକାନ୍ତ ତିଆଡ଼ି, ମନୋଜ କୁମାର ରାୟ, ଇଂ. ଦିବାକର ଦଳାଇ, ପଞ୍ଚାନନ ଶିଅଳ, ରବୀନ୍ଦ୍ର କୁମାର ଉପାଧ୍ୟାୟ, ଚେମେଇ ଦାସ, ପଞ୍ଚାନନ ଶିଅଳ, ଅଦ୍ୱୈତ୍ୟ କୁମାର କର, ନିତ୍ୟାନନ୍ଦ କର, ସୁରେନ୍ଦ୍ର ପାଣିଗ୍ରାହୀ, ଦାମୋଦର ଦାଶ ମହାପାତ୍ର, ପ୍ରଫୁଲ୍ଲ ଷଡ଼ଙ୍ଗୀ, ଶ୍ରୀଧର ପତ୍ରି, ଖଗେନ୍ଦ୍ର ପ୍ରଧାନ, କଟଚନ୍ଦ୍ର ବେହେରା, ରବିନାରାୟଣ ନନ୍ଦ ଓ ଭଗବାନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ଅତିଥି ଅଧ୍ୟାପକଙ୍କ ନାମରେ ଅସଦାଚରଣ ଅଭିଯୋଗ

## ବହିଷ୍କାର ଦାବି କଲେ ୨୫ ଛାତ୍ରୀ

ଜଳେଶ୍ୱର, ୧୧।୧
(ନବୀନ ସାହୁ/ ରବିନାରାୟଣ ପାତ୍ର)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଚମାରଗାଁ ପଞ୍ଚାୟତସ୍ଥିତ ତେଘରୀ ସାଧୁଚରଣ ମହାବିଦ୍ୟାଳୟରେ ଜଣେ ରାଜନୀତି ବିଜ୍ଞାନର ଅତିଥି ଅଧ୍ୟାପକଙ୍କ ନାମରେ ଛାତ୍ରୀମାନେ ଅସଦାଚରଣ ଅଭିଯୋଗ ଆଣିଛନ୍ତି।

ସୂଚନା ଅନୁସାରେ, ୩ଦିନ ପୂର୍ବେ ମହାବିଦ୍ୟାଳୟର ୨୫ରୁ ଊର୍ଦ୍ଧ୍ୱ ଛାତ୍ରୀ ରାଜନୀତି ବିଜ୍ଞାନର ଅତିଥି ଅଧ୍ୟାପକଙ୍କ ନାମରେ ଅଶାଳୀନ ଇଙ୍ଗିତ ଓ ମନ୍ତବ୍ୟ ବିରୋଧରେ ଅଭିଯୋଗ ଆଣି ଅଧ୍ୟକ୍ଷଙ୍କ ନିକଟରେ ପତ୍ର ଦେଇଥିଲେ। ଅନୁରୂପ ଭାବେ ମଧ୍ୟ ଅନ୍ୟ କେତେକ ଶିକ୍ଷାର୍ଥୀ ଇଂଲିଶ ଅଧ୍ୟାପକଙ୍କ ନାମରେ ଅଧ୍ୟକ୍ଷଙ୍କୁ ପତ୍ର ଲେଖିଥିଲେ। ଅଧ୍ୟକ୍ଷ ତନୁଜ କୁମାର ହୁଇ ୨ ଅଧ୍ୟାପକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ବୈଠକ ଡକାଇ ସମସ୍ୟାର ସମାଧାନ କରିଥିଲେ। କିନ୍ତୁ କଲେଜ ବାହାରେ ଧମକ ଦେବା, ଅସମ୍ମାନ ପ୍ରତିବାଦରେ ଶନିବାର କଲେଜ ଫାଟକ ସମ୍ମୁଖରେ କେତେକ ଅଭିଭାବକଙ୍କ ସହ ଛାତ୍ରୀମାନେ ଅଭିଯୋଗ କରିଥିଲେ। ପରେ ଅନ୍ୟ କେତେକ ଶିକ୍ଷାର୍ଥୀ ମଧ୍ୟ ଅନୁରୂପ ଭାବେ ଅଭିଯୋଗ କରିଥିଲେ। ଅସଦାଚରଣର ଶିକାର ହୋଇଥିବା ଛାତ୍ରୀମାନେ ସମ୍ପୃକ୍ତ ଅଧ୍ୟାପକଙ୍କ ବହିଷ୍କାର ଦାବି କରୁଥିବା ବେଳେ ଅତିଥି ଅଧ୍ୟାପକଙ୍କ ପାଖରେ ଟ୍ୟୁଶନ ହେଉଥିବା ଶିକ୍ଷାର୍ଥୀ ଏହାର ବିରୋଧ କରି ହୋହଲ୍ଲା କରିଥିଲେ। ଅତିଥି ଅଧ୍ୟାପକଙ୍କ ବହିଷ୍କାର ନ ହେଲେ ଉଚ୍ଚପଦସ୍ଥ ପ୍ରଶାସନ ନିକଟରେ ଫେରାଦ ହେବା ସହ ଧାରଣା ଦେବେ ବୋଲି ଛାତ୍ରୀମାନେ ଚେତାବନୀ ଦେଇଛନ୍ତି। ରାଇବଣିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତି ପଡ଼ିଥିଲା।

# ଆଦର୍ଶ ଶିକ୍ଷା ମନ୍ଦିରରେ ବିଜ୍ଞାନମେଳା

ଖଇରା, ୧୧।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରା ବଜାର ଆଳଦାସ୍ଥିତ ଆଦର୍ଶ ଶିକ୍ଷାମନ୍ଦିର ବିଦ୍ୟାଳୟରେ ଶୁକ୍ରବାର ପ୍ରତିଷ୍ଠାତା ପ୍ରଭାତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ୟାଙ୍କ ପରିଚାଳକ ବିନୋଦ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ମୋଟ ୬୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ବିଜ୍ଞାନ ଶିକ୍ଷକ ମୂରଲୀଧର ଶିଅଳ ଓ ମୃତ୍ୟୁଞ୍ଜୟ ନାୟକ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ପ୍ରଧାନଶିକ୍ଷକ ମଣିକିଙ୍କର ଜେନାଙ୍କ ସମେତ ପ୍ରହ୍ଲାଦ ରାୟ, ତପନ କୁମାର ବିଶ୍ୱାଳ, ନିର୍ମଳା ମହାନ୍ତି, ପ୍ରୀତିଲତା ପାଣିଗ୍ରାହୀ, ବିଚିତ୍ରା ଦାସ, ବିଦ୍ୟୁତପ୍ରଭା ହାତୀ, ଅଙ୍କିତା ଭୁୟାଁ, ଅନୁଶ୍ରୀ ବିଶ୍ୱାଳ, ଶୁଭଶ୍ରୀ ରାଉତ, ରଶ୍ମିତା ମିଶ୍ର ଓ ବାସନ୍ତୀ ସାହୁ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କ ନାଚଗୀତରେ କମ୍ପିଲା ସ୍କୁଲ ପରିସର

## ଖଇରା ହାଇସ୍କୁଲରେ ପୁରସ୍କାର ବିତରଣ ଉତ୍ସବ


ଉତ୍ସବରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

ଖଇରା, ୧୧।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରାର ସର୍ବପୁରାତନ ଖଇରା ହାଇସ୍କୁଲର ସାମ୍ବତ୍ସରିକ ପୁରସ୍କାର ବିତରଣ ଉତ୍ସବ ଶନିବାର ସଭା ସମ୍ବର୍ଦ୍ଧନା ସାଙ୍ଗକୁ ପିଲାମାନଙ୍କ ନାଚଗୀତର ତାଳେ ତାଳେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁଜାତା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି ଓ ଖଇରା କଲେଜ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ପିଲାଙ୍କୁ ମଣିଷ କରିବାରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ପ୍ରକାଶ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ, ପୁରାତନ ଛାତ୍ର ସଂସଦ ସଭାପତି ମୁକ୍ତିକାନ୍ତ ଶତପଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ମାଳତୀ ସେଠୀ, ଓଷ୍ଟା ଖଇରା ଶାଖା ସମ୍ପାଦକ ବିଷ୍ଣୁପ୍ରସାଦ ମିଶ୍ର, ସମିତିସଭ୍ୟା ନର୍ମଦା ଦେଓ, ଏସଏମସି ସଭାପତି ସଞ୍ଜୟ ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ହେମନ୍ତ କୁମାର ବେହେରା ବାର୍ଷିକ ବିବରଣୀ ପାଠ, ପ୍ରଜ୍ଞାପାରମିତା ପରିଡା ମଞ୍ଚ ଆହ୍ୱାନ ଏବଂ ନରୋତ୍ତମ ପୁଟି ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତା କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଚିନ୍ତାମଣି ସଂସ୍କୃତ ମହାବିଦ୍ୟାଳୟରେ ପ୍ରବାସୀ ଭାରତୀୟ ଦିବସ



ଔପଦା, ୧୧।୧(ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ବ୍ଲକ ଫତେପୁର ପଞ୍ଚାୟତ ଚିନ୍ତାମଣି ସଂସ୍କୃତ ମହାବିଦ୍ୟାଳୟ ଫତେପୁରରେ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଇଛି। ଅଧ୍ୟକ୍ଷ କ୍ଷୀରୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ବିଇଓ ସୁଦର୍ଶନ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟର ଶିକ୍ଷା ପରିଚାଳନା କମିଟି ସଭାପତି ଭରତ ଚରଣ ଦାସ ଉକ୍ତ ଦିବସର ପାଳନ ଉପାଦେୟ କଥା ବଖାଣିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ରମାଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଔପଦା ଡିଗ୍ରୀ ମହାବିଦ୍ୟାଳୟରେ ପ୍ରବାସୀ ଭାରତୀୟ ଦିବସ ପାଳନ ହୋଇଯାଇଛି। ପ୍ରାକ୍ତନ ଅଧ୍ୟକ୍ଷ କମଳାକାନ୍ତ ଦାସଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥାର ସଂଯୋଜକ ଅଧ୍ୟାପକ ଦ୍ୱାରିକା ନାଥ ଶତପଥୀ ଆମ୍ଭେମାନେ ସବୁ ଭାରତୀୟ ବୋଲି ଗର୍ବ କରିବା ଉଚିତ୍। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ନାୟକ, ଲକ୍ଷ୍ମୀନାରାୟଣ ଦାସ, ହରିହର ପଣ୍ଡା, ପ୍ରବାସିନୀ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ଯୁକ୍ତ ୩ ଶେଷବର୍ଷର ଛାତ୍ରୀ ସୁଧାରାଣୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଚର ଜମି ଚିହ୍ନଟ

କାଳିପଦା, ୧୧।୧(ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଘଣ୍ଟୁଆ ପଞ୍ଚାୟତ ବଡ଼କସବାସ୍ଥିତ ଗେଙ୍ଗୁଡ଼ିଆ ସରକାରୀ ବିଦ୍ୟାଳୟ ନିକଟରେ ଥିବା ୪ ଡିସିମିଲ ଗୋଚର ଜାଗାକୁ ଶିଶିର କୁମାର ପାଠୀ ଦୀର୍ଘ ୨ବର୍ଷ ଧରି ଦଖଲ କରି ରଖିଥିଲେ। ଫଳରେ ସ୍କୁଲ ପରିସରରେ ଥିବା ଅଙ୍ଗନୱାଡି କେନ୍ଦ୍ରର ପିଲାମାନେ ରାସ୍ତାକୁ ଅବରୋଧ କରୁଥିଲେ। ଏହି ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ ଘଣ୍ଟୁଆର ପୂର୍ବତନ ସରପଞ୍ଚ ଅଭିମନ୍ୟୁ ଜେନା ତଥା ଗ୍ରାମବାସୀ ତହସିଲଦାର ଏବଂ ଜିଲାପାଳଙ୍କର ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଲିଆପାଳ ତହସିଲଦାର ଉକ୍ତ ବିଷୟକୁ ତଦନ୍ତ କରି ଚିଠି ନଂ. ୭୦୦୩ ରେ ତା୧୦।୦୧।୨୦୨୫ ତାରିଖରେ ବାଲିଆପାଳ ତହସିଲଦାର ସାଇଶ୍ରୀ ଲୋକନାଥ ସେଠୀଙ୍କ ତତ୍ତ୍ୱାବଧାନକ୍ରମେ ଆର୍‌ଆଇ ଏବଂ ଅମିନ ଚିହ୍ନଟ କରିଥିଲେ।

# ଜୀବନକୁ ବୁଝି ନ ପାରିଲେ ଜୀବନ ଦୁଃଖ ହୋଇଯାଏ



ବିଦ୍ୟାଳୟର ବାର୍ଷିକ ପତ୍ରିକା ମନସ୍ୱିନୀ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଉଛି।

ସିମୁଳିଆ, ୧୧।୧(ସନ୍ତୋଷ ନାୟକ)

ରୟାଲ ପବ୍ଲିକ ସ୍କୁଲର ୧୬ତମ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟ ନିର୍ଦ୍ଦେଶକ ପଦ୍ମଲୋଚନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଧରଣୀଧର ପାତ୍ର ଯୋଗଦେଇ ଯୁବକମାନଙ୍କ ଉଦ୍ଦେଶ୍ୟରେ ଜୀବନକୁ ବୁଝି ନ ପାରିଲେ ଜୀବନ ଦୁଃଖ ହୋଇଯାଏ ଓ ବିଶିଷ୍ଟ ଜନନାୟକଙ୍କ ଚିନ୍ତନ ଉପରେ ଦେଶର ପ୍ରଗତି ନିର୍ଭର କରେ ବୋଲି କହିଥିଲେ। ନିର୍ଦ୍ଦେଶକ ପଦ୍ମଲୋଚନ ଦାଶ ସ୍ରଷ୍ଟା ସୃଷ୍ଟିର ପୁଲକରେ ଆମୋଦିତ ହୋଇଥାଏ ବୋଲି କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ, ଅଧ୍ୟକ୍ଷ ବିଷ୍ଣୁମୋହନ ମହାନ୍ତି, ଉପାଧ୍ୟକ୍ଷ ମିଳନ ମହାନ୍ତି, ପ୍ରଧାନ ଶିକ୍ଷକ ରାଜୀବ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ରଞ୍ଜନ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ପତ୍ରିକା ମନସ୍ୱିନୀ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଭିନ୍ନ ବର୍ଗରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଦୟାନିଧି ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ତେଲକୋଇ ବନାଞ୍ଚଳରେ ଛୁଆହାତୀ ଅସୁସ୍ଥ

କେନ୍ଦୁଝର,୧୧।୧(ଦୀପକ ମିଶ୍ର): କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳରେ ଗୋଟିଏ ଛୁଆହାତୀ ଅସୁସ୍ଥ ହୋଇ ବୁଲୁଛି। ଜଣାପଡ଼ିବା ପରେ ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ବନ ବିଭାଗ ଛୁଆହାତୀ ଉପରେ ନଜର ରଖିଛି। କାଳିଆହତା ଫରେଷ୍ଟ ବିଟ୍‌ର ବେଣାମୁଣ୍ଡା ଗ୍ରାମ ସନ୍ନିକଟରେ ୨୬ ଟିକିଆ ହାତୀପଲ ଚଳପ୍ରଚଳ କରୁଛନ୍ତି। କିଛି ଦିନ ପୂର୍ବେ ହାତୀଙ୍କ ପାଦ ଚିହ୍ନରେ ରକ୍ତ ପଡ଼ିଥିବା ଦେଖାଯାଇଥିଲା। ଏହା ପରେ ବନ ବିଭାଗ ପକ୍ଷରୁ ଡ୍ରୋନ୍ କ୍ୟାମେରା ଦ୍ୱାରା ଯାଞ୍ଚ ଆରମ୍ଭ ହୋଇଥିଲା। ଏକ ହାତୀ ଛୁଆ ଚାଲିବାରେ ସମସ୍ୟା ହେଉଥିବା ବନ ବିଭାଗ ଜାଣିବାକୁ ପାଇଥିଲା। ପରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍.ଡି ଧନ୍‌ରାଜ ଶନିବାର କାଳିଆହତା ଫରେଷ୍ଟ ବିଟ୍ ବେଣାମୁଣ୍ଡାସ୍ଥିତ ହାତୀ ଥିବା ସ୍ଥାନ ପରିଦର୍ଶନ କରି ସ୍ଥିତି ଯାଞ୍ଚ କରିଥିଲେ। ଫାଶରେ ପଡ଼ି ଛୁଆହାତୀ ଆହତ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି, ୨ ବର୍ଷର ହାତୀ ଛୁଆ ସାମାନ୍ୟ ଛୋଟଉଥିବା ଜଣାପଡ଼ିଛି। ବିଭାଗ ପକ୍ଷରୁ ହାତୀଛୁଆ ଉପରେ ନଜର ରଖାଯାଇଛି। ଫାଶରେ ପଡ଼ି ଆହତ ହେବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।

# ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍

ପାଟଣା,୧୧।୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟସ୍ଥିତ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶନିବାର ରାଜ୍ୟ କାୟାକଳ୍ପ ଟିମ୍ ପରିଦର୍ଶନ କରିଛି। ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା, ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଆଦି ଅନୁଧ୍ୟାନ କରିବା ସହ ବିଭିନ୍ନ ବିଭାଗର ନଥିପତ୍ର ଯାଞ୍ଚ କରିଥିଲେ। ରାଜ୍ୟ କାୟାକଳ୍ପ ଟିମ୍‌ର ଡା. ଡିଏସ୍ ଅରବିନ୍ଦ, ଡା. ଆତିଶ ମହାନ୍ତି, ଡା. ରୁଦ୍ର ଦାସ, ଜିଲା ଟିମ୍‌ର କ୍ୱାଲିଟି ମ୍ୟାନେଜର ଡା. ଅଭିଷେକ ସତ୍‌ସଙ୍ଗ, କ୍ୱାଲିଟି କନସଲ ଟେଷ୍ଟ ଡ଼ା. ହିମାଂଶୁ ଶେଖର ସାହୁ ପ୍ରମୁଖ ଟିମରେ ସାମିଲ ହୋଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ.ଶୁଭେନ୍ଦୁ ସାଗର ନାଏକ, ରାଧାମୋହନ ସାହୁ, ନିରଞ୍ଜନ ସାହୁ, ଅଭିଷେକ ସାହୁ, ସ୍ୱାଗତ ପ୍ରଧାନ, ଯାଜ୍ଞସେନୀ ମହାନ୍ତ, ଡା. ପାର୍ଥସାରଥୀ ଦାଶ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ସେଠୀ, ବିପିଏମ ଦୀପକ ନାୟକ ପ୍ରମୁଖ ସାମିଲ ଥିଲେ।

# ସ୍ମାଶର୍ସ ଟିମ୍ ଚାମ୍ପିୟନ

## ରୟାଲ ପ୍ରିମିୟର ଲିଗ୍

ବାରିପଦା,୧୧।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ପାଲବଣି ଷ୍ଟେଶନ ଆସୋସିଏସନ ପଡ଼ିଆରେ ଚାଲିଥିବା ରୟାଲ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟର ୧୦ମ ସଂସ୍କରଣ ଜେଡିପି କପର ଚାମ୍ପିୟନ ହୋଇଛି ସ୍ମାଶର୍ସ ଦଳ। ସଂଘର୍ଷ ପୂର୍ଣ୍ଣ ଫାଇନାଲ ମ୍ୟାଚରେ ସ୍ମାଶର୍ସ ଦଳ ଜଗନ୍ନାଥ ୱାରିଅର୍ସ ଦଳକୁ ଶେଷ ଓଭରରେ ପରାସ୍ତ କରି ଏହି ସଫଳତା ଲାଭ କରିଛି। ଜଗନ୍ନାଥ ୱାରିଅର୍ସ ଦଳ ପ୍ରଥମେ ବ୍ୟାଟିଂ କରି ୧୫୪ ରନ ସ୍କୋର କରିଥିଲା। ସ୍ମାଶର୍ସ ଦଳ ୧୫୫ ରନର ପିଛା କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ସାମାଜିକ କର୍ମୀ ଗିରିଶ ଚନ୍ଦ୍ର ଦାସ, ସମ୍ପାଦକ ସଞ୍ଜୀବ ଦ୍ୱିବେଦୀ, କାର୍ଯ୍ୟକାରୀ ସମ୍ପାଦକ ତଥା ୨୫ ନମ୍ବର ୱାର୍ଡ କାଉନସିଲର ଦେବାଶିଷ ପାତ୍ର, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଜେଡିପିର ମୁଖ୍ୟ ସୌରଭ ମୋଦି, ଯୁବ ସାମାଜିକ କର୍ମୀ ଶିରିଶ ହେମ୍ବ୍ରମ, ଷ୍ଟେଶନ ଆଥେଲେଟିକ ଆସୋସିଏସନର ଉପସଭାପତି ଆଦିତ୍ୟ ଦଣ୍ଡପାଟ, କ୍ରିକେଟ ସମ୍ପାଦକ ରାମେଶ୍ୱର ମାଝୀ ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ଯଥାକ୍ରମେ ୧ ଲକ୍ଷ ଓ ୭୦ହଜାର ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଶୁଭାଶିଷ ଦେ ମ୍ୟାନ ଅଫ୍ ଦି ଫାଇନାଲ ମ୍ୟାଚ ସହ ୨୫୦୦ଟଙ୍କା ଏବଂ ସୁଧାକର ନାୟକ ଏହି ଲିଗର ଶ୍ରେଷ୍ଠ ଖେଳାଳି ବିବେଚିତ ହେବା ସହ ୫୦୦୦ ଟଙ୍କାର ପୁରସ୍କାର ରାଶି ପାଇଥିଲେ। ଫାଇନାଲ ମ୍ୟାଚକୁ ଆମ୍ପାୟାର ପ୍ରସନ୍ନଜିତ ମହାନ୍ତି ଓ ପ୍ରବୀର ମୋଦି ପରିଚାଳନା କରିଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଜିଲା ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ


ମୁଖ୍ୟଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

ବାଲେଶ୍ୱର, ୧୧।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ୮୦ତମ ବାର୍ଷିକ ଜିଲା ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ରଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଯୋଗଦେଇ କୁନି ପିଲାମାନେ ଭବିଷ୍ୟତରେ ଉଚ୍ଚକୋଟୀର କ୍ରୀଡ଼ାବିତ୍ ହେବା ଦିଗରେ ଦିଗଦର୍ଶନ ଦେଇଥିଲେ। ସଂଘର ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା ପ୍ରାରମ୍ଭିକ ସୂଚନା ଦେଇଥିଲେ। ପୂର୍ବାହ୍ନରେ ଆୟୋଜିତ ଦୌଡ଼ ପ୍ରତିଯୋଗିତାରେ ଡିଆଇଜି ଡା. ସତ୍ୟଜିତ୍ ନାୟକ, ଆଇପିଏସ୍ ମନୋଶିଷ ଦାସ, ଡ. ସୁରଜ ଜେନା, ଡ. ଅମର ଜ୍ୟୋତି ଆଚାର୍ଯ୍ୟ ଓ ପ୍ରକାଶ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସବ୍-ଜୁନିଅର, ଜୁନିଅର ଓ ସିନିଅର ବର୍ଗର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। କ୍ରୀଡ଼ା ସଂଘର ଉପସଭାପତି ଜଗଦୀଶ ବେହେରା, ଅମର ମହାନ୍ତ, କୋଷାଧ୍ୟକ୍ଷ ବିଷ୍ଣୁପ୍ରସାଦ ମହାନ୍ତି, ଯୁଗ୍ମ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ନାୟକ, ବୀରେନ୍ଦ୍ର କୁମାର ସ୍ୱାଇଁ ଓ ସଞ୍ଜୟ ଲେଙ୍କା, ଅଜିତ ପାତ୍ର, ନିମାଇଁଚରଣ ରାଉତରାୟ, ଜନ୍ମେଜୟ ଦେଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମକର ପାଇଁ ସଜେଇ ହେଉଛି ଗାଁ ଦାଣ୍ଡ

ବାରିପଦା,୧୧।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପାଖେଇ ଆସିଲାଣି ମୟୂରଭଞ୍ଜର ଗଣପର୍ବ ମକର। ଏଥିପାଇଁ ସଜେଇ ହେଉଛି ଗାଁ ଦାଣ୍ଡ। ନୂଆ ଲୁଗା ସାଙ୍ଗକୁ ସୁଆଦିଆ ପିଠାପଣାର ମହକ ବାରି ହୋଇପଡୁଛି। ପର୍ବ ପାଳନକୁ ନେଇ ପ୍ରସ୍ତୁତି ପଥରେ ଜିଲାବାସୀ। ଅସୁମାରୀ ଆନନ୍ଦ ଓ ଉଲ୍ଲାସରେ ପାଳନ ହେବାକୁ ଯାଉଛି ପବିତ୍ର ମକର ପର୍ବ।

ମକର ଚାଷୀଙ୍କ ପାଇଁ ବଡ଼ ପର୍ବ। ଫସଲ ଅମଳ ପରେ କୃଷି ଯନ୍ତ୍ରପାତିକୁ ଖଳାରେ ରଖି ପୂଜାର୍ଚ୍ଚନା କରିଥାନ୍ତି। ଅରୁଆ ଚାଉଳରେ ଫଳମୂଳ ଦେଇ ମକର ଚାଉଳ ପ୍ରସ୍ତୁତ କରାଯାଇ ଭୋଗ ଲଗାଯାଏ। ସଂକ୍ରାନ୍ତି ଦିନ ସମସ୍ତେ ନୂଆ ଲୁଗା ପିନ୍ଧି ଦେବଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥାନ୍ତି। ପର୍ବ ପାଳନ ପାଇଁ ପିଠାପଣାର ପ୍ରସ୍ତୁତି ଆରମ୍ଭ ହୋଇଛି। ମଣ୍ଡା, କାକରା, ଆରିସା, ତିଳଉଠାରୁ ଆରମ୍ଭ କରି ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତିରେ ଗୃହିଣୀମାନେ ଲାଗିପଡ଼ିଛନ୍ତି। ଘରଦ୍ୱାର ଲିପାପୋଛା କରି ଅଗଣାକୁ ସଫାସୁତୁରା କରୁଛନ୍ତି। ପର୍ବରେ ନୂଆ ପୋଷାକ ପରିଧାନ ପାଇଁ ସବୁଆଡ଼େ ମକର ହାଟ ବସିଛି। ପୋଷାକ, ଜୋତା, ତେଜରାତି, ମନୋହରି ଆଦି ଦୋକାନରେ ପ୍ରବଳ ଭିଡ଼ ଜମିଲାଣି। ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ ୮ ଦିନ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଗାଁଗଣ୍ଡାରେ ପିଲାମାନେ ମକର କୁମା କରି ପର୍ବର ମଜା ଉଠାଇବାକୁ ଲାଗିପଡ଼ିଛନ୍ତି।

ବିଭିନ୍ନ ବର୍ଗର ଲୋକେ ଏହି ପ୍ରସିଦ୍ଧ ମକର ପର୍ବକୁ ପାଳନ କରୁଥିବା ବେଳେ କୁଡୁମୀ ମହାନ୍ତ ସମ୍ପ୍ରଦାୟର ଲୋକେ ତିନିଦିନ ଧରି ପାଳନ କରିଥାନ୍ତି। ମକର ପୂର୍ବଦିନ ବାଉଣ୍ଡି କୁହାଯାଏ। ଏହି ଦିନ ଘରଦ୍ୱାର ବିଶେଷ ଭାବେ ସଫାସୁତୁରା କରିବା ସହ ସାଜସଜ୍ଜା କରନ୍ତି। ବାଉଣ୍ଡି ପର୍ବ ରାତିରେ ଟୁସୁମନି ଦେବୀ ପ୍ରତିମାଙ୍କୁ ପାରମ୍ପରିକ ଗୀତ ଗାଇ ଦୀପ ଧୂପ ଦେଇ ପୂଜାର୍ଚ୍ଚନା କରିଥାନ୍ତି। ଭୋର ସମୟରେ ନିକଟସ୍ଥ ନଦୀ ନାଳ ଜଳାଶୟରେ ସ୍ନାନ କରି ନୂଆ ବସ୍ତ୍ର ପିନ୍ଧି ଅଗିରା ଜାଳି ତା' ଚାରିପଟେ ଟୁସୁ ଗୀତ ଓ ମାଦଳର ତାଳେ ତାଳେ ନୃତ୍ୟଗୀତ ପରିବେଷଣ କରିଥାନ୍ତି। ଘରର ମୁଖ୍ୟଙ୍କ ଆଶୀର୍ବାଦ ସହ ଭାବ ଆଦାନପ୍ରଦାନ କରିଥାନ୍ତି। ମକର ପର୍ବ ଦିନ ଘରେ ମାଂସ, ଭାତ, ପିଠାପଣା ଆଦି ସପରିବାର କୁଣିଆ ମିତ୍ରଙ୍କ ସହ ଖାଇଥାନ୍ତି। ପରେ ଗ୍ରାମର ଝିଅ, ଯୁବତୀମାନେ ଟୁସୁ ଗୀତ ଗାଇ ନୃତ୍ୟ ପରିବେଷଣ ସହ ଟୁସୁ ପ୍ରତିମାଙ୍କୁ ନେଇ ଗ୍ରାମ ସାରା ବୁଲାଇଥାନ୍ତି। ସଂସ୍କୃତି ଓ ପରମ୍ପରାକୁ ନେଇ ଜିଲାରେ ମକର ପର୍ବ ପାଳନ ହୋଇଆସୁଛି।

# ୪୦ ଲକ୍ଷ ଟଙ୍କା, ୩୨ ଗ୍ରାମ୍ ୭୨୦ ମିଲିଗ୍ରାମ୍ ସୁନା ମିଳିଲା

## ମା' ତାରିଣୀଙ୍କ ହୁଣ୍ଡି ଗଣତି

ଘଟଗାଁ,୧୧।୧(ରାଜେନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀଙ୍କ ହୁଣ୍ଡି ଶୁକ୍ରବାର ଖୋଲାଯାଇ ଗଣତି କରାଯାଇଛି। ମନ୍ଦିର ବେଢ଼ା ଭିତର ଓ ବାହାର ମୋଟ ୧୩ ଗୋଟି ହୁଣ୍ଡିରୁ ୪୦ ଲକ୍ଷ ୪୭ ହଜାର ୨୩୭ ଟଙ୍କା, ୩୨ ଗ୍ରାମ ୭୨୦ ମିଲିଗ୍ରାମ ସୁନା ଓ ୨ କେଜି ୨୫୪ ଗ୍ରାମ ୬୧୯ ମିଲିଗ୍ରାମ ରୁପା ମିଳିଥିବା ଜଣାଯାଇଛି। ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପୋଲିସ ସମେତ ମନ୍ଦିର କର୍ମଚାରୀ ମଦନ ମୋହନ ପୂର୍ତ୍ତି, ପଞ୍ଚାନନ ନାଏକଙ୍କ ଉପସ୍ଥିତିରେ ମନ୍ଦିର ବରିଷ୍ଠ କର୍ମଚାରୀ ଅବନୀ ଜେନା, ଶରତ ବେହେରା, ହରେକୃଷ୍ଣ ପଳେଇ, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, କାଳନ୍ଦୀ ମହାନ୍ତ, ତୁଷାରକାନ୍ତ ରାଉତ, ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ପରମେଶ୍ୱର ବଳ, ସନାତନ ନାଏକ, ତରଣୀସେନ ରାଉତ, ତୁଷାରକାନ୍ତ ରାଉତ, ହରିହର ମହାନ୍ତ, ନାରାୟଣ ମୁଖି, ଗଗନ ବେହେରା, ପିତାମ୍ବର ଗିରି, ଚକ୍ରଧର ନାଏକ, ସନିଆ ମୁଖି, ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ପିନାକେଶ୍ୱର ମହାନ୍ତ, ବିଦ୍ୟୁତପ୍ରଭା ଦେହୁରୀ, ସିପୁନ ସାହୁ ପ୍ରମୁଖ ଗଣତିରେ ସହଯୋଗ କରିଥିଲେ। ନୂଆବର୍ଷ ଦିନ ପୀଠରେ ୨ ଲକ୍ଷ ଭକ୍ତଙ୍କ ସମାଗମ ଓ ପର୍ଯ୍ୟଟନ ଋତୁ ଚାଲିଥିବାରୁ ଦାନ ପରିମାଣ ବଢ଼ିଥିବା କୁହାଯାଇଛି।





ଦିଲ୍ଲୀ ବିଧାନସଭା ନିର୍ବାଚନ ସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଗତ ସପ୍ତାହରେ ରୋହିଣୀଠାରେ ହୋଇଥିବା 'ପରିବର୍ତ୍ତନ ରାଲି' ବେଳେ ଶୁଭାରମ୍ଭ ହୋଇଥିବା ଭାଜପାର ନିର୍ବାଚନୀ ସଙ୍ଗୀତ 'ବାହାନେ ନେହିଁ ବଦଲାଭ ଚାହିଏ, ଦିଲ୍ଲୀମେ ବିଜେପି ସରକାର ଚାହିଏ'କୁ ଶନିବାର ନୂଆଦିଲ୍ଲୀଠାରେ ଭାଜପା ଏମ୍ପି ମନୋଜ ତିୱାରି (ବାମରୁ ଦ୍ୱିତୀୟ), ପାର୍ଟିର ଦିଲ୍ଲୀ ସଭାପତି ବୀରେନ୍ଦର ସଚ୍ଦେବା (ଡାହାଣରୁ ୨ୟ), ଯୋଗେନ୍ଦ୍ର ଚାନ୍ଦୋଲିଆ (ଡାହାଣରୁ) ଓ ଅନ୍ୟମାନେ ବ୍ୟାପକ ଭାବେ ପ୍ରସାର କରିବା ଲାଗି ଉଦ୍ୟମ କରୁଛନ୍ତି।

# ରେଢ଼ାଖୋଲ ବିଧାନସଭା କ୍ଷେତ୍ରରେ ଭାଜପାର ଅନ୍ତର୍ଦ୍ୱନ୍ଦ୍ୱ

ସମ୍ବଲପୁର,୧୧।୧
(ଭବାନୀ ଶଙ୍କର ଭୋଇ)

- ବିଭିନ୍ନ ମଣ୍ଡଳରେ ନେତୃତ୍ୱକୁ ନେଇ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ
- ହୁମା, ଯୁଯୁମୁରା ମଣ୍ଡଳ ସଭାପତିଙ୍କ ନାମ ଘୋଷଣା ହୋଇପାରିନି

ଚଳିତ ମାସ ୬ ତାରିଖରେ ସମ୍ବଲପୁର ଜିଲାର ଭାଜପା ମଣ୍ଡଳ ସଭାପତିମାନଙ୍କ ନାମ ଘୋଷଣା କରାଯାଇଥିଲା। ଏହାପରେ ରେଢ଼ାଖୋଲ ବିଧାନସଭା କ୍ଷେତ୍ରରେ ବିଭିନ୍ନ ମଣ୍ଡଳରେ ଅସନ୍ତୋଷ ଦେଖାଦେଇଛି। ଯୁଯୁମୁରା ବ୍ଲକ ପଡ଼ିଆବାହାଲ ଭାଜପା ମଣ୍ଡଳ ସଭାପତିଙ୍କୁ ନେଇ ଦଳୀୟ କର୍ମୀ ଖୋଲାଖୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି । ଜିଲାରେ ଭାଜପା ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ରହିଥିବାରୁ ସମସ୍ତଙ୍କୁ ସନ୍ତୁଷ୍ଟ କରିବାକୁ ଭାଜପା ରାଜ୍ୟ ନେତୃବୃନ୍ଦ ମଣ୍ଡଳ ସଭାପତି ଘୋଷଣା ସମୟରେ ଚେଷ୍ଟା କରିଛନ୍ତି। ଏଭଳି ସ୍ଥିତିରେ ସ୍ଥାନୀୟ କର୍ମୀ ରାଜ୍ୟ ନେତୃବୃନ୍ଦଙ୍କ ଘୋଷଣା ପରେ ଅସନ୍ତୋଷ ପ୍ରକାଶ କରିବା ଆରମ୍ଭ କରିଛନ୍ତି। ବିଶେଷକରି ଯୁଯୁମୁରା ପଡିଆବାହାଲ ମଣ୍ଡଳ ପାଇଁ ଆକାଶ ମିଶ୍ରଙ୍କୁ ଭାଜପା ମଣ୍ଡଳ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ଏହାକୁ ନେଇ ଭାଜପା କର୍ମୀ ବିକ୍ଷୋଦ୍‌ଗାର କରିଛନ୍ତି। ବଡ଼ସାହିର ଗୁଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଏକ ବୈଠକ କରି ମଣ୍ଡଳ ସଭାପତି ପରିବର୍ତ୍ତନ କରିବାକୁ ଦାବି କରାଯାଇଛି। ଗତ ନିର୍ବାଚନରେ କଂଗ୍ରେସରେ ଥିବା ନେତାଙ୍କୁ ଆମଦାନୀ କରାଯାଇ ମଣ୍ଡଳ ସଭାପତି ଦାୟିତ୍ୱ ଦିଆଯାଇଥିବା ନେଇ ଅଭିଯୋଗ ହୋଇଛି। କଂଗ୍ରେସରୁ ଆସିଥିବା ଜଣେ ନେତ୍ରୀ ରେଢ଼ାଖୋଲ ଭାଜପାରେ ଅଧିକ ଗୁରୁତ୍ୱ ଦିଆଯିବା ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାସହ ଗତ ନିର୍ବାଚନରେ ରେଢାଖୋଲ ବିଧାନସଭା ଆସନର ଭାଜପା ପ୍ରାର୍ଥୀଙ୍କୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ କରାଯାଇଥିଲା।

ସ୍ଥାନୀୟ ଭାଜପା ନେତା ନରେଶ ପ୍ରଧାନଙ୍କ ସଭାପତିତ୍ୱରେ ମଣ୍ଡଳର ପାଞ୍ଚଟି ପଞ୍ଚାୟତର ଭାଜପା ପ୍ରତିନିଧି ସାମିଲ ହୋଇଥିଲେ। ପୂର୍ବତନ ଜିଲା ପରିଷଦ ସଦସ୍ୟା ଅମୂଲ୍ୟା ସାହୁ, ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ପକ୍ଷରୁ ଜିଲା ପରିଷଦ ପ୍ରାର୍ଥୀ ଟିଙ୍କି ପ୍ରଧାନ, ଅଶ୍ୱିନୀ ମିର୍ଦ୍ଧା, ନରେଶ ମହାନ୍ତି, ଉମାକାନ୍ତ ମହନ୍ତମ, ଗୁଣନିଧି ମେହେର, ସରୋଜ ଭୋଇ ଭୀମସେଣ୍ଟ୍ସ ସୁହୁଲା, ସତ୍ୟନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରେଢାଖୋଲ ବିଧାନସଭା କ୍ଷେତ୍ରର ରହିଥିବା ଅସନ୍ତୋଷ ଯୋଗୁ ବିଧାନସଭା କ୍ଷେତ୍ରର ହୁମା ଏବଂ ଯୁଯୁମୁରା ମଣ୍ଡଳ ସଭାପତିଙ୍କ ନାମ ମଧ୍ୟ ଘୋଷଣା ହୋଇ ପାରି ନାହିଁ । ଏ ସଂକ୍ରାନ୍ତରେ ସମ୍ବଲପୁର ଜିଲା ଭାଜପା ସଭାପତି ଗିରୀଶ ପଟେଲ କହିଛନ୍ତି, ଏନେଇ ତାଙ୍କ ନିକଟରେ କୋଣସି ଲିଖିତ ଅଭିଯୋଗ ଆସିନାହିଁ। ତେବେ ଯାହାର କିଛି ଅଭିଯୋଗ ଥିଲେ ନିର୍ବାଚନ ଦାୟିତ୍ୱରେ ଥିବା ରାଜ୍ୟ ପଦାଧିକାରୀଙ୍କ ଜଣାଇବାକୁ ସେ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ନିଜ ପିତାଙ୍କ ହତ୍ୟାର ତଦନ୍ତ ପାଇଁ ଚିଠି ଲେଖନ୍ତୁ ଦୀପାଳି: ବାବୁ ସିଂ

ଭୁବନେଶ୍ୱର,୧୧।୧(ଅନିଲ ଦାସ)

ପୋଲିସ ବ୍ୟବହାର କରି ତାଙ୍କ ପିତା ନବ ଦାସଙ୍କୁ ହତ୍ୟା କରାଯାଇଥିଲା ବୋଲି ଶୁକ୍ରବାର ପୂର୍ବତନ ବିଧାୟିକା ଦୀପାଳି ଦାସ ଏକ ଖବରଦାତା ସମ୍ମିଳନୀରେ କହିଥିଲେ। ଏହାର ଅର୍ଥ ସେ ପ୍ରତ୍ୟକ୍ଷ ଭାବରେ ସ୍ୱୀକାର କରିଛନ୍ତି ତାଙ୍କ ପିତାଙ୍କ ହତ୍ୟା ପଛରେ ପୂର୍ବ ସରକାରଙ୍କ ହାତ ଅଛି। ଯେଉଁ ଦୀପାଳି ଦାସ ବାପାଙ୍କ ଦେହାନ୍ତ ଘଟଣାର ତଦନ୍ତ ପାଇଁ ଥରେ ବି ବିଧାନସଭାରେ ଦାବି କରି ନ ଥିଲେ କିମ୍ବା ପ୍ରସଙ୍ଗ ଉଠାଇ ନ ଥିଲେ, ଘଟଣାରେ ନ୍ୟାୟ ପାଇଁ ଉଚ୍ଚ ନ୍ୟାୟାଳୟରେ ଲଢ଼େଇ କରି ନ ଥିଲେ, ସେ ପରିବାର ପାଖରେ ରାଜନୀତି ହିଁ ସର୍ବସ୍ୱ। ଏହା ସହଜରେ ଅନୁମେୟ । ଯଦି ଦୀପାଳି ଦାସ ଏବେ ଚାହୁଁଛନ୍ତି ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସୁ ତେବେ ସେ ଏବଂ ତାଙ୍କ ପରିବାର ଲିଖିତ ଆକାରରେ ସରକାରଙ୍କ ନିକଟରେ ନବ ଦାସ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବି କରନ୍ତୁ । ଯଦି ଦୀପାଳି ସିବିଆଇ ତଦନ୍ତ ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ନିଜ ବାପାଙ୍କ ହତ୍ୟାର ତଦନ୍ତ ପାଇଁ ଚିଠି ଲେଖିଦିଅନ୍ତି, ତେବେ ରାଜ୍ୟ ସରକାର ପ୍ରକୃତ ଦୋଷୀକୁ ସର୍ବସମ୍ମୁଖରେ ଆଣିବେ ଏବଂ ଦୋଷୀ ଦଣ୍ଡ ପାଇବ। ଆମେ ଏଥିରେ ସହଯୋଗୀ ହେବୁ ବୋଲି ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି।

ଶନିବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି, ବିଜେଡି ମୁଖପାତ୍ର ସସ୍ମିତ ପାତ୍ର, ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ତାଙ୍କ ପରିବାର ଭାଜପା ବିରୋଧରେ କରିଥିବା ଭିତ୍ତିହୀନ ବକ୍ତବ୍ୟକୁ ଆମେ ଦୃଢ଼ ନିନ୍ଦା କରୁଛୁ । ଏଥିସହ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କିର୍ମିରା ଅନସ୍ଥା ପ୍ରସଙ୍ଗରେ ଯେଉଁଭଳି ଭାବରେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି, ତାହା ଅତ୍ୟନ୍ତ ହାସ୍ୟାସ୍ପଦ। ଗଣତନ୍ତ୍ରକୁ କିଏ ହତ୍ୟା କରିଛି, ତାହା ଝାରସୁଗୁଡା ଏବଂ ଓଡ଼ିଶାବାସୀଙ୍କୁ ବହୁତ ଭଲ ଭାବରେ ଜଣା। ଗୋଟିଏ ଦଳ ଦୀର୍ଘ ୨୪ବର୍ଷ ଧରି ଶାସନ କଲା ପରେ, ନିଜ ଅପାରଗତା କାରଣରୁ ବିତାଡ଼ିତ ହେବା ପରେ ମଧ୍ୟ ତାଙ୍କର ଶାସନର ମୋହ ଏପର୍ଯ୍ୟନ୍ତ ଛାଡ଼ି ନାହିଁ। କିଏ ଏବଂ କେଉଁ ବ୍ୟକ୍ତି ସେମାନଙ୍କୁ ଲୁଚେଇ କି ରଖିଥିଲା ତା'ର ପର୍ଦ୍ଦାଫାଶ୍ ହେଉ । ଗତ ୨ ଦିନ ତଳେ ଛତିଶଗଡ଼ଠାରେ ଏକ ହୋଟେଲରେ ଯେଉଁ ସରପଞ୍ଚ ଏବଂ ସମିତିସଭ୍ୟ ରହିଥିଲେ କିଛି ଲୋକ ଅଚାନକ ସେମାନଙ୍କୁ ଉଠେଇବାକୁ ଯାଇଥିଲେ। ପରେ ରାତି ୨ଟାରେ ନବ ଦାସଙ୍କ ପୁଅ ଗୁଣ୍ଡାଧରି ହୋଟେଲ ଭାଙ୍ଗିବାକୁ ଚେଷ୍ଟା କରିବା ସହ ସରପଞ୍ଚ ଏବଂ ସମିତିସଭ୍ୟଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ। ଗୁଣ୍ଡାଗର୍ଦ୍ଦି କରିବା ପୂର୍ବ ସରକାରର ନୀତି ଓ ଆଦର୍ଶ ଥିଲା। ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ବିଜେଡିର ୨୪ ବର୍ଷ ଶାସନ କେବଳ ଗୁଣ୍ଡାଗର୍ଦ୍ଦିରେ ବିତିଛି। ବିଜେଡି ଶାସନ ସମୟରେ କହୁଥିଲେ 'ଆଇନ ତା' ବାଟରେ ଯିବ', ମାତ୍ର ସେତେବେଳେ ତା' ହେଉ ନ ଥିଲା । ଏବେ ଯେତେବେଳେ ଆଇନ ନିଜ ବାଟରେ ଯାଉଛି ସେତେବେଳେ ବିଜେଡି ତାକୁ ବିରୋଧ କରୁଛି ବୋଲି ବାବୁ ସିଂ କହିଛନ୍ତି।

# ଭାଜପା ପୋଲିସକୁ ହାତବାରିଶି କରି ଗଣତନ୍ତ୍ରକୁ ହତ୍ୟା କରିଛି: ବିଜେଡି

ଭୁବନେଶ୍ୱର,୧୧।୧(ଅନିଲ ଦାସ)

**କିର୍ମିରା ଅନାସ୍ଥା ଭୋଟ ଘଟଣା**

କିର୍ମିରା ଅନାସ୍ଥା ଭୋଟରେ ପରାଜୟ ନିଶ୍ଚିତ ଜାଣି ଭାଜପା ନିର୍ବାଚନ ନ କରାଇ ଦେବା ପାଇଁ ଷଡ଼ଯନ୍ତ୍ର କରିଛି ବୋଲି ବିଜେଡି ଅଭିଯୋଗ କରିଛି। ଏଥିରେ ଓଡ଼ିଶା ଓ ଛତିଶଗଡ଼ ପୋଲିସକୁ ସାମିଲ କରାଯାଇଛି ବୋଲି ଶଙ୍ଖଭବନଠାରେ ଶନିବାର ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଓ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ କହିଛନ୍ତି। ଭାଜପା ସରକାର ପଞ୍ଚାୟତ ପ୍ରତିନିଧିଙ୍କୁ ପୋଲିସ ଦ୍ୱାରା ଜୋରଜବରଦସ୍ତ ଅଟକ ରଖି ସେମାନଙ୍କୁ ଅନାସ୍ଥା ଭୋଟରୁ ବିରତ ରଖିଥିଲେ। ନିର୍ବାଚିତ ପ୍ରତିନିଧିମାନେ ସ୍ୱଇଚ୍ଛାରେ ଆସିଛନ୍ତି ବୋଲି ଲିଖିତ ଭାବେ ଜଣାଇଥିଲେ ମଧ୍ୟ ସେମାନଙ୍କୁ ଛାଡ଼ି ନ ଥିଲେ ବୋଲି ସେ କହିଛନ୍ତି।

ଦୀପାଳି ପୁଣି କହିଛନ୍ତି, ପ୍ରଥମେ ସେମାନେ ଅନାସ୍ଥା ଭୋଟ ନ ହେଉ ବୋଲି ଚାହୁଁଥିଲେ। ସେଥିପାଇଁ କିର୍ମିରା ପଞ୍ଚାୟତର ଦୁଇ ତୃତୀୟାଂଶ ପଞ୍ଚାୟତ ପ୍ରତିନିଧି ଅନାସ୍ଥା ନୋଟିସ ଦେବାସତ୍ତ୍ୱେ ପ୍ରଶାସନ ଅନାସ୍ଥା ଭୋଟ କରିବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଥିଲା। ଉଚ୍ଚ ନ୍ୟାୟାଳୟ ଏହି ମାମଲାରେ ହସ୍ତକ୍ଷେପ କରି ଜାନୁଆରୀ ୧୦ ସୁଦ୍ଧା ନିର୍ବାଚନ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ ଆସନ୍ନ ଜାଣି ଗୁଣ୍ଡାମାନଙ୍କ ଦ୍ୱାରା ପଞ୍ଚାୟତ ପ୍ରତିନିଧିମାନଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରାଯାଇଥିଲା । ସମସ୍ତ ଉଦ୍ୟମ ବିଫଳ ହେବା ପରେ ପୋଲିସକୁ ଗୁଣ୍ଡା ଭୂମିକାରେ ନିୟୋଜିତ କରାଯାଇଥିଲା। ଲଇକେରା ଆଇଆଇସି ଆମ କଲ୍ୟାଣମଣ୍ଡପକୁ ବିନା ସର୍ଚ୍ଚୱାରେଣ୍ଟରେ କେତେକ ଅସାମାଜିକ ବ୍ୟକ୍ତିଙ୍କ ସହ ଯାଇ ସର୍ଚ୍ଚ କରିଥିଲେ, ଯେଉଁଥିରୁ ସରକାରରେ ଥିବା ଦଳର ଅସହାୟତା ସ୍ପଷ୍ଟ ବାରି ହୋଇପଡୁଛି। ପରେ ଓଡ଼ିଶା ପୋଲିସର ଏକ ଟିମ୍ ଛତିଶଗଡ଼ ଯାଇ ସେମାନଙ୍କୁ ଜୋରଜବରଦସ୍ତ ଅଟକ ରଖିଥିଲା ଓ ସେମାନଙ୍କୁ ଛତିଶଗଡ଼ ପୋଲିସକୁ ହସ୍ତାନ୍ତର କରିଥିଲା। ସେମାନଙ୍କୁ ଅଟକ ରଖାଯାଇଛି ବୋଲି ଜାଣିବା ପରେ ମୁଁ ମୋର ଭାଇ ବିଶାଲ ଦାସଙ୍କୁ ସେଠାକୁ ପଠାଇଥିଲି, କିନ୍ତୁ ପୋଲିସ ତାଙ୍କୁ ମଧ୍ୟ ଅଟକ ରଖିଥିଲା। ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ସେମାନଙ୍କୁ ଅଟକ ରଖାଯାଇଥିଲା। ଭାଜପା ପୋଲିସକୁ ହାତବାରିଶି କରି ଗଣତନ୍ତ୍ରକୁ ହତ୍ୟା କରିଛି। ଭାଜପାର ସତ୍‌ସାହସ ଥିଲେ ୨ଦିନ ଭିତରେ ନିର୍ବାଚନ କରନ୍ତୁ ବୋଲି ଦୀପାଳି କହିଛନ୍ତି ।

ବିଜୁ ଜନତା ଦଳର ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ଦଳର ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଦଳ ତରଫରୁ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଛନ୍ତି। ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ନେତୃତ୍ୱରେ ଏହି ଟିମ୍ ଗଠିତ ହୋଇଛି । ଖୁବ୍‌ଶୀଘ୍ର ଏହି ଟିମ୍ ସେଠାକୁ ଯିବ ଏବଂ ସମଗ୍ର ଘଟଣାର ତଥ୍ୟ ସଂଗ୍ରହ କରି ଦଳର ସଭାପତିଙ୍କ ନିକଟରେ ଉପସ୍ଥାପନ କରିବ ବୋଲି ପାତ୍ର କହିଛନ୍ତି।


## ODISHA PUBLIC SERVICE COMMISSION
## CUTTACK
### NOTICE

**No.243/P.S.C., Dt. 10.01.2025**
(1E-11-2024/25)(DR-II)
Website - http://www.opsc.gov.in

**No.D-230** : It is for information of all concerned that, the Written Examination for recruitment to the post of Assistant Microbiologist, Group-B of Odisha Food Testing Laboratory cadre under Health & Family Welfare Department, pursuant to Advertisement No. 07 of 2023-24 will be held on **18.02.2025 (Tuesday) from 10:00 A.M. to 01:00 P.M.** The detailed programme along with venue shall be published later.

The concerned candidates are advised to visit the website of OPSC (www.opsc.gov.in) regularly for further updates.

OIPR-12002/11/0129/2425 Sd./- Secretary

## OFFICE OF THE NOTIFIED AREA COUNCIL, NIMAPARA
At/PO/PS- Nimapara, Dist-Puri, Odisha, PIN-752106
eMail ID- eo-nacnimapada.od@gov.in, nimapadanac@gmail.com,
Website- nimaparanac.in, Phone-06758-454167
Letter No. 210/Date: 10.01.2025

### EXPRESSION OF INTEREST

No. C-1465:- Executive Officer, on behalf of Nimapara NAC, Dist-Puri invites sealed quotation in plane paper from Registered / Experienced / Reputed Consultants / Architects having valid Income Tax and GST Registration Certificates for the work.

1. **Preparation of DPR for Construction of Welcome Gate at Tala Andhia Main road of Nimapara NAC.**
2. **Preparation of DPR for Construction of Welcome Gate near Kushabhadra River Bridge of Nimapara NAC.**
3. **Preparation of DPR for Construction of Welcome Gate at Balanga Road Nuharkiri of Nimapara NAC.**
4. **Preparation of DPR for Construction of Welcome Gate at Bamanala Road Patapur of Nimapara NAC.**
5. **Preparation of DPR for Construction of Welcome Gate at Balipatna Road Ratnakar Bihar of Nimapara NAC.**

**The quotationer should furnish their rates in % of rate over the cost of DPR.**

Preference shall be given to those experienced consultant who have already rendered similar type of services to various urban local bodies of Odisha State Government. The quotation paper along with all documents shall be received in the Office of the Executive Officer, Nimapara NAC through Regd. post/Speed post/Courier or by person on or before Date **30.01.2025** up to **05.00 P.M.** and the same will be opened on **Dt. 31.01.2025** at **11.00 A.M.** in the presence of the quotationer or their authorized representative. The EOI is available in the Nimapara NAC website i.e **http://www.nimaparanac.in/**. The quotation received beyond the schedule date and time will not be considered at all.

The DPR submitted by the Agency will be verified and approved by the Competent Authority i.e Addl. Chief Engineer-Cum-ILW, Bhubaneswar Division. The undersigned reserves the rights to accept / cancel / reject any or all the quotations without assigning any reason thereof.

OIPR-13112/11/0019/2425 **Sd./- Executive Officer, Nimapara NAC**

## OFFICE OF THE DIVISIONAL FOREST OFFICER, DEOGARH FOREST DIVISION
Phone No. : 06641-291002, E-mail - dfo.deogarh@odisha.gov.in

### SHORT TENDER NOTICE
**Tender No. 7/2024-25 Dated : 10.01.2024**

**No.MM - :** Divisional Forest Officer, Deogarh Forest Division on behalf of Governor of Odisha invites sealed tenders from reputed intending Manufacturing Firms/Dealers/Suppliers having valid GSTIN and PAN Registration No. for Procurement of 60 numbers of 100 liters SS 304 stainless steel dustbins. The tender papers with detailed terms and conditions documents can be downloaded from website www.odishaforest.in/www.deogarh.odisha.gov.in from 11:00 Hours of 11.01.2025 to 17:00 Hours of 23.01.2025 or shall be available in the Office of DFO, Deogarh on payment of Rs. 1,000/- (One thousand) only in cash or Account Payee Bank Draft in favour of Divisional Forest Officer, Deogarh Forest Division during office hours from 11:00 Hours of 11.01.2025 to 17:00 Hours of 23.01.2025. The Tender Papers can be submitted at the below mentioned address on or before 23.01.2025 till 05:00 P.M. by Speed Post/ registered post/ by hand only. The tender will be opened in the office of the undersigned on 24.01.2025 at 11.30 A.M.

**Post/Courier: Divisional Forest Officer, Office of the DFO, Deogarh Forest Division, At: - Traffic Chowk, Pin-768108.**
**Email-id : dfo.deogarh@odisha.gov.in**

**Sd./- Divisional Forest Officer**
**OIPR-08041/11/0009/2425 Deogarh Forest Division**

ରାଜଗାଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ, ରାଜଗାଙ୍ଗପୁର
ପୌରପାଳିକା କାର୍ଯ୍ୟାଳୟ, ରାଜଗାଙ୍ଗପୁର – ୭୭୦୦୧୭

## OFFICE OF THE RAJGANGPUR MUNICIPALITY, RAJGANGPUR
Municipality Office, Rajgangpur - 770017,
Tel : 06624-220454
Rajgangpur Municipality Rajgangpur_Mun
E-mail : rajgangpurm.hud@nic.in

**No. 112** **Date : 09.01.2025**

### EXPRESSION OF INTEREST

**No.C-1453** : RAJGANGPUR MUNICIPALITY proposes to undertake the **"Preparation of Storm Water Drainage Master Plan & DPR for The Rajgangpur Municipality"** area. Proposals are invited to conduct the assignment and submit the deliverables from engineering consultants/Consulting registered architectural firms with the requisite experience in the preparation of darinage/Pipeline/Sewerage network plans. Details of the bid document can be obtained from the office of RAJGANGPUR MUNICIPALITY by payning the EOI paper cost fees Rs. 10,000/- (Rupees Ten Thousand) only, non-refundable during office hours on or before Dt. 29.01.2025. The completed applications, as per instructions in the EOI document should reach the following address by hand/registered post/speed post/Courier by 4.00 P.M. on Dt. 30.01.2025.

RAJGANGPUR MUNICIPALITY reserves the sole right to accept or reject any or all proposals without assigning any reason whatsoever.

**Sd./- Executive Officer**
**OIPR-13094/11/0013/2425 Rajgangpur Municipality**

## CAPITAL REGION URBAN TRANSPORT, Govt. of Odisha
**Plot No 548/1452, Kalarahanga, Patia, Bhubaneswar-751031, Odisha, Phone No. 0674-3501580, E-Mail Id:-crutbbsr@gmail.com**
**No. 62/Date.09.01.2025**

**NOTICE INVITING TENDER (NIT)** **BID IDENTIFICATION No.62/G.M (Engg.)/CRUT/2024-25**

No. C-1458:- **General Manager (Engg.), CRUT, Bhubaneswar** on behalf of Managing Director, CRUT invites Percentage Rate bids in **DOUBLE COVER SYSTEM** for the construction of works as detailed in the table, from the class of eligible contractors as mentioned in column-5 (five) registered with the State Governments and Contractors of equivalent Grades / Class Registered with Central Government / MES / Railways for execution of Civil Works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under State Government has to register under the State Government of Odisha in appropriate class of eligibility before signing of the agreement.
The bidders may submit bids for the following work through 'e'-Tendering only.

| Sl. No. | Name of work | Approximate value of work (₹ in Amount) Excluding GST | Time of Completion | Class of Contract | Bid Security | Cost of document (in ₹) | Last date of online receipt of bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Construction of 153 Nos. of Bus Pole at Cuttack, Odisha. | ₹78,85,620.00 | 03 (Three) Calendar Months | 'B' Class | 1% of value of work. | ₹10,000.00 + 18% | 01/02/2025 up to 5.30 P.M |

1. The Bid documents will be available in the website http://tendersodisha.gov.in from 15/01/2025 to 5.30 P.M. of 01/02/2025.
2. All Corrigendum and Addendum will be published in the Website only. 3. Other details can be seen in the bidding documents.

**Sd./- GM, Engineering on behalf of Managing Director,**
OIPR-13183/11/0019/2425 **Capital Region Urban Transport (CRUT)**

GOVERNMENT OF ODISHA **E-Mail ID: eerw_blgr@yahoo.co.in**

## OFFICE OF THE SUPERINTENDING ENGINEER, RURAL WORKS DIVISION, BOLANGIR
### e-Procurement Notice

**No. O-1198**
**IFB IDENTIFICATION No. EEBLGR-Online-12/2024-25**

| | | | |
|---|---|---|---|
| 1. | Name of Work | : | Road Works |
| 2. | Total No. of Works | : | 06 (Six) Nos. |
| 3. | Approximate Estimated Cost | : | Rs.7.28 Lakh to Rs.35.00 Lakh |
| 4. | Time for Completion | : | 1 (One) Calendar Month |
| 5. | Mode of Submission of Tender | : | Tender should be submitted online in **www.tendersodisha.gov.in** |
| 6. | Other details are as follow | : | As per TCN No. EEBLGR-Online-12/2024-25 |

| Procurement Officer | Bid Identification No. | Availability of Tender Online for Bidding | | Last date and time of seeking Tender Clarification | Date & time of opening of Tender |
|---|---|---|---|---|---|
| | | From | To | | |
| Superintending Engineer, R.W. Division, Bolangir | EEBLGR-Online-12/2024-25 | 16.01.2025 at 11.00 A.M. | 27.01.2025 upto 5.00 P.M. | 24.01.2025 upto 1.00 P.M. | 28.01.2025 at 11.00 A.M. |

- Further details can be seen from the website **www.tendersodisha.gov.in**.
- Any Corrigendum/Addendum will be displayed in the above e tender website only.

**OIPR-25068/11/0015/2425 Sd./- Superintending Engineer, R.W. Division, Bolangir**

See Career Appointment on every Wednesday & Saturday

## NOTICE INVITING TENDER
No.CAD-2147
## Office of District Manager
## Odisha State Civil Supplies Corporation Ltd. (OSCSC)
Nuapada (District), Phone: 9438248542
**TENDER No. 154 Dated: 09.01.2025**

**Cost of Tender Document:- Rs.11800/- Inclusive of GST.**
**Online Tenders are invited from eligible bidders for selection and appointment of level-1 transport contractor for transportation of Wheat from Food Storage Depot (FSD), FCI to Rice Receiving Centre (RRC).**

| | | |
|---|---|---|
| 1 | Availability of tender documents | From Date 11.01.2025 Downloadable from website: www.oscsc.in. www. foododisha.in & www.tendersodisha.gov.in |
| 2 | Date, time and venue for pre-bid conference. | On dt 16.01.2025 at 11.30 A.M. Place - Office Chamber of CSO-cum-DM, OSCSC Ltd., Nuapada |
| 3 | Last date and time for **online** submission of completed Tender Documents with enclosures | Through e-Procurement Portal: www.tendersodisha.gov.in Up to 05.30 PM of dt. 26.01.2025 |
| 4 | Date, time and venue for opening of Technical Bid by the Tender Committee | On dt. 28.01.2025 at 11.30 Place- Conference Hall of Collectorate, Nuapada |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt. 28.01.2025 at 11.30 Place- Conference Hall of Collectorate, Nuapada |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Venue of the opening of Technical & Financial Bids | Conference Hall of Collectorate, Nuapada |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender. |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk Telephone No. | (i) OSCSC Ltd.: - District Manager:- 9438248542 Accounts Head, 6370112636 (ii) State Procurement Cell:-0674-2530998 /18003456765 |

**N.B.:** 1. If the office happens to be closed on the date of opening of tenders, tenders will be opened on the next working day in the same time.
OIPR-07058/11/0003/2425 **Sd./- District Manager, OSCSC Ltd., Nuapada**

## OFFICE OF THE DEPUTY SUPERINTENDENT
## GOVT. AYURVEDIC HOSPITAL, BBSR
**At-Nageswar Tangi, PO- B.J.B. Nagar, Bhubaneswar, Pin-751014**
**Email- deputysuperintendent.gah.bbsr@gmail.com**
**Phone- 0674-2432347**

### CORRIGENDUM

**No. 21** **Dated. 09.01.2025**

No.E-672:- Reference to the Tender Call Notice No. 734/DS. GAH/BBSR Dated: 18/12/2024 published in the News Paper on 20.12.2024 and website www.ayushodisha.nic.in for the supply of PET bottles, Plastic containers and corrugated cartoon boxes to the Odisha Ayurvedic Pharmacies for the year 2024-25, the following amendments have been made as per the decision taken in the pre-Bid meeting on dated 30.12.2024 at 11.30 AM as follow: -

- The Corrugated Boxes should be new and of 150 GSM, Seven-ply thickness. All other specifications for this item in the tender shall remain unchanged.
- There should be no changes in specification and quality of the PET Bottles and HDPE containers. However, the PET bottles should be of Amber colour and the cap should be White in colour. The HDPE wide mouth containers should be white in colour with red colour caps.
- The bidders who participated in the **Bid. No- 550/ Dtd-30/09/2024** for supply of PET bottles, Plastic containers and corrugated cartoon boxes and submitted EMD for the purpose are exempted from re-submission of the EMD amount.
- The bid submission date has been extended till dtd-17/01/2025 by 04.00 P.M. and the bid opening date has been rescheduled to 18.01.2025.

**Sd./- Deputy Superintendent**
**Govt. Ayurvedic Hospital, Bhubaneswar.**
OIPR-10053/11/0005/2425

# ଗର୍ଭବତୀ ସ୍ତ୍ରୀଙ୍କୁ ହତ୍ୟା ପରେ ଆତ୍ମସମର୍ପଣ

**■ଥାନା ଘେରାଉ ସହ ଗ୍ରାମବାସୀଙ୍କ ଜାତୀୟ ରାଜପଥ ଅବରୋଧ**

**■ପାରିବାରିକ କଳହରୁ କରୁଣ ପରିଣତି**

କାଲିମେଲା,୧୧।୧(ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ ଗୁମ୍ପାକୋଣ୍ଡା ଏମ୍‌ପିଭି-୬୬ ଗ୍ରାମରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହ ଏବଂ ଚରିତ୍ର ସନ୍ଦେହରେ ୩ ମାସର ଗର୍ଭବତୀ ସ୍ତ୍ରୀଙ୍କ ବେକ କାଟି ହତ୍ୟା କରିବା ପରେ ଶୁକ୍ରବାର ବିଳମ୍ବିତ ରାତିରେ ସ୍ୱାମୀ ନିପେନ ବିଶ୍ୱାସ ହତ୍ୟା କରିବା ପରେ ସେ କାଲିମେଲା ଥାନାରେ ଆତ୍ମସମର୍ପଣ କରିଛନ୍ତି। ଏ ନେଇ ନଂ.୧୧/୨୫ରେ ମାମଲା ରୁଜୁ ହୋଇଛି। ତେବେ ଏଭଳି ହତ୍ୟାକାଣ୍ଡକୁ ସହଜରେ ଗ୍ରହଣ କରିପାରିନାହାନ୍ତି ଝିଅର ବାପଘର ଲୋକେ। ନ୍ୟାୟ ଦାବିରେ ଝିଅର ବାପଘର ଗାଁ ଏମ୍‌ପିଭି ୬୭ର ଶତାଧିକ ମହିଳା ପୁରୁଷ ଶନିବାର କାଲିମେଲା ଥାନାରେ ପ୍ରତିବାଦ କରିବା ସହ ଘେରାଉ କରିଥିଲେ। ପରେ ଉତ୍ତ୍ୟକ୍ତ ଲୋକେ ମାଲକାନଗିରି-ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥ କାଲିମେଲା ମୁଖ୍ୟ ଛକ ନିକଟରେ ଟାୟାର ଜାଳି ଅବରୋଧ କରିଥିଲେ। ସୂଚନା ଅନୁଯାୟୀ, କାଲିମେଲା ଥାନା ଏମ୍‌ଭି ୬୬ ଗ୍ରାମର ନିପେନ ଏମ୍‌ପିଭି-୬୭ ଗ୍ରାମର ଶ୍ରାବନ୍ତିଙ୍କୁ ବିବାହ କରିଥିଲେ। ନିପେନ କାଲିମେଲା ବଜାରରେ ଥିବା ଗୁଡ଼ କଲୋନୀ ସ୍କୁଲ ସମ୍ମୁଖରେ ଆଖୁରସ ବିକ୍ରି କରି ପରିବାର ଚଳାନ୍ତି। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପୂର୍ବରୁ ପାରିବାରିକ କଳହ ଲାଗି ରହୁଥିଲା। ଉଭୟ ପରିବାର ଲୋକେ ଏହାର ସମାଧାନ କରିବା ସହ ଗ୍ରାମବାସୀ ମଧ୍ୟ ବୈଠକକରି ସ୍ୱାମୀସ୍ତ୍ରୀ ଭଲରେ ରହିବା ପାଇଁ ପରାମର୍ଶ ଦେଇଥିଲେ। କିଛିଦିନ ତଳେ ଶ୍ରାବନ୍ତି ନିଜ ବାପଘରକୁ ଯାଇଥିଲେ। ବାପଘରୁ ନିପେନ ଶ୍ରାବନ୍ତିଙ୍କୁ ନେଇ ଆସିଥିଲେ। ଶୁକ୍ରବାର ରାତିରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଳହ ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ନିପେନ ରାତି ପ୍ରାୟ ୧୨ଟାରେ ଶ୍ରାବନ୍ତିଙ୍କୁ କତୁରିରେ ହାଣି ହତ୍ୟା କରିଥିବା ଜଣାପଡ଼ିଛି। ଏହାପରେ ନିପେନ କାଲିମେଲା ଥାନାରେ ଆତ୍ମସମର୍ପଣ କରିଛନ୍ତି। କାଲିମେଲା ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରିଛି। ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହକରି ନିପେନ ଏହି ହତ୍ୟାକାଣ୍ଡ ଘଟାଇଥିବା କୁହାଯାଉଛି। କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତକଲା ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ହତ୍ୟାକାଣ୍ଡ ପରେ ଝିଅଘର ଲୋକଙ୍କୁ ନ ଜଣାଇ ପୋଲିସ ମୃତଦେହ ମେଡିକାଲରେ ରଖିଥିବା ଝିଅ ବାପା ଜଗଦୀଶ ମଲ୍ଲିକ ଓ ଭାଇ ମନୋଜିତ ମଲ୍ଲିକ ଅଭିଯୋଗ କରିଛନ୍ତି। କାଲିମେଲା ଥାନାରେ କାର୍ଯ୍ୟ କରୁଥିବା ଏମ୍‌ପିଭି ୬୬ ଗ୍ରାମର ଜଣେ ହୋମଗାର୍ଡ ଝିଅର ଦେହ ଖରାପ ହୋଇଥିବା କଥା କହି ଡାକି ଆଣିବା ହୋମଗାର୍ଡଙ୍କ ଉପରେ ସନ୍ଦେହ ହେଉଛି। ତେଣୁ ହୋମଗାର୍ଡଙ୍କୁ ବହିଷ୍କାର ଦାବିକରି ଗ୍ରାମବାସୀ ଆନ୍ଦୋଳନ ଜାରି ରଖିଛନ୍ତି। ଘଟଣାସ୍ଥଳରେ କାଲିମେଲା ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ଏବଂ ଅନ୍ୟ ପୋଲିସ ଅଧିକାରୀ ଲୋକଙ୍କୁ ବୁଝାସୁଝା ଜାରି ରଖିଛନ୍ତି। ଏମ୍‌ପିଭି୬୭ ଗ୍ରାମର ମହିଳା ରାଡା ଢାଲି, ଅନିମା ରାୟ, ଶିବାନୀ ରାୟ, ସୁଲତା ମଣ୍ଡଳ, ଦୁଲି ବାରୋଇ,ଆରତୀ ମଲ୍ଲିକ,ମଙ୍ଗଳି ବେପାରୀ, ଜୟନ୍ତୀ ବାରୋଇ ଓ ପିଙ୍କି ମଣ୍ଡଳଙ୍କ ସମେତ ଶତାଧିକ ମହିଳା ପୁରୁଷ ଥାନାରେ ପହଞ୍ଚି ନ୍ୟାୟ ଦାବି କରିଛନ୍ତି। ସୂଚନାଯୋଗ୍ୟ, ମୃତ ଶ୍ରାବନ୍ତିଙ୍କ ଦୁଇଟି ସନ୍ତାନ ଥିବା ବେଳେ ସେ ୩ ମାସର ଗର୍ଭବତୀ ଥିଲେ। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ସୂଚନା ଦେଇଛନ୍ତି।

# ଯାଜପୁରରେ ବାହାର ଅପରାଧୀଙ୍କ ଆତଙ୍କ

**ଅଳଙ୍କାର ଲୁଟ୍ ଘଟଣାରେ ଅଭିଯୁକ୍ତଙ୍କୁ ୪ଦିନ ରିମାଣ୍ଡରେ ନେଲା ପୋଲିସ**

ଯାଜପୁର,୧୧।୧(ହର୍ଷବର୍ଦ୍ଧନ ବେହେରା)

ଶିଳ୍ପ ଓ ଖଣି ସମୃଦ୍ଧ ଯାଜପୁର ଜିଲା ବାହାର ଅଞ୍ଚଳର ଅପରାଧୀଙ୍କ ପସନ୍ଦ ପାଲଟିଛି। ସେମାନେ ସର୍ବସାଧାରଣ ରାସ୍ତା, ଏସ୍‌ପି ଅଫିସ ଓ ଥାନା ନିକଟ, ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଅପରାଧ ଘଟାଇ ସହଜରେ ଖସିଯାଇପାରୁଛନ୍ତି। ଜିଲାର ବିଭିନ୍ନ ଅଞ୍ଚଳରୁ ଅଳଙ୍କାର ଦୋକାନରୁ ଲୁଟ୍ ଏବେ ସାଧାରଣ କଥା ହେଲାଣି। ଏଥିରେ ସମ୍ପୃକ୍ତ ଅପରାଧୀମାନେ ପୋଲିସ ଆଖିରେ ଧୂଳି ଦେଇ ଖସି ଯିବାରେ ସଫଳ ହେଉଛନ୍ତି। ଘଟଣା ଅନୁସାରେ ଅପରାଧୀ ଗିରଫ ହୋଇପାରୁନାହାନ୍ତି। ଫଳରେ ସେମାନେ ପୁଣି ଥରେ ଅପରାଧ ଘଟାଇବାକୁ ବଳ ପାଉଛନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ରାଜ୍ୟ ବାହାରର ଅଧିକାଂଶ ଠିକାସଂସ୍ଥା ଜରିଆରେ ନିଯୁକ୍ତି ଦିଆଯାଉଛି। ଫଳରେ ଜିଲାରେ ବାହାର ରାଜ୍ୟର ଗତିବିଧି ସକ୍ରିୟ ହୋଇପଡ଼ିଛି। ବିଶେଷକରି ବିହାର, ପଶ୍ଚିମବଙ୍ଗ, ଛତିଶଗଡ଼ ଆଦି ରାଜ୍ୟରେ ଏକାଧିକ ଅପରାଧ ମାମଲାରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନେ ଯାଜପୁର ଜିଲାର ବିଭିନ୍ନ ବସ୍ତି, ନୂଆ ଭାବେ ଗଢ଼ିଉଠୁଥିବା ଶିଳ୍ପ ଓ ଖଣି ଅଞ୍ଚଳ କଲୋନୀରେ ଲୁଚି ରହୁଛନ୍ତି। ଖସି ଯାଉଥିବା ଅପରାଧୀଙ୍କୁ ପୋଲିସ କାବୁ କରିପାରୁଛି ନା ଲୁଚି ରହୁଥିବା ଦୁର୍ବୃତ୍ତଙ୍କୁ ଧରିପାରୁଛି। ଫଳସ୍ୱରୂପ ନିର୍ଭୟରେ ସେମାନେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି। ଲୁଟ ବେଳେ ସେମାନେ ଲୋକଙ୍କ ଉପରକୁ ଗୁଳି ଚଳାଉଛନ୍ତି। ଏଥିଯୋଗୁ ଜିଲାବାସୀ ସେମାନଙ୍କ ଧନଜୀବନ ପ୍ରତି ସୁରକ୍ଷିତ ମଣୁନାହାନ୍ତି। ଗତ ୪ ତାରିଖରେ ପାଣିକୋଇଲି ଏସ୍‌ପି ଅଫିସ ନିକଟ ପଣ୍ଡା ଅଳଙ୍କାର ଲୁଟ୍ ଓ ଗୁଳିକାଣ୍ଡରେ ଦୁଇ ନିରୀହଙ୍କ ଜୀବନ ଯିବା ପୋଲିସର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ ଉଠିଛି। ଏହି ଘଟଣାର ୭ଦିନ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ପୋଲିସର ହାତ ଖାଲି ରହିବା ସମସ୍ତଙ୍କୁ ଚକିତ କରିଛି। କେବଳ ସ୍ଥାନୀୟ ଅଞ୍ଚଳବାସୀ ଦୁଇ ଡକାୟତଙ୍କୁ କାବୁ କରି ପୋଲିସରେ ଜିମା ଦେଇଛନ୍ତି। ଧରାପଡ଼ିଥିବା ଦୁଇ ଅଭିଯୁକ୍ତ ବିହାରର ବେଗୁସରାଇ ଜିଲା ମଫସିଲ ଥାନା ଅନ୍ତର୍ଗତ ସୁଭିରନଗର ଗ୍ରାମର ରାଜା ଓରଫ ଶୁଭମ ସାହାଣୀ(୩୩) ଏବଂ ଶରଣ ଜିଲା ଗୋରା ଥାନା ଅନ୍ତର୍ଗତ ନଗରା ରାମପୁର ଗ୍ରାମର ରାଣା ଓରଫ ମଧୁକାନ୍ତ କୁମାର(୨୪) ବୋଲି ସୂଚନା ମିଳିଛି। ତେବେ ଏହି ଦୁଇ ଅଭିଯୁକ୍ତ ବାରମ୍ବାର ନାମ, ଠିକଣା ବଦଳାଉଥିବା ଜଣାପଡ଼ିଛି। ଅନ୍ୟ ଅଭିଯୁକ୍ତମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ଯାଜପୁର ଜିଲା ପୋଲିସ ଅଭିଯୁକ୍ତ ରାଜା ଏବଂ ରାଣାଙ୍କୁ ରିମାଣ୍ଡରେ ନେବା ଲାଗି ଯାଜପୁର ରୋଡ଼ ଜେଏମ୍‌ଏଫ୍‌ସି କୋର୍ଟରେ ଆବେଦନ କରିଥିଲା। ତେବେ ଅଭିଯୁକ୍ତଦ୍ୱୟଙ୍କୁ ୪ଦିନ ରିମାଣ୍ଡରେ ନେବାକୁ କୋର୍ଟ ପୋଲିସକୁ ଅନୁମତି ଦେଇଛନ୍ତି। ଅପରପକ୍ଷରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବିହାରକୁ ଯାଇଥିବା ଜଣାପଡ଼ିଛି। ସେହିପରି ୧୫।୦୪।୨୦୨୩ରେ ଯାଜପୁରରୋଡ଼ ସେନ୍‌କୋ ଅଳଙ୍କାର ଦୋକାନରୁ ହୋଇଥିବା ଲୁଟ ଘଟଣାର ଏଯାଏ ପୋଲିସ କୌଣସି ସୂଚନା ପାଇନାହିଁ କିମ୍ବା କାହାରିକୁ ଗିରଫ କରିବାରେ ସଫଳ ହୋଇ ପାରିନାହିଁ। ଲୁଟରେ ସାମିଲ ଦୁର୍ବୃତ୍ତମାନଙ୍କୁ ଧରିବାରେ ଜିଲା ପୋଲିସର ହାତ ଖାଲି ରହୁଥିବାରୁ କ୍ରମାଗତ ଏଭଳି ଘଟଣା ଘଟୁଥିବା ମତପ୍ରକାଶ ପାଉଛି। ପଡୋଶୀ ରାଜ୍ୟର ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ଅପରାଧୀଙ୍କୁ ଗିରଫ କରାଯାଉଛି।ତେଣୁଅପରାଧୀମାନେ ସେମାନଙ୍କ ରାଜ୍ୟ ଛାଡ଼ି ଏଠାକୁ ଚାଲି ଆସୁଛନ୍ତି। କେତେକ ଅପରାଧୀ ଜେଲରେ ରହି ସେଠା ଗ୍ୟାଙ୍ଗଷ୍ଟରଙ୍କ ସହ ମିଶି ସେମାନଙ୍କ ଅପରାଧ ସାମ୍ରାଜ୍ୟ ଚଳାଉଛନ୍ତି। ସେମାନଙ୍କୁ ଠାବ କରିବାରେ ଗୋଇନ୍ଦା ବିଭାଗ ପୁରା ବିଫଳ ହୋଇଯାଉଛି। କେଉଁ ଅପରାଧୀ କେବେ ଜେଲରୁ ମୁକୁଳୁଛନ୍ତି, କେଉଁ ଅଭିଯୁକ୍ତ ସେମାନଙ୍କ ଜିଲା ଛାଡ଼ି ବାହାରକୁ ଯାଉଛନ୍ତି ତାହା ଉପରେ କୌଣସି ନଜର ରଖାଯାଉନାହିଁ। ସେହିପରି ନିୟମିତ ବ୍ୟବଧାନରେ ଅପରାଧ ମାମଲାର ସମୀକ୍ଷା କରାଯାଉ ନାହିଁ ବୋଲି ଏବେ ବରିଷ୍ଠ ପୋଲିସ ଅଧିକାରୀ ତଦନ୍ତକୁ ଏଡ଼ାଇ ଯାଉଛନ୍ତି। ଫଳରେ ଅପରାଧ ବୃଦ୍ଧି ପାଇଚାଲିଛି ଓ ବାହାର ଅପରାଧୀଙ୍କ ଭିଡ଼ ଜମୁଛି ବୋଲି ମତପ୍ରକାଶ ପାଉଛି। ଏ ସମ୍ପର୍କରେ ଯାଜପୁର ଏସ୍‌ପି ଯଶ ପ୍ରତାପ ଶ୍ରୀମାଲଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ଫୋନ୍‌କୁ ଶନିବାର ସନ୍ଧ୍ୟା ସମୟରେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

## ହତ୍ୟା ମାମଲାରେ ଫେରାର ଅଭିଯୁକ୍ତ ପାରାଦୀପରୁ ଗିରଫ

ରାଇରଙ୍ଗପୁର, ୧୧।୧( ମାନସ ମହାନ୍ତି)-ମୟୂରଭଞ୍ଜ ଜିଲା ତିରିଂ ଥାନା ଅଧୀନ ଜଗିଆ ଗ୍ରାମର କେଦାର ଗଡସରା(୬୫) ନାମକ ବୃଦ୍ଧଙ୍କୁ ହତ୍ୟା ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ପାରାଦୀପରୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗତ ନଭେମ୍ବରରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଗିରଫ ଅଭିଯୁକ୍ତ ହେଲେ ସୁଦର୍ଶନ ବାରିକ(୨୯)। କେଦାରଙ୍କ ସ୍ତ୍ରୀଙ୍କ ସହ ପ୍ରେମ ସମ୍ପର୍କ ନେଇ ସୁଦର୍ଶନଙ୍କର ଗଣ୍ଡଗୋଳ ହୋଇଥିଲା। ଏଥିରେ ସୁଦର୍ଶନ ଉତ୍ତ୍ୟକ୍ତ ହୋଇ ରହିଥିଲେ। କେଦାର ଏକାକୀ ବିଲ ନିକଟରେ ଯାଉଥିବା ବେଳେ ସୁଦର୍ଶନ ଏକ ଟାଙ୍ଗିଆରେ ହାଣି ହତ୍ୟା କରି ଫେରାର ହୋଇଯାଇଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

## ନାତି ମାଡ଼ରେ ଜେଜେ ମା'ଙ୍କ ମୃତ୍ୟୁ

ଛତ୍ରପୁର, ୧୧।୧(ସନ୍ତୋଷ ପାଢ଼ୀ/ବିଳାପ ସାମଲ ): ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମରେ ନାତି ମାଡ଼ରେ ଜେଜେ ମା'ଙ୍କ ମୃତ୍ୟୁ ଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ଚନ୍ଦ୍ରମା ନାହାକ (୮୦)। ଶନିବାର ସକାଳେ ମୃତ ବୃଦ୍ଧା ଜଣଙ୍କ ଶୌଚ ହୋଇ ଫେରିବାବେଳେ ନାତି କେଦାର ନାହାକଙ୍କ ସହ କୌଣସି କାରଣକୁ ନେଇ ବଚସା ହୋଇଥିଲା। ପରେ ରାଗିଯାଇ କେଦାର ଏକ କାଠ ଫାଳିଆରେ ଜେଜେ ମା'ଙ୍କୁ ଆକ୍ରମଣ କରିଥିଲେ। ଘଟଣା ସ୍ଥଳରେ ଜେଜେ ମା'ଙ୍କର ମୃତ୍ୟୁ ଘଟିଥିଲା। ଏସମ୍ପର୍କରେ ଖବର ପାଇ ଛତ୍ରପୁର ଥାନା ପୋଲିସ ତଦନ୍ତ କରିବା ସହ କେଦାରଙ୍କୁ ଗିରଫ କରିଛି। ଗ୍ରାମବାସୀଙ୍କ କହିବା ମୁତାବକ କେଦାର ସାମାନ୍ୟ ମାନସିକ ବିକୃତ ହୋଇଥିବାରୁ ଏଭଳି କାଣ୍ଡ ଭିଆଇଛି।

# କୋର୍ଟରେ ଚାକିରି ଦେବା ନାଁରେ ୨୦ ଲକ୍ଷ ଠକେଇ, ଦମ୍ପତି ଗିରଫ

ରାଉରକେଲା,୧୧।୧(ସଙ୍ଗୀତା ଜେନା)

ରାଉରକେଲା କୋର୍ଟରେ ଚାକିରି କରାଇଦେବା ନାଁରେ ସୁନ୍ଦରଗଡ଼, ବଡ଼ଗାଁ, କୁତ୍ରା, ରାଜଗାଙ୍ଗପୁର ଏବଂ ହେମଗିରି ଆଦି ଅଞ୍ଚଳରୁ ବେକାର ଯୁବତୀମାନଙ୍କଠାରୁ ପ୍ରାୟ ୨୦ଲକ୍ଷ ଟଙ୍କା ଠକେଇ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ମାଷ୍ଟରମାଇଣ୍ଡ ଏକ ଠକ ଦମ୍ପତିଙ୍କୁ ଉଦିତନଗର ଥାନା ପୋଲିସ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦମ୍ପତି ହେଲେ ଲକ୍ଷ୍ମୀ ଦତ୍ତ(୨୮) ଓ ତାଙ୍କ ସ୍ୱାମୀ ସଂଗ୍ରାମ ସାହୁ(୩୧)। ସେମାନଙ୍କଠାରୁ ଏକ ମାରୁତି କାର୍ (ନଂ.ଓଡ଼ି୧୯/୬୫୮୧), ୭ଟି ମୋବାଇଲ ଫୋନ୍, ୧୫ଟି ନକଲି ନିଯୁକ୍ତି ପତ୍ର(ଆପଏଣ୍ଟମେଣ୍ଟ ଲେଟର) ଏବଂ ୧୦ଟି ନକଲି ପରିଚୟପତ୍ର ଜବତ କରାଯାଇଛି। ଏ ନେଇ ପୋଲିସ ୨ଟି ମାମଲା (ନଂ.୧୨/୨୫ ଓ ନଂ.୧୩/୨୫) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତା ଜଣେ ଆଇନ ଛାତ୍ରୀ ବୋଲି କୁହାଯାଉଛି। ଏ ନେଇ ଶନିବାର ଉଦିତନଗର ଥାନା ପରିସରରେ



ଗିରଫ ଠକ ଦମ୍ପତି।

ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଡିଏସ୍‌ପି ନିର୍ମଳ ଚନ୍ଦ୍ର ମହାପାତ୍ର ଏବଂ ଥାନାଧିକାରୀ ନିରଞ୍ଜନ ସେଠୀ ସୂଚନା ପ୍ରଦାନ କରିଛନ୍ତି। ଡିଏସ୍‌ପି ମହାପାତ୍ର ସୂଚନା ଦେଇ କହିଛନ୍ତି, ବିରଜାପାଲିସ୍ଥିତ କୋର୍ଟରେ ଅଫିସ ଆସିଷ୍ଟାଣ୍ଟ, କିରାଣୀ, ବରିଷ୍ଠ କିରାଣୀ ଆଦି ପଦବୀରେ ଚାକିରି କରାଇଦେବା ଆଳରେ ବେକାରୀ ଯୁବତୀ ଯୁବକଙ୍କୁ ଟାର୍ଗେଟ କରାଯାଉଥିଲା। ସେମାନଙ୍କ ବିଶ୍ୱାସ ହାସଲ କରିବାକୁ ଅଭିଯୁକ୍ତମାନେ ନକଲି ଆପଏଣ୍ଟମେଣ୍ଟ ଲେଟର ଓ ପରିଚୟପତ୍ର ପ୍ରଦାନ କରୁଥିଲେ। ଏଭଳି ଭାବେ ଅଭିଯୁକ୍ତମାନେ ହେମଗିରି ଅଞ୍ଚଳର ଅମର ବନ୍‌ଛୋର(୩୦), ଗୁପ୍ତେଶ୍ୱର ଧୁରିଆ(୩୦) ଓ ରାଜଗାଙ୍ଗପୁରର ତେଜେଲିନା ସଏ(୨୫)ଙ୍କଠାରୁ ୨୦ଲକ୍ଷ ଟଙ୍କା ନେଇ ନକଲି ଆପଏଣ୍ଟମେଣ୍ଟ ଲେଟର ଓ ପରିଚୟପତ୍ର ପ୍ରଦାନ କରିଥିଲେ। ଉକ୍ତ ଯୁବତୀଯୁବକ ରାଉରକେଲା କୋର୍ଟ ଆସି ଯୋଗ ଦେବା ସମୟରେ ଏପରି କୌଣସି ସାକ୍ଷାତକାର ହୋଇ ନ ଥିବା ଜଣାପଡ଼ିଥିଲା। ଫଳରେ ସେମାନେ ଶୁକ୍ରବାର ରାତିରେ ଉଦିତ୍ ନଗର ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହାପୂର୍ବରୁ ଅଭିଯୁକ୍ତା ଲକ୍ଷ୍ମୀ ବନ୍ଧମୁଣ୍ଡା ଥାନାର ଏକ ମାମଲା (ନଂ.୧୯/୨୩)ରେ ଗିରଫ ହୋଇଥିଲେ। ସେତେବେଳେ ସେ ଜଣେ ମହିଳାଙ୍କଠାରୁ ୩୦ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ତେବେ ଏହି ମାମଲାର ଅଧିକ ତଦନ୍ତ କରାଯାଉଛି। ଠକେଇ ଟଙ୍କାରେ କିଣାଯାଇଥିବା ସମସ୍ତ ସାମଗ୍ରୀ ଜବତ ସହ ବ୍ୟାଙ୍କ ଦେଣନେଣ ତାଲିକା ମଗାଯାଇଛି ବୋଲି ଡିଏସ୍‌ପି ମହାପାତ୍ର କହିଥିଲେ।

# ଭାଇ ହତ୍ୟାର ପ୍ରତିଶୋଧନେବାକୁ ଯାଇ ବଡ଼ଭାଇ ଶିକାର,୨ ଗିରଫ

ମୁନିଗୁଡ଼ା,୧୧।୧(ନନ୍ଦକିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ଥାନା ମୁନିଖୋଲ ପଞ୍ଚାୟତ କୁଲେରିପେଟା ଗ୍ରାମରେ ଭାଇ ହତ୍ୟାର ପ୍ରତିଶୋଧନେବାକୁ ଯାଇ ବଡ଼ଭାଇ ହତ୍ୟାର ଶିକାର ହୋଇଛନ୍ତି। ଏଥିରେ ୨ ଅଭିଯୁକ୍ତ ବଟକୁ ସିକକା ଓ ଲକ୍ଷ୍ମଣ ସିକକାଙ୍କୁ ଗିରଫ ସହ ନଂ. ୮/୨୫ରେ ମାମଲା ରୁଜୁ ପରେ ଶନିବାର କୋର୍ଟ ଚାଲାଣ କରାଯାଇଛି। ସୂଚନାଅନୁଯାୟୀ, ୨୦୨୧ ଜାନୁଆରୀ ୧୪ରେ କୁଲେରିପେଟା ଗ୍ରାମର ଲଗିଡ଼ି ସିକକା(୩୦)ଙ୍କୁ ହତ୍ୟା କରାଯାଇଥିଲା। ଘଟଣା ପରେ ମୁନିଗୁଡ଼ା ପୋଲିସ ନଂ. ୪/୨୧ରେ ମାମଲା ରୁଜୁକରି ତଦନ୍ତ ପରେ ହତ୍ୟା ଅଭିଯୋଗରେ ସେହି ଗ୍ରାମର ମାଣି ସିକକା ଓ ସୁଟେ ସିକକାଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। କିନ୍ତୁ କଥା ସେଇଠି ଥମି ନ ଥିଲା। ମୃତକ ଲଗିଡ଼ିଙ୍କ ବଡ଼ଭାଇ ଦୁକ୍କୁ ସିକକା(୩୫) ସାନଭାଇ ହତ୍ୟାର ପ୍ରତିଶୋଧନେବା ପାଇଁ ସୁଯୋଗ ଖୋଜୁଥିଲେ। ଗତ ୮ତାରିଖରେ ବଟକୁ ସିକକା ଓ ଲକ୍ଷ୍ମଣ ସିକକା କୁଲେରିପେଟା ଗ୍ରାମ ନିକଟସ୍ଥ ଡିମୁଲିପେଟା ଜଙ୍ଗଲ ପାଖରେ ବୁଲୁଥିବା ବେଳେ ଦୁକ୍କୁ ଏହାକୁ ସୁଯୋଗ ଭାବି ହଠାତ୍ ଟାଙ୍ଗିଆ ସାହାଯ୍ୟରେ ସେମାନଙ୍କୁ ଆକ୍ରମଣ କରିବାକୁ ଆଗେଇ ଆସିଥିଲେ। ବଟକୁ ସିକକା ହଠାତ୍ ଏଭଳି ପରିସ୍ଥିତିକୁ ସାମ୍ନା କରିବାକୁ ଭୟଭୀତ ହୋଇ ସାଥିରେ ଥିବା ଲକ୍ଷ୍ମଣଙ୍କ ସହାୟତା ପାଇଁ ଡାକିଥିଲେ। ଉଭୟେ ପ୍ରତିଶୋଧ ପରାୟଣ ହୋଇ ଦୁକ୍କୁ ସିକକାଙ୍କୁ କାବୁକରି ତାଙ୍କ ହାତରୁ ଟାଙ୍ଗିଆ ଛଡ଼ାଇ ଆକ୍ରମଣ କରିଥିଲେ। ଫଳରେ ଦୁକ୍କୁଙ୍କ ବେକରେ ଗଭୀର ଆଘାତ ଲାଗିବା ସହ ପ୍ରବଳ ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ତାଙ୍କର ଜୀବନ ଚାଲିଯାଇଥିଲା। ୯ତାରିଖରେ ବଟକୁ ଓ ଲକ୍ଷ୍ମଣ ହତ୍ୟାକାଣ୍ଡ ବିଷୟରେ ଗାଁରେ ଜଣାଇଥିଲେ। ଗାଆଁ ନିଷ୍ପତ୍ତିକ୍ରମେ ୨ ଜଣ ହତ୍ୟାକାରୀ ସେହିଦିନ ମୁନିଗୁଡ଼ା ପୋଲିସରେ ଆତ୍ମସମର୍ପଣ କରିବା ସହ ଘଟଣା ସମ୍ପର୍କରେ ପୋଲିସକୁ କହିଥିଲେ। ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ପୋଲିସ ଜବତ କରିଥିଲା। ଦୁକ୍କୁଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଶନିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ସୂଚନା ଦେଇଛନ୍ତି।

GOVERNMENT OF CHHATTISGARH
**WATER RESOURCES DEPARTMENT**
OFFICE OF THE EXECUTIVE ENGINEER
WATER RESOURCES DIVISION, JASHPUR (C.G.)
**CORRIGENDUM NO. - 1**

In NIT No. 10/SAC/2024-25, Dated: 16.12.2024, System Tender No. 162827 (1st Call), Whose G-Number - 242504629/4 due to including Chhattisgarh Govt. WRD, Mantralaya Mahanadi Bhavan, Nava Raipur, Atal Nagar Letter No. 4513/F-7-34/S-2/31/2006, Dated: 25.11.2024, in tender document Form-B (Envelope-C) following amendments are made-

| S. No. | Particulars | Previous Published | Amendment As |
|---|---|---|---|
| 1 | Bid due date & time | Date: 06.01.2025 (Time: 17.30) | Date: 20.01.2025 (Time: 17.30) |
| 2 | Bid Open date & time | Date: 07.01.2025 (Time: 11.30) | Date: 21.01.2025 (Time: 11.30) |

Note: All other terms and conditions of NIT will remain unchanged and the details amendments can be seen in Chhattisgarh eproc.cgstate.gov.in website.
Sd./- Executive Engineer
G-242505284/2 Water Resources Division, Jashpur (C.G.)

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ନଂ. DRM/Engg/KUR/24-25/E-Tender/95, ତା.୦୨.୦୧.୨୦୨୫ରିଖ

(୧) ଟେଣ୍ଡର ସଂ. eTender-HQ-KUR-266-2024, ତା.୦୧.୦୧.୨୦୨୫ରିଖ
ବିବରଣୀ : ମଜଭୁତ ପୋଲ ଯୋଗାଣ ଓ ଜୋନ ସହ ସଂଲଗ୍ନ ସମସ୍ତ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 48.39 ଲକ୍ଷ, EMD (₹) : 96,800.00 ।


(୨) ଟେଣ୍ଡର ସଂ. e-Tender-ESTATEKUR-273-24, ତା.୩୦.୧୨.୨୦୨୪ରିଖ
ବିବରଣୀ : ମରାମତି ସହ ପ୍ରାସଙ୍ଗିକ କାର୍ଯ୍ୟ (Exposed Reinforcements) ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 182.34 ଲକ୍ଷ, EMD (₹) : 2,41,200.00 ।

(୩) ଟେଣ୍ଡର ସଂ. e-TenderEASTKUR-277-2024, ତା.୩୦.୧୨.୨୦୨୪ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳ (KUR) ପର୍ଯ୍ୟନ୍ତ MSDAC ସହ ସଂଲଗ୍ନ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 366.93 ଲକ୍ଷ, EMD (₹) : 3,33,500.00 ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.01.2025 ରିଖ 1500 ଘଣ୍ଟାରେ।
ଏହି ଇ-ଟେଣ୍ଡରଗୁଡ଼ିକ ସମ୍ପର୍କରେ ବିସ୍ତୃତ ବିବରଣୀ ପାଇଁ www.ireps.gov.in ୱେବସାଇଟ୍ ଦେଖନ୍ତୁ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-869/P/24-25

## ବାପାଙ୍କ ଛୁରାମାଡ଼ରେ ପୁଅ ମୃତ

ଫୁଲବାଣୀ/ବାଲିଗୁଡ଼ା, ୧୧।୧(ସଞ୍ଜୟ ପାଣିଗ୍ରାହୀ/ରାକେଶ ରାଉତ): କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ବାଟାଗୁଡ଼ା ପଞ୍ଚାୟତର ସିଙ୍ଗମିଳା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ବାପାଙ୍କ ଛୁରାମାଡ଼ରେ ପୁଅର ମୃତ୍ୟୁ ଘଟିଛି। ମୃତକ ହେଲେ ୨୨ ବର୍ଷୀୟ ଜିତେନ୍ଦ୍ର ମଲିକ। ଜିତେନ୍ଦ୍ରଙ୍କୁ ହତ୍ୟା ଅଭିଯୋଗରେ ତାଙ୍କ ବାପା ପ୍ରାଣେଶ୍ୱର ମଲିକ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସୂଚନାଯୋଗ୍ୟ, ବାପ ପୁଅଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ଲାଗେ। ଶନିବାର ସକାଳୁ କୌଣସି କାରଣରୁ ବାପ ପୁଅଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଝଗଡ଼ା ଏତେ ଉଗ୍ର ହୋଇଥିଲା ଯେ, ଉତ୍ତ୍ୟକ୍ତ ବାପା ପ୍ରାଣେଶ୍ୱର ଛୁରିରେ ପୁଅ ଜିତେନ୍ଦ୍ରଙ୍କ ପେଟକୁ ଆକ୍ରମଣ କରିଥିଲେ। ଜୀବନ ବିକଳରେ ଜିତେନ୍ଦ୍ର ସେଠାରୁ ଦୌଡ଼ି ଆସି ସମ୍ପର୍କୀୟଙ୍କ ଘରେ ପହଞ୍ଚିବା ପରେ ସେଠାରେ ମୃତ୍ୟୁ ହୋଇଥିଲା। ଖବର ପାଇ ଘଟଣା ସ୍ଥଳରେ ବାଲିଗୁଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇବା ସହ ଅଧିକ ତଦନ୍ତ ଚଳାଇଛି।



ପ୍ରାଣେଶ୍ୱର ମଲିକ

## ସଫା ବାହାନାରେ ସୁନା ଅଳଙ୍କାର ନେଇଗଲେ

ପାଟଣା,୧୧।୧(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ନୂଆସାହିରେ ସୁନା ସଫା ବାହାନାରେ ଦୁର୍ବୃତ୍ତ ଅଳଙ୍କାର ନେଇଯାଇଛନ୍ତି। ଏ ନେଇ ଠକେଇର ଶିକାର ହୋଇଥିବା ଗ୍ରାମର ନିର୍ମଳ ବେହେରା ଓ ତାଙ୍କ ସ୍ତ୍ରୀ ଶୈଳବାଳା ବେହେରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ଦୁର୍ବୃତ୍ତ ଶନିବାର ତାଙ୍କ ଘରକୁ ଆସି ତରୁତରା ସହ ପ୍ରଥମେ ପିତ୍ତଳ ଗ୍ଲାସ୍ ସଫା କରିଥିଲେ। ପରେ ବିଶ୍ୱାସ ଜନ୍ମାଇ ସୁନା ସଫେଇ କରିଦେବୁ କହିଥିଲେ। ଶୈଳବାଳା ବିଶ୍ୱାସକରି ଘରେ ଥିବା ୧ ସୁନାଚେନ୍ ଓ ୩ ସୁନାମୁଦି ସଫାକରିବା ପାଇଁ ଦେଇଥିଲେ। ୨ ଦୁର୍ବୃତ୍ତ ପାଉଡର ଭିତରେ ସୁନା ଅଳଙ୍କାରକୁ ରଖିକରି କିଛି ସମୟ ପରେ ସୁନା ସଫା ହେବ କହି ପାଉଡର ଭିତରୁ ସୁନା ଅଳଙ୍କାର ବାହାରକରି ଏକ କାଗଜ ପୁଡ଼ା ଧରାଇ ଚମ୍ପଟ ମାରିଥିଲେ। ଶୈଳବାଳା କିଛି ସମୟ ପରେ କାଗଜ ଖୋଲି ସୁନା ବଦଳରେ ଇମିଟେସନ ଗହଣା ଥିବା ଦେଖିଥିଲେ। ଠକାମିର ଶିକାର ହୋଇଥିବା ଜାଣି ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଦୁର୍ବୃତ୍ତଙ୍କୁ ଧରିବାକୁ ତୁରୁମୁଙ୍ଗା ପୋଲିସ ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ ଆରମ୍ଭ କରିଥିବା ଏଏସ୍‌ଆଇ ବୀରେନ୍ଦ୍ର କିଶୋର ବେହେରା କହିଛନ୍ତି।

यूनियन बैंक Union Bank of India
ସମ୍ବଲପୁର-୩ ଶାଖା
ଧନୁପାଲି ଚୌକ, ଧନୁପାଲି, ସମ୍ବଲପୁର-୭୬୮୦୦୫, ଇ-ମେଲ: ubin0914509@unionbankofindia.bank
**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
**ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।
ଏତଦ୍ୱାରା ସାଧାରଣ ଜନସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଓ ଜାମିନଦାରଙ୍କୁ ଜଣାଇ ଦିଆଯାଉଛି ଯେ ଯୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ନିମ୍ନ ବର୍ଣ୍ଣିତ ସ୍ଥାବର ସମ୍ପତ୍ତି "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ଯେପରି ଯାହା ଅଛି" ଭିତ୍ତିରେ ତା.୨୯.୦୧.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ। ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅଗ୍ରୀମ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଋଣଗ୍ରହୀତା/ବନ୍ଧକଦାତା/ଜାମିନଦାରଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିର ବିବରଣୀ | ସମ୍ପତ୍ତି ସମ୍ବନ୍ଧୀୟ ଆଇନଗତ ମାମଲା | ସମୁଦାୟ ବକେୟା ଦେୟ (ଟଙ୍କାରେ) | ସଂରକ୍ଷିତ ମୂଲ୍ୟ/ ଅଗ୍ରୀମ ଜମା ରାଶି/ ବିଡ୍ ବୃଦ୍ଧି ପରିମାଣ | ଯୋଗାଯୋଗ ବ୍ୟକ୍ତି / ଯୋଗାଯୋଗ ନଂ |
|---|---|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ଏ.ପି. ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀମତୀ ପ୍ରିୟଙ୍କା ଶର୍ମା, ଜାମିନଦାର: ଶ୍ରୀ ଅଶ୍ୱିନୀ କୁମାର ମିଶ୍ର, ଠିକଣା: ସମ୍ବଲପୁର | ଶ୍ରୀ ଅଶ୍ୱିନୀ କୁମାର ମିଶ୍ରଙ୍କ ନାମରେ ଥିବା ଜମି ଯାହାର ଖାତା ନଂ.୩୪୪/୧୩୦୫, ପ୍ଲଟ୍ ନଂ.୧୭୦୧/୪୭୯୪, କ୍ଷେତ୍ର: ୦.୦୩୦ ଡିସିମିଲ୍, ମୌଜା: ସମ୍ବଲପୁର, ଜିଲା: ସମ୍ବଲପୁର; ଚୌହଦି: ଉତ୍ତର: ପ୍ଲଟ୍ ନଂ.୧୭୦୧(ଅଂଶ), ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.୧୭୦୧(ଅଂଶ), ପଶ୍ଚିମ: ପ୍ଲଟ୍ ନଂ.୧୭୦୧(ଅଂଶ) | ନାହିଁ | ୨୩.୧୧.୨୦୨୪ ସୁଦ୍ଧା ଟ.୨୫,୭୦,୧୯୦/- + ସେବାକର ସୁଧ, ଆନୁଷଙ୍ଗିକ ଖର୍ଚ୍ଚ ଓ ଦେୟ | ଟ.୧୭,୭୭,୦୦୦/- ଟ.୧,୭୭,୭୦୦/- ଟ.୧୭,୭୭୦/- | ଶ୍ରୀ ବିଶ୍ୱଜିତ ସରକାର, ମୋ.: ୯୦୪୦୫୬୭୩୪୯ |

ରେଜିଷ୍ଟ୍ରେସନ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ୱେବସାଇଟ୍: https://baanknet.com ଦେଖନ୍ତୁ।
ସ୍ଥାନ: ସମ୍ବଲପୁର
ତାରିଖ: ୧୦.୦୧.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, दुमका**
**(rdsddumka1@gmail.com)**

अतिअल्पकालीन ई-निविदा आमंत्रण सूचना
ई-निविदा सूचना संख्या- RDSD/DMK/MMGSY/40/2024-25/RE-2

1.कार्य की विस्तृत विवरणी :-

| क्रम संख्या | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | दुमका जिला के प्रखंड सरैयाहाट अन्तर्गत जयनगर बेलदाहा घाट पर पुल निर्माण। | 5,52,91,500 | 11,06,000 | 10,000.00 | 24 माह |

1. वेबसाईट में निविदा प्रकाशन की तिथि :- 17.01.2025
2. ई-निविदा प्राप्ति की तिथि एवं समय :- दिनांक 17.01.2025 से दिनांक 24.01.2025 को अपराह्न 5:00 बजे तक।
3. निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
4. निविदा शुल्क एवं अग्रधन की राशि का ई-भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जवाबदेही आपकी होगी।
5. निविदा खोलने का स्थान :- e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमंडल दुमका।
6. निविदा खोलने की तिथि एवं समय :- दिनांक 27.01.2025 अपराह्न 2:00 बजे
7. निविदा आमंत्रित करने वाले पदाधिकारी का नाम एवं पता :- कार्यपालक अभियंता, ग्रामीण विकास विशेष प्रमंडल,दुमका।
8. ई-निविदा प्रकोष्ठ का दूरभाष संख्या :- 7091279444
9. परिमाण विपत्र की राशि घट-बढ़ सकती है तदनुसार अग्रधन की राशि देय होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता,
ग्रामीण विकास विशेष प्रमंडल,दुमका
PR 344072 Rural Work Department(24-25).D

**कार्यपालक अभियंता का कार्यालय ग्रामीण विकास विशेष प्रमंडल, दुमका**
**(rdsddumka1@gmail.com)**
**अतिअल्पकालीन ई-निविदा आमंत्रण सूचना**

ई-निविदा सूचना संख्या- RDSD/DMK/PLASH MART/41/2024-25

1.कार्य की विस्तृत विवरणी :-

| क्रम संख्या | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | दुमका जिला में पलाश मार्ट का निर्माण कार्य। | 4,99,96,700 | 10,00,000 | 10,000.00 | 12 माह |

1. वेबसाईट में निविदा प्रकाशन की तिथि :- 17.01.2025
2. ई-निविदा प्राप्ति की तिथि एवं समय :- दिनांक 17.01.2025 से दिनांक 24.01.2025 को अपराह्न 5:00 बजे तक।
3. निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
4. निविदा शुल्क एवं अग्रधन की राशि का ई-भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जवाबदेही आपकी होगी।
5. निविदा खोलने का स्थान :- e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमंडल दुमका।
6. निविदा खोलने की तिथि एवं समय :- दिनांक 27.01.2025 अपराह्न 2:00 बजे
7. निविदा आमंत्रित करने वाले पदाधिकारी का नाम एवं पता :- कार्यपालक अभियंता, ग्रामीण विकास विशेष प्रमंडल,दुमका।
8. ई-निविदा प्रकोष्ठ का दूरभाष संख्या :- 7091279444
9. परिमाण विपत्र की राशि घट-बढ़ सकती है तदनुसार अग्रधन की राशि देय होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।
कार्यपालक अभियंता,
ग्रामीण विकास विशेष प्रमंडल,दुमका
PR 344076 Rural Work Department(24-25)D

## ସଂକ୍ଷେପରେ

### ନିଜ ପିସ୍ତଲରୁ ଗୁଳିଫୁଟି ଆପ୍ ବିଧାୟକଙ୍କ ମୃତ୍ୟୁ


ଗୁରପ୍ରୀତ ବାସି ଗୋଗି

ଲୁଧିଆନା,୧୧।୧(ପି.ଟି.)

ପଞ୍ଜାବର ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତା ତଥା ଲୁଧିଆନା ୱେଷ୍ଟ ବିଧାୟକ ଗୁରପ୍ରୀତ ବାସି ଗୋଗିଙ୍କ ନିଜ ପିସ୍ତଲରୁ ଅକସ୍ମାତ୍ ଗୁଳିଫୁଟି ସେ ପ୍ରାଣ ହରାଇଛନ୍ତି। ବିଧାୟକ ଶୁକ୍ରବାର ରାତିରେ ପିସ୍ତଲକୁ ସଫା କରୁଥିବାବେଳେ ଗୁଳି ଫୁଟିଥିଲା ବୋଲି ତାଙ୍କ ପରିବାର ସଦସ୍ୟ ଓ ଆପ୍ ରାଜ୍ୟ ସଭାପତି ଅମନ ଆରୋରା କହିଛନ୍ତି। ଗୁଳି ତାଙ୍କ କପାଳରେ ବାଜିଥିଲା। ତୁରନ୍ତ ତାଙ୍କୁ ସ୍ଥାନୀୟ ଧାନଚାନ୍ଦ ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠାର ପ୍ରଥମ ବାର୍ଷିକୀ ପାଳନ

ଅଯୋଧ୍ୟା,୧୧।୧(ପି.ଟି.)

ଅଯୋଧ୍ୟା ରାମମନ୍ଦିରରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବର ପ୍ରଥମ ବାର୍ଷିକୀ ପାଳନ ଶନିବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ଅନୁଷ୍ଠିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେବାକୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଅଯୋଧ୍ୟାରେ ପହଞ୍ଚିଛନ୍ତି। ଶନିବାର ଯଜୁର୍ବେଦ ଉଚ୍ଚାରଣ ସହ ରାମମନ୍ଦିର କମ୍ପ୍ଲେକ୍ସରେ ଧର୍ମୀୟ ଓ ସାଂସ୍କୃତି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାମଲାଲାଙ୍କ ଅଭିଷେକ କରିବେ। ଗତବର୍ଷ ଜାନୁଆରୀ ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାର ବର୍ଷ ପୂର୍ତ୍ତି ଅବସରରେ ମୋଦି ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଆସାମ ଖଣିରୁ ଆଉ ୩ ମୃତଦେହ ମିଳିଲା

ଗୁଆହାଟୀ,୧୧।୧

ଆସାମର ଦିମା ହସାଓ ଜିଲା ଉମ୍ରାଙ୍ଗସା ଅଞ୍ଚଳରେ ଥିବା କୋଇଲା ଖଣିରେ ସୋମବାର ଅଚାନକ ବନ୍ୟାପାଣି ପଶି ଏହା ଭିତରେ ୯ ଜଣ ଶ୍ରମିକ ଫସି ରହିଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତଦେହ ମଙ୍ଗଳବାର ମିଳିଥିବାବେଳେ ଶନିବାର ଆଉ ୩ ଜଣଙ୍କ ମୃତଦେହ ବାହାର କରାଯାଇଛି। ଅବଶିଷ୍ଟ ୫ ଜଣଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ୩୦୦ ଫୁଟ୍ ଗଭୀରର ଏହି 'ର୍ୟାଟ୍ ହୋଲ୍' ଖଣିର ୧୦୦ ମିଟର ପାଣିରେ ବୁଡ଼ିଯାଇଥିଲା। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଏବଂ ସେନା ସାମିଲ ହୋଇଛି।

# ଦିଲ୍ଲୀ ଅବକାରୀ ନୀତି: ୨,୦୨୬ କୋଟି କ୍ଷତି

■ଆପ୍ ଲାଞ୍ଚ ନେଇଥିଲା: ସିଏଜି ରିପୋର୍ଟ

■ଆପ୍ ସରକାରଙ୍କୁ ଭାଜପାର ସମାଲୋଚନା

ନୂଆଦିଲ୍ଲୀ,୧୧।୧

ଦିଲ୍ଲୀ ସରକାରଙ୍କ ଦ୍ୱାରା ସମ୍ପ୍ରତି ରଦ୍ଦ ହୋଇଥିବା ଅବକାରୀ ନୀତି କାର୍ଯ୍ୟକାରିତାରେ ଅନିୟମିତତା ଯୋଗୁ ରାଜ୍ୟ ରାଜକୋଷକୁ ୨,୦୨୬ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଛି। ପ୍ରଘଟ ହୋଇଥିବା ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି) ରିପୋର୍ଟରୁ ଏହା ଜଣାପଡ଼ିଛି। ଅବକାରୀ ନୀତି କାର୍ଯ୍ୟକାରିତାରେ ଗୁରୁତର ତ୍ରୁଟି ସାଙ୍ଗକୁ ଲାଇସେନ୍ସ ପ୍ରଦାନରେ ନୀତି ପରିବର୍ତ୍ତନ ଓ ଉଲ୍ଲଂଘନ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଆକାଂକ୍ଷିତ ଲକ୍ଷ୍ୟ ହାସଲ କରିବାରେ ଏହି ନୀତି ବିଫଳ ହୋଇଥିବାବେଳେ ଉତ୍କୋଚ କାରବାରରୁ ଆପ୍ ନେତାମାନେ ଲାଭବାନଥ ହୋଇଛନ୍ତି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ବିଶେଷଜ୍ଞ କମିଟିର ସୁପାରିସକୁ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ନେତୃତ୍ୱାଧୀନ ମନ୍ତ୍ରୀ ଗୋଷ୍ଠୀ ଉପେକ୍ଷା କରିଥିଲା।

୨୦୨୧ ନଭେମ୍ବରରେ ଦିଲ୍ଲୀ ସରକାର ନୂଆ ଅବକାରୀ ନୀତି କାର୍ଯ୍ୟକାରୀ କରିଥିଲେ। ଜାତୀୟ ରାଜଧାନୀରେ ମଦ ଖୁଚୁରା ବ୍ୟବସାୟ ବଢ଼ାଇ ଅଧିକ ରାଜସ୍ୱ ସଂଗ୍ରହ କରିବା ଏହାର ଲକ୍ଷ୍ୟ ଥିଲା। ତେବେ ଉକ୍ତ ନୀତି କାର୍ଯ୍ୟକାରିତାରେ ଦୁର୍ନୀତି ଏବଂ ମନିଲଣ୍ଡରିଂ ହୋଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ସିବିଆଇ ତଦନ୍ତରୁ ଜଣାପଡ଼ିଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସମେତ ସିସୋଡିଆ, ସଞ୍ଜୟ ସିଂ ପ୍ରମୁଖ ଆପ୍‌ର ଶୀର୍ଷ ନେତାମାନେ ଗିରଫ ହୋଇଥିଲେ। ଦିଲ୍ଲୀ ବିଧାନସଭାରେ ଏହି ରିପୋର୍ଟ ଉପସ୍ଥାପନ କରାଯାଇ ନାହିଁ। ରିପୋର୍ଟ ଅନୁଯାୟୀ, ଅଭିଯୋଗ ସତ୍ତ୍ୱେ ବିଡରମାନଙ୍କ ଆର୍ଥିକ ସ୍ଥିତିର ଯାଞ୍ଚ କରା ନ ଯାଇ ସମସ୍ତ ସଂସ୍ଥାଙ୍କୁ ବିଡ୍ ଦାଖଲ ପାଇଁ ଅନୁମତି ଦିଆଯାଇଥିଲା। ଅବକାରୀ ନୀତିର ଉଲ୍ଲଂଘନକାରୀଙ୍କୁ ଜାଣିଶୁଣି ଦଣ୍ଡିତ କରାଯାଇ ନ ଥିଲା। କ୍ୟାବିନେଟ କିମ୍ବା ଉପରାଜ୍ୟପାଳଙ୍କ ଅନୁମୋଦନ ବିନା ପ୍ରମୁଖ ନିଷ୍ପତ୍ତି ନିଆଯାଇଥିଲା। ନୂଆ ନିୟମାବଳୀର ସଂଶୋଧନ ପାଇଁ ଏହାକୁ ବିଧାନସଭାରେ ଉପସ୍ଥାପନ କରାଯାଇ ନ ଥିଲା। ନୀତି ଅବଧି ଶେଷ ହେବା ପରେ ମଧ୍ୟ କେତେକ ଖୁଚୁରା ମଦ ବ୍ୟବସାୟୀ ସେମାନଙ୍କ ଲାଇସେନ୍ସ ବଜାୟ ରଖିଥିଲେ। ସମୟସୀମା ଶେଷ ହେବା ପୂର୍ବରୁ କେତେଜଣ ଲାଇସେନ୍ସ ସମର୍ପଣ କରିଥିଲେ ମଧ୍ୟ ପୁନର୍ବାର ଟେଣ୍ଡର ହୋଇ ନ ଥିଲା। ଫଳରେ ସରକାରଙ୍କୁ ୮୯୦ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଲା ବୋଲି ରିପୋର୍ଟରେ କୁହାଯାଇଛି। ଏହା ବ୍ୟତୀତ ଜୋନାଲ ଲାଇସେନ୍ସଧାରୀଙ୍କୁ କେତେକ ଛାଡ଼ ପ୍ରଦାନ କରାଯିବାରୁ ଅଧିକ ୯୪୧ କୋଟି ଟଙ୍କା କ୍ଷତି ହୋଇଥିଲା। କୋଭିଡ୍ କଟକଣା ପରିପ୍ରେକ୍ଷୀରେ ଜୋନାଲ ଲାଇସେନ୍ସଧାରୀଙ୍କ ଲାଇସେନ୍ସ ଫି ଛାଡ଼ କରାଯିବାରୁ ଅତିରିକ୍ତ ୧୪୪ କୋଟି ଟଙ୍କା କ୍ଷତି ହୋଇଥିଲା।

ଅବକାରୀ ନୀତି କାର୍ଯ୍ୟକାରିତାରେ ଦିଲ୍ଲୀ ସରକାର ୨,୦୨୬ କୋଟି ଟଙ୍କା ରାଜସ୍ୱ କ୍ଷତି ସହିଥିବା ସିଏଜି ରିପୋର୍ଟରୁ ଜଣାପଡ଼ିଥିଲାବେଳେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସରକାର ଏହାକୁ ବିଧାନସଭାରେ ଉପସ୍ଥାପନ କରୁ ନ ଥିବା ଭାଜପା ଅଭିଯୋଗ କରିଛି। ରିପୋର୍ଟରେ ଉଠାଯାଇଥିବା ପ୍ରଶ୍ନର ଜବାବ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଦେବାକୁ ହେବ ବୋଲି ଭାଜପା ନେତା ଅନୁରାଗ ଠାକୁର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି ଟଙ୍କା କାହା ପକେଟକୁ ଯାଇଥିଲା ଦୁର୍ନୀତିର କିଙ୍ଗପିନ୍ କେଜ୍‌ରିୱାଲ ପ୍ରକାଶ କରିବା ଆବଶ୍ୟକ। ସିଏଜି ରିପୋର୍ଟରୁ ଆଭ୍ୟନ୍ତରୀଣ ତ୍ରୁଟି ପଦାରେ ପଡ଼ିଥିବା ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି। ମଦ ଭଳି ବିଭିନ୍ନ ବିଭାଗରେ ଲୁଟ୍‌ର 'ଆପ୍'ଦା ମଡେଲ୍ ପୂର୍ଣ୍ଣ ପ୍ରଦର୍ଶିତ ହୋଇଥିବା ଭାଜପା ମୁଖ୍ୟ କହିଛନ୍ତି।


ଅରବିନ୍ଦ କେଜ୍‌ରିୱାଲ


ଜେ.ପି. ନଡ୍ଡା

# ଟ୍ରମ୍ପ୍ ଦୋଷୀ, ଦଣ୍ଡମୁକ୍ତ



**ଆମେରିକାର ପୂର୍ବତନ ତଥା ପରବର୍ତ୍ତୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପର୍ନ ଷ୍ଟାର ଷ୍ଟର୍ମି ଡାନିଏଲ୍ସଙ୍କ ସହ ଯୌନ ସମ୍ପର୍କ ରଖି ତାଙ୍କ ମୁହଁ ବନ୍ଦ କରିବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। କିନ୍ତୁ ଆସନ୍ତା ୨୦ରେ ସେ ପୁନର୍ବାର ରାଷ୍ଟ୍ରପତି ଭାବେ ଶପଥ ନେବାକୁ ଯାଉଥିବାରୁ ଜେଲ ଯିବେନାହିଁ ବୋଲି ଶୁକ୍ରବାର ଜଣେ ବିଚାରପତି ରାୟ ଦେଇଛନ୍ତି। ତେବେ ରାଷ୍ଟ୍ରପତି ପଦ ଅଳଙ୍କୃତ କରିବା ସତ୍ତ୍ୱେ ତାଙ୍କ ବିରୋଧରେ କରାଯାଇଥିବା ଦଣ୍ଡବିଧାନ ରଦ୍ଦ ହେବନାହିଁ।**

ନ୍ୟୁୟର୍କ,୧୧।୧

୭୮ ବର୍ଷୀୟ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଜଷ୍ଟିସ୍ ଜୁଆନ୍ ମର୍ଚାନ୍ ଦୋଷୀ ସାବ୍ୟସ୍ତ କରିବା ସହ ନିଃସର୍ତ୍ତରେ ଦଣ୍ଡମୁକ୍ତ କରିଛନ୍ତି। ଆପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆମେରିକାର ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବାରେ ଟ୍ରମ୍ପ୍ ହେଉଛନ୍ତି ପ୍ରଥମ। ରାୟ ଶୁଣାଇବାବେଳେ ମର୍ଚାନ କହିଛନ୍ତି, ଟ୍ରମ୍ପ୍‌ଙ୍କୁ ସେ ବିନା କୌଣସି ଜେଲଦଣ୍ଡ କିମ୍ବା ଜରିମାନାରେ ଦୋଷୀସାବ୍ୟସ୍ତ କରିଛନ୍ତି। କାରଣ ଆମେରିକା ସମ୍ବିଧାନ ରାଷ୍ଟ୍ରପତିମାନଙ୍କୁ ଆପରାଧିକ ଦଣ୍ଡ ଭୋଗିବାରୁ ଉର୍ଦ୍ଧ୍ୱରେ ରଖିଆସିଛି। ସେ ହ୍ୱାଇଟ୍ ହାଉସ୍‌କୁ ଯିବାକୁ ଥିବାରୁ ନିଃସର୍ତ୍ତରେ ତାଙ୍କ ଦଣ୍ଡକୁ ରଦ୍ଦ କରାଯାଉଥିଲେ ମଧ୍ୟ ରାଷ୍ଟ୍ରପତି ହେବା ପରେ ବି ତାଙ୍କ ଅପରାଧର ଗମ୍ଭୀରତା କୌଣସି ପ୍ରକାରେ ହ୍ରାସ ପାଇବ ନାହିଁ। ସମସ୍ତ ୩୪ ଅଭିଯୋଗରେ ଟ୍ରମ୍ପ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଶେଷରେ ଜଷ୍ଟିସ୍ ମର୍ଚାନ୍ ଟ୍ରମ୍ପ୍‌ଙ୍କୁ କହିଥିଲେ, ସାର୍, ଦ୍ୱିତୀୟ ଥର ରାଷ୍ଟ୍ରପତି ପଦ ଅଳଙ୍କୃତ କରିବାକୁ ଯାଉଥିବାରୁ ଆପଣଙ୍କୁ ଶୁଭେଚ୍ଛା ଜଣାଉଛି।

ଅନ୍ୟପକ୍ଷେ ନିଜ ଓକିଲଙ୍କ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ କୋର୍ଟରେ ହାଜର ହୋଇଥିବା ଟ୍ରମ୍ପ୍ ନିଜକୁ ନିର୍ଦ୍ଦୋଷ ବୋଲି ଦର୍ଶାଇଥିଲେ। ଶୁଣାଣି ପାଇଁ କୋର୍ଟରୁମ୍‌ରେ ସ୍ୱତନ୍ତ୍ର ଟିଭି ସ୍କ୍ରିନ୍‌ର ବ୍ୟବସ୍ଥା କରାଯାଇଥିଲା। ପଛରେ ରହିଥିଲା ଦୁଇଟି ଆମେରିକୀୟ ପତାକା। ଟ୍ରମ୍ପ୍ କହିଥିଲେ, ଏହି ଅଭିଯୋଗ ତାଙ୍କୁ ପୁନଃ ନିର୍ବାଚିତ ହେବାରୁ ବାଦ୍ ଦେବା ପାଇଁ ଏକ ବିଫଳ ପ୍ରୟାସ ଥିଲା। 'ମୁଁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ, କିଛି ଭୁଲ୍ କାର୍ଯ୍ୟ କରିନାହିଁ' ବୋଲି ସେ କହିଥିଲେ।

ଗତବର୍ଷ ୬ ସପ୍ତାହ ଧରି ଚାଲିଥିବା ମାମଲାର ଶୁଣାଣି ବେଳେ ଟ୍ରମ୍ପ୍ ପକ୍ଷ ରଖିବା ପରିବର୍ତ୍ତେ ମର୍ଚାନ ଏବଂ ତାଙ୍କ ବିରୋଧରେ ମାମଲା ଲଢୁଥିବା ମ୍ୟାନ୍‌ହାଟନ୍ ଡିଷ୍ଟ୍ରିକ୍ଟ ଆଟର୍ନି ଅଲ୍‌ଭିନ୍ ବ୍ରାଗ୍‌ଙ୍କୁ ଅପମାନିତ କରିଥିଲେ। ବ୍ରାଗ୍‌ଙ୍କ ଅଫିସ୍‌ର ଆଇନଜୀବୀ ଜୋଶୁଆ ଷ୍ଟେଇନ୍‌ଗ୍ଲାସ୍ କହିଥିଲେ, ଶୁଣାଣି ଚାଲିଥିବାବେଳେ ଟ୍ରମ୍ପ୍ ଉକ୍ତ ମାମଲାର ଆଇନଗତ ବୈଧତାକୁ ନ୍ୟୂନ କରିବା ପାଇଁ ଜାଣିଶୁଣି କ୍ୟାମ୍ପେନ୍ କରିଥିଲେ, ଯାହାକି ବିଚାର ବ୍ୟବସ୍ଥାକୁ ନିନ୍ଦିତ କରିବା ପାଇଁ ଉଦ୍ଦେଶ୍ୟମୂଳକ ଅପଚେଷ୍ଟା। ଅନ୍ୟପକ୍ଷରେ ଟ୍ରମ୍ପ୍ ସଦ୍ୟ ରାୟ ବିରୋଧରେ ଉଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ। ସ୍ଥଗିତାଦେଶ ପାଇଁ ସେ ଦାଖଲ କରିଥିବା ପିଟିଶନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ।

୨୦୦୬ ଜୁଲାଇରେ ଟ୍ରମ୍ପ୍ ୨୭ ବର୍ଷୀୟା ପର୍ନ ଆକ୍ଟ୍ରେସ୍ ଷ୍ଟର୍ମି ଡାନିଏଲ୍ସଙ୍କ ସହ ଲେକ୍ ତାହୋଏ ହୋଟେଲରେ ଯୌନ ସମ୍ପର୍କ ରଖିଥିଲେ। ଏହି ଗୁପ୍ତ ଶାରୀରିକ ସମ୍ପର୍କ ଦୁହିଁଙ୍କ ମଧ୍ୟରେ ସୀମିତ ଥିଲା। ୨୦୧୬ରେ ଟ୍ରମ୍ପ୍ ରିପବ୍ଲିକାନ୍ ପାର୍ଟିରୁ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିଲେ। ନିର୍ବାଚନ ବେଳେ ଏହା ପ୍ରଘଟ ହେଲେ ଅଡୁଆ ପରିସ୍ଥିତି ଉପୁଜିବା ଆଶଙ୍କା କରି ଟ୍ରମ୍ପ୍ ନିଜ ଓକିଲ ମାଇକେଲ୍ କୋହେନ୍‌ଙ୍କ ଜରିଆରେ ଷ୍ଟର୍ମିଙ୍କ ମୁହଁ ବନ୍ଦ କରାଇଥିଲେ। ଏଥିପାଇଁ ଟ୍ରମ୍ପ୍ ୧,୩୦,୦୦୦ ଡଲାର ଦେଇଥିଲେ। ଷ୍ଟର୍ମିଙ୍କ ଏହି ଷ୍ଟୋରି ୨୦୧୮ରେ 'ୱାଲ୍ ଷ୍ଟ୍ରିଟ୍ ଜର୍ନାଲ' ପ୍ରଘଟ କରିବା ପରେ ଟ୍ରମ୍ପ୍‌ଙ୍କ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ଷ୍ଟର୍ମିଙ୍କ ହଶ୍ ମନି ଅଭିଯୋଗକୁ ନେଇ ଗ୍ରାଣ୍ଡ ଜୁରି ପକ୍ଷରୁ ତଦନ୍ତ ଚାଲିଥିଲା। ଏଥିରେ ଟ୍ରମ୍ପ୍‌ଙ୍କ ଦୋଷ ପ୍ରମାଣିତ ହୋଇଛି।

# ରେଳଷ୍ଟେଶନ ବିଲ୍ଡିଂ ଭୁଶୁଡ଼ିଲା



ବହୁ ଶ୍ରମିକ ଫସିଥିବା ଆଶଙ୍କା

ଲକ୍ଷ୍ନୌ,୧୧।୧

ଉତ୍ତରପ୍ରଦେଶର କନୌଜ ରେଳଷ୍ଟେଶନରେ ଏକ ନିର୍ମାଣାଧୀନ ବିଲ୍ଡିଂର ଛାତ ଶନିବାର ଭୁଶୁଡ଼ି ପଡ଼ିବାରୁ ଅନେକ ଶ୍ରମିକ ଭଗ୍ନାବଶେଷ ତଳେ ପୋତିହୋଇ ରହିଥିବା ଆଶଙ୍କା କରାଯାଉଛି। ଷ୍ଟେଶନର ସୌନ୍ଦର୍ଯ୍ୟକରଣ ପାଇଁ ଏକ ଦୁଇମହଲା ବିଲ୍ଡିଂ ନିର୍ମାଣ ଚାଲିଥିବାବେଳେ ଏହା ଭୁଶୁଡ଼ି ପଡ଼ିଥିଲା। ସେତେବେଳେ ପ୍ରାୟ ୩୫ ଶ୍ରମିକ କାର୍ଯ୍ୟରେ ନିୟୋଜିତ ଥିଲେ। ରେଲୱେ, ପୋଲିସ ଏବଂ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଭଗ୍ନାବଶେଷ ତଳୁ ୨୩ ଜଣଙ୍କୁ ଉଦ୍ଧାର କରାଗଲାଣି। ଶ୍ରମିକମାନଙ୍କ ଉଦ୍ଧାରକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଥିବା ଜିଲାପାଳ ଶୁଭ୍ରାନ୍ତ କୁମାର ଶୁକ୍ଳ କହିଛନ୍ତି। ରାଜ୍ୟ ସରକାର ଗୁରୁତର ଆହତଙ୍କ ପାଇଁ ୫୦ ହଜାର ଏବଂ ସାମାନ୍ୟ ଆହତଙ୍କ ନିମନ୍ତେ ୫,୦୦୦ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁଥିବା ରେଲୱେ ପକ୍ଷରୁ କୁହାଯାଇଛି।

# ଆସାମରେ ଏଚ୍‌ଏମ୍‌ପିଭି ଆକ୍ରାନ୍ତ ଚିହ୍ନଟ

ସଂକ୍ରମିତଙ୍କ ସଂଖ୍ୟା ୧୩କୁ ବଢ଼ିଲା

ଗୁଆହାଟୀ, ୧୧।୧

ଆସାମର ଏକ ୧୦ ମାସର ଶିଶୁ ହ୍ୟୁମାନ ମେଟା ନ୍ୟୁମୋ ଭାଇରସ (ଏଚ୍‌ଏମ୍‌ପିଭି)ରେ ଆକ୍ରାନ୍ତ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏହି ସୂଚନା ଦେଇଛନ୍ତି। ଆକ୍ରାନ୍ତ ଶିଶୁର ଡିବ୍ରୁଗଡ଼ସ୍ଥିତ ଆସାମ ମେଡିକାଲ କଲେଜ ଓ ହସ୍ପିଟାଲ(ଏଏମ୍‌ସିଏଚ୍)ରେ ଚିକିତ୍ସା ଚାଲିଛି। ୪ ଦିନ ପୂର୍ବରୁ ଥଣ୍ଡା ଜନିତ ଲକ୍ଷଣ ଯୋଗୁ ଉକ୍ତ ଶିଶୁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ବୋଲି ଏଏମ୍‌ସିଏଚ ଅଧ୍ୟକ୍ଷ ଧ୍ରୁବଜ୍ୟୋତି ଭୂୟାନ କହିଛନ୍ତି। ତେବେ ଚିନ୍ତାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି। ଏହାସହ ଦେଶରେ ଏଏମ୍‌ସିଏଚ୍ ଆକ୍ରାନ୍ତଙ୍କ ସଂଖ୍ୟାରେ ବୃଦ୍ଧି ଘଟି ୧୩ରେ ପହଞ୍ଚିଛି।

ଏଚ୍‌ଏମ୍‌ପିଭି ହେଉଛି ନିମୋଭାଇରିଡା ବା ରେସ୍ପିରେଟୋରି ସିନ୍‌ସାଇଟାଲ ଭାଇରସ୍ (ଆର୍‌ଏସ୍‌ଭି) ପରିବାରର। ସଂକ୍ରମିତ ବ୍ୟକ୍ତିଙ୍କଠାରେ ଥଣ୍ଡା ଓ ଜ୍ୱର ସଦୃଶ ଲକ୍ଷଣ ଦେଖାଯାଉଛି। ସଂକ୍ରମିତମାନେ କଫ, ଜ୍ୱର, ନାକ ବନ୍ଦ ଓ ଗଳାରୁଦ୍ଧ ହୋଇଯିବା ଭଳି ଅସୁବିଧା ଭୋଗୁଛନ୍ତି। ଅନେକ ସ୍ଥଳେ ଏଥିଯୋଗୁ ପିଲା ଓ ବୟସ୍କ ବ୍ୟକ୍ତିଙ୍କୁ ବୋଙ୍କାଇଟିସ୍ ବା ନିମୋନିଆ ହୋଇପାରେ। ରୋଗ ପ୍ରତିଷେଧକ ଶକ୍ତି କମ୍ ଥିବା ବ୍ୟକ୍ତି ଏଥିରେ ସଂକ୍ରମିତ ହେବା ଆଶଙ୍କା ରହିଛି।




# ଆମେରିକାରେ ତୁଷାରଝଡ଼: ୩,୦୦୦ ବିମାନ ବାତିଲ

ଆଟଲାଣ୍ଟା,୧୧।୧

ଯୁକ୍ତରାଷ୍ଟ୍ର ଆମେରିକାର ଦକ୍ଷିଣ ଭାଗରେ ପ୍ରବଳ ବେଗରେ ପବନ ସାଙ୍ଗକୁ ଭୟାବହ ତୁଷାର ଝଡ଼ ଯୋଗୁ ଶୁକ୍ରବାର ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ଫଳରେ ୩,୦୦୦ରୁ ଉର୍ଦ୍ଧ୍ୱ ବିମାନ ଉଡ଼ାଣ ବାତିଲ ହେବା ସହ ଅନେକ ହଜାର ବିମାନ ବିଳମ୍ବିତ ହୋଇଛି। ବିଶେଷକରି ଡେଲ୍ଟା ଏୟାରଲାଇନ୍ସ ସର୍ବାଧିକ ପ୍ରଭାବିତ ହୋଇଛି। ଆଟଲାଣ୍ଟା ଇଣ୍ଟରନ୍ୟାଶନାଲ ଏୟାରପୋର୍ଟର ୫ଟି ରନ୍‌ୱେକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ଟେକ୍ସାସ୍ ଏବଂ ଓଖ୍‌ଲାହୋମା ସମେତ ଆମେରିକାର ଦକ୍ଷିଣ ରାଜ୍ୟଗୁଡ଼ିକରେ ରାସ୍ତାଘାଟ ବରଫାବୃତ୍ତ ହୋଇଯାଇଛି। ଟେକ୍ସାସ୍‌ରୁ ଜର୍ଜିଆ ଏବଂ ସାଉଥ୍ କାରୋଲିନା ପର୍ଯ୍ୟନ୍ତ ସ୍କୁଲ୍ ବନ୍ଦ ରହିଛି। ଅଟକି ରହିଥିବା ବାଇକ୍ ଚାଳକମାନଙ୍କୁ ଉଦ୍ଧାର କରିବା ଲାଗି ଆର୍କାନ୍‌ସାସ୍ ଏବଂ ନର୍ଥ କାରୋଲିନା ପକ୍ଷରୁ ନ୍ୟାଶନାଲ ଗାର୍ଡଙ୍କୁ ଡକାଯାଇଛି। ବିଭିନ୍ନ ରାଜ୍ୟରେ ଜରୁରୀ ପରିସ୍ଥିତି ଘୋଷଣା କରାଯାଇଛି। ଆର୍କାନ୍‌ସାସ୍‌ରେ ପ୍ରାୟ ୩୧ ସେ.ମି ବହଳରେ ବରଫ ପଡ଼ିଥିବାବେଳେ ଲିଟିଲ ରକ୍‌ରେ ୨୫ ସେଣ୍ଟିମିଟର ତୁଷାରପାତ ହୋଇଛି। ତୁଷାର ଝଡ଼ ଯୋଗୁ କେତେକ ଅଞ୍ଚଳରେ ତାପମାତ୍ରା ବିୟୁକ୍ତ ୧୮ ଡିଗ୍ରୀ ସେଲ୍‌ସିୟସ୍‌କୁ ଖସିଯାଇଛି। ଏଥିସହିତ ବିଜୁଳି ନ ଥିବାରୁ ଅନେକ ହଜାର ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।



## ଫୁରସତ୍

# ରାଷ୍ଟ୍ର ନିର୍ମାଣ ଲାଗି ଯୁବ ସଶକ୍ତୀକରଣ ଜରୁରୀ

### ଆଜି ଜାତୀୟ ଯୁବ ଦିବସ



ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ମନେ ପକାଇବା ପାଇଁ ସାରା ଦେଶରେ ପ୍ରତିବର୍ଷ ଜାନୁଆରୀ ୧୨କୁ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଏ। ବିବେକାନନ୍ଦଙ୍କ ଚିନ୍ତାଧାରା, ମୂଲ୍ୟବୋଧ ଏବଂ ଆଦର୍ଶକୁ ଯୁବପିଢ଼ିଙ୍କ ମଧ୍ୟରେ ପ୍ରସାର କରିବା ହେଉଛି ଏହାର ଉଦ୍ଦେଶ୍ୟ, ଯାହା ଦ୍ୱାରା ଯୁବପିଢ଼ି ଦେଶର ବିକାଶରେ ସକ୍ରିୟ ଅଂଶଗ୍ରହଣ କରିପାରିବେ। ଏହି ଦିନରେ ଦେଶର ବିଭିନ୍ନ ସ୍କୁଲ, କଲେଜ ସମେତ ବିଭିନ୍ନ ଅନୁଷ୍ଠାନରେ ଅନେକ କାର୍ଯ୍ୟକ୍ରମ, ବକ୍ତୃତା ପ୍ରତିଯୋଗିତା ଇତ୍ୟାଦି ଆୟୋଜନ କରାଯାଏ। ଏଥିସହ ସହରଗୁଡ଼ିକରେ ରାଲି ଇତ୍ୟାଦିର ମଧ୍ୟ ଆୟୋଜନ କରାଯାଏ।

ଚଳିତ ବର୍ଷ ଜାତୀୟ ଯୁବ ଦିବସର ବିଷୟବସ୍ତୁ ହେଉଛି"ରାଷ୍ଟ୍ର ନିର୍ମାଣ ପାଇଁ ଯୁବ ସଶକ୍ତିକରଣ"। ଏହି ବର୍ଷ ଏହାର ଥିମ୍ ରହିଛି "ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଯୁବପିଢ଼ି: ସ୍ଥିରତା ଏବଂ ଦାୟିତ୍ୱ ସହିତ ରାଷ୍ଟ୍ରକୁ ଗଠନ କରିବା"।

୧୯୮୪ ମସିହାରେ ଏହି ଦିନକୁ ଜାତୀୟ ଯୁବ ଦିବସ ଭାବେ ପାଳନ କରିବାକୁ ଭାରତ ସରକାର ସ୍ୱୀକୃତି ଦେଇଥିଲେ। ଏହା ପରଠାରୁ ପ୍ରତିବର୍ଷ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀ ଜାନୁଆରୀ ୧୨ ତାରିଖକୁ ଜାତୀୟ ଯୁବ ଦିବସ ଭାବରେ ପାଳନ କରାଯାଉଛି।

କହିରଖୁଛୁ, ୧୮୬୩ ଜାନୁଆରୀ ୧୨ରେ ବିବେକାନନ୍ଦଙ୍କ ଜନ୍ମ କୋଲକାତାରେ ହୋଇଥିଲା। ତାଙ୍କ ପିଲାଦିନର ନାମ ଥିଲା ନରେନ୍ଦ୍ରନାଥ ଦତ୍ତ। ତାଙ୍କ ପିତାଙ୍କ ନାମ ବିଶ୍ୱନାଥ ଦତ୍ତ ଏବଂ ମାତାଙ୍କ ନାମ ଭୁବନେଶ୍ୱରୀ ଦେବୀ ଥିଲା। ତାଙ୍କ ପିତା ବିଶ୍ୱନାଥ କଲିକତା ହାଇକୋର୍ଟର ଜଣେ ପ୍ରସିଦ୍ଧ ଓକିଲ ଥିଲେ। ପିଲାଦିନରୁ ନରେନ୍ଦ୍ର ପ୍ରତିଭାର ଅଧିକାରୀ ଥିଲେ। ମାତା ସରସ୍ୱତୀ ତାଙ୍କୁ ଆଶୀର୍ବାଦ କରିଥିଲେ। ତାଙ୍କର ଭଗବାନଙ୍କ ପ୍ରତି ଅପାର ପ୍ରେମ ଥିଲା। ୧୮୬୯ ମସିହାରେ ୧୬ ବର୍ଷ ବୟସରେ ସେ କଲିକତା ବିଶ୍ୱବିଦ୍ୟାଳୟର ପ୍ରବେଶ ପରୀକ୍ଷା ଦେଇଥିଲେ ଏବଂ ଏହି ପରୀକ୍ଷାରେ ସଫଳ ହୋଇଥିଲେ। ଏହା ପରେ ସେ ସେହି ବିଶ୍ୱବିଦ୍ୟାଳୟରୁ ନିଜର ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏହି ସମୟ ମଧ୍ୟରେ ସେ ପରମହଂସ ମହାରାଜଙ୍କୁ ଭେଟିଥିଲେ। ପରେ ସେ ବ୍ରହ୍ମ ସମାଜରେ ଯୋଗଦେଇଥିଲେ।

# 'ଫତେହ'କୁ ପଛରେ ପକାଇଲା 'ଗେମ୍ ଚେଞ୍ଜର'

ମୁମ୍ବାଇ

ଅଭିନେତା ସୋନୁ ସୁଦଙ୍କ 'ଫତେହ' ଓ ସାଉଥ୍ ସୁପରଷ୍ଟାର ରାମ ଚରଣଙ୍କ 'ଗେମ୍ ଚେଞ୍ଜର' ଶୁକ୍ରବାର ଏକସଙ୍ଗେ ବକ୍ସ ଅଫିସରେ ରିଲିଜ୍ ହୋଇଥିଲା। ତେବେ ରିଲିଜ୍ ହେବାର ପ୍ରଥମ ଦିନ ସୋନୁଙ୍କ 'ଫତେହ' ଦର୍ଶକଙ୍କୁ ବିଶେଷ ଭାବେ ଆକୃଷ୍ଟ କରିପାରି ନାହିଁ। ବିଭିନ୍ନ ରିପୋର୍ଟ ଅନୁଯାୟୀ, 'ଫତେହ' ରିଲିଜ୍ ହେବାର ପ୍ରଥମ ଦିନରେ ସାରା ଦେଶରେ ମାତ୍ର ୨.୪୫ କୋଟି ଟଙ୍କାର ରୋଜଗାର କରିଛି। ତେବେ ୱିକ୍‌ଏଣ୍ଡ ଥିବାରୁ ଫିଲ୍ମ ହଲ୍‌ଗୁଡ଼ିକରେ ଅଧିକ ଦର୍ଶକ 'ଫତେହ' ଦେଖିବାକୁ ଆସିବେ ବୋଲି ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଆଶା କରାଯାଉଛି। ସେପଟେ ରାମଚରଣଙ୍କ 'ଗେମ୍ ଚେଞ୍ଜର' ରିଲିଜ୍ ହେବାର ପ୍ରଥମ ଦିନ ୭୬ କୋଟି ଟଙ୍କା ରୋଜଗାର କରିଛି। ଦେଶବ୍ୟାପୀ ଏହି ଫିଲ୍ମ ୬୦ କୋଟିର ବେପାର କରିଥିବା ବେଳେ ବିଦେଶରୁ ୧୬ କୋଟିର ବ୍ୟବସାୟ କରିଛି। 'ଗେମ୍ ଚେଞ୍ଜର' ଫିଲ୍ମ ସହ ବକ୍ସ ଅଫିସ୍ କ୍ଲାସ ହୋଇଥିବାରୁ ସୋନୁଙ୍କ 'ଫତେହ'କୁ କ୍ଷତି ସହିବାକୁ ପଡ଼ିଛି ବୋଲି ପ୍ରଥମ ଦିନର ବକ୍ସ ଅଫିସ ତଥ୍ୟ ଆସିବା ପରେ ଫିଲ୍ମ ସମୀକ୍ଷକମାନେ କହିଛନ୍ତି। ପ୍ରକାଶ ଯେ, 'ଫତେହ' ଏକ ଆକ୍ସନ୍ ଡ୍ରାମା ଚଳଚ୍ଚିତ୍ର ହୋଇଥିବାବେଳେ ଏଥିରେ ସୋନୁ ପ୍ରଥମଥର ନିର୍ଦ୍ଦେଶନା ଦେଉଥିବାର ନଜରକୁ ଆସିଛନ୍ତି। ଫିଲ୍ମରେ ସୋନୁଙ୍କ ସହ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ନାଣ୍ଡିଜ୍ ଓ ଅଭିନେତା ନାସିରୁଦ୍ଦିନ ଶାହା ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିଛନ୍ତି। ଅନ୍ୟପକ୍ଷରେ 'ଗେମ୍ ଚେଞ୍ଜର' ଫିଲ୍ମରେ ରାମ ଚରଣଙ୍କ ବିପକ୍ଷରେ ଅଭିନେତ୍ରୀ କିଆରା ଆଡ୍‌ଭାନୀ ନଜରକୁ ଆସିଛନ୍ତି।



ରାମ ଚରଣ

# ନବରଙ୍ଗପୁର ଛାତ୍ର ବସନ୍ତ ପ୍ରଥମ

## ପୂର୍ବ ଭାରତୀୟ ବିଜ୍ଞାନ ଓ କାରିଗରି ପ୍ରଦର୍ଶନୀ

ନବରଙ୍ଗପୁର,୧୧।୧(ସଦାଶିବ ପ୍ରହରାଜ)

କୋଲକାତାର ବିର୍ଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିକାଲ ମ୍ୟୁଜିୟମରେ ଆୟୋଜିତ ପୂର୍ବ ଭାରତୀୟ ବିଜ୍ଞାନ ଓ କାରିଗରି ପ୍ରଦର୍ଶନୀ ୨୦୨୪-୨୫ରେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ମାଣ୍ଡିଭୁଆ ସ୍କୁଲର ଛାତ୍ର ବସନ୍ତ ଦଣ୍ଡାଳ ପ୍ରଥମ ହୋଇଛନ୍ତି। ବିଭିନ୍ନ ରାଜ୍ୟରୁ ପ୍ରାୟ ୧୩୫ଟି ପ୍ରକଳ୍ପ ଏଥିରେ ସ୍ଥାନ ପାଇଥିଲା। ଓଡ଼ିଶାରୁ ୨୮ ପ୍ରକଳ୍ପ ରହିଥିଲା। ଚାଷକାମବେଳେ କୃଷକଙ୍କ ଆଣ୍ଠୁ, ଅଣ୍ଟା ଯନ୍ତ୍ରଣା କିପରି ନ ହେବ ବସନ୍ତ ସେ ନେଇ ଏକ ମେସିନ ପ୍ରଦର୍ଶନ କରିଥିଲେ, ଯାହାକୁ ବିଚାରକଙ୍କ ସମେତ ଅନ୍ୟମାନେ ପ୍ରଶଂସା କରିଥିଲେ। ସ୍କୁଲର ବିଜ୍ଞାନ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳଙ୍କ ମାର୍ଗଦର୍ଶନରେ ସେ ଏହି ପ୍ରକଳ୍ପ ତିଆରି କରିଥିଲେ। ସଫଳତା ପରେ ନବରଙ୍ଗପୁର ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଡିଇଓ ଛତ୍ରପତି ସାହୁ, ଏଡିଇଓ ରେଶମ୍‌ଲାଲ ନାୟକ, ଜିଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଜନାୟକ, କୋଷାଗୁମୁଡ଼ା ବିଡିଓ ଆଶିଷ ତ୍ରିପାଠୀ ଏବଂ ବିଇଓ ସୁପ୍ରିୟା ମେହେର ବସନ୍ତ ଓ ବିଜ୍ଞାନ ଶିକ୍ଷକ ବଦ୍ରିନାରାୟଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମାଣ୍ଡିଭୁଆ ସରପଞ୍ଚ ଦୟାରାମ ପୂଜାରୀ, ମୋ ବିଦ୍ୟାଳୟ ସଭାପତି ଦିନେଶ ପନକା, ଏସ୍‌ଏମ୍‌ସି ସଭାପତି ଲକ୍ଷ୍ମୁ ହଲବା, ସିଆର୍‌ସିସି ପାର୍ଥସାରଥି ସାହୁ, ସ୍କୁଲର ମଧୁସୂଦନ ସାହୁ, ମିତାଳି ମଧୁସ୍ମିତା ସାହୁ, ରବୀନ୍ଦ୍ର ପଜନାୟକ, ପ୍ରସନ୍ନଜିତ୍ ମାଝୀ, ବିଶ୍ୱନାଥ ସ୍ୱାଇଁ, ସୁଦାମ ସେଠୀ, ଜୟରାମ କର, ରନବିଜୟ କୁମାର ରାମ, ଅନ୍ନପୂର୍ଣ୍ଣା ମୋର୍ଗନ୍, ତ୍ରିଲୋଚନ ପ୍ରଧାନ, ସନ୍ତୋଷ କାଣ୍ଡି, ତାରିଣୀ ଚରଣ ମାଝୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ବସନ୍ତ ଓ ତାଙ୍କ ପ୍ରଶିକ୍ଷକଙ୍କୁ ପୁରସ୍କୃତ କରାଯାଉଛି।

# ମୃତ ସହଦେବଙ୍କ ସ୍ତ୍ରୀଙ୍କୁ ୫୦ହଜାର ଟଙ୍କା ସହାୟତା ଦେଲେ ନବୀନ

ଭୁବନେଶ୍ୱର,୧୧।୧ (ବ୍ୟୁରୋ)

### ସଫେଇ ଏଜେନ୍ସି ଦେଲେ ୫ଲକ୍ଷ

ହତ୍ୟାର ଶିକାର ହୋଇଥିବା ବିଏମ୍‌ସି ସଫେଇ ମଜଦୁର ସଂଘ ସଭାପତି ସହଦେବ ନାୟକଙ୍କ ସ୍ତ୍ରୀ ସୁମିତା ନାୟକ ଏବଂ ତାଙ୍କ ପୁଅଙ୍କୁ ଶନିବାର ନବୀନ ନିବାସ ଯାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ। ଏହି ଅବସରରେ ନବୀନ ସୁମିତାଙ୍କୁ ୫୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହ ତାଙ୍କ ପୁଅଙ୍କୁ ସମସ୍ତ ବହିଃ ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ଏବଂ ସମସ୍ତ କର୍ପୋରେଟରମାନେ ସେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ନବୀନ ସହଦେବଙ୍କ ପୁଅଙ୍କ ମୁଣ୍ଡ ଉପରେ ହାତ ବୁଲାଇବା ସହ ତାଙ୍କ ସହିତ ସହଦେବଙ୍କ ପୂର୍ବ ଫଟୋକୁ ଦେଖି କାନ୍ଦି ପକାଇ ଥିଲେ। ଦୋଷୀଙ୍କୁ ଉଚିତ ଦଣ୍ଡ ଦିଆଯିବା ସହ ମୃତକଙ୍କ ପରିବାରକୁ ସମସ୍ତ ନ୍ୟାୟ ପ୍ରଦାନ କରାଯିବ ବୋଲି ନବୀନ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଯୁବ ବିଧାୟକ, ପୂର୍ବତନ ମନ୍ତ୍ରୀ ପଣ୍ଡା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହ୍ନର ଉପସ୍ଥିତ ଥିଲେ। ମୃତକଙ୍କ ପରିବାରକୁ ସଫେଇ ଏଜେନ୍ସିଗୁଡ଼ିକ ମାଧ୍ୟମରେ ୫ଲକ୍ଷ ଟଙ୍କାର ସହାୟତା ଦିଆଯିବ ବୋଲି ଶୁକ୍ରବାର ବିଏମ୍‌ସି ବୈଠକରେ ନିଷ୍ପତ୍ତି ହୋଇଥିଲା।

## ପ୍ରଥମ ପୃଷ୍ଠାରୁ...

### ଚେନ୍ନାଇରେ ୨ ଓଡ଼ିଆ ....

ପୁଅକୁ ହରାଇ ଏହି ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଅନ୍ୟପକ୍ଷରେ କୁନୁ ପ୍ରଥମକରି ଉମେଶଙ୍କ ସାଙ୍ଗରେ ଚେନ୍ନାଇ ଦାଦନ ଖଟିବାକୁ ଯାଇଥିଲେ। ତାଙ୍କ ବାପା ଶତ୍ରୁଘ୍ନ ବନ୍‌ଛୋର ଜଣେ ଦିନ ମଜୁରିଆ। ମା' ଗୋଲାପୀ ବିଭିନ୍ନ ଲୋକଙ୍କ ଘର କାମ କରି ପରିବାର ଚଳାନ୍ତି। ତାଙ୍କର ୩ ପୁଅ। ସେମାନଙ୍କ ମଧ୍ୟରେ କୁନୁ ବଡ଼। ସେ ଛେଳି ଚରାଉଥିଲେ। ଛେଳି ବିକି ଚେନ୍ନାଇ ଯାଇଥିବା ପରିବାର ଲୋକେ କହିଛନ୍ତି। ତାଙ୍କ ରୋଜଗାରିଆ ପୁଅର ମୃତ୍ୟୁ ଖବରରେ ଏହି ପରିବାର ମଧ୍ୟ ଭାଙ୍ଗିପଡିଛନ୍ତି। ୨ ଯୁବ ଦାଦନ ଶ୍ରମିକଙ୍କ ମୃତ୍ୟୁ ଖବର ପାଇବା ପରେ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ପୀଡ଼ିତ ପରିବାରକୁ ଭେଟି ସମବେଦନା ଜଣାଇବା ସହ କିଛି ଆର୍ଥିକ ସହାୟତା ଦେଇଛନ୍ତି। ଏହି ୨ ପରିବାରରୁ ୪ ଜଣ ବ୍ୟକ୍ତି ସେମାନଙ୍କ ଉଦ୍ୟମରେ ମୃତଦେହ ଆଣିବାକୁ ଚେନ୍ନାଇ ଅଭିମୁଖେ ଯାଇଛନ୍ତି। ଜିଲା ଶ୍ରମ ବିଭାଗ ଏବଂ ଜିଲା ପ୍ରଶାସନର କୌଣସି ଅଧିକାରୀ ପୀଡ଼ିତ ପରିବାର ପାଖରେ ପହଞ୍ଚି ନ ଥିବା ଜଣାପଡ଼ିଛି। ଜିଲା ଶ୍ରମ ଅଧିକାରୀ ସୁକାନ୍ତ କୁମାର ସେଠୀଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ତାଙ୍କ ପାଖରେ କୌଣସି ସୂଚନା ନ ଥିବା ଜଣାଇ ତଥ୍ୟ ସଂଗ୍ରହ କରାଯାଉଛି ବୋଲି କହିଛନ୍ତି। କେଉଁ ପରିସ୍ଥିତିରେ ୨ ଯୁବ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଲା ଏବଂ ସେମାନଙ୍କ ମୃତଦେହ ରେଳଧାରଣା କଡ଼ରେ କିପରି ପଡ଼ିଲା ସେନେଇ ସ୍ପଷ୍ଟ ହୋଇନାହିଁ। ବଲାଙ୍ଗୀର ଟାଉନ ଥାନା ଅଧିକାରୀ ଅବନୀ ସାହୁ ପୀଡ଼ିତ ପରିବାର ପାଖକୁ ଯାଇ ତଥ୍ୟ ସଂଗ୍ରହ କରିବା ସହ ଚେନ୍ନାଇ ପୋଲିସ ସହିତ ଯୋଗାଯୋଗ କରାଯାଉଛି ବୋଲି କହିଛନ୍ତି। ଅନ୍ୟ ଏକ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ପେରାମ୍ବୁର ଷ୍ଟେଶନ ନିକଟରୁ ୨ ଯୁବକଙ୍କ ମୃତଦେହ ମିଳିବା ପରେ ନିକଟସ୍ଥ ଏକ ହସ୍ପିଟାଲ ଶବାଗାରରେ ରଖାଯାଇଛି। ପରିବାର ଲୋକେ ପହଞ୍ଚିଲେ ବ୍ୟବଚ୍ଛେଦ କରାଯିବ। ମୃତକଙ୍କ ପରିବାର ନିହାତି ଗରିବ ଶ୍ରେଣୀର ହୋଇଥିବାରୁ ମୃତଦେହ କିଭଳି ଘରକୁ ଆଣିବେ ଚିନ୍ତାରେ ପଡ଼ିଛନ୍ତି।

### କାଲିଫର୍ନିଆରେ ସ୍ୱାସ୍ଥ୍ୟ ...

ବସ୍ତ୍ରଦାନ କରିବା ସହ ପାଣି ସଂଗ୍ରହରେ ଲାଗିପଡ଼ିଛନ୍ତି। ଖ୍ୟାତନାମା ସେଲିବ୍ରିଟି ହିଲ୍‌ଟନ୍ ଶୁକ୍ରବାରଠାରୁ ଜରୁରୀ ପାଣି ସଂଗ୍ରହ ଆରମ୍ଭ କରିଛନ୍ତି। ଏଥିପାଇଁ ସେ ବ୍ୟକ୍ତିଗତ ଭାବେ ୧ ଲକ୍ଷ ଡଲାର ଦାନ କରିବା ସହ ଫଣ୍ଡ ରାଇଜ୍‌ରୁ ଆଉ ଲକ୍ଷେ ଡଲାର ଯୋଡ଼ିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଆମେରିକା ରିଏଲିଟି ଟିଭି ଷ୍ଟାର ହିଲ୍‌ଟନ୍ ଲାଇଭ୍ ଟିଭିରେ ନିଜର ମାଲିବୁ ଘର ଜଳୁଥିବାର ଦୃଶ୍ୟ ଦେଖିବା ପରେ ବିପନ୍ନମାନଙ୍କୁ ସହାୟତା ପାଇଁ ନିଷ୍ପତ୍ତି ନେଇଥିଲେ। ନିଆଁରେ ଘରଦ୍ୱାର ହରାଇଥିବା ଅଗଣିତ ପରିବାର ସହ ତାଙ୍କର ଭାବନା ରହିଥିବା ୪୩ ବର୍ଷୀୟା ସେଲିବ୍ରିଟି କହିଛନ୍ତି। କେବଳ ହିଲ୍‌ଟନ ନୁହନ୍ତି, ଅନେକ ସେଲିବ୍ରିଟି ବନାଗ୍ନିରେ ସେମାନଙ୍କ ଘର ହରାଇଛନ୍ତି। ୧,୮୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ବାସହରା ହୋଇଛନ୍ତି। ଅନ୍ୟୂନ ୧୦,୦୦୦ ଘର ଜଳିଯାଇଥିବା ଲସ୍‌ଏଞ୍ଜେଲ୍ସ କାଉଣ୍ଟି ଫାୟାର ମୁଖ୍ୟ ଆଣ୍ଟୋନୀ ମାରୋନ୍ କହିଛନ୍ତି।

### ୧୮୩୧ରେ ଆଗ୍ନେୟଗିରି ...

ସେଣ୍ଟ ଆଣ୍ଡ୍ରୁଜ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହି ଅଧ୍ୟୟନରେ ୧୮୩୧ର ବରଫ ଖଣ୍ଡଗୁଡ଼ିକର ବିଶ୍ଳେଷଣ କରି ସିମୁଶୀର ଦ୍ୱୀପରେ ଆଗ୍ନେୟଗିରି ଉଦ୍‌ଗିରଣ ଦ୍ୱାରା ବୈଶ୍ୱିକ ଜଳବାୟୁ ବ୍ୟାପକ ଭାବେ ପ୍ରଭାବିତ ହୋଇଥିବା କହିଛନ୍ତି। ତେବେ ଉକ୍ତ ଆଗ୍ନେୟଗିରି ଉଦ୍‌ଗିରଣ ନେଇ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣର କୌଣସି ଲିଖିତ ରେକର୍ଡ ଉପଲବ୍ଧ ନାହିଁ ବୋଲି ଅଧ୍ୟୟନରେ କୁହାଯାଇଛି। ଅଧ୍ୟୟନର ସହ ଲେଖକ ୱିଲ୍ ହଚିନ୍‌ସନ୍ କହିଛନ୍ତି, ଏକ ଉଚ୍ଚ ସାମୟିକ ରିଜୋଲ୍ୟୁଶନରେ ସେମାନେ ବରଫ ଖଣ୍ଡଗୁଡ଼ିକର ରସାୟନ ବିଜ୍ଞାନକୁ ବିଶ୍ଳେଷଣ କରିଥିଲେ। ୧୮୩୧ର ବସନ୍ତ ଓ ଗ୍ରୀଷ୍ମଋତୁରେ ଆଗ୍ନେୟଗିରି ଉଦ୍‌ଗିରଣ ହୋଇଥିବା ନେଇ ଉକ୍ତ ପରୀକ୍ଷଣରୁ ସେମାନେ ଅନୁମାନ କରିଛନ୍ତି। ଏହି ଉଦ୍‌ଗିରଣ ଅତ୍ୟଧିକ ବିସ୍ଫୋରକ ଥିଲା ବୋଲି ସେ କହିଛନ୍ତି। ତେବେ ଉକ୍ତ ବିସ୍ଫୋରଣ ଏବେ ହୋଇଥିଲେ ମଧ୍ୟ ବୈଶ୍ୱିକ ଜଳବାୟୁକୁ ସମାନ ମାତ୍ରାରେ ପ୍ରଭାବିତ କରିଥାନ୍ତା। ଏହିପରି ଭାବେ ଜଳବାୟୁ ପରିବର୍ତ୍ତନକାରୀ ବିସ୍ଫୋରଣ ଆଗକୁ କେବେ ଘଟିବ, ତାହା ଆକଳନ କରିବା କଷ୍ଟକର ବୋଲି ହଚିନ୍‌ସନ୍ କହିଛନ୍ତି। ତେବେ କେବଳ ୧୮୩୧ରେ ଆଗ୍ନେୟଗିରି ଉଦ୍‌ଗିରଣ ଘଟି ବୈଶ୍ୱିକ ଜଳବାୟୁ ଉପରେ ପ୍ରଭାବ ପଡ଼ିନ ଥିଲା। ୧୮୧୫ରେ ଇଣ୍ଡୋନେସିଆର ମାଉଣ୍ଟ ଟାମ୍ବୁରାରେ ଆଗ୍ନେୟଗିରି ଉଦ୍‌ଗିରଣ ଯୋଗୁ ପ୍ରାୟ ବର୍ଷେ ପର୍ଯ୍ୟନ୍ତ ପୃଥିବୀରେ ଗରମ ଅନୁଭୂତ ହୋଇ ନ ଥିଲା। ଏହି ବିସ୍ଫୋରଣରେ ଧୂଳି ଏବଂ ପଥର ବାୟୁମଣ୍ଡଳରେ ମିଶିଥିବାରୁ ବୈଶ୍ୱିକ ତାପମାତ୍ରା ହ୍ରାସ ପାଇଥିଲା ଏବଂ ଏହା ଉତ୍ତର ଗୋଲାର୍ଦ୍ଧକୁ ୧ ଡିଗ୍ରୀ ସେଲ୍‌ସିୟସ ପର୍ଯ୍ୟନ୍ତ ଥଣ୍ଡା କରିଥିଲା। ଚଳିତ ଶତାବ୍ଦୀର ମଧ୍ୟ ଏହିପରି ବିସ୍ଫୋରଣ ହେବାର ଏକ-ଷଷ୍ଠାଂଶ ସମ୍ଭାବନା ରହିଛି, ଯେଉଁଥିରେ ପୃଥିବୀରେ ଜନଜୀବନ ପ୍ରଭାବିତ ହେବ ବୋଲି ଏହି ଅଧ୍ୟୟନରେ କୁହାଯାଇଛି। ଏହିପରି ବିସ୍ଫୋରଣ ଦ୍ୱାରା ଆଗାମୀ ଦିନରେ ବିଶ୍ୱକୁ ଭୟଙ୍କର ଆର୍ଥିକ କ୍ଷତି ସହିବାକୁ ପଡ଼ିବ ବୋଲି ଅଧ୍ୟୟନରେ ଉଲ୍ଲେଖ ରହିଛି।

### ୧୮ରେ ଶୁକ୍ର, ...

ଆକାଶରେ ଦେଶ ତଥା ଓଡିଶାର ସବୁ ଅଞ୍ଚଳରୁ ଖାଲି ଆଖିରେ ଦେଖିହେବ ଓ ଏହାର କୌଣସି ପ୍ରଭାବ କାହା ଉପରେ ପଡିବାର ନାହିଁ। ସୂର୍ଯ୍ୟ ଚାରିପଟେ ବୁଲୁଥିବା ୮ଟି ଗ୍ରହ ଭିତରୁ ୫ଟି ଗ୍ରହ ଯଥା ବୁଧ, ଶୁକ୍ର, ମଙ୍ଗଳ, ବୃହସ୍ପତି ଏବଂ ଶନିକୁ ଖାଲି ଆଖିରେ ଦେଖିହୁଏ। ସୂର୍ଯ୍ୟ ଚାରିପଟେ ଅଲଗା ଅଲଗା ବେଗରେ ବୁଲିବା ଫଳରେ କିଛି ଗ୍ରହ ଆକାଶରେ ଏକ ସମୟରେ ଦେଖାଯା'ନ୍ତି। ଏହାକୁ ଗ୍ରହ ସମାବେଶ ବା ଇଂଲିଶରେ 'ପ୍ଲାନେଟ୍ ପରେଡ' କୁହାଯାଏ। ଆକାଶରେ ଏକ ସମୟରେ ତିନୋଟି ଗ୍ରହ ଦେଖାଯିବା ଏକ ଅତି ସାଧାରଣ ଘଟଣା। ପ୍ରତିବର୍ଷ ଅନେକ ଥର କିଛିଦିନ ଧରି ଏହା ଦେଖାଯାଏ। ସେହିଭଳି ଚାରୋଟି ଗ୍ରହ ବର୍ଷକୁ ଥରେ ଅଳ୍ପଦିନ ପାଇଁ ଏକା ସମୟରେ ଦେଖାଯାଆନ୍ତି। ମାତ୍ର ଏକାସାଙ୍ଗରେ ୫ଟି ଗ୍ରହ ପ୍ରତି ୧୯ବର୍ଷରେ ଥରେ ଏବଂ ସମସ୍ତ ଆଠଟି ଗ୍ରହ ପ୍ରାୟ ୧୭୦ବର୍ଷରେ ଥରେ ଏକା ସମୟରେ ଦେଖାଯାଆନ୍ତି ବୋଲି ଡ. ସାହୁ ସୂଚନା ଦେଇଛନ୍ତି।

### ଦଳିତ ଆଥ୍‌ଲେଟଙ୍କୁ ...

ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଅଷ୍ଟମ ଶ୍ରେଣୀରେ ପଢୁଥିବା ସମୟରୁ ହିଁ ପୀଡ଼ିତାଙ୍କ ସହ ଯୌନ ଶୋଷଣ କରାଯିବା ଆରମ୍ଭ ହୋଇଥିଲା। ତାଙ୍କୁ ସର୍ବସାଧାରଣ ସ୍ଥାନରେ ମଧ୍ୟ ଦୁର୍ବ୍ୟବହାର କରାଯାଇଥିଲା। ସିଡବ୍ଲ୍ୟୁସି ପୀଡ଼ିତାଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦେବ ବୋଲି ଏନ. ରାଜୀବ କହିଛନ୍ତି।

ଘଟଣାକୁ ନେଇ ଜାତୀୟ ମହିଳା ଆୟୋଗ(ଏନ୍‌ସିଡବ୍ଲ୍ୟୁ) ୩ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କେରଳ ପୋଲିସକୁ ନୋଟିସ ଜାରି କରିଛନ୍ତି। ପୀଡ଼ିତାଙ୍କ ଚିକିତ୍ସା ଏବଂ ମାନସିକ ଯତ୍ନ ସହ ସର୍ବନିମ୍ନ ସମୟସୀମା ମଧ୍ୟରେ ଅଭିଯୁକ୍ତଙ୍କୁ ଦଣ୍ଡିତ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ବିଜୟା ରାହତ୍‌କର କହିଛନ୍ତି।

### ସୁଭଦ୍ରା: ପୁଣି ...

ଓଟିପି ମାଧ୍ୟମରେ ଇ-କେୱାଇସି କରିଛନ୍ତି। ତେଣୁ ସେମାନେ ଯୋଗ୍ୟବିବେଚିତ ହେଲେ ମଧ୍ୟ ସେମାନେ ଅର୍ଥରାଶି ପାଇବାରେ ଅସୁବିଧା ହେବ। ତୁରନ୍ତ ସେମାନେ ନିକଟସ୍ଥ ଜନସେବା କେନ୍ଦ୍ର ବା 'ମୋ ସେବା କେନ୍ଦ୍ର'କୁ ଯାଇ ବାୟୋମେଟ୍ରିକ୍ ପଦ୍ଧତିରେ ନିଜର ଇ-କେୱାଇସି କରିନେବାକୁ ବିଭାଗ ତରଫରୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟ ସରକାର ସୁଭଦ୍ରା ଯୋଜନାରେ ୨୦୨୪ ସେପ୍ଟେମ୍ବର ୧୭ ରେ ପ୍ରଥମ ପର୍ଯ୍ୟାୟରେ ମହିଳାମାନଙ୍କର ଆକାଉଣ୍ଟକୁ ଟଙ୍କା ଦେବା ଆରମ୍ଭ କରିଥିଲେ। ସେହିଦିନଠାରୁ ଏପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ଟଙ୍କା ଦେଇ ସାରିଛନ୍ତି। ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ପ୍ରଥମ କିସ୍ତିର ଟଙ୍କା ଦେବାକୁ ନିର୍ଦ୍ଧାରଣ କରାଯାଇଛି।


GOVERNMENT OF ODISHA
ENERGY DEPARTMENT
ADVERTISEMENT
ENG-TD&ER-I-DAPP-0007-2024/427, dt. 08.01.2025

No.CAD-2142 : Applications are invited from eligible candidates for appointment to the post of **Managing Director** in GRIDCO Limited, a PSU functioning under Energy Department, Government of Odisha. Last date of receipt of application is **10.02.2025**. For further details please visit **https://energy.odisha.gov.in and https://gridco.co.in**.

OIPR-04056/11/0017/2425

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-2157 OSIC GST No. 21AAACO2101M1Z1

**e-Procurement Notice**

Tender Notice No.73/Mkt. Date: 10.01.2025

The Odisha Small Industries Corporation Ltd. (OSIC) (A Govt. of Odisha Undertaking), Industrial Estate, Madhupatna, Cuttack - 753 010, Odisha invites Tenders in sealed cover under two bid system *i.e.*, Technical Bid & Price Bid for "Supply and installation of Science Lab equipments to Vikram Dev University, Jeypore, Koraput" as per specification", in ONLINE MODE.

| Date of Commencement of Tender | Last Date & Time of online submission and receipt of Tender | Date & Time for online opening of Tender | Cost of Tender Paper + GST@18%(Rs) |
|---|---|---|---|
| 10.01.2025 4.00PM | 31.01.2025 at 5.30 PM | 01.02.2025 at 12.30PM | (Rs.5000/-) |

The tender notice may be downloaded from http://tendersorissa.gov.in./ website: www.osicltd.in and the tender document can be downloaded from http://tendersorissa.gov.in. Any corrigendum / addendum / information relating to this NIT will only be uploaded in above websites which will not be published in Newspapers.

The bidders have to participate in ONLINE bidding only. Further details can be seen from the website:http://tendersorissa.gov.in/ www.osicltd.in. All future corrigendum will be available on ONLINE MODE ONLY.

Sd/-
GENERAL MANAGER(O)
OIPR-14073/11/0026/2425

**OFFICE OF THE MUNICIPAL COUNCIL, RAYAGADA**
DIST - RAYAGADA, PIN CODE - 765001, ODISHA
E-mail ID- raygadam.hud@nic.in
Letter No. : 273 Date. : 10.01.2025
**Tender Call Notice**

**No.C-1455** : Sealed tenders are invited from intending reputed authorized suppliers/ dealers for supply of 01 (ONE) and more number of water tanker for uses for safe drinking water purpose of Rayagada Municipality as per specification given below up to 12.00 noon on 27.01.2025 and the same will be opened on the same day at 3.30 P.M. in the Office Chamber of undersigned in presence of quotationer or their authorized agents. The participants should quote the price both the words, figure and produce the dealership certificate along with the price list with the documents. The participants should deposit non-refundable of INR Rs.3,000/- (Rupee Three Thousand) only as per security in shape of any Nationalized Bank demand draft in favor of Executive Officer, Rayagada Municipality. The price should be quoted including all taxes applicable and other charges as applicable.

The participants received after the due date & time will not entertain and the undersigned reserves all the rights to accept/reject all/any participants without assign any reasons thereof.

SPECIFICATION
Tank Capacity - 4500 Liter up to 5000 Liter
Wheel momentum - 4 wheel
Tank Inlet - 02 cap system
Tank outlet - four nozzle/taping system
Performance warranty - 5 Years (Minimum)

Sd./- Executive Officer
Rayagada Municipality
OIPR-13150/11/0048/2425

**GOVERNMENT OF ODISHA** No.O-1213
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, KENDRAPARA**
eerw_kendraparat@yahoo.co.in
**'E' PROCUREMENT NOTICE NO.RWD-II/KPD-13/24-25 DTD 08.01.2025**

| | | | |
|---|---|---|---|
| 1 | Name of Work | : | **Road works in the District of Kendrapara for the year 2024-25.** |
| 2 | Total No. of Work | : | 08 Nos. Road |
| 3 | Estimated Cost | : | Rs.07.19 Lakhs to 30.57 (Approx.) |
| 4 | Period of Completion | : | 15 Days |
| 5 | Class of Contractors | : | B, C & D Class |
| 6 | Cost of Tender Paper | : | Cost of Tender paper is to be remitted ONLINE as specified in column-3 of the Annexure |
| 7 | Detail projects | : | As specified in the Annexure |
| **Other details as follows:** | | | |
| a) | Procurement Officer | : | Superintending Engineer, Rural Works Division-II, Kendrapara |
| b) | Availability of tender online & submission of bid | : | 13.01.2025 at 11:00 AM to 22.01.2025 up to 5.00 PM |
| c) | Last date & time of seeking of tender clarification | : | 21.01.2025 up to 5:00 PM |
| d) | Opening of Tender | : | 23.01.2025 at 11.00 A.M |
| e) | Lottery Date | : | 01.02.2025 at 11.00 A.M. |

Further details can be seen from the Govt. website www.tendersorissa.gov.in
Sd./- Superintending Engineer
Rural Works Division-II, Kendrapara
OIPR-25098/11/0014/2425

**AUCTION SALE NOTICE**

No. E-665: Applications are hereby invited from credible persons/Agency for lifting of condemned equipment's materials of this institution. It is mandatory that person/agency should have valid GST registration, PAN Card and other licence required for this business. Interested parties/agency should submit their proposal in prescribed format (technical and financial bid under two bid systems) along with all supporting documents in sealed envelope separately through Speed Post/ Regd. Post address to Superintendent, SVPPGIP, Cuttack on or before Dt.22.01.2025 upto 4 P.M. The application proposal will be opened on Dt. 24.01.25 at 3 P.M. in the office of the undersigned in presence of the representative of the party/ agency. The authority reserve the right to cancel/modification of the selection without assigning any reason thereof.

Sd./- Superintendent
SVPPGIP, Cuttack
OIPR-10176/11/0009/2425

**EXPRESSION OF INTEREST**
**DIRECTORATE OF PUBLIC PROSECUTIONS, ODISHA, BHUBANESWAR**
ADV. No.01/2025

**No.F-114** : The Directorate Public Prosecutions, Odisha, Bhubaneswar invites Expression of Interest from reputed Service Providers for providing services of 08 (Eight) Senior Stenographers for one year. For details, please visit Website (www.dppodisha.nic.in) of the Directorate of Public Prosecutions, Odisha, Toshali Bhawan (4th Floor), Satya Nagar, Bhubaneswar-7. The last date for submission of sealed tender is up to 5.00 PM of 27.01.2025 and those will be opened on 29.01.2025 at 3.00 PM in presence of bidders or their authorized representatives.

Sd./-
SPECIAL OFFICER
OIPR-12022/11/0001/2425

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
NIRMAN SOUDHA, BHUBANESWAR
E-mail: seec.bbsr2010@gmail.com
Bid Identification No. S.E.E.C. (R&B) 14/2024-25
No. 120 Date: 08.01.2025

No. B-835: The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in: **https://tendersorissa.gov.in**. The details of bid documents will be available in the above website from Dt.13.01.2025 at 05.00 P.M. to Dt.22.01.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened Dt.24.01.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in.**
Addendum/Corrigendum, if required, will be available only in the website.

Sd./- Superintending Engineer
OIPR-34006/11/0018/2425 Electrical Circle (R&B), Odisha, BBSR

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର- ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍ ସାଇଟ୍: www.oshb.org
CAD-2141
**ବିଜ୍ଞାପନ**
ପତ୍ର ସଂଖ୍ୟା ୦୪ ତା୦୪।୦୧।୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍ଆଇଜି-୦୯ (MIG-09), ପଠାଣି ସାମନ୍ତ, ସି.ଏଚ୍.ଏସ୍., ମୁକ୍ତାପୁର, ନୟାଗଡ଼ ଗୃହ ନିର୍ମାଣ ପ୍ରକଳ୍ପରେ କୁମୁଦିନୀ ଦେଈ, ସ୍ୱାମୀ- ଗୋବିନ୍ଦ ଚନ୍ଦ୍ର ମହାରଣା, ସା.- ବଳରାମପୁରସାହି, ପୋ./ଥାନା- ଟାଙ୍ଗୀ, ଜିଲ୍ଲା- ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା କୁମୁଦିନୀ ଦେଈ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ମମତାରାଣୀ ରଣବୀରସିଂହ, ସ୍ୱାମୀ- ନିହାର ରଞ୍ଜନ ପ୍ରଧାନ, ସା.- ଅଦକା, ପୋ.- ସାରଙ୍ଗଧରପୁର, ଥାନା- ରଣପୁର, ଜିଲ୍ଲା- ନୟାଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
OIPR-13030/11/0412/2425 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

बैंक ऑफ़ बड़ौदा Bank of Baroda
**କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର**
**ବ୍ୟାଙ୍କ ଅଫ୍ ବରୋଦା**, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର- ୭୫୧୦୧୨,ଓଡିଶା, ଫୋନ୍: ୦୬୭୪-୨୪୨୧୨୧୦, ଫ୍ୟାକ୍ସ: ୦୬୭୪-୨୪୨୧୬୧୪, ଇ-ମେଲ: rm.orissa@bankofbaroda.co.in
**ଦଖଲ ବିଜ୍ଞପ୍ତି**
(ସ୍ଥାବର ସମ୍ପତ୍ତି ନିମନ୍ତେ)

(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨)ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟସ୍ ଦର୍ଶିତ ଅର୍ଥରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀ ଉପର କଥିତ ନିୟମର ଧାରା **୧୩** ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଦର୍ଶିତ ତାରିଖରେ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ।

**ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେ କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା | ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ଡ଼ିମାଣ୍ଡ/ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ସ୍ୱର୍ଗଦ୍ୱାର ଶାଖା** ଋଣଗ୍ରହୀତା/ପାର୍ଟନର:(୧)ଶ୍ରୀ ବିଭୁ ରଞ୍ଜନ ପାତ୍ର, ମେସର୍ସ ଜଗଦମ୍ବା ଫେସନ୍, (୨)ଶ୍ରୀ ବିଶ୍ୱରଞ୍ଜନ ପାତ୍ର, ମେସର୍ସ ଜଗଦମ୍ବା ଫେସନ୍, ଜାମିନ୍‌ଦାର: ଶ୍ରୀ ଗୋପିନାଥ ପାତ୍ର, ସମସ୍ତଙ୍କ ଠିକଣା: ରାଧାଗୋବିନ୍ଦ ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ-୭୫୨୦୦୧। | ଶ୍ରୀ ଗୋପିନାଥ ପାତ୍ର (ଜାମିନ୍‌ଦାର)ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ମାର୍କଣ୍ଡେଶ୍ୱର ସାହି, ପୁରୀ, ଖାତା ନଂ.୧୭୩, ପ୍ଲଟ ନଂ.୩୪୪, ଏରିଆ: ଏ୦.୦୩୧ ଡିସିମିଲି, ସ୍ଥିତି: ସ୍ଥିତିବାନ, କିସମ: ଗୃହପୋଯୋଗି, ଅନୁରୂପ ସାବିକ ଖାତା ନଂ.୧୧୬, ସାବିକ ପ୍ଲଟ ନଂ.୨୭୬, ଜିଲ୍ଲା: ପୁରୀ, ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ସୁଇପର ପଥ, ପୂର୍ବ- ଉଦୟନାଥ ପାତ୍ର, ପଶ୍ଚିମ- ବିନାୟକ ମିଶ୍ର। | ୨୬.୦୯.୨୦୨୪ / ୦୬.୦୧.୨୦୨୫ | ଟ.୫୯,୬୯,୦୯୨.୪୫ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| **ଗୁଡିଆପୋଖରି ଶାଖା** ଋଣଗ୍ରହୀତା: ଶ୍ରୀ ମାନସ କୁମାର ଭୋଳ, ଠିକଣା: ସା-ମାଟିଆପଡା, ପୋ.-ସିଉଳା, ଥାନା- ପିପିଲି, ଜିଲ୍ଲା- ପୁରୀ, ଓଡିଶା, ପିନ୍- ୭୫୨୧୦୪। | ଶ୍ରୀ ମାନସ କୁମାର ଭୋଳଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଯାହାର ଜିଲ୍ଲା: ପୁରୀ, ତହସିଲି: ପିପିଲି, ତହସିଲି ନଂ.୨୧୭, ଥାନା: ପିପିଲି, ଥାନା ନଂ.୬୩, ସବ୍ ରେଜିଷ୍ଟ୍ରାର: ପିପିଲି, ମୌଜା: ସିଉଳା, ଖାତା ନଂ.୭୮୨/୧୦୨୨, ପ୍ଲଟ ନଂ.୮୪୬, ଏରିଆ: ଏ୦.୦୫୦ ଡିସିମିଲି, ସ୍ଥିତିବାନ, ଘରବାରୀ, ଅନୁରୂପ ଖାତା ନଂ.୨୦, ସମ୍ପତ୍ତିର ଚାରିପାର୍ଶ୍ୱରେ: ପୂର୍ବ- ସରକାରୀ ରାସ୍ତା, ପଶ୍ଚିମ- ସରକାରୀ ପୋଖରି, ଉତ୍ତର- ରେଭିନ୍ୟୁ ପ୍ଲଟ ନଂ.୮୪୭, ଦକ୍ଷିଣ-ରେଭିନ୍ୟୁ ପ୍ଲଟ ନଂ.୮୩୮। | ୧୪.୧୦.୨୦୨୪ / ୦୯.୦୧.୨୦୨୫ | ତା.୧୪.୧୦.୨୦୨୪ରିଖ ସୁଦ୍ଧା ଟ.୨୫,୪୫,୦୧୭/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| **ଗ୍ରାଣ୍ଡରୋଡ ପୁରୀ ଶାଖା** ଋଣଗ୍ରହୀତା: ମେସର୍ସ ଅମୃତମ୍, ସତ୍ତ୍ୱାଧିକାରୀ: ସ୍ୱର୍ଗତ ଶ୍ରୀ ଦୀପକ ମହାନ୍ତି, ପିତା: ସ୍ୱର୍ଗତ ଶ୍ରୀ ଶତ୍ରୁଘ୍ନ ମହାନ୍ତି, ସତ୍ତ୍ୱାଧିକାରୀ: ସ୍ୱର୍ଗତ ଶ୍ରୀ ଦୀପକ ମହାନ୍ତି, ଠିକଣା: କଟେରିମଠ ଲେନ୍, ବାଳଗଣ୍ଡି, ପୁରୀ-୧, ପୁରୀ, ପିନ୍-୭୫୨୦୦୧,ଆଇନଗତ ଉତ୍ତରାଧିକାରୀ ଏବଂ ଜାମିନ୍‌ଦାରମାନେ: (୧)ଶ୍ରୀମତୀ ଅନୁସୂୟା ମହାନ୍ତି, (୨)ଶ୍ରୀ ରଜତ ମହାନ୍ତି, (୩)ଶ୍ରୀ ଅଶୋକ କୁମାର ମହାନ୍ତି, ମାର୍ଫତ: ଅର୍ପିତ ଫାର୍ମାସ୍ୟୁଟିକାଲ୍ସ, ସମସ୍ତଙ୍କ ଠିକଣା: କଟେରୀମଠ ଲେନ୍, ବାଳଗଣ୍ଡି, ପୁରୀ-୧, ପୁରୀ, ପିନ୍-୭୫୨୦୦୧, (୪)ଶ୍ରୀମତୀ ଲିପିକା ଦାସ, ସ୍ୱା: କିଶୋର ଚନ୍ଦ୍ର ଦାସ, ଠିକଣା: ବି-୧/୮୯, ଲିଙ୍ଗରାଜ ବିହାର, ପୋଖରିପୁଟ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍- ୭୫୧୦୨୦, (୫)ଶ୍ରୀମତୀ ଦିପିକା ମହାନ୍ତି, ସ୍ୱା: କମଳାକାନ୍ତ ମହାନ୍ତି, ଠିକଣା: ପ୍ଲଟ ନଂ.୧୨୮୯/୩୧୩୨, ଜୟଦୁର୍ଗା ନଗର, ବମିଖାଲ, ଏକାମ୍ର ଟକିଜ୍ ପଛପାର୍ଶ୍ୱ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍- ୭୫୧୦୧୦ | (୧)ବନ୍ଧକ ଥିବା ଷ୍ଟକ ଏବଂ ବୁକ୍ ଡେବଟ୍ସ, (୨)ସ୍ୱର୍ଗତ ଶ୍ରୀ ଶତ୍ରୁଘ୍ନ ମହାନ୍ତିଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ବାସପୋଯୋଗି ଦୁଇ ମହଲା ବିଶିଷ୍ଟ ଗୃହ ଯାହାର ପ୍ଲଟ ନଂ. ହାଲ୍ ୧୩୫୨, ଖାତା ନଂ.୫୦୦, ପୁରୀ ଟାଉନ୍, ୟୁନିଟ୍ ନଂ.୨୨, ମୌଜା: ଦଇତାପଡା ସାହି, ଜମି ଏରିଆ: ଏ୦.୦୨୪ ଡିସିମିଲି, ଚାରିପାର୍ଶ୍ୱରେ: ଉତ୍ତର- ହରପ୍ରିୟା ମହାନ୍ତି, ଦକ୍ଷିଣ- ମୁନିସିପାଲିଟି ରାସ୍ତା, ପୂର୍ବ- ଗିରିଧାରି ମହାନ୍ତି, ପଶ୍ଚିମ- ଧଡି ଜେନା। | ୧୮.୧୦.୨୦୨୪ / ୦୮.୦୧.୨୦୨୫ | ତା.୩୧.୦୫.୨୦୨୩ରିଖ ସୁଦ୍ଧା ଟ.୨୨,୨୨,୮୩୭.୦୯ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ସ୍ଥାନ:ଭୁବନେଶ୍ୱର, ତାରିଖ-୧୦.୦୧.୨୦୨୫ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

**E-PROCUREMENT NOTICE FOR ROAD WORKS** No. O-1216
**Identification No. 08/SERW/JLS/2024-25**

| | | | |
|---|---|---|---|
| 1. | Procurement Officer | : | Superintending Engineer, Rural Works Division, Jaleswar |
| 2. | Name of the Work | : | Roads |
| 3. | Total No. of Works | : | 5 Nos. |
| 4. | Estimated Cost | : | Approx. Estimated Cost Rs.9.75 Lakh to Rs.24.36 Lakh |
| 5. | Class of Contractor | : | 'D' & 'C' and 'C' & 'B' Class |
| 6. | Time of Completion | : | Two Calendar Months (As per Annexure) |
| 7. | Availability of Tender Online for Bidding | : | From 16.01.25 at 11.00 P.M. to 22.01.25 upto 05.00 P.M. |
| 8. | Last date & time of seeking tender clarification | : | 21.01.2025 upto 05.00 P.M. |
| 9. | Date & time of Opening of tender in the Office of the Superintending Engineer, R.W. Division, Jaleswar | : | Date & time opening of Technical & Financial Bid 24.01.2025 at 11.00 A.M. |

Further details can be seen from the website: **www.tendersodisha.gov.in**.

Sd./- Additional Chief Engineer
OIPR-25051/11/0009/2425 R.W. Division, Jaleswar

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍‌ଡିଂ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: 503/ଭୁ.ଉ.କ., ଭୁବନେଶ୍ୱର ତା: ୦୬।୦୧।୨୦୨୫ରିଖ
EA-B-14/78
**ବିଜ୍ଞପ୍ତି**

No. CAD-2152: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବରଗଡ଼ ହାଉସିଂ ସ୍କିମ୍, ବରଗଡ଼, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ. EA-13କୁ ଶ୍ରୀ ସଚିଦାନନ୍ଦ ପଣ୍ଡା, ପିତା: ସ୍ୱର୍ଗତ ଅକ୍ରୁର ଚରଣ ପଣ୍ଡା, ଗ୍ରାମ: ମଠସାହି, ପୋଷ୍ଟ: ରାମଗଡ଼, ଥାନା: ଟାଙ୍ଗୀ, ଜିଲ୍ଲା: କଟକ, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରାହୀ ଶ୍ରୀ ସଚିଦାନନ୍ଦ ପଣ୍ଡା ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଆରତୀ କର, ସ୍ୱାମୀ: ଜୀବନ କୁମାର କର, ଗ୍ରାମ: ବାଲିବିନ୍ଧ, ପୋଷ୍ଟ: ଭୈରବପୁର, ଥାନା: ବାସୁଦେବପୁର, ଜିଲ୍ଲା: ଭଦ୍ରକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୧
OIPR-13033/11/0215/2425 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................



ସୁପ୍ରିୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୩ ଦିନରେ ୨କୋଟିର କାରବାର

- ପିବିଡି ପାଇଁ ସ୍ୱତନ୍ତ୍ର ରିହାତି
- ଚାହିଦାରେ ସୂତା ଶାଢ଼ି

ଭୁବନେଶ୍ୱର,୧୧।୧ (ଅଭୟ ଦାଶ)

ପ୍ରଥମ ଥର ପାଇଁ ବୟନିକା ପକ୍ଷରୁ ଆରମ୍ଭ କରାଯାଇଥିବା ରାତି ବଜାର 'ବୟନିକା ନାଇଟ୍ ବଜାର'କୁ ଉଲ୍ଲେଖନୀୟ ସଫଳତା ମିଳିଛି। ଏପରିକି ମାତ୍ର ୩ ଦିନରେ ପ୍ରାୟ ୨ କୋଟି ଟଙ୍କାର କାରବାର କରିଛି। ୨୦୨୫ ଜାନୁୟାରୀ ୮ରୁ ଆରମ୍ଭ ହୋଇଥିବା ଏହି ବଜାର ୧୧ ତାରିଖ ସକାଳ ୧୦ ଘଟିକା ସୁଦ୍ଧା ମୋଟ ୧,୭୫ କୋଟି ଟଙ୍କାର କାରବାର କରିଛି। ବିଶେଷକରି ସୂତା ଶାଢ଼ିର ଚାହିଦା ବେଶ୍ ଅଧିକ ରହିଛି।



ଉଲ୍ଲେଖଯୋଗ୍ୟ, ରାଜ୍ୟର ପ୍ରମୁଖ ହସ୍ତତନ୍ତ୍ର ସଙ୍ଗଠନ ତଥା ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିମିଟେଡ୍ ବା ବୟନିକାର ବହୁ ପ୍ରତୀକ୍ଷିତ 'ବୟନିକା ନାଇଟ୍ ବଜାର' ବୁଧବାର ଭୁବନେଶ୍ୱରର ଖାରବେଳନଗରସ୍ଥିତ ବୟନିକା ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ହସ୍ତତନ୍ତ,ବୟନ ଓ ହସ୍ତଶିଳ୍ପ ବିଭାଗର ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାରଙ୍କ ସମେତ ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ ଏବଂ ପରିଚାଳନା ନିର୍ଦ୍ଦେଶିକା ପ୍ରଣତୀ ଛୋଟରାୟ, ଅତିରିକ୍ତ ଶାସନ ସଚିବ ସୁଷମା ବାରିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଓଡ଼ିଶାରେ ପ୍ରବାସୀ ଭାରତୀୟ ଦିବସ ବା ପିବିଡି-୨୦୨୫ର ଆୟୋଜନ କରାଯାଇଛି। ଏହି ସମୟରେ ଓଡ଼ିଶାର ହସ୍ତତନ୍ତ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ବୟନିକା ପକ୍ଷରୁ ଏହି ସ୍ୱତନ୍ତ୍ର ରାତି ବଜାରର ଶୁଭାରମ୍ଭ କରାଯାଇଛି। ସେହିଭଳି ଭୁବନେଶ୍ୱରରେ ବୟନିକାର ତିନୋଟି ଶାଖାରେ ସ୍ୱତନ୍ତ୍ର ରିହାତି ବିକ୍ରୟ ସୁବିଧା ସୀମିତ ସମୟ ପାଇଁ ଉପଲବ୍ଧ ରହିଛି। ଏହି ବଜାର ୨୦୨୫ ଜାନୁଆରୀ ୧୩ ପର୍ଯ୍ୟନ୍ତ ଚାଲିବ। ସେହିପରି ପିବିଡି ପାଇଁ ସ୍ୱତନ୍ତ୍ର ରିହାତି ଦିଆଯାଉଛି। ଏପରିକି ଭୁବନେଶ୍ୱରର ସମସ୍ତ ଶାଖାରେ ୨୦% + ୧୦% + ୫% ରିହାତି ଅନ୍ତର୍ଭୁକ୍ତ ରହିଛି। ଏହି ଉତ୍ସାହକକୁ ଦ୍ୱିଗୁଣିତ କରିବା ପାଇଁ ଅତିରିକ୍ତ ୫% ରିହାତି ବୟନିକା ସ୍ୱତନ୍ତ୍ର ନାଇଟ୍ ବଜାରରେ ଉପଲବ୍ଧ ରହିଛି। ଏହି ବଜାର ପ୍ରତିଦିନ ରାତି୧୧ଟା ରୁ ପରଦିନ ସକାଳ ୭ଟା ଯାଏ ସୀମିତ ଅବଧି ପର୍ଯ୍ୟନ୍ତ ଖୋଲା ଅଛି। ଏଥିରେ ପର୍ଯ୍ୟଟକ ଓ ଆଗନ୍ତୁକମାନଙ୍କୁ ରାତ୍ରି ସମୟରେ ମଧ୍ୟ ଓଡ଼ିଶା ହସ୍ତତନ୍ତ ସୃଷ୍ଟିର ଅନ୍ୱେଷଣ କରିବାକୁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବ। ଅପରପକ୍ଷରେ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଐତିହ୍ୟକୁ ଅନୁଭବ କରିବାକୁ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରବାସୀ ଭାରତୀୟ ତଥା ପ୍ରତିନିଧି ଓ ପରିଦର୍ଶକମାନଙ୍କୁ ବୟନିକା ଏହି ବଜାର ଜରିଆରେ ସ୍ୱାଗତ କରୁଛି।

# ଏଡିଏଫ୍‌ଏଫ୍ ସହ ଜେଏସ୍‌ଏଲ୍‌ର ସହଭାଗିତା



ଦୀପିକା ଜିନ୍ଦଲ

ନୂଆଦିଲ୍ଲୀ,୧୧।୧

ଭାରତର ସର୍ବବୃହତ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଲିମିଟେଡ୍ (ଜେଏସ୍‌ଏଲ୍) ଏବଂ ଆର୍କିଟେକ୍ଚର ଆଣ୍ଡ ଡିଜାଇନ ଫିଲ୍ମ ଫେଷ୍ଟିଭାଲ(ଏଡିଏଫ୍‌ଏଫ୍) ମଧ୍ୟରେ ସହଭାଗିତା ହୋଇଛି। ଏପରିକି ଏହି ବିଶ୍ୱସ୍ତରୀୟ ପ୍ରସିଦ୍ଧ ଇଭେଣ୍ଟରେ ଜେଏସ୍‌ଏଲ୍ ଏସୀୟ ପ୍ରିମିୟରକୁ ଚିହ୍ନିତ କରିଛି। ୨୦୨୫ ଜାନୁଆରୀ ୧୨ ପର୍ଯ୍ୟନ୍ତ ମୁମ୍ବାଇର ନ୍ୟାଶନାଲ ସେଣ୍ଟର ଫର୍ ଦି ପର୍‌ଫର୍ମିଂ ଆର୍ଟସଠାରେ ଆୟୋଜିତ ଏହି ୩ ଦିନିଆ ଫେଷ୍ଟିଭାଲ ବିଶ୍ୱର ବିଭିନ୍ନ ସ୍ଥାନରୁ ସ୍ଥାପତ୍ୟ, ଡିଜାଇନ ଓ ସିନେମାଟିକ୍ କାହାଣୀକୁ ନେଇ ଗତିଶୀଳ ଚିତ୍ରକୁ ପ୍ରତିଫଳିତ କରିଥିଲା। ସେହିଭଳି ପାରମ୍ପରିକ ଭାରତୀୟ ବାଓଲି, ମିଶ୍ରିତ ଐତିହ୍ୟ ଓ ଆଧୁନିକତା ଦ୍ୱାରା କଳାତ୍ମକ ମାଧ୍ୟମ ଭାବେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ବହୁମୁଖୀ ଓ ସୌନ୍ଦର୍ଯ୍ୟପୂର୍ଣ୍ଣ ଆକର୍ଷଣକୁ ପ୍ରଦର୍ଶନ କରିଛି। ଏ ସମ୍ପର୍କରେ ଜିନ୍ଦଲ ଲାଇଫ୍ ଷ୍ଟାଇଲର ସୃଜନଶୀଳ ମୁଖ୍ୟ ତଥା ପରିଚାଳନା ନିର୍ଦ୍ଦେଶିକା ଦୀପିକା ଜିନ୍ଦଲ କହିଛନ୍ତି, ଆମେ ଏଡିଏଫ୍‌ଏଫ୍ ସହ ସହଭାଗିତା କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍ ମୋ ହୃଦୟରେ ନିକଟତର ହୋଇଥିଲାବେଳେ ଏହା ଏଭଳି ଏକ ସାମଗ୍ରୀ ଯାହା ଶକ୍ତି ସୌନ୍ଦର୍ଯ୍ୟ ଓ ଅନନ୍ତ ସମ୍ଭାବନାର ପ୍ରତୀକ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିପରି ଏହି ପରମ୍ପରାକୁ ସମ୍ମାନ ଦେବାରେ ଆମର ବିଶ୍ୱାସ ପ୍ରତିଧ୍ୱନିତ ହୋଇଥାଏ। ଏଥିରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ପ୍ରତିଫଳିତ ସୌନ୍ଦର୍ଯ୍ୟ,ଐତିହ୍ୟ ଓ ନବସୃଜନର ଧାରାକୁ ପ୍ରଦର୍ଶିତ କରିଥାଏ। ଏହି ପାଭିଲିୟନ ଜରିଆରେ ଆମେ କେବଳ ଡିଜାଇନ ପ୍ରଦର୍ଶନ କରୁ ନାହୁଁ, ଆମେ ଏକ କାହାଣୀ କହୁଛୁ, ଯାହା କାରିଗରି, ସୃଜନଶୀଳତା ଓ ଷ୍ଟେନ୍‌ଲେସ୍ ଷ୍ଟିଲର କାଳଜୟୀ ଆକର୍ଷଣର କାହାଣୀକୁ ବ୍ୟାଖ୍ୟା କରିଥାଏ।

# ପତଞ୍ଜଳି ବିଶ୍ୱବିଦ୍ୟାଳୟର ୪ର୍ଥ ସଂସ୍ଥାଗତ ସ୍ୱର୍ଣ୍ଣପଦକ ପ୍ରତିଯୋଗିତା



ଭୁବନେଶ୍ୱର,୧୧।୧(ଅନୁରାଧା ମହାରଣା)

ପତଞ୍ଜଳି ବିଶ୍ୱବିଦ୍ୟାଳୟ ମାନବିକତା ଏବଂ ଓରିଏଣ୍ଟାଲ ଷ୍ଟଡିଜ୍ ଏବଂ ଦର୍ଶନ ଏବଂ ସଂସ୍କୃତ ବିଭାଗ ପକ୍ଷରୁ ମିଳିତ ଭାବେ ଚତୁର୍ଥ ସଂସ୍ଥାଗତ ସ୍ୱର୍ଣ୍ଣପଦକ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏ ଅବସରରେ ବିଶ୍ୱବିଦ୍ୟାଳୟ କୁଳାଧିପତି ଯୋଗଗୁରୁ ରାମଦେବ କହିଛନ୍ତି , ଆମେ ଶାସ୍ତ୍ର ପରମ୍ପରାକୁ ଆତ୍ମସାତ୍ କରିବା ଦ୍ୱାରା ଯୋଗମାର୍ଗ, ବେଦମାର୍ଗ, ଋଷିମାର୍ଗରେ ଚାଲିବାକୁ ପ୍ରେରଣା ମିଳିଥାଏ। ସେହିପରି ବିଶ୍ୱବିଦ୍ୟାଳୟ କୁଳପତି ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଲେ, ଶାସ୍ତ୍ରକୁ ଅନୁସରଣ କରିବା ଦ୍ୱାରା ଶାସ୍ତ୍ର ଆମର ସଂରକ୍ଷଣ ତଥା ଅଭିବୃଦ୍ଧିରେ ସହାୟକ ହୋଇଥାଏ । ପ୍ରତିଯୋଗିତାର ମୁଖ୍ୟ ସଂଯୋଜିକା ପ୍ରଫେସର ସାଧ୍ୱୀ ଦେବପ୍ରିୟା କହିଲେ, ଏହି ପ୍ରତିଯୋଗିତାରେ ୪୭୫ ଛାତ୍ରୀଛାତ୍ର ଭଗବଦ୍ ଗୀତା, ଷଡ଼୍‌ଦର୍ଶନ, ଉପନିଷଦ, ପଞ୍ଚୋପଦେଶ ଏବଂ ନୀତିଶତକମ୍, ଘେରଣ୍ଡ ସଂହିତା, ହଠଯୋଗ ପ୍ରଦିପିକା ଆଦି ଶାସ୍ତ୍ର ପାଠରେ ଭାଗନେଇଛନ୍ତି। ପ୍ରତିଯୋଗିତା ବିଜୟୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସ୍ୱରୂପ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସ୍ୱାମୀ ଈଶଦେବ ଓ ଆଚାର୍ଯ୍ୟ ଡା. ଗୌତମ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ରାଜ୍ ଇଲେକ୍ଟ୍ରୋନିକ୍ସରେ ଏସି ମହା ସଞ୍ଚୟ ସେଲ୍

ଭୁବନେଶ୍ୱର,୧୧।୧
(ଅନୁରାଧା ମହାରଣା)




ରାଜ୍ ଇଲେକ୍ଟ୍ରୋନିକ୍ସ ପକ୍ଷରୁ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର(ଏସି) ମହା ସଞ୍ଚୟ ସେଲ୍ ଘୋଷଣା କରାଯାଇଛି। ଖରାଦିନ ଆରମ୍ଭ ହେଲେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ମୂଲ୍ୟରେ ବୃଦ୍ଧିର ପ୍ରଭାବ ପଡ଼ିବା ସମ୍ଭାବନା ରହିଥିବାବେଳେ ବର୍ତ୍ତମାନଠାରୁ ଏସିର ଚାହିଦା ବୃଦ୍ଧି ପାଇବା ଆରମ୍ଭ ହୋଇଯାଇଛି। ମାର୍ଚ୍ଚ ଶେଷ ବେଳକୁ ମୂଲ୍ୟ ୧୫ରୁ ୨୦% ପର୍ଯ୍ୟନ୍ତ ବଢ଼ିଯିବ ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ମାର୍କେଟରେ କପର, ଆଲୁମିନିୟମର ମୂଲ୍ୟ ଉଲ୍ଲେଖନୀୟ ଭାବେ ବଢ଼ିବା ସହ କଞ୍ଚାମାଲର ମୂଲ୍ୟ ବଢ଼ିବା ଓ ପେଣ୍ଟ ପ୍ଲାଷ୍ଟିକ୍ ଭଳି ଉତ୍ପାଦ ପ୍ରତ୍ୟକ୍ଷ ଭାବେ ମୂଲ୍ୟ ବୃଦ୍ଧି ହୋଇଛି। ଏହାର ପ୍ରଭାବ ମଧ୍ୟ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ଉତ୍ପାଦ ଉପରେ ଦେଖିବାକୁ ମିଳୁଛି। ଏହି ବର୍ଷ ଏସି ଷ୍ଟାର ରେଟିଂ ପରିବର୍ତ୍ତନ ହେବାକୁ ଯାଉଥିବାରୁ କମ୍ପାନୀର ଉତ୍ପାଦନ ଖର୍ଚ୍ଚ ବଢ଼ିବାର ପ୍ରଭାବ ଉପଭୋକ୍ତାଙ୍କ ଉପରେ ପଡ଼ିବାକୁ ଯାଉଛି। ଏହି ଦରବୃଦ୍ଧି ସମୟରେ ରାଜ୍ ଇଲେକ୍ଟ୍ରୋନିକ୍ସ ଗ୍ରାହକଙ୍କୁ କମ୍ ମୂଲ୍ୟରେ ଏସି ଯୋଗାଇଦେବା ପାଇଁ ମହାସେଲ୍ ଘୋଷଣା କରିଛି। ବିଭିନ୍ନ କମ୍ପାନୀର ଏସିରେ ଭରପୂର ଶୋ'ରୁମ୍‌ରୁ ଗ୍ରାହକମାନେ କିଣିବାର ସୁଯୋଗ ପାଇବେ । ନଗଦ ଭାବେ ନ ଦେଇ ସବୁଠୁ କମ୍ ଡାଉନ୍‌ମେଣ୍ଟରେ ୦% ସୁଧ ଓ ସହଜ କିସ୍ତିରେ ଗ୍ରାହକମାନେ ଏସି କିଣିବାର ଲାଭ ଏବେ ନେଇପାରିବେ।

ଏହି ପରିପ୍ରେକ୍ଷୀରେ ରାଜ୍ ଇଲେକ୍ଟ୍ରୋନିକ୍ସ ପକ୍ଷରୁ ପ୍ରକାଶ କୁମାର ବିଶାଳ କୁହନ୍ତି, ଏସି ଏକ ଦୀର୍ଘସ୍ଥାୟୀ ଉପଭୋକ୍ତା ସାମଗ୍ରୀ । ତେଣୁ ଖରାଦିନ ଆସିବା ପୂର୍ବରୁ ଗ୍ରାହକମାନେ ବର୍ତ୍ତମାନ ମୂଲ୍ୟରେ ଏସି କିଣି ଘରେ ଲଗାଇବ ସହ ଖରାଦିନେ ତାତିରୁ ଆରାମ ପାଇପାରିବେ ବୋଲି ସେ ମତ ଦେଇଛନ୍ତି। ରାଜ୍ ଇଲେକ୍ଟ୍ରୋନିକ୍ସ କେଉଁ ଘର ପାଇଁ କି ପ୍ରକାର ଏସି ଆବଶ୍ୟକ ସେ ସମ୍ପର୍କରେ ମଧ୍ୟ ଗ୍ରାହକଙ୍କୁ ଶୋ'ରୁମ୍‌ରେ ଅଭିଜ୍ଞ ସେଲ୍‌ସମ୍ୟାନ୍ ସଚେତନ କରାଉଛନ୍ତି। ତେଣୁ ଦରବୃଦ୍ଧିକୁ ଅପେକ୍ଷା ନ କରି ଗ୍ରାହକମାନେ ଏବେ ରାଜ୍ ଇଲେକ୍ଟ୍ରୋନିକ୍ସରୁ ସୁଲଭ ମୂଲ୍ୟରେ ସବୁ ନାମୀଦାମୀ ବ୍ରାଣ୍ଡର ଏସି କିଣିବାର ସୁଯୋଗ ନେବେ ବୋଲି ବିଶାଳ ଆଶାବ୍ୟକ୍ତ କରିଛନ୍ତି ।

# ୨ଦିନିଆ ଲକ୍‌ଜୁରି ହୋମ୍ ଏକ୍ସପୋ ଉଦ୍‌ଘାଟିତ

ଭୁବନେଶ୍ୱର,୧୧।୧

ଇଣ୍ଡିଆନ ରିଏଲ ଇଷ୍ଟେଟ୍ ଏକ୍ସପୋ (ଆଇଆର୍‌ଇଇ)ର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ ତଥା ଦୁଇଦିନିଆ ବିଳାସପୂର୍ଣ୍ଣ ହୋମ୍ ଏକ୍ସପୋ (ଲକ୍‌ଜୁରି ହୋମ୍ ଏକ୍ସପୋ) ଶନିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ହୋଟେଲ ମେ ଫେୟାର କନ୍‌ଭେଶନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ ଉତ୍ସବରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମେଳାର ମୁଖ୍ୟ ପ୍ରାୟୋଜକ ତଥା ମୋଟ୍‌ୱାନି କନ୍‌ଷ୍ଟ୍ରକସନ୍ସର ଅଧ୍ୟକ୍ଷ ଦିଲୀପ ମୋଟ୍‌ୱାନି, ପରିଚାଳନା ନିର୍ଦ୍ଦେଶକ ପଙ୍କଜ ମୋଟ୍‌ୱାନି, ସର୍କଲ ହେଡ୍ ତଥା ଡିଜିଏମ୍ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଭୁବନେଶ୍ୱରର ଲକ୍ଷ୍ମଣକାନ୍ତ ମିଶ୍ର, ଆଇଆର୍‌ଇଇର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶିକା ଦର୍ଶନା ସିଂ ଏବଂ ପ୍ରବୀଣ ସମ୍ଭାଜୀଙ୍କ ସମେତ ଇଣ୍ଡଷ୍ଟ୍ରିର ଅନ୍ୟାନ୍ୟ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୫ ଜାନୁଆରୀ ୧୧ରୁ ଆରମ୍ଭ ହୋଇଥିବା ଏହି ୨ଦିନିଆ ପ୍ରଦର୍ଶନୀରେ ରାଜ୍ୟର ୨୦ରୁ ଅଧିକ ଗୃହ ନିର୍ମାଣ ସଂସ୍ଥା ଓ ବ୍ୟାଙ୍କିଙ୍ଗ୍ ପ୍ରତିଷ୍ଠାନ ସାମିଲ ହୋଇଛନ୍ତି।

# ପ୍ରଥମ ଧରଣର ବୀମା କଭରେଜର ଶୁଭାରମ୍ଭ

ନୂଆଦିଲ୍ଲୀ,୧୧।୧

ଚଳିତ ବର୍ଷ ଜାନୁୟାରୀ ୧୩ ରୁ ଫେବୃଆରୀ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା 'ମହାକୁମ୍ଭ' ମେଳାରେ ଯୋଗ ଦେଉଥିବା ଯାତ୍ରୀମାନଙ୍କ ପାଇଁ ଫୋନ ପେ ପକ୍ଷରୁ ଏକ ପ୍ରଥମ ଧରଣର ବୀମା କଭରେଜର ଶୁଭାରମ୍ଭ କରାଯାଇଛି। ଏପରିକି ବିଭିନ୍ନ ପ୍ରକାରର ଯାତ୍ରୀଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଏହି ସାମଗ୍ରିକ କିନ୍ତୁ ସୁଲଭ ବୀମା ଯୋଜନାର ୨ଟି ବିକଳ୍ପ ଟ୍ରେନ କିମ୍ବା ବସରେ ଯାତ୍ରା କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ପ୍ରତି ଯାତ୍ରୀ ପିଛା ୫୯ ଟଙ୍କା ଏବଂ ଦେଶୀୟ ବିମାନରେ ଯାତ୍ରା କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ପ୍ରତି ଯାତ୍ରୀ ପିଛା ୯୯ ଟଙ୍କାର ବୀମା ସୁବିଧା ରହିଛି। ଅପରପକ୍ଷରେ ଏଭଳି ଏକ ବିଶାଳ କାର୍ଯ୍ୟକ୍ରମ ସହିତ ଜଡ଼ିତ ବିଶେଷ ଧରଣର ଆହ୍ୱାନଗୁଡ଼ିକୁ ହୃଦୟଙ୍ଗମ କରି ଆଇସିଆଇସିଆଇ ଲୋମ୍ବାର୍ଡ ଜେନେରାଲ ଇନସ୍ୟୁରାନ୍ସର ସହଭାଗିତାରେ ଫୋନପେ ଏହି ଅଭିନବ ବୀମା କଭରେଜ ପ୍ଲାନର ଶୁଭାରମ୍ଭ କରିଛି।

# ନିୟମିତ ଆଲମଣ୍ଡ ସେବନକୁ ଗୁରୁତ୍ୱ

ନୂଆଦିଲ୍ଲୀ,୧୧।୧

ବର୍ତ୍ତମାନର ବ୍ୟସ୍ତବହୁଳ ସମୟ ମଧ୍ୟରେ ଖାଦ୍ୟପେୟର ଅସମାନତା ଦେଖାଦେଇଛି। ଏପରିକି ଭାରତୀୟମାନଙ୍କ ଦୈନନ୍ଦିନ ଖାଦ୍ୟପେୟ ନିର୍ଦ୍ଦେଶାବଳୀକୁ ଦୃଷ୍ଟିରେ ରଖି ସଦ୍ୟ ପ୍ରକାଶିତ ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁଟ୍ରିସିଆନ ପକ୍ଷରୁ ମଧ୍ୟ ନିୟମିତ ଆଲମଣ୍ଡ ସେବନକୁ ଗୁରୁତ୍ୱ ଦିଆଯାଇଛି। ସେହିଭଳି ଦୈନିକ କାଲିଫର୍ନିଆ ଆଲମଣ୍ଡର ସେବନ ଦ୍ୱାରା ଏଥିରେ ଥିବା ଭିଟାମିନ୍ ଇ, ଆଇରନ୍, ମ୍ୟାଗ୍ନେସିୟମ୍, ଫାଇବର, ପ୍ରୋଟିନ୍ ଏବଂ ଜିଙ୍କ୍ ହୃଦୟ ସ୍ୱାସ୍ଥ୍ୟ, ରକ୍ତଶର୍କରା ନିୟନ୍ତ୍ରଣ, ଓଜନ ପରିଚାଳନା ଏବଂ ସାମଗ୍ରିକ ସୁସ୍ଥତା ବଜାୟ ରଖିବାରେ ସାହାଯ୍ୟ କରିଥାଏ। ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ମଧ୍ୟ ସହାୟକ ହୋଇଥାଏ। ନୂଆଦିଲ୍ଲୀ ମାକ୍ସ ହେଲ୍‌ଥ କେୟାରର ଆଞ୍ଚଳିକ ମୁଖ୍ୟ ଡାଇଟେଟିକ୍ସ ରୀତିକା ସମାଦ୍ଦାର କହିଛନ୍ତି, ଏହି ଅମଳ ଋତୁରେ ମୁଁ ପାରମ୍ପରିକ ମିଠା ବଦଳରେ ଆଲମଣ୍ଡ ପରି ସ୍ୱାସ୍ଥ୍ୟକର, ଅଧିକ ପୁଷ୍ଟିକର ଉପାଦାନ ଖାଇବାକୁ ପରାମର୍ଶ ଦେଉଛି।


# Classified Everyday
0674-2580101, 9692975378




## BRIDE WANTED

ମନସ୍ୱିନୀ ସନ୍ତାନଯୋଗ୍ୟା ସଂସ୍କାରୀ ପାତ୍ରୀ ଆବଶ୍ୟକ। ଯୁବସୁଲଭ ଯୋଗାଭ୍ୟାସୀ ଡାଇଭର୍ସଡ୍ ବୟସ୍କ ବ୍ରାହ୍ମଣ ଉଚ୍ଚଶିକ୍ଷାପ୍ରାପ୍ତ ସରକାରୀ ଆୟୁର୍ବେଦ ଡାକ୍ତର ସକାରାତ୍ମକ। ଅବୁଝାରେ ନସରୁ ଜୀବନ। 9437593214. D-2511

## GROOM WANTED

Groom wanted for a SC girl, 1988,5'.2", B.Tech, Serving as Project Manager(Purchage) in swiden in a MN Automoblie Company. Caste no bar, Father retired, Class- 1 Officer, settled at Bhubaneswar. Contact No-9437100637, 9668623062. D-2516

Dr Saswati rath(36), 5'2"18/8, Md assistant professor in hitech medical College, seeking fair handsome Brahmin groom, qualification Md/MS/IAS/OAS, Early marriage, contact -7978980315. D-2553




## SALE

4BHK Luxurious flat for sale at Unit-3 Kharavelanagar back side of Ram Mandir handover within 2months. Please contact- 9438362399. D-2494

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି ପ୍ଲଟ ବିକ୍ରି ହେବ - 9556187814. D-2474

(A) Commercial Plot, facing to NH Road, Nakhara to Niali NH 10,000 Sq.ft., 3 Sides Road, (B) Residential Plot Near Petal English Medium School 1250 Sq.ft. with Boundarywall at Brahmanjharilo, Cuttack, 11 Km. to BBSR. Personal Plots, No Builders. 7809525452. D-76408

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Ready to move 2 BHK flat for sale @ 22 lakh near Gudiapokhari, Bhubaneswar. Call- 9437631769. D-2373

N.H. Facing 4(four) Acres (20 Bharana) of land with a frontage of 500 sqfeet (Approx) with Boundarywall & nearly 15000 sqfeet shed near Berhampur N.H. at Bhaliagarha Mouza. D-2546

ଫୁଲନଖରା ନିକଟସ୍ଥ Sum hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। 8249310759. D-76230

Gharabari Converted Plots Available near Hightech Square Sundarpada, Bhubaneswar. For more details contact- 9437226965, 9778832554. D-2548

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




1200sqft on main road side close to Damana Square in Chandrasekharpur for commercial uses, Mobile-9438283062. D-2550

To-Let 3000 sqft godown on Pandra bypass. Mob: 8917413629. D-2528




Newly open Jyoti Spa Positively Health benefits (Expert Therapist). 8458067955 D-76184

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2491

Newly open health benefits spa by experience lady therapist. 7750040475 D-76188

Newly open Spa Health benefits relax refresh good therapist. 9040286886 D-76185

## AFFIDAVIT

By virtue of an affidavit sworn before Executive Magistrate, Jagatsinghpur, Dated- 05.12.2024, I Biswajit Bhoi, Address: Village- Purusottampur, P.O.- Kortal, P.S./ Dist.- Jagatsinghpur, Odisha- 754109 declare that I have changed my name from Biswanath Bhoi to Biswajit Bhoi. Henceforth I shall be known as Biswajit Bhoi for all purposes. (Biswajit Bhoi) D-2551

I Rashida Begum, W/o Shaikh Fayazuddin, Resident of Vill- Nalipur (Kadim mahala), P.O.- Charinangal, P.S.- Balichandrapur, Dist.- Jajpur, PIN- 754292 Odisha, declare by this Affidavit No.- 83, dtd. 10.01.2025 that now onwords I shall be known as Rasida Bibi for all future purposes. D-2552

## ଜନ୍ମଦିନ ଶୁଭେଚ୍ଛା




ସୁପ୍ରିୟା ଦଳେଇ
୨୫ତମ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା । ଶ୍ରୀଜଗନ୍ନାଥ ତମକୁ ଦୀର୍ଘାୟୁ କରନ୍ତୁ ଓ ତମ ଚଲାପଥ କୁସୁମିତ ହେଉ, ଏହାହିଁ ଆମର କାମନା ।
ଶୁଭେଚ୍ଛା ସହ- ବାପା: ପ୍ରଦୀପ ଦଳେଇ,
ମାମା: ସୁମତି ଦଳେଇ, ଭଉଣୀ: ହରପ୍ରିୟା ଓ ବିଷ୍ଣୁପ୍ରିୟା ।
ଧ-୨୫୪୯

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ଟାଇମ୍‌ବକ୍ସ ଷ୍ଟ୍ରାଟେଜି

**ଆଜିର ପ୍ରତିଯୋଗିତାମୂଳକ ସମୟରେ ପାଠ ପଢା ହେଉ ଅବା ଜବ୍ ସବୁଥିରେ ସଫଳ ହେବାକୁ ହେଲେ ଆବଶ୍ୟକ ଏକ ଦୃଢ ପୂର୍ବ ପ୍ରସ୍ତୁତି ଆଉ ଏଥିପାଇଁ ବର୍ତ୍ତମାନ ଅନେକଙ୍କ ପାଇଁ ଲାଭଦାୟକ ହୋଇପାରୁଛି ଟାଇମବକ୍ସ ଷ୍ଟ୍ରାଟେଜି ଭଳି ଏକ ରଣନୀତି...**



ନିଜ ଲକ୍ଷ୍ୟ ପୂରଣ କରିବା ଲାଗି ଉଦ୍ୟମ କରିବା ନିହାତି ଆବଶ୍ୟକ। ତେଣୁ ଏଥିପାଇଁ କ୍ୟାଲେଣ୍ଡରରେ ଏକ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରି ଉକ୍ତ ସମୟ ମଧ୍ୟରେ ପ୍ରସ୍ତୁତି ସମାପ୍ତ କରିବାକୁ ନେଇ ନିଜକୁ ଚ୍ୟାଲେଞ୍ଜ କରିବାକୁ ହିଁ କୁହାଯାଏ ଟାଇମ୍‌ବକ୍ସ ଷ୍ଟ୍ରାଟେଜି। ଆଉ ଏହାକୁ ଆପଣେଇ ଅନେକେ ଉପକୃତ ମଧ୍ୟ ହେଉଥିବା ଦେଖିବାକୁ ମିଳୁଛି।


**କେମିତି କରିବେ କାର୍ଯ୍ୟକାରୀ:**

– ଛାତ୍ରୀଛାତ୍ରଙ୍କ ପରୀକ୍ଷା ହେଉ ଅବା କର୍ମଚାରୀଙ୍କ ପାଇଁ ଅଫିସ୍‌ରେ ଦିଆଯାଇଥିବା କୌଣସି କାମର ଡେଡ୍‌ଲାଇନ୍ ପୂର୍ବରୁ ଯେପରି ଏହାକୁ ଠିକ୍ ଭାବେ ସମାପ୍ତ କରିବେ, ସେଥିପାଇଁ ପ୍ରଥମେ ଏକ ନିର୍ଦ୍ଦିଷ୍ଟ ଦିନ ବାଛନ୍ତୁ। ଏହି ତାରିଖକୁ କ୍ୟାଲେଣ୍ଡରରେ ମାର୍କ କରି ରଖନ୍ତୁ ଏବଂ ଏକ ଡାଏରୀରେ ନୋଟ୍ କରି ରଖନ୍ତୁ।

– ଥରେ ଏଥିପାଇଁ ନିଷ୍ପତ୍ତି ନେଲେ ଯେପରି କୌଣସି ପରିସ୍ଥିତିରେ ପଛଘୁଞ୍ଚା ନ ଦିଅନ୍ତି କିମ୍ବା ଅଳସୁଆ ହୋଇ ଆଉ କିଛି ଦିନ ଘୁଞ୍ଚାଇ ନ ଦିଅନ୍ତି, ସେଥିପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୁଅନ୍ତୁ। ଏକ ରୁଟିନ୍ ପ୍ରସ୍ତୁତ କରନ୍ତୁ ଏବଂ ଦୈନନ୍ଦିନ କାର୍ଯ୍ୟବ୍ୟସ୍ତତା ମଧ୍ୟରୁ କିଛି ସମୟ ବାହାର କରି ନିଜ ଲକ୍ଷ୍ୟ ହାସଲ ପ୍ରତି ଫୋକସ୍ କରନ୍ତୁ।

– ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ କୌଣସି ବାଧାବିଘ୍ନ ଆସିଲେ ନିଜକୁ ଦୁର୍ବଳ ହେବାକୁ ନ ଦେଇ ଦୃଢ଼ ମାନସିକତାର ସହ ପ୍ରସ୍ତୁତି ଜାରି ରଖନ୍ତୁ।

– ଯେଉଁ ପର୍ଯ୍ୟନ୍ତ ପ୍ରସ୍ତୁତି ସରିଲା, ତାହାକୁ ଡାଏରୀରେ ଥିବା ନୋଟ୍ ଉପରେ ଟିକ୍ କରନ୍ତୁ। ଏହି ଅଭ୍ୟାସ ଆପଣଙ୍କୁ ଆଗକୁ ବଢ଼ିବାର ପ୍ରେରଣା ଏବଂ ଉର୍ଜା ଯୋଗାଇଦେବ। ଏହାଦ୍ୱାରା ଆପଣଙ୍କୁ ସମସ୍ତ ପାଠ ଅବା କାର୍ଯ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିବା ସହଜ ହୋଇପାରିବ।





– ଆପଣ ମୋବାଇଲ୍ ଫୋନ୍ କିମ୍ବା ଆଲାର୍ମ କ୍ଲକ୍‌ରେ ଆଲାର୍ମ ସେଟ୍ କରି ପଢ଼ିପାରିବେ କିମ୍ବା ଅଫିସ୍ କାମ ସାରିପାରିବେ। ଏହା କାମକୁ ଆହୁରି ଶୀଘ୍ର ସାରିବାରେ ବେଶ୍ ସାହାଯ୍ୟ କରିଥାଏ।

**ମନେରଖନ୍ତୁ...** ଓହିଓ ୟୁନିଭର୍ସିଟି, ଇଲିନଇସ୍ ୟୁନିଭର୍ସିଟି ଏବଂ ନେବ୍ରାସ୍କା ୟୁନିଭର୍ସିଟିରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସହ ମୋବାଇଲ୍ ବ୍ୟବହାରକୁ ନେଇ ଏକ ରିସର୍ଚ୍ଚ କରାଯାଇଥିଲା। ଏହି ରିସର୍ଚ୍ଚ ରିପୋର୍ଟ ମୁତାବକ ପଢ଼ିବାବେଳେ ପାଖରେ ମୋବାଇଲ୍ ରହିବା ଦ୍ୱାରା ଏହା ଅଧିକାଂଶଙ୍କ ପଢ଼ାରୁ ଧ୍ୟାନଚ୍ୟୁତ କରିଥାଏ ଏବଂ ରେଜଲ୍ଟ ଖରାପ ହେବା ଯୋଗୁ ଲକ୍ଷ୍ୟ ହାସଲ କଷ୍ଟକର ହୋଇଥାଏ। ଆଜିକାଲି ଯୁବପିଢ଼ି ସୋସିଆଲ୍ ମିଡିଆ, ଗେମିଂ ଓ ଅନ୍ୟ ଆପ୍ ବ୍ୟବହାର କରିବାରେ ଅଧିକ ସମୟ ଦେଉଛନ୍ତି। ହେଲେ ପଢ଼ିବାବେଳେ କିମ୍ବା ଅଫିସ୍‌ର ଜରୁରୀ କାମ କରିବା ବେଳେ ପାଖରେ ଫୋନ୍ ରହିଲେ ବାରମ୍ବାର ଧ୍ୟାନ ଭଙ୍ଗ ହୋଇଥାଏ। ତେଣୁ ପାଖରେ ଫୋନ୍ ନ ରଖିବା ଭଲ। ଯଦି ରଖୁଛନ୍ତି, ତେବେ ଏହାକୁ ସାଇଲେଣ୍ଟ ରଖନ୍ତୁ ଏବଂ ଫୋନ୍‌ର ନୋଟିଫିକେଶନ୍ ଅଫ୍ କରିଦିଅନ୍ତୁ। କାରଣ ସଫଳତା ପାଇଁ ଟାଇମ୍‌ବକ୍ସ ଷ୍ଟ୍ରାଟେଜି ଆପଣାଉଥିଲେ ଡିଜିଟାଲ୍ ଡିଟକ୍ସ ନିହାତି ଆବଶ୍ୟକ।

**ମାନସିକ ସ୍ତରରେ ପ୍ରସ୍ତୁତ ହୁଅନ୍ତୁ:** ମୋବାଇଲ୍‌ଠୁ ଦୂରେଇ ରହିବା ଲାଗି ସର୍ବପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ ହୁଅନ୍ତୁ। କାରଣ ମାତ୍ର କିଛି ସମୟ ମନକୁ ବୁଝାଇ ରଖି ପୁନର୍ବାର ମୋବାଇଲ୍ ଦୁନିଆକୁ ଚାଲିଯିବା ଦ୍ୱାରା ପାଠପଢ଼ାରେ ଧ୍ୟାନ ଲାଗି ନ ଥାଏ। ତେଣୁ ପ୍ରତିଦିନ ପାଠପଢ଼ା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରନ୍ତୁ ଏବଂ ପଢ଼ିବା ପାଇଁ ମୋବାଇଲ୍ ଦରକାର ନ ଥିଲେ ଏହାକୁ ସମ୍ପୂର୍ଣ୍ଣ ଦୂରରେ ରଖନ୍ତୁ। ଧୀରେ ଧୀରେ ସେହି ସମୟ ଅବଧିକୁ ବଢ଼ାଇବା ଦ୍ୱାରା ଅଧିକ ଉପକୃତ ହୋଇପାରିବେ।

**ଫାଇଦା ଅନେକ:** ଏକ ସର୍ଭେ ରିପୋର୍ଟ ମୁତାବକ ଏହି ଟାଇମ୍‌ବକ୍ସ ଷ୍ଟ୍ରାଟେଜି ଉଭୟ ଶିକ୍ଷାର୍ଥୀ, ଜବ୍ ଆଶାୟୀ ଏବଂ କର୍ମଜୀବୀଙ୍କ ପାଇଁ ବେଶ୍ ଉପକାରୀ ବୋଲି କ୍ୟାରିୟର କାଉନ୍‌ସିଲରମାନେ ମତ ଦେଇଛନ୍ତି। ଏହା ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଲକ୍ଷ୍ୟ ହାସଲ କରିବାକୁ ନେଇ ମନରେ ଉତ୍କଣ୍ଠା ବଢ଼ାଇଥାଏ, ଯାହାକି ଅପରପକ୍ଷେ ଲକ୍ଷ୍ୟପଥରେ ପହଞ୍ଚିବାର ମାର୍ଗ ସରଳ କରିବାରେ ଖୁବ୍ ସାହାଯ୍ୟ କରିଥାଏ । ଏହି ଷ୍ଟ୍ରାଟେଜି ଆପଣେଇବା ଦ୍ୱାରା ମନରେ ସର୍ବଦା ମୁଁ ନିଶ୍ଚୟ ସଫଳ ହେବି ଭଳି ସକାରାତ୍ମକ ଚିନ୍ତା ଆସିଥାଏ।

## କ'ଣ କୁହନ୍ତି ଏମାନେ...



**ଜ୍ୟୋତିର୍ମୟୀ ପଣ୍ଡା(ପୁରୀ)–**ବର୍ତ୍ତମାନର ପ୍ରତିଯୋଗିତାମୂଳକ ଯୁଗରେ ନିଜ କ୍ୟାରିୟରକୁ ନେଇ ସମସ୍ତେ ବେଶ୍ ସଜାଗ। ତେଣୁ ପ୍ରତିଟି ପରୀକ୍ଷା ଲାଗି ଭଲ ଭାବେ ପୂର୍ବ ପ୍ରସ୍ତୁତି କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ନିଜେ ବର୍ତ୍ତମାନ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛି। ସେଥିପାଇଁ ରୁଟିନ୍ କରି ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ ପଢ଼ିଥାଏ। ପଢ଼ିବା ସମୟରେ ଯେପରି ଡିଷ୍ଟର୍ବ ନ ହୁଏ, ସେଥିପାଇଁ ମୋବାଇଲ ଫୋନ ସ୍ୱିଚ୍ ଅଫ୍ ରଖେ। ମୋ ମତରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ହେଲେ ଟାଇମ୍‌ବକ୍ସ ଷ୍ଟ୍ରାଟେଜି ଆପଣେଇ ନିର୍ଭୀକ, ନିଷ୍ଠାପର ଓ ଏକାଗ୍ରତାର ସହ ନିଜ ଲକ୍ଷ୍ୟ ପ୍ରତି ମଗ୍ନ ହେବା ଜରୁରୀ।



**ଅର୍ପିତା ଦାସ(ଯାଜପୁର)–** ପ୍ରତ୍ୟେକ ଯୁବତୀଯୁବକଙ୍କୁ ନିଜର ଏକ ସ୍ୱତନ୍ତ୍ର ଲକ୍ଷ୍ୟ ରଖିବା ଆବଶ୍ୟକ। ଆଉ ଏହାକୁ ହାସଲ କରିବାକୁ ହେଲେ କେବଳ ନିଜ ପାଠ୍ୟକ୍ରମରେ ଥିବା ପାଠ ନୁହେଁ ବରଂ ବିଭିନ୍ନ ମକ୍ ଟେଷ୍ଟ ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା ଦେବା ଦରକାର। ଆଉ ଏଥିପାଇଁ ଉପଯୁକ୍ତ ଟାଇମ୍ ଟେବୁଲ୍ କରି ଭଲ ଭାବେ ପ୍ରସ୍ତୁତ ହେବା ଆବଶ୍ୟକ। ଯେ ପର୍ଯ୍ୟନ୍ତ ନିଜ ଲକ୍ଷ୍ୟ ହାସଲ ହୋଇନାହିଁ, ସେ ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିବା ସହ ନିଜକୁ ମାନସିକସ୍ତରରେ ଦୃଢ କରିବା ନିହାତି ଦରକାର।





## ଏ ସପ୍ତାହର ପ୍ରଶ୍ନ

୧– ସେଣ୍ଟ୍ରାଲ୍ ରିଜର୍ଭ ପୋଲିସ୍ ଫୋର୍ସର ନୂଆ ଡାଇରେକ୍ଟର ଜେନେରାଲ୍ .......... ?
୨– ନିକଟରେ ........ ଦେଶ ପୃଥିବୀର ଦ୍ରୁତଗାମୀ ଟ୍ରେନ୍ ସିଆର୍୪୫୦ ପ୍ରୋଟୋଟାଇପ୍ ଶୁଭାରମ୍ଭ କରିଛି ?
୩– ....... ନିକଟରେ ସନ୍ତୋଷ ଟ୍ରଫି ନ୍ୟାଶନାଲ୍ ଫୁଟବଲ୍ ଚାମ୍ପିଅନଶିପ୍ ହାସଲ କରିଛି ?
୪– ମୀରକାଟ୍ ରେଡିଓ ଟେଲିସ୍କୋପ୍ .......... ଦେଶରେ ରହିଛି ?
୫– କ୍ୱାଣ୍ଟମ୍ ପ୍ରୋସେସର୍ ୱିଲୋ ........... ପକ୍ଷରୁ ଆରମ୍ଭ କରାଯାଇଛି ?

## ଗତ ଥରର ଉତ୍ତର

୧ ମଧ୍ୟପ୍ରଦେଶ
୨ ମୋଲଡୋଭା
୩ ମହାକାଶଚାରୀ
୪ ତାମିଲନାଡୁ
୫ ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭେଲପ୍‌ମେଣ୍ଟ ଅର୍ଗାନାଇଜେଶନ୍

## ଉତ୍ତରଦାତା



ପ୍ରଳୟ ବିଶ୍ୱାଳ
ଜଗତ୍‌ସିଂହପୁର



ଛବିଲାଲ୍ ଭାଟି
କଳାହାଣ୍ଡି



ସୁନୀଲ କୁମାର
ବେହେରା, ବ୍ରହ୍ମପୁର

## ଟପ୍ ୧୦

### ପୃଥିବୀର ସବୁଠୁ ସୁନ୍ଦର ଦେଶ



୧ .......... ସ୍ୱିଜରଲାଣ୍ଡ
୨ .......... ନ୍ୟୁଜିଲାଣ୍ଡ
୩ .......... କାନାଡ଼ା
୪ .......... ନରୱେ
୫ .......... ଇଟାଲୀ
୬ .......... ଆଇସ୍‌ଲାଣ୍ଡ
୭ .......... ଜାପାନ
୮ .......... ଚିଲେ
୯ .......... ଅଷ୍ଟ୍ରେଲିଆ
୧୦ .......... ସ୍କଟ୍‌ଲାଣ୍ଡ

## ଜାଣନ୍ତୁ ଦୁନିଆ

# ଯେଉଁଠି ହୁଏନି ରାତି

**ସାଧାରଣତଃ ଆମ ମନରେ ଏକ ଧାରଣା ରହିଛି, ଦୈନିକ ଦିନ ଆଉ ରାତି ପାଖାପାଖି ସମାନ ସମୟ ପାଇଁ ହୋଇଥାଏ। ପ୍ରାୟ ୧୨ଘଣ୍ଟା ସୂର୍ଯ୍ୟ କିରଣ ଥିବା ବେଳେ ଆଉ ୧୨ଘଣ୍ଟା ଅନ୍ଧାର ରହିଥାଏ। ହେଲେ ପୃଥିବୀରେ ଏମିତି କେତେକ ଦେଶ ରହିଛି, ଯେଉଁଠି ଦୀର୍ଘ ଦିନ ଧରି ସୂର୍ଯ୍ୟାସ୍ତ ହୋଇ ନ ଥାଏ। ଜାଣିବା ସେମିତି କିଛି ଦେଶ ସମ୍ପର୍କରେ...**



**ନରୱେ:** ଏହି ଦେଶକୁ ମଧ୍ୟରାତ୍ରିର ସୂର୍ଯ୍ୟ ବୋଲି ମଧ୍ୟ କୁହାଯାଏ। ଏଠାରେ ମେ' ମାସରୁ ଜୁଲାଇ ପର୍ଯ୍ୟନ୍ତ ପ୍ରାୟ ୭୬ ଦିନ ସୂର୍ଯ୍ୟାସ୍ତ ହୋଇ ନ ଥାଏ। ଏହିଦିନଗୁଡ଼ିକରେ ଏଠାରେ ସୂର୍ଯ୍ୟ କିରଣ ୨୦ ଘଣ୍ଟା ପ୍ରଖର ଥିବା ବେଳେ ଅନ୍ୟ ୪ ଘଣ୍ଟା ସାମାନ୍ୟ ଥଣ୍ଡା ରହିଥାଏ। ହେଲେ ଏହି ଦେଶର ସ୍ୱାଲବାର୍ଡଠାରେ ୧୦ ଏପ୍ରିଲ୍‌ରୁ ୨୩ ଅଗଷ୍ଟ ପର୍ଯ୍ୟନ୍ତ ସୂର୍ଯ୍ୟ ରାତି ୧୨ଟା ୪୩ ମିନିଟ୍‌ରେ ମାତ୍ର ୪୦ମିନିଟ୍ ପର୍ଯ୍ୟନ୍ତ ଅସ୍ତ ହେଉଥିବା ବେଳେ ଅନ୍ୟ ସମୟରେ ଦିନ ରହିଥାଏ।

**ଆଇସ୍‌ଲାଣ୍ଡ:** ୟୁରୋପର ଏହା ଦ୍ୱିତୀୟ ବୃହତ୍ତମ ଦ୍ୱୀପ। ଏଠାରେ ଜୁନ ମାସରେ ଆଦୌ ସୂର୍ଯ୍ୟାସ୍ତ ହୋଇ ନ ଥାଏ। ଅର୍ଥାତ୍ ଏହି ମାସରେ ଏଠାରେ ୨୪ ଘଣ୍ଟା ସମ୍ପୂର୍ଣ୍ଣ ଦିନ ରହିଥାଏ।

**କାନାଡା:** ଏହା ଦୁନିଆର ଦ୍ୱିତୀୟ ବୃହତ୍ତମ ଦେଶ। ଏହି ଦେଶରେ ଥିବା ନୁନାବୃତ ସହରରେ ପ୍ରାୟ ଦୁଇ ମାସ ପର୍ଯ୍ୟନ୍ତ ସୂର୍ଯ୍ୟାସ୍ତ ହୋଇ ନ ଥାଏ। କୁହାଯାଏ, ଏହି ସହର ଖୁବ୍ ସୁନ୍ଦର ଏବଂ ଏହାର ଉତ୍ତର–ପଶ୍ଚିମ ଭାଗରେ ପ୍ରାୟ ୫୦ ଦିନ ପର୍ଯ୍ୟନ୍ତ ଦିନ ରହିଥାଏ।

**ଆଲାସ୍କା:** ଏଠାରେ ମେ' ମାସ ଶେଷରୁ ଜୁଲାଇ ଶେଷ ପର୍ଯ୍ୟନ୍ତ ସୂର୍ଯ୍ୟାସ୍ତ ହୋଇ ନ ଥାଏ। ସେହିପରି ଶୀତଦିନେ ନଭେମ୍ବର ଆରମ୍ଭରୁ ଏକ ମାସ ପର୍ଯ୍ୟନ୍ତ ରାତି ରହିଥାଏ, ଯାହାକୁ ପୋଲାର ନାଇଟ୍ସ କୁହାଯାଏ।

**ଫିନ୍‌ଲାଣ୍ଡ:** ଅଧିକ ସଂଖ୍ୟକ ହ୍ରଦ ଏବଂ ଦ୍ୱୀପ ଥିବା ଏହି ସୁନ୍ଦର ଦେଶରେ ପାଖାପାଖି ୭୩ ଦିନ ସୂର୍ଯ୍ୟାସ୍ତ ହୋଇ ନ ଥାଏ।



**ସ୍ୱିଡେନ୍:** ପୃଥିବୀରେ ଥିବା ସୁନ୍ଦର ଦେଶ ମଧ୍ୟରେ ସ୍ୱଡେନ୍ ଅନ୍ୟତମ। ଏଠାରେ ପ୍ରାୟ ୬ ମାସ ପର୍ଯ୍ୟନ୍ତ ଦିନ ରହିଥାଏ। ଏହି ସମୟ ମଧ୍ୟରେ ଏଠାକାର ବିଭିନ୍ନ ସ୍ଥାନରେ ଅଳ୍ପ ସମୟ ସୂର୍ଯ୍ୟ ଅସ୍ତ ଦେଖିବାକୁ ମିଳିଥାଏ।

## ଯୁବ ପ୍ରତିଭା

# ମୁଦ୍ରା ସଂଗ୍ରହ ନିଶା ଦେଇଛି ପରିଚୟ

ମୁଦ୍ରା କେବଳ ସାମଗ୍ରୀ କିଣାବିକାର ସାଧନ ନୁହେଁ, ଏହା ପ୍ରତ୍ୟେକ ଦେଶର କଳା, ସଂସ୍କୃତି ତଥା ଅର୍ଥନୈତିକ ଅବସ୍ଥାର ନିଦର୍ଶନ। ଏହି ମୁଦ୍ରାରେ ଚିତ୍ରିତ ଓ ଖୋଦିତ ତଥ୍ୟ ଓ ଚିତ୍ରକୁ ଗବେଷକମାନେ ଅନେକ ସମୟରେ ତର୍ଜମା କରି ସଂପୃକ୍ତ ଦେଶର ସ୍ଥିତି ମଧ୍ୟ ଅନୁଧ୍ୟାନ କରିଥାନ୍ତି। ଏଣୁ ମୁଦ୍ରାର ପ୍ରାଧାନ୍ୟ ପ୍ରତ୍ୟେକ ଦେଶରେ ରହିଛି। ଆଉ ଏଭଳି ବିଭିନ୍ନ ଦେଶର ମୁଦ୍ରାକୁ ସଂଗ୍ରହ କରି ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିଛନ୍ତି କେନ୍ଦୁଝର ଜିଲା ମୁରୁସୁଆଁ ଗ୍ରାମର ସଂଗ୍ରାହକ ରାଜକିଶୋର ମହାନ୍ତ, ଯେଉଁଥିପାଇଁ ନିକଟରେ ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ସାମାଜିକ ମିଡିଆ ଏକାଉଣ୍ଟରେ ପ୍ରଶଂସା କରିଛନ୍ତି।

ବିଜ୍‌ନେସ ଆଡ୍‌ମିନିଷ୍ଟ୍ରେଶନରେ ଡିଗ୍ରୀ ପଢ଼ା ସାରି ବର୍ତ୍ତମାନ ସେ ଭୁବନେଶ୍ୱରରେ ରହି ବ୍ୟବସାୟ କରୁଛନ୍ତି । ହେଲେ ନିଶା ତାଙ୍କର ହେଉଛି ମୁଦ୍ରା ସଂଗ୍ରହ । ୧୧ ବର୍ଷ ବୟସରୁ ଏଭଳି ମୁଦ୍ରା ସଂଗ୍ରହ କରିବା ଆରମ୍ଭ କରିଥିଲେ । ଏବେ ତାଙ୍କ ପାଖରେ ରହିଛି ୧୯୪୩ ମସିହାର କାଣି ପଇସାଠୁ ଆରମ୍ଭ କରି ଆମ ଦେଶରେ ଏକଦା ଚଳୁଥିବା ୧ ପଇସା, ୨ ପଇସା, ୧୦ ପଇସା, ୨୦ ପଇସା, ୨୫ ପଇସା ଏଭଳି ଅନେକ ଅଚଳ ଟଙ୍କା। ସେହିପରି ବିଭିନ୍ନ ସମୟରେ ପ୍ରଚଳିତ ଟଙ୍କା ଓ ପଇସା ଆଉ ଚଳୁ ନ ଥିଲେ ହେଁ ସେସବୁକୁ ସେ ସାଇତି ରଖିଛନ୍ତି । ପ୍ରଥମ ଗଭର୍ନର ସି.ଡି. ଦେଶମୁଖଙ୍କ ପଇସା ମଧ୍ୟ ତାଙ୍କ ପାଖରେ ରହିଛି। ଏବେ ତାଙ୍କ ପାଖରେ ଦୁଇ କ୍ୱିଣ୍ଟାଲ ମୁଦ୍ରା ଓ ୩୭ ହଜାରରୁ ଊର୍ଦ୍ଧ୍ୱ ନୋଟ ଥିବା ସେ କହିଛନ୍ତି।

ସେ କୁହନ୍ତି, ''ପାଠପଢ଼ାରେ ଦୁର୍ବଳ ଥିଲେ ହେଁ କିଛି ନୂଆ କରି ଦେଖାଇବାର ମନୋବୃତ୍ତି ଥିଲା, ଯାହାକୁ ଦେଖିଲେ ବା ଯେଉଁଆଡ଼େ ଗଲେ ମୋର ଲକ୍ଷ୍ୟ ଥିଲା କିଛି ନୂଆ ମୁଦ୍ରା ସଂଗ୍ରହ। ଏଣୁ ସମସ୍ତଙ୍କଠାରୁ ପୁରୁଣା ବା ଅଚଳ ମୁଦ୍ରା ମାଗୁଥିଲି। ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ମୁଁ ଏହି ପଇସା ସଂଗ୍ରହ କରିଆସୁଛି । ଦେଶ ବ୍ୟତୀତ ବିଦେଶର ପ୍ରଚଳିତ ବା ଅଚଳ ଟଙ୍କା ଓ ମୁଦ୍ରାକୁ ସଂଗ୍ରହ କରି ରଖିଛି। ଅଦ୍ୟାବଧି ମୋ ପାଖରେ ନାଇଜେରିଆ, ଲାଟ୍‌ଭିଆ, ପେରୁ, ଫିଲିପାଇନ୍ସ, ତାଇୱାନ, ରୋମାନିଆ, ମେକ୍ସିକୋ, ଇଣ୍ଡୋନେସିଆ, କ୍ୟୁବା, ଜୋର୍ଡାନ, ଲାଓସ୍, ଫିଜି, ନେପାଳ, ଉଗାଣ୍ଡା ଆଦି ୧୫୨ ଦେଶର ଏକ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଓ ମୁଦ୍ରା ରହିଛି । ଏସବୁ ସଂଗ୍ରହ କରିବା ବ୍ୟୟବହୁଳ। ଏଣୁ ଇଣ୍ଟରନେଟ୍ ଜରିଆରେ ପାଖରେ ଅଧିକ ସଂଖ୍ୟାରେ ଥିବା ନୋଟ ବା ମୁଦ୍ରାକୁ ଅଦଳବଦଳ କରି ସଂଗ୍ରହ କରିଥାଏ। ମୁଦ୍ରା ସଂଗ୍ରହ ମୋ ଦାଦା ପର୍ଶୁରାମ ମହାନ୍ତଙ୍କଠାରୁ ପ୍ରେରଣା ପାଇଛି। ଏହି ନିଶା ଆଜି ମୋତେ ଏକ ଭିନ୍ନ ପରିଚୟ ଦେଇଥିବାରୁ ବେଶ୍ ଖୁସି ଲାଗୁଛି।'' ରାଜକିଶୋରଙ୍କ ପାଖରେ ଥିବା ସିସା, ତମ୍ବା, ରୁପା, ପିତଳ, ଆଦି ଧାତୁରେ ତିଆରି କଏନ୍ ସବୁ ଦେଖିଲେ ସମସ୍ତେ ତାଜୁବ ହୋଇ ପଡ଼ନ୍ତି। ଏହାକୁ ମୁଦ୍ରା ଓ ନୋଟ୍ ଆଲବମ୍‌ରେ ଲୋକଙ୍କ ଦେଖିବା ପାଇଁ ସାଇତି ରଖିଛନ୍ତି । ଏପରିକି ବ୍ରିଟିଶ୍ ଅମଳ ତଥା ତା' ପୂର୍ବରୁ ରାଜାରାଜୁଡ଼ା ଅମଳର ମୁଦ୍ରା ମଧ୍ୟ ତାଙ୍କ ପାଖରେ ରହିଛି। ଶତକର ଦିନ ଅନୁଯାୟୀ ଦଶ ଟଙ୍କିଆ ନୋଟ୍ ସାଇତି ରଖିଥିବାରୁ ସେ ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସ, ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ, ଏସିଆ ବୁକ୍ ଅଫ୍ ରେକର୍ଡ୍ସ, ଗୋଲ୍‌ଡେନ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ, ମିରାକଲ ୱାର୍ଲ୍ଡ ରେକର୍ଡ ଓ ଆସିଷ୍ଟ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ଏହାଛଡ଼ା ସେ ବିଭିନ୍ନ ସ୍ଥାନରେ ସମ୍ମାନିତ ଓ ପ୍ରଶଂସିତ ହୋଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏସବୁକୁ ନେଇ ଭବିଷ୍ୟତ ପିଢ଼ି ପାଇଁ ଏକ ସଂଗ୍ରହାଳୟ କରିବାକୁ ଆଶା ରଖିଥିବା କୁହନ୍ତି ରାଜକିଶୋର।



ରାଜକିଶୋର ମହାନ୍ତ

– ନରେଶ ଚନ୍ଦ୍ର ପଟ୍ଟନାୟକ

ଧରିତ୍ରୀ 51 Years

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୭ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୧୨ ଜାନୁଆରୀ, ୨୦୨୫ | Bhubaneswar, Sunday, 12 January, 2025

# ଲଳିତଙ୍କଠାରୁ କୋଚିଂ ନେଲେ ଇଂଲଣ୍ଡର ଦେବାଂଶ

**ଭୁବନେଶ୍ୱର, ୧୧।୧ (ତପନ ସ୍ୱାଇଁ)**

ଜାତୀୟ କ୍ରିକେଟରେ ଓଡ଼ିଶାର ପ୍ରଦର୍ଶନ ଗତ ବେଶ୍ କିଛିବର୍ଷ ଧରି ଆଶାନୁରୂପ ହୋଇ ପାରୁନାହିଁ। ଫଳସ୍ୱରୂପ ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ, ସଞ୍ଜୟ ରାଉଳଙ୍କ ପରି ହାତଗଣତି ଖେଳାଳିଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଜାତୀୟ ଦଳ ପକ୍ଷରୁ ଖେଳିବା ପାଇଁ ଉପଯୁକ୍ତ ହୋଇପାରୁ ନାହାନ୍ତି। କେବଳ ସେତିକି ନୁହେଁ, ବିଶ୍ୱର ସବୁଠାରୁ ବ୍ୟୟ ବହୁଳ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପାଇଁ ମଧ୍ୟ ଫ୍ରାଞ୍ଚାଇଜ୍‌ମାନେ ଓଡ଼ିଶା ଖେଳାଳିଙ୍କ ପ୍ରତି ଆଗ୍ରହ ଦେଖାଉ ନାହାନ୍ତି। ଏଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଯେ ଉଦ୍ୟମ କରୁନାହିଁ ତା' ନୁହେଁ, ଦେଶ ବିଦେଶର ଅନେକ ନାମୀଦାମୀ କୋଚ୍ ନିଯୁକ୍ତ ହୋଇଛନ୍ତି। ମାତ୍ର ତାହାର ଫାଇଦା ଆମ କ୍ରିକେଟରମାନେ ନେଇପାରି ନାହାନ୍ତି। ଅନେକ ସମୟରେ ଦେଖାଯାଉଛି ଯେ, ଦୁର୍ବଳ ଟେକ୍ନିକ ଯୋଗୁ ଆମର ଅନେକ ଖେଳାଳି ସଫଳ ହୋଇପାରୁ ନାହାନ୍ତି। ଆମ ରାଜ୍ୟରେ ଏପରି କେତେଜଣ ଅଭିଜ୍ଞ କୋଚ୍ ଅଛନ୍ତି, ଯେଉଁମାନେ ବୈଷୟିକ ଦୃଷ୍ଟିକୋଣରୁ ଅନେକ ଦୃଢ଼। ସେମାନେ ନିଜ ସମୟରେ ଅନେକ ଭଲ ଖେଳାଳି ସୃଷ୍ଟି କରିବାରେ ସଫଳ ମଧ୍ୟ ହୋଇଛନ୍ତି। ସେପରି ଜଣେ କୋଚ୍ ହେଲେ ଲଳିତ


କୋଚ୍ ଲଳିତ ମହାନ୍ତି(ଡାହାଣ)ଙ୍କ ସହ ଦେବାଂଶ ପଣ୍ଡା।

ମହାନ୍ତି। ୧୯୮୮ରୁ ୧୯୯୭ ପର୍ଯ୍ୟନ୍ତ ଓଡ଼ିଶା ଦଳର କୋଚ୍ ଥିବା ଲଳିତ ଖୋର୍ଦ୍ଧା ଜିଲା କ୍ରୀଡ଼ା ଅଧିକାରୀଭାବେ କାର୍ଯ୍ୟ ନିର୍ବାହ କରି ଅବସର ନେଇଛନ୍ତି। ଏବେ ସେ ହାଇ-ଟେକ୍ କ୍ରିକେଟ ଏକାଡେମୀର କୋଚ୍ ଅଛନ୍ତି। ଏହା ବ୍ୟତୀତ ତାଙ୍କ ନିଜସ୍ୱ ୱେବସାଇଟ, ୟୁ-ଟ୍ୟୁବ ଏବଂ ଫେସ୍‌ବୁକ୍ ମାଧ୍ୟମରେ କ୍ରିକେଟର ବିଭିନ୍ନ ଟେକ୍ନିକ ସମ୍ପର୍କରେ ସୂଚନା ଦେଉଛନ୍ତି। ଏଥିରେ ପ୍ରଭାବିତ ହୋଇ ଲଣ୍ଡନ ନିକଟସ୍ଥ ଗିଲ୍ଡଫୋର୍ଡ ସହରରେ ରହୁଥିବା ଦେବାଂଶ ପଣ୍ଡା ଓଡ଼ିଶା ଆସି ଗତ ଡିସେମ୍ବର ୧୭ରୁ ଜାନୁଆରୀ ୫ ପର୍ଯ୍ୟନ୍ତ ୨୦ ଦିନଧରି ଲଳିତଙ୍କ ନିକଟରୁ କୋଚିଂ ନେଇଛନ୍ତି। ଦେବାଂଶଙ୍କ ବୟସ ଏବେ ୧୫ ବର୍ଷ। ସେ ଗିଲ୍ଡଫୋର୍ଡସ୍ଥିତ ରୟାଲ ଗ୍ରାମାର ସ୍କୁଲରେ ଷ୍ଟାଣ୍ଡାର୍ଡ ୧୧ରେ ପଢୁଛନ୍ତି। ଏହା ସହିତ ସେ ହାମ୍ପଶାୟାର ପକ୍ଷରୁ ୟୁଥ୍ ଏବଂ ଜୁନିୟର ଲିଗ୍‌ରେ ଖେଳୁଛନ୍ତି। ଲଳିତଙ୍କଠାରୁ ପେସ୍ ବୋଲିଂର ସ୍ୱତନ୍ତ୍ର ପ୍ରଶିକ୍ଷଣ ନେବାପରେ ଦେବାଂଶଙ୍କର ଟେକ୍ନିକ୍‌ରେ ଅନେକ ଉନ୍ନତି ହୋଇଛି ବୋଲି ତାଙ୍କ ବାପା ସୋସିଆଲ ମିଡିଆ ମାଧ୍ୟମରେ ପ୍ରକାଶ କରିଛନ୍ତି। ଦେବାଂଶଙ୍କ ପୂର୍ବଜ ଭୁବନେଶ୍ୱରର ବରମୁଣ୍ଡା ଅଞ୍ଚଳରେ ରହୁଥିଲେ। ମାତ୍ର ଏବେ ଇଂଲଣ୍ଡର ସ୍ଥାୟୀ ବାସିନ୍ଦା।

ହାଇ-ଟେକ୍ ଗ୍ରୁପ୍ ପକ୍ଷରୁ ପ୍ରତିଷ୍ଠିତ କ୍ରିକେଟ ଏକାଡେମୀରେ ଉନ୍ନତ ମାନର ପ୍ରଶିକ୍ଷଣ ପ୍ରଦାନ କରାଯାଉଥିବାରୁ ଏହାର ଫାଇଦା ସମସ୍ତେ ନେବାପାଇଁ ଲଳିତ ପରାମର୍ଶ ଦେଇଛନ୍ତି। "ଦେଶ ବାହାରର ଜଣେ ଖେଳାଳି ଏଠାକାର ପ୍ରଶିକ୍ଷଣ ବ୍ୟବସ୍ଥାରେ ସନ୍ତୁଷ୍ଟ ହେବା ମୋତେ ଖୁବ୍ ଖୁସି କରିଛି। ହାଇ-ଟେକ୍‌ର ପ୍ରତିଷ୍ଠାତା ତିରୁପତି ପାଣିଗ୍ରାହୀ ଓ ପରିଚାଳନା କମିଟି ପାଇଁ ଏହା ସମ୍ଭବ ହୋଇପାରିଛି। ଟେକ୍ନିକ ଦୃଢ଼ ହେଲେ ଯାଇ ଜଣେ ଖେଳାଳି ଆଗକୁ ବଢ଼ିପାରିବ। ବର୍ତ୍ତମାନର ଓଡ଼ିଶା କ୍ରିକେଟରଙ୍କ ନିକଟରେ ଏହାର ଅଭାବ ଦେଖାଯାଉଛି। ଫଳରେ ସେମାନେ ବଡ଼ ମୁକାବିଲା ସମୟରେ ପଛରେ ପଡ଼ି ଯାଉଛନ୍ତି। ଏହାର ପରିଣାମ ଫଳାଫଳରେ ମିଳୁଛି ଏବଂ ଏହା ମୋତେ ଖୁବ୍ ବ୍ୟଥିତ କରୁଛି। ଆମ ଖେଳାଳିମାନେ ଟେକ୍ନିକ୍ ଉପରେ ଅଧିକ ଦୃଷ୍ଟିଦେବା ଆବଶ୍ୟକ" ବୋଲି ଲଳିତ ପ୍ରକାଶ କରିଛନ୍ତି। ହାଇ-ଟେକ୍ ଏକାଡେମୀରେ ବର୍ତ୍ତମାନ ପାଖାପାଖି ୫୦ ପିଲା ଟ୍ରେନିଂ ନେଉଛନ୍ତି। ବେଙ୍ଗାଲୁରୁ, ହାଇଦ୍ରାବାଦ, ଆସାମ, ବିଶାଖାପାଟଣା ଆଦି ରାଜ୍ୟ ବାହାରରୁ ମଧ୍ୟ ଅନେକ ପିଲା ଆସି ପ୍ରଶିକ୍ଷଣ ନେଉଛନ୍ତି। ଏହାର ଫାଇଦା ଓଡ଼ିଶା ଖେଳାଳିମାନେ ମଧ୍ୟ ନେବା ଉଚିତ ବୋଲି ସେ କହିଛନ୍ତି।

# ଶ୍ରୀଲଙ୍କାର ସାନ୍ତ୍ୱନାମୂଳକ ବିଜୟ

**ଅକ୍‌ଲାଣ୍ଡ, ୧୧।୧ (ଏପି)**

ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚକୁ ଶ୍ରୀଲଙ୍କା ୧୪୦ରନରେ ଜିତି ନେଇଛି। ଏହା ସତ୍ତ୍ୱେ ନ୍ୟୁଜିଲାଣ୍ଡ ସିରିଜ ୨-୧ରେ ଜିତିନେଇଛି। ଆସନ୍ତା ମାସରେ ପାକିସ୍ତାନ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ଖେଳାଯିବ। ଏହା ପୂର୍ବରୁ ନ୍ୟୁଜିଲାଣ୍ଡର ଏହି ବିଜୟ ଦଳ ପାଇଁ ଉତ୍ସାହଜନକ। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିଲା। ଦଳ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ବିନିମୟରେ ୨୯୦ ରନ କରିଥିଲା। ଦଳ ପକ୍ଷରୁ ପାଥୁମ ନିସାଙ୍କା ୬୬, କୁସାଲ ମେଣ୍ଡିସ ୫୪, ଜାନିତ ଲିୟାନେଜ୍ ୫୩ ଓ କାମିନ୍ଦୁ ମେଣ୍ଡିସ ୪୬ ରନ କରିଥିଲେ। ନ୍ୟୁଜିଲାଣ୍ଡ ତରଫରୁ ଦଳର ସବୁଠାରୁ ସଫଳ ବୋଲର ମ୍ୟାଟ୍ ହେନ୍‌ରୀ ୫୫ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଅଧିନାୟକ ମିଚେଲ ସାଣ୍ଟନର ୫୫ ରନ ଦେଇ ୨ ଉଇକେଟ ନେଇଥିଲେ। ଜବାବରେ ୨୯୧ରନର



ଟ୍ରଫି ସହ ସିରିଜ ବିଜୟୀ ନ୍ୟୁଜିଲାଣ୍ଡ ଦଳ।

ବିଜୟ ଲକ୍ଷ୍ୟ ପିଛା କରୁଥିବା ନ୍ୟୁଜିଲାଣ୍ଡ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଶ୍ରୀଲଙ୍କାର ପ୍ରଭାବୀ ବୋଲିଂ ଯୋଗୁ ଦଳ ଏକଦା ୭ ଓଭର ଭିତରେ ମାତ୍ର ୨୧ରନରେ ଏହାର ୫ ଉଇକେଟ ହରାଇ ସାରିଥିଲା। ତେବେ ମାର୍କ ଚାପ୍‌ମ୍ୟାନଙ୍କ ଲଢୁଆ ୮୧ ରନ (୮୧ ବଲ୍, ୧୦ ଚୌକା ୧ ଛକା) ସହାୟତାରେ ଦଳ ୨୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୫୦ରନ କରିବାରେ ସମର୍ଥ ହୋଇଥିଲା। ଭ୍ରମଣକାରୀ ଦଳ ତରଫରୁ ଆସିଥା ଫର୍ନାଣ୍ଡୋ (୩/୨୬), ମାହିଶ ଥିକ୍‌ସାନା (୩/୩୫) ଓ ଏସ୍‌ହାନ ମାଲିଙ୍ଗା (୩/୩୫) ପ୍ରମୁଖ ତିନୋଟି ଲେଖାଏଁ ଉଇକେଟ ନେଇଥିଲେ। ଶ୍ରୀଲଙ୍କାର ଆସିଥା ଫର୍ନାଣ୍ଡୋ ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ମ୍ୟାଟ୍ ହେନ୍‌ରୀ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

# ଆମେଚର୍‌ରୁ ପ୍ରଫେଶନାଲ ହେଲେ ନିଶାନ୍ତ

**ନୂଆଦିଲ୍ଲୀ, ୧୧।୧ (ପି.ଟି.)**




ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ଭାରତୀୟ ବକ୍ସର ନିଶାନ୍ତ ଦେବ ତାଙ୍କ ଆମେଚର କ୍ୟାରିୟରକୁ ଅଲ୍‌ବିଦା କରିବା ସହ ପ୍ରଫେଶନାଲ ହୋଇଛନ୍ତି। ବର୍ତ୍ତମାନ ସମୟରେ ଯେଉଁ କେତେଜଣ ଭାରତୀୟ ବକ୍ସର ସ୍ଥିର ପ୍ରଦର୍ଶନ କରିଆସୁଛନ୍ତି ସେମାନଙ୍କ ମଧ୍ୟରେ ନିଶାନ୍ତ ଅନ୍ୟତମ। ସେ ପ୍ୟାରିସ ଅଲିମ୍ପିକ୍ସରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ସେ ଜଣେ ପ୍ରଫେଶନାଲ ବକ୍ସର ହିସାବରେ ଏଡି ହିଅର୍ନ ଆଣ୍ଡ୍ ମାଚରୁମ୍ ବକ୍ସିଂ ସହିତ ଚୁକ୍ତି କରିଛନ୍ତି। ଏହି ୨୪ ବର୍ଷୀୟ ବକ୍ସର ଜାନୁଆରୀ ୨୫ରେ ଲାସ୍‌ଭେଗାସଠାରେ ଦି କସମୋପଲିଟାନରେ ପ୍ରଥମ ଥର ଜଣେ ପ୍ରଫେଶନାଲ ବକ୍ସର ହିସାବରେ ଲଢେଇ କରିବେ। କିନ୍ତୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କିଏ ହେବ ତାହା ନିରୁପିତ ହୋଇପାରି ନାହିଁ। ତେବେ ଏହି ଇଭେଣ୍ଟରେ ଷ୍ଟିଭ ନେଲସନ ଓ ଡିଏଗୋ ପାଚେକୋଙ୍କ ମଧ୍ୟରେ ଏକ ସୁପର ମିଡଲୱେଟ୍ ବାଉଟ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ ହୋଇସାରିଛି। ନିଶାନ୍ତ କହିଛନ୍ତି ପ୍ରଥମ ଭାରତୀୟ ଭାବେ ବିଶ୍ୱ ପ୍ରଫେସନାଲ ବକ୍ସିଂ ଚାମ୍ପିୟନ ହେବା ତାଙ୍କର ଲକ୍ଷ୍ୟ ରହିଛି। ଦୁଇଥର ଜାତୀୟ ଚାମ୍ପିୟନ ବର୍ତ୍ତମାନ ପୂର୍ବତନ ପ୍ରଫେଶନାଲ ବକ୍ସର ରୋନାଲ୍‌ଡ ସିମ୍ସଙ୍କଠାରୁ ଟ୍ରେନିଂ ନେଉଛନ୍ତି। ନିଶାନ୍ତ ତାଙ୍କ ଆମେଚର କ୍ୟାରିୟରରେ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ଲାଇଟ୍ ମିଡଲୱେଟ୍ ବ୍ରୋଞ୍ଜ ପଦକ ଜିତିଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ସେ ଅଳ୍ପକେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଥିଲେ। କ୍ୱାର୍ଟରଫାଇନାଲରେ ସେ ମେକ୍ସିକୋର ମାର୍କୋ ଭର୍ଡଙ୍କଠାରୁ ହାରିଯାଇଥିଲେ। ନିଶାନ୍ତ କହିଛନ୍ତି, ସେ ତାଙ୍କ ଟ୍ରେନର ରୋନାଲ୍ଡ ସିମ୍ସଙ୍କ ଅଧୀନରେ ଦୈନିକ କଠିନ ପରିଶ୍ରମ କରୁଛନ୍ତି। ସେ ଅଲିମ୍ପିକ ବ୍ରୋଞ୍ଜ ବିଜେତା ବିଜେନ୍ଦର ସିଂଙ୍କ ପଦାଙ୍କ ଅନୁସରଣ କରୁଛନ୍ତି।

## ଇଂଲଣ୍ଡ ବିପକ୍ଷ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା

**ମୁମ୍ବାଇ, ୧୧।୧ (ପି.ଟି.)**

ଭ୍ରମଣକାରୀ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ପାଇଁ ଶନିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ୧୪ ମାସ ପରେ ଭେଟେରାନ ସିମର ମହମ୍ମଦ ଶାମି ଦଳକୁ ଫେରିଛନ୍ତି। ସିରିଜ ଜାନୁଆରୀ ୨୨ରୁ କୋଲକାତାରେ ଆରମ୍ଭ ହେବ। ସୂର୍ଯ୍ୟକୁମାର ଯାଦବଙ୍କୁ ୧୫ ଜଣିଆ ଦଳର ଅଧିନାୟକ ମନୋନୀତ କରାଯାଇଛି।

**ଭାରତୀୟ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ସଞ୍ଜୁ ସାମ୍‌ସନ (ଉଇକେଟକିପର), ଅଭିଷେକ ଶର୍ମା, ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ରିଙ୍କୁ ସିଂ, ନୀତିଶ କୁମାର ରେଡ୍ଡୀ, ଅକ୍ଷର ପଟେଲ (ଉପ ଅଧିନାୟକ), ହର୍ଷିତ ରାଣା, ଅର୍ଶଦୀପ ସିଂ, ମହମ୍ମଦ ଶାମି, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ୱାଶିଂଟନ ସୁନ୍ଦର, ଧ୍ରୁବ ଜୁରେଲ (ଉଇକେଟକିପର)।

# ନୀତା ଏକାଡେମୀକୁ ୩ ପଏଣ୍ଟ

**ନୂଆଦିଲ୍ଲୀ, ୧୧।୧ (ପି.ଟି.)**

**ଇଣ୍ଡିଆନ ଓମେନ୍ସ ଲିଗ୍**

ଓଡ଼ିଶାର ନୀତା ଏକାଡେମୀ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଫୁଟ୍‌ବଲ ଟୁର୍ନାମେଣ୍ଟରେ ଏହାର ପ୍ରଥମ ପଦାର୍ପଣରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଶନିବାର ଏଠାରେ ଖେଳାଯାଇଥିବା ଏକ ମ୍ୟାଚରେ ଦଳ ହପ୍ସ ଏଫ୍‌ସିକୁ ୧-୦ ଗୋଲ୍‌ରେ ପରାସ୍ତ କରି ୩ ପଏଣ୍ଟ ଅର୍ଜନ କରିଛି। ଆମ୍ବେଡକର ଷ୍ଟାଡିୟମରେ ଥଣ୍ଡା ପାଗରେ ଖେଳାଯାଇଥିବା ଏହି ମ୍ୟାଚର ଆରମ୍ଭ ମନ୍ଥର ଥିଲା। କିନ୍ତୁ ଦ୍ୱିତୀୟାର୍ଦ୍ଧରେ ଖେଳର ବେଗ କ୍ରମେ ବଢ଼ିଥିଲା। ମ୍ୟାଚର ନିର୍ଣ୍ଣାୟକ ଗୋଲ ଖେଳର ୮୦ତମ ମିନିଟ୍‌ରେ ନୀତା ଫୁଟ୍‌ବଲ ଏକାଡେମୀର ଗିଫ୍ଟି ଆଚିମପଙ୍ଗ୍ ସ୍କୋର କରିଥିଲେ।

# ଶଙ୍କର ସ୍ପୋର୍ଟିଂ କେନ୍ଦୁଝର ଚାମ୍ପିୟନ

**କେନ୍ଦୁଝର, ୧୧।୧ (ଦୀପକ ମିଶ୍ର)**

କେନ୍ଦୁଝର ଷ୍ଟାଡ଼ିୟମ ପଡିଆରେ ଓଡ଼ିଶା କ୍ରିକେଟ୍ ଆସୋସିଏଶନ ପ୍ରାୟୋଜିତ କେନ୍ଦୁଝର ଜିଲା କ୍ରୀଡ଼ା ସଂସ୍ଥା ଦ୍ୱାରା ଆୟୋଜିତ ସିନିୟର ଇଣ୍ଟର କ୍ଲବ୍ କ୍ରିକେଟ ଲିଗ୍ ୨୦୨୪-୨୫ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଶଙ୍କର ସ୍ପୋର୍ଟିଂ କେନ୍ଦୁଝର ଓ ୟୁନିକ୍ କ୍ରିକେଟ୍ ଏକାଡେମୀ ବ୍ଲୁ ମଧ୍ୟରେ ହୋଇଥିଲା। ଏଥିରେ ୟୁନିକ ବ୍ଲୁ ଟସ୍ ପ୍ରଥମେ ବ୍ୟାଟିଂ କରି ୩୨.୩ ଓଭରରେ ୧୦ ଉଇକେଟ୍ ହରାଇ ୧୩୧ ରନ କରିଥିଲା। ଜବାବରେ ଶଙ୍କର ସ୍ପୋର୍ଟିଂ ୩୨ ଓଭରରେ ୬ ଉଇକେଟ ବିନିମୟରେ ୧୩୨ ରନ କରି ବିଜୟୀ ହୋଇଥିଲେ। ଋତୁରାଜ ମହାନ୍ତ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଚନ୍ଦ୍ରଶେଖର ସାହୁ



କୃତୀ ଖେଳାଳି ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭବେ ଜିଲା କ୍ରୀଡ଼ା ସଂସ୍ଥା ଉପ ସଭାପତି ସୁରେଶ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଜିଲା ରେଡ୍‌କ୍ରସ ଯୁଗ୍ମ ସମ୍ପାଦକ ଏଆର ଖାନ୍ ଯୋଗଦେଇ ବିଜେତା, ଉପବିଜେତା ଦଳ ଓ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ଡ଼ଃ ଜନାର୍ଦ୍ଦନ ଦାଶ ବିବରଣୀ ପାଠ କରିବା ସହିତ ଖେଳାଳିମାନଙ୍କ ଉନ୍ନତି କାମନା କରିଥିଲେ।

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୨ ରୌପ୍ୟ, ୩ ବ୍ରୋଞ୍ଜ

**ବ୍ରହ୍ମପୁର, ୧୧।୧ (ସ୍ୱାଧୀନ ଶେଖର ପାଢ଼ୀ)**

**ଖେଲୋ ଇଣ୍ଡିଆ ଜାତୀୟ ମହିଳା ଭାରୋତ୍ତୋଳନ**

ସ୍ଥାନୀୟ ମହାତ୍ମା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ଜାତୀୟ ମହିଳା ଭାରୋତ୍ତୋଳନ ପ୍ରତିଯୋଗିତାର ତୃତୀୟ ଦିବସ ଶନିବାର ମୋଟ ୬ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୨ ରୌପ୍ୟ, ୩ ବ୍ରୋଞ୍ଜ ପଦକ ମିଳିଛି। ୫୯ କେଜି ସିନିୟର ବର୍ଗରେ ଓଡ଼ିଶାର ରିମା ଭୋଇ ସ୍ନାଚରେ ୮୨ କେଜି, କ୍ଲିନ ଆଣ୍ଡ ଜର୍କରେ ୧୧୦ କେଜି ଏଭଳି ମୋଟ ୧୯୨ କେଜି ଭାରୋତ୍ତୋଳନ କରି ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ପଶ୍ଚିମବଙ୍ଗର ରାଜ୍ୟଶ୍ରୀ ବିଶ୍ୱାସ ସ୍ନାଚରେ ୮୫ ଓ କ୍ଲିନ ଆଣ୍ଡ ଜର୍କରେ ୧୦୩ କେଜି ଏଭଳି ମୋଟ ୧୮୮ କେଜି ଉଠାଇ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ, ଝାଡଖଣ୍ଡର ସୀମା ମାରାଣ୍ଡି ୬୬ ଏବଂ କ୍ଲିନ ଆଣ୍ଡ ଜର୍କରେ ୮୧ ଏଭଳି ମୋଟ ୧୪୭ କେଜି ଉଠାଇ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ପାଇଛନ୍ତି। ୫୯ କେଜି ଜୁନିୟର ବର୍ଗରେ ଓଡ଼ିଶାର ବିଦୁସ୍ମିତା ଭୋଇ ସ୍ନାଚରେ ୮୪ ଓ କ୍ଲିନ ଆଣ୍ଡ ଜର୍କରେ ୧୦୫ ଏଭଳି ୧୮୯ କେଜି ଉଠାଇ ପ୍ରଥମ ହୋଇଛନ୍ତି। ପଶ୍ଚିମବଙ୍ଗର ରାଜ୍ୟଶ୍ରୀ ବିଶ୍ୱାସ ସ୍ନାଚରେ ୮୫ ଓ କ୍ଲିନ ଆଣ୍ଡ ଜର୍କରେ ୧୦୩ କେଜି ଏଭଳି ମୋଟ ୧୮୮ କେଜି ଉଠାଇ ଦ୍ୱିତୀୟ, ଓଡ଼ିଶାର ମୀନା ସାନ୍ତା ସ୍ନାଚରେ ୭୦ ଓ କ୍ଲିନ ଆଣ୍ଡ ଜର୍କରେ ୮୭ ଏଭଳି ୧୫୭ କେଜି ଉଠାଇ ତୃତୀୟ ହୋଇଛନ୍ତି। ୫୯ କେଜି ଯୁବ ବର୍ଗରେ ଓଡ଼ିଶାର ମୀନା ସାନ୍ତା ସ୍ନାଚରେ ୭୦ ଓ କ୍ଲିନ ଆଣ୍ଡ ଜର୍କରେ ୮୭ ଏଭଳି ୧୫୭ କେଜି ଉଠାଇ ପ୍ରଥମ, ଝାଡଖଣ୍ଡର ସୀମା ମାରାଣ୍ଡି ସ୍ନାଚରେ ୬୬ ଏବଂ କ୍ଲିନ ଆଣ୍ଡ ଜର୍କରେ ୮୧ ଏଭଳି ମୋଟ ୧୪୭ କେଜି ଉଠାଇ ଦ୍ୱିତୀୟ, ହରିଆନାର ଆରତି ସ୍ନାଚରେ ୬୬ ଓ କ୍ଲିନ ଆଣ୍ଡ ଜର୍କରେ ୮୦ କେଜି ଏଭଳି ମୋଟ ୧୪୬ କେଜି ଉଠାଇ ତୃତୀୟ ହୋଇଛନ୍ତି। ୬୪ କେଜି ବରିଷ୍ଠ ବର୍ଗରେ ଛତିଶଗଡ଼ର ସୋନାଲି ଯାଦୁ ସ୍ନାଚରେ ୮୧, କ୍ଲିନ ଆଣ୍ଡ ଜର୍କରେ ୧୦୨ ଏଭଳି ମୋଟ ୧୮୩ କେଜି ଉଠାଇ ପ୍ରଥମ, ଗୋଆର ହିମାଲି କାମ୍ବଲେ ସ୍ନାଚରେ ୭୫, କ୍ଲିନ ଆଣ୍ଡ ଜର୍କରେ ୧୦୫ ଏଭଳି ମୋଟ ୧୮୦ କେଜି ଭାରୋତ୍ତୋଳନ କରି ଦ୍ୱିତୀୟ, ଓଡ଼ିଶାର ଅପରାଜିତା ଭୂୟାଁ ସ୍ନାଚରେ ୭୬ ଓ କ୍ଲିନ ଆଣ୍ଡ ଜର୍କରେ ୯୬ ଏଭଳି ମୋଟ ୧୭୨ କେଜି ଉଠାଇ ତୃତୀୟ ହୋଇଛନ୍ତି। ୬୪ କେଜି ଯୁବ ବର୍ଗରେ ମହାରାଷ୍ଟ୍ରର ରତିକା ଚିଞ୍ଚୱାଦେ ସ୍ନାରେ ୭୨ ଓ କ୍ଲିନ ଆଣ୍ଡ ଜର୍କରେ ୮୬ କେଜି ଏଭଳି ମୋଟ ୧୫୮ କେଜି ଉଠାଇ ପ୍ରଥମ, ଓଡ଼ିଶାର ଟିଙ୍କିମୋହିନୀ ମଲ୍ଲିକ ସ୍ନାଚରେ ୭୧ ଓ କ୍ଲିନ ଆଣ୍ଡ ଜର୍କରେ ୮୫ କେଜି ଏଭଳି ୧୫୬ କେଜି ଉଠାଇ ଦ୍ୱିତୀୟ ଏବଂ ଓଡ଼ିଶାର ରୋମାଲି ପ୍ରଧାନ ସ୍ନାଚରେ ୬୩, କ୍ଲିନ ଆଣ୍ଡ ଜର୍କରେ ୮୨ ଏଭଳି ମୋଟ ୧୪୫ କେଜି ଉଠାଇ ତୃତୀୟ ହୋଇଛନ୍ତି। ୬୪ କେଜି ଜୁନିୟର ବର୍ଗରେ ମହାରାଷ୍ଟ୍ରର ମାହି ମହେନ୍ଦ୍ର ବାଭୁଲକର ସ୍ନାଚରେ ୭୫ ଓ କ୍ଲିନ ଆଣ୍ଡ ଜର୍କରେ ୮୫ କେଜି ଏଭଳି ମୋଟ ୧୬୧ କେଜି ଉଠାଇ ପ୍ରଥମ, ଓଡ଼ିଶାର ଟିଙ୍କି ମୋହିନୀ ମଲ୍ଲିକ ସ୍ନାଚରେ ୭୧ ଓ କ୍ଲିନ ଆଣ୍ଡ ଜର୍କରେ ୮୫ କେଜି ଏଭଳି ୧୫୬ କେଜି ଉଠାଇ ଦ୍ୱିତୀୟ ହୋଇଛନ୍ତି।

# ଭାରତ-ଆୟର୍ଲାଣ୍ଡ ଦ୍ୱିତୀୟ ଦିନିକିଆ ଆଜି

**ମହିଳା କ୍ରିକେଟ**

**ରାଜକୋଟ୍, ୧୧।୧ (ପି.ଟି.):** ଭାରତ ଓ ଭ୍ରମଣକାରୀ ଆୟର୍ଲାଣ୍ଡ ମହିଳା କ୍ରିକେଟ ଦଳ ମଧ୍ୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ଏଠାରେ ରବିବାର ଖେଳାଯିବ। ପ୍ରଥମ ମ୍ୟାଚରେ ଆଧିପତ୍ୟ ବିସ୍ତାର କରିଥିବା ଭାରତୀୟ ଯୁବଖେଳାଳିମାନେ ଆଉ ଏକ ଭଲ ପ୍ରଦର୍ଶନ ସହ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ କବ୍‌ଜା କରିନେବାକୁ ଲକ୍ଷ୍ୟ ରଖିଥିବେ। ପରୀକ୍ଷାମୂଳକ ଭାବେ କହିବାକୁ ଗଲେ ଭାରତର ଏକ ଅନଭିଜ୍ଞ ଦଳ ଏହି ସିରିଜ ଖେଳୁଛି। ସେମାନେ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆକୁ ୬ଉଇକେଟରେ ଜିତି ୧-୦ରେ ସିରିଜ ଅଗ୍ରଣୀ ଲାଭ କରିଛନ୍ତି। ଅଧିନାୟିକା ସ୍ମୃତି ମନ୍ଧାନା ତାଙ୍କ ଭଲ ଫର୍ମ ଜାରି ରଖିଛନ୍ତି। ଗତ ମ୍ୟାଚରେ ସେ ଆକର୍ଷଣୀୟ ୪୧ ରନ କରିଥିଲେ। ପ୍ରତୀକା ରାୱଲ ଓ ତେଜାଲ ହାସାବନିସ ଶତକୀୟ ପାର୍ଟନରଶିପ୍ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ନିୟମିତ ଅଧିନାୟିକା ହରମନପ୍ରୀତ କୌରଙ୍କୁ ସିରିଜରୁ ବିଶ୍ରାମ ଦିଆଯାଇଛି। ତାଙ୍କ ଅନୁପସ୍ଥିତିରେ ଯୁବ ଖେଳାଳିଙ୍କ ପ୍ରଦର୍ଶନ ଉତ୍ସାହଜନକ। ୱେଷ୍ଟଇଣ୍ଡିଜ ବିପକ୍ଷ ଗତ ସିରିଜରେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ରେଣୁକା ସିଂଙ୍କୁ ମଧ୍ୟ ଏହି ସିରିଜରୁ ବିଶ୍ରାମ ଦିଆଯାଇଛି। ତାଙ୍କ ଅନୁପସ୍ଥିତିରେ ଯୁବ ବୋଲର ତିତାସ ସାଧୁ ବୋଲିଂ ବାହିନୀର ନେତୃତ୍ୱ ନେଉଛନ୍ତି। ସାୟଲୀ ସାତଘେରେ ଭଲ ବୋଲିଂ କରି ଗୋଟିଏ ଉଇକେଟ ନେଇ ପାରିଛନ୍ତି। ସାଇମା ଠାକୋରଙ୍କ ୧୦ ଓଭର ବୋଲିଂ ପ୍ରଭାବୀ ସାବ୍ୟସ୍ତ ହୋଇଛି। ସ୍ପିନର ପ୍ରିୟା ମିଶ୍ର ଶୀଘ୍ର ଦୁଇଟି ଉଇକେଟର ପତନ ଘଟାଇଛନ୍ତି। ଦୀପ୍ତି ଶର୍ମା ତାଙ୍କ ଦାୟିତ୍ୱ ସୁଚାରୁ ରୂପେ ତୁଲାଇଛନ୍ତି। ମନ୍ଧାନା ପୂର୍ବରୁ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ଅଧିନାୟକତ୍ୱ କରିଥିଲେ। ଅନଭିଜ୍ଞ ଦଳକୁ ସେ ଠିକଣା ରୂପେ ପରିଚାଳନା କରିପାରୁଛନ୍ତି। ଚଳିତବର୍ଷ ପରବର୍ତ୍ତୀ ଭାଗରେ ଦେଶରେ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ବେଞ୍ଚ ଷ୍ଟ୍ରେନ୍ଥ ଦୃଷ୍ଟିରୁ ଚୟନକର୍ତ୍ତାଗଣ ଖୁସି ଥିବେ। ତେବେ ପ୍ରଥମ ଦିନିକିଆରେ ଭାରତର ଫିଲ୍ଡିଂରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ସେମାନେ ଦୁଇଥର ଲିଆ ପଲ୍‌ଙ୍କ କ୍ୟାଚ୍ ହାତଛଡ଼ା କରିଥିଲେ।

